Split by PDF Splitter



କାଏମା କରବା ଆଲୀ ହାଫମତ୍ରୀ ଇସ୍ତାଣିସ୍ତା ପ୍ରଗ୍ରାମାନଙ୍କରେ ଏବର୍ଷ ଦାଲଅଧାନ ଉଲ ହୋଇଅଛି ଓ ରବୁଫସଲ ଉତ୍ତମ ହୋଇଥିବାରୁ ଖାଦ୍ୟସାମଗ୍ରୀ ଶସ୍ତା ହେବାର ଆଶା ଦେଖାଯାଏ ।

ମହରମପର୍ବ ଯାଜପୁରରେ ଉତ୍ତମରୂପେ ନିର୍ବାହ ହୋଇ ଯାଇଅଛି କେବଳ ଆଗରେ ଆଖଡାବାଲାମାନେ ମଦ୍ୟପାନପୂର୍ବ୍ବ ଅତ୍ୟନ୍ତ ମତୁଆଲା ହୋଇ ଆପଣା ମଧ୍ୟରେ ମାରପିଟ କରିଅଛନ୍ତି ଓ ବାଦ୍ୟକାରମାନଙ୍କ ମଧ୍ୟରୁ କେତେଜଣଙ୍କୁ ଲଠିଦ୍ୱାରା ଗୁରୁତର ଅଘାତ କରିଥିବାରୁ ତହିଁର ମକଦ୍ଦମା ଅସିଷ୍ଟାଣ୍ଟ ସାହେବଙ୍କ ନିକଟରେ ବିଚାରିତ ହେଉଅଛି । ଏଥିର ସବିଶେଷ ବୃତ୍ତାନ୍ତ ଏପତ୍ରେ ପ୍ରକାଶିତ ହେବ ।

ଏଠାର ଜଣେ ପ୍ରଧାନ ଜମିଦାର ଚୌଧୁରୀ ଜନାର୍ଦ୍ଦନ ମହାପାତ୍ର ଅତି ସମାରୋହରେ ଆପଣା ପୁତ୍ରଙ୍କ ବିବାହ ଦେଇଅଛନ୍ତି ବର ସଙ୍ଗରେ ଏକଶତ ପାଲିକି ପଞ୍ଚାଶୀ ଘୋଡା ଏବଂ ପାଞ୍ଚଶତ ବାଦ୍ୟକାର ଯାଇଥିଲେ ଓ ରୋଷନାଇ ଓ ତୋପବାଜି ହୋଇଥିଲା ମାତ୍ର ସେ ବ୍ରାହ୍ମଣ ଥିବା ପ୍ରତ୍ୟକ୍ଷେ ଶାସ୍ତ୍ରାନୁସାରେ ଦିବସରେ ବିବାହ ନ ଦେଇ ଗୃହରେ ବିବାହ ଦେଲେ । ଏ ବିବାହରେ ଛଅହଜାର ଟଙ୍କା ବ୍ୟୟ ହୋଇଥିବାର କଥିତ ହୁଅଇ । ଏତେ ବ୍ୟୟ କରି ବିବାହ ଦେବାର ତାତ୍ପର୍ଯ୍ୟ କିଛି ଜଣାଯାଉ ନାହିଁ । ଲୋକେ ଏପରି କାର୍ଯ୍ୟରେ ଅପରିମିତ ବ୍ୟୟ କରି କି ଲାଭ କରନ୍ତି ? ବାସ୍ତବରେ ଦେଖାଯାଏ ଅନେକ ବ୍ୟକ୍ତି ଏହିମତ ବ୍ୟାପାରରେ ଅଧିକ ବ୍ୟୟ କରି ଶେଷରୁ ଋଣ ଦାୟରେ ସର୍ବସ୍ୱ ହରାଇ ବସନ୍ତି ।

ପତ୍ରପ୍ରେରକ ଲେଖନ୍ତି କି କେନ୍ଦ୍ରାପଡାର ଅସିଷ୍ଟାଣ୍ଟ କଲେକ୍ଟର ଜ ୭ ଣ ଅମଲା ସଙ୍ଗେ ଘେନି ଗସ୍ତ କରି ବୁଲୁଅଛନ୍ତି । ଜଗାର କଲେକ୍ଟର ଜ ୪ ଣ ଅମଲା ସଙ୍ଗେ ନେଇ ଗସ୍ତ ସମାପନ କଲେ ଓ ଯାଜପୁରର ଅସିଷ୍ଟାଣ୍ଟ ଜ ୨ ଣ ଅମଲା ନେଇ ଗସ୍ତ କରି ଆସିଲେ କେନ୍ଦ୍ରାପଡା ହାକିମଙ୍କର ମହକୁମାର ସମସ୍ତ ପ୍ରଧାନ କର୍ମଚାରୀଙ୍କୁ ଆଣିବାର କି ପ୍ରୟୋଜନ ହେଲା ବୁଝା ଯାଉ ନାହିଁ । ବୋଧ ହୁଅଇ ସେ ଅନର୍ଥକ ଗବର୍ଣ୍ମେଣ୍ଟଙ୍କର ଖର୍ଚ୍ଚ ବଢାଉଅଛନ୍ତି ଅମ୍ଭେମାନେ ଅନୁମାନ କରୁଁ କି ବିଶେଷ ପ୍ରୟୋଜନ ବୁଝି ସେ କଲେକ୍ଟରଙ୍କ ଅନୁମତି ଘେନିଅଧିକ ଅମଲା ସଙ୍ଗରେ ନେଇଥିବେ ତାହା ହୋଇ ନ ଥିଲେ କାର୍ଯ୍ୟଟି ଭଲ ହୋଇ ନାହିଁ ।

---

# ସାପ୍ତାହିକ ସଂବାଦ ।

ଅମ୍ଭେମାନେ ଶୁଣିଲୁଁ ଯେ ଖୋରଧା ବନ୍ଦୋବସ୍ତ କାର୍ଯ୍ୟ ନିର୍ବାହ କରିବା କାରଣ ଶ୍ରୀଯୁକ୍ତ ଡେପୁଟୀ କଲେକ୍ଟର ଟେଲର ସାହେବଙ୍କର ବେତନ ଟ ୨୦୦ ଙ୍କା ବୃଦ୍ଧି ହୋଇଅଛି ସ୍ଥାନୀୟ ହାକିମମାନେ ବାବୁ ଭଗବତ ଦାସ ତହସିଲଦାରଙ୍କୁ ମାସି ଟ ୧୦୦ ଙ୍କା ଅଧିକା ଦେବାପାଇ ଅନୁରୋଧ କରିଥିଲେ କିନ୍ତୁ କିଛି ହୋଇ ନାହିଁ ।

ପୁରୀ ରାଜାଙ୍କର ପୁତ୍ର ଜନ୍ମ ହୋଇଥିବାରୁ ତହିଁ ସମାରୋହପୂର୍ବ୍ବକ ଉତ୍ସବ ଲାଗିଅଛି ଓ ରାଜାଙ୍କର ଅନେକ ଟଙ୍କା ଏଥିରେ ବ୍ୟୟ ହୋଇଅଛି । ସମସ୍ତଶ୍ରେଣୀର ଲୋକଙ୍କୁ ମହାପ୍ରସାଦ ସେବା କରାଇଅଛନ୍ତି କିନ୍ତୁ କଥିତ ହୁଅଇ ଯେ ଦେଶୀୟ ସରକାରୀ ଉଚ୍ଚ କର୍ମଚାରୀମାନେ ଉପଯୁକ୍ତ ମର୍ଯ୍ୟାଦା ନ ପାଇବାର ଶଙ୍କା କରି ଆମନ୍ତ୍ରଣ ଗ୍ରହଣ କରି ନାହାନ୍ତି ।

ଭିନ୍ଦେଶୀ ବୋଲନ୍ତି ଅସିକାରେ ବିଲାତି ପାଣି ପ୍ରସ୍ତୁତ ହେଉଅଛି ଏବଂ ବୀଅର ଓ ବ୍ରାଣ୍ଡି ମଦ୍ୟମାନ ପ୍ରସ୍ତୁତ କରିବାର ଉଦ୍ୟମ ଲାଗିଅଛି । କାରଖାନାଟି ବସିଲେ ବଡ ସୁଖକର ହେବ । ସମ୍ପ୍ରତି ସେଠାରେ ରମ ସର୍ବତ ଓ ଚିନି ପ୍ରସ୍ତୁତ ହେଉଅଛି ।

ଉକ୍ତ ପତ୍ରରୁ ଆହୁରି ଅବଗତ ହେଲୁଁ ଯେ ଲୁଣ ପ୍ରସ୍ତୁତ ଓ ବିକ୍ରୟ ବିଷୟରେ କୌଣସି ନୂତନ ବନ୍ଦୋବସ୍ତ କରିବା ଲାଗି ମାନ୍ଦ୍ରାଜ କଲିକତା ଓ ବମ୍ବେଇ ରେଭନ୍ୟୁବୋର୍ଡ ଓ ମଧ୍ୟପ୍ରଦେଶର କମିଶ୍ନରଙ୍କ ସେକ୍ରେଟରିମାନେ ରମ୍ଭାଠାରେ ଏକତ୍ରିତ ହୋଇଥିଲେ ଓ ଗଞ୍ଜାମକଲେକ୍ଟର ଓ ଅସକା କାରଖାନା ଘରର ମିଷ୍ଟର ସାହେବ ତାହାଙ୍କସଙ୍ଗେ ମିଶି ସିକାକୋଲ ପର୍ଯ୍ୟନ୍ତ ଯାଇଅଛନ୍ତି । କି ବିଚାର ଲାଗିଅଛି ଜଣା ନାହିଁ ।

ଉଡିଶାର ମଧ୍ୟମଶ୍ରେଣୀ ସ୍କୁଲରେ ଚଳିତ ବର୍ଷରେ ଯେଉଁ ପୁସ୍ତକମାନ ପଠିତ ହେବ ତହିଁର ତାଲିକା ଉତ୍କଳଦର୍ପଣ ପତ୍ରିକା ମଧ୍ୟରେ ପ୍ରକାଶ କରି ଲେଖିଅଛନ୍ତି କି ପୂର୍ବ ତାଲିକାମାନଙ୍କରେ ଯେ ସମସ୍ତ ଅଭାବ ଲକ୍ଷିତ ହେଉଥିଲା ବର୍ତ୍ତମାନର ଜଏଣ୍ଟ ଇନସ୍ପେକ୍ଟରଙ୍କ ତାଲିକାରେ ସେସବୁ ଅଭାବ ଦୂରୀଭୂତ ହୋଇଅଛି । ମାତ୍ର ଅମ୍ଭେମାନେ ଦେଖୁଅଛୁଁ ଯେ ଗୋଟିଏ ଅଭାବ ଅବଧି ଘୁଞ୍ଚିଯାଇ ନାହିଁ । ତାହା ଏହି ଯେ ତାଲିକା ଲିଖିତ ସମସ୍ତ ପୁସ୍ତକ ଅବଧି ପ୍ରସ୍ତୁତ ହୋଇ ନାହିଁ । ଭ୍ରମ ନ ହେଉଣୁ ଭ୍ରମାପୂର୍ଣ ହେବାର କଥା ଏହିଠାରେ ଦେଖାଗଲା । ଛପା ହୋଇ ରହିଥିବା କେତେଗୁଡିଏ ଭଲ ପୁସ୍ତକ ପରିତ୍ୟକ୍ତ ହୋଇ ଆଦୌ ଛପା ହୋଇ ନ ଥିବା ପୁସ୍ତକମାନ ତାଲିକାରେ ସ୍ଥାନ ପାଇଲା । ଗତ ଦୁଇମାସରେ କେତେଗୁଡିଏ ପୁସ୍ତକ ଯନ୍ତ୍ରାଳୟରୁ ବାହାରିଅଛି ମାତ୍ର ସବୁ ବାହାରିବାକୁ ଆହୁରି ଚାରିମାସ ଲାଗିବ । ଅତଏବ ଅମ୍ଭମାନଙ୍କ ମତରେ ଏ ତାଲିକା ପ୍ରସ୍ତୁତ କରିବାରେ ସତର୍କତାର ଅଭାବ ସ୍ପଷ୍ଟ ଦେଖାଯାଏ ଭରସାକରୁଁ ଭବିଷ୍ୟତକୁ ତାହା ଦୂରୀଭୂତ ହେବ ।

ଉକ୍ତ ପତ୍ର ବାବୁ ମଧୁସୂଦନ ରାଓଙ୍କର କଟକ ବଦଳ ହେବାରେ ଅତ୍ୟନ୍ତ ଦୁଃଖିତ ହୋଇ ତାହାଙ୍କର ସଚ୍ଚରିତ୍ର ଓ ସଦ୍ଗୁଣର ଅଶେଷ ପ୍ରଶଂସା କରିଅଛନ୍ତି । ମଧୁସୂଦନ ବାବୁ ଗତ ସପ୍ତାହରେ ଏ ନଗରକୁ ଆସି ହାଇସ୍କୁଲରେ ଆପଣା କର୍ମର ଭାର ଗ୍ରହଣ କରିଅଛନ୍ତି । ଶିକ୍ଷକଙ୍କ ଚରିତ୍ର ବିଶୁଦ୍ଧ ହେବା ସକଳ ଗୁଣଠାରୁ ଅଧିକ ଅଟଇ ।

କଲିକତା ଓ ବାଲେଶ୍ୱରରେ ଥରେ ଲେଖାଏଁ ବର୍ଷା ହେବାର ଶୁଣା ଗଲାଣି ମାତ୍ର ଏ ଜଲରେ ଅବଧି ଟୋପାଏ ପାଣି ପଡି ନାହିଁ ଅମ୍ବ ବଉଳକୁ ଯେତିକ ରଣା ହୋଇଅଛି ତେତିକ ସୁଦ୍ଧା ରହିବାର କଠିନ ଦେଖାଯାଏ ।

ଅମ୍ଭମାନଙ୍କ ମହାରାଣୀଙ୍କ ଦ୍ୱିତୀୟପୁତ୍ର ଡିଉକ ଅବ ଏଡିନବରା ସୁଲତାନା ନାମକ ଜାହାଜର କର୍ତ୍ତୃତ୍ୱପଦ ଗ୍ରହଣ କରିଥିବାରୁ ତାହାଙ୍କ ଅନୁପସ୍ଥିତ କାଳ ପର୍ଯ୍ୟନ୍ତ ତାହାଙ୍କ ସ୍ତ୍ରୀ ଆପଣା ପିତ୍ରାଳୟରେ ଅବସ୍ଥିତ କରିବେ । ସ୍ତ୍ରୀର ବାପଘରକୁ ଯିବାର ଇଚ୍ଛା ସବୁଠାରେ ପ୍ରବଳ ଦେଖାଯାଏ ।

ସାହାଜାଦା ଗୋଲାମ ମହମ୍ମଦଙ୍କର ବାର୍ଷିକ ଦାନ ଗତ ସପ୍ତାହରେ ଡାଲିଗଞ୍ଜ ମସ୍ଜିଦରେ ସମ୍ପନ୍ନ ହେଲା । ସହସ୍ର ୨ ଦୁଃଖିଙ୍କୁ ସେଦିନ ଲୁଗା ଓ ଟଙ୍କା ଦାନ ହେଲା ।

ମାନ୍ଦ୍ରାଜର ଗବର୍ଣ୍ଣର ଡ୍ୟୂକ ଅବ ବକିଂହାମ ଗବର୍ଣ୍ଣରଜେନରଲଙ୍କ ସହିତ ସାକ୍ଷାତ କରିବାକୁ କଲିକତା ନଗରକୁ ଆସିଅଛନ୍ତି ।

Digitized by srujanika@gmail.com

ଫ୍ରେଣ୍ଡ ଅବ ଇଣ୍ଡିଆ ଅବଗତ ହୋଇଅଛନ୍ତି ଯେ ମାଲଦା ନଗରର ଜଣେ ଇଂରାଜ ବଣିକ ଏକଜାତୀୟ କଦଳୀବୃକ୍ଷରୁ ସୂତା ବାହାର କରିବା ସକାଶେ ଗୋଟିଏ କଳ ନିର୍ମାଣ କରୁଅଛନ୍ତି । କଥିତ ହୁଅଇ ଯେ କଦଳୀବୃକ୍ଷରୁ ବଡ ସରୁଆର ସୂତା ବାହାରୁଅଛି । ଭାରତବର୍ଷର କଦଳୀ ଗଛରୁ ଏପରି ଲାଭ ହେଲେ ବଡ ସୁନ୍ଦର କଥା ହେବ ।

କଲିକତାର ଦାତବ୍ୟାଳୟ ସମସ୍ତ ସକାଶେ ଯୁବରାଜ ଟ ୧୦,୦୦୦ ଙ୍କା ଦାନ କରିଅଛନ୍ତି । ଏ ଟଙ୍କା ବଣ୍ଟନର ଭାର ପୁଲିସ କମିଶନର ହଗ ସାହେବଙ୍କୁ ଅର୍ପିତ ହୋଇଅଛି । ବମ୍ବେଇ ଓ ମାନ୍ଦ୍ରାଜ ସଙ୍ଗେ କଲିକତାକୁ ଯୁବରାଜ ସମାନ କରିଅଛନ୍ତି ।

ମାନ୍ଦ୍ରାଜମେଲ ଲେଖନ୍ତି ଯେ ମହାମାନ୍ୟ ନିଜାମ ଅନେକ ରାଜ୍ୟରୁ ସବୁ ପଠାଣମାନଙ୍କୁ ବାହାର କରି ଦେବାର ମନସ୍ଥ କରିଅଛନ୍ତି କାରଣ ସେମାନେ ହାଇଦ୍ରାବାଦର ଅପର ପ୍ରଜାମାନଙ୍କର ଶାନ୍ତିଭଙ୍ଗ କରୁଅଛନ୍ତି । କଥିତ ହୁଅଇ ଯେ ନିଜାମଙ୍କ ରାଜଧାନୀରେ ୧୦,୦୦୦ ପଠାଣ ବର୍ତ୍ତମାନ ଅଛନ୍ତି ।

ଦୋକାନଦାରଙ୍କର ଗୋଲମାଲ ସବୁଠରେ ଅଛି । ବିଲାତର ଏକ ସମ୍ବାଦପତ୍ରରୁ ଦେଖାଗଲା ଯେ ସେଫିଲ୍ଡ ନଗରର ଜଣେ ଔଷଧ-ପରୀକ୍ଷକ ଅନେକ ଦୋକାନର ଔଷଧ ପରୀକ୍ଷା କରି ଦେଖିଅଛନ୍ତି ଯେ ଔଷଧରେ ନାନାପ୍ରକାର ବେଜାଲ ଦ୍ରବ୍ୟ ମିଶାଇ ବିକ୍ରୟ କରନ୍ତି । ଶୁଦ୍ଧ ଔଷଧ ବିକ୍ରୟରେ ଲାଭ ତାଦୃଶ ହେବ ନାହିଁ ବୋଲି ଅନ୍ୟାନ୍ୟ ଦ୍ରବ୍ୟ ମିଶାଇ ଅଧିକା ଲାଭ କରନ୍ତି ।

ହିନ୍ଦୁପେଟ୍ରିଅଟ ଶୁଣିଅଛନ୍ତି ଯେ ସରଟି, ମାଧବରାଓ ବରୋଦାରେ ଗୋଟିଏ ଶିଳ୍ପବିଦ୍ୟାଳୟ ସ୍ଥାପିବାକୁ ମନସ୍ଥ କରିଅଛନ୍ତି ।

ମାନ୍ୟବର ଦୁର୍ଗାଚରଣ ଲାହାଙ୍କ ସ୍ଥାନରେ ବାବୁ ରାମଶଙ୍କର ସେନ ବଙ୍ଗଳା ବ୍ୟବସ୍ଥାପକ ସଭାର ସଭ୍ୟ ହୋଇଅଛନ୍ତି । ଏ ମହାଶୟ ଜଣେ ଖ୍ୟାତିମନ୍ତ ଡେପୁଟୀକଲେକ୍ଟର ଅଟନ୍ତି ଓ ମାଲ ସକାନ୍ତ କାର୍ଯ୍ୟ ଅତି ଉତ୍ତମରୂପେ ବୁଝି ପାରନ୍ତି ।

ମୁକ୍ତାର ଏବଂ ରେଭିନିଉ ଏଜଣ୍ଟଙ୍କ ସମ୍ପର୍କରେ ନୂତନ ଆଇନର ପାଣ୍ଡୁଲିପି ଗବର୍ଣ୍ଣମେଣ୍ଟ ଇଣ୍ଡିଆରୁ ମଞ୍ଜୁର ହୋଇଅଛି । ଏ ଆଇନର ପ୍ରଧାନ ବିଧାନ ଏହି ଯେ ରେଭିନିଉ ଏଜେଣ୍ଟମାନେ ଖଜଣାସମ୍ପର୍କୀୟ ମକଦମାରେ ଦେଓ୍ୱାନୀ ଅଦାଲତରେ ସଓାଲ ଜବାବ କରି ପାରିବେ । ହାଇକୋର୍ଟର ଜଜମାନେ ମୁକ୍ତାରମାନଙ୍କୁ ଏ ଅଧିକାର ଦେବାକୁ ଅପତ୍ତି କରିଥିଲେ ମାତ୍ର ଗବର୍ଣ୍ଣମେଣ୍ଟ ତହିଁରେ ସମ୍ମତ ହେଲେ ନାହିଁ ।

ଡେଲିନିଉସରୁ ଜଣାଗଲା ଯେ ଆଗାମୀ ମାସ ତା ୪ ରଖରେ ମହାମାନ୍ୟ ଗବର୍ଣ୍ଣରଜେନେରଲ ଏଲାହାବାଦକୁ ଯାତ୍ରା କରିବେ ।

ଉକ୍ତ ସମ୍ବାଦପତ୍ରରୁ ଜଣାଗଲା ଯେ ପିରାକର ଯୁଦ୍ଧ ଶେଷ ହେଲାଣି ଓ ସେଠାକୁ ଯାଇଥିବା ସେନା କ୍ରମେ ଫେରି ଆସିବାର ଆରମ୍ଭ ହୋଇଅଛି ।

ମାନ୍ଦ୍ରାଜଟାଇମସ ଲେଖନ୍ତି କି ହାଇଦରାବାଦର ନିଜାମ ବମ୍ବେଇକୁ ନ ଯିବା ସମ୍ପର୍କରେ ଯେ ଗୋଳମାଳ ହୋଇଥିଲା ତହିଁରେ ଆଉ କେତେଦିନ ଉପରେ ଇଂରାଜ କର୍ମଚାରୀଙ୍କୁ ଗବର୍ଣ୍ଣମେଣ୍ଟ ଇଣ୍ଡିଆ ବାହାର କରି ଦେଇଅଛନ୍ତି ।

ସିଆଲକୋଟର ଡିରେକ୍ଟର ଶ୍ରୀଯୁକ୍ତ ଆଟକିନସନ ସାହେବ ଛୁଟୀ ନେଇ ଆପଣା ଦେଶକୁ ଯାଇଥିଲେ ସମ୍ପ୍ରତି ସମ୍ବାଦ ଆସିଅଛି ଯେ ତାହାଙ୍କର ମୃତ୍ୟୁ ହୋଇଅଛି । ଏହାଙ୍କର ଅକସ୍ମାତ ମୃତ୍ୟୁସମ୍ବାଦ ଶୁଣି ଅନେକ ଲୋକ ଦୁଃଖିତ ଅଛନ୍ତି ।

ମାନ୍ଦ୍ରାଜର ଏକ ସମ୍ବାଦପତ୍ରରୁ ଜଣାଯାଏ ଯେ ଯୁବରାଜ ଉକ୍ତ ପ୍ରଦେଶକୁ ଶୁଭାଗମନ କରିବାରେ କେତେ ବ୍ୟୟ ହେଲା ତହିଁର ହିସାବ ପ୍ରକାଶ ହେଉଅଛି । ଲୋକମାନେ ଯାହା ବ୍ୟୟ କରିଅଛନ୍ତି ତାହା ଛଡା କେବଳ ଗବର୍ଣ୍ଣମେଣ୍ଟଙ୍କର ଖର୍ଚ୍ଚ ଦୁଇଲକ୍ଷ ଟଙ୍କା ହୋଇଅଛି ।

୧ । ଏଜୁକେସନ ଗେଜେଟରୁ ଅବଗତ ହେଲୁଁ, ଚୀନଦେଶୀୟମାନଙ୍କ ମଧ୍ୟରେ ଗୋଟିଏ ବିଶ୍ୱବିବରଣ ପୁସ୍ତକ ଅଛି ତାହା ୧,୬୦,୦୦୦ ଖଣ୍ଡରେ ସମାପ୍ତ । ସମ୍ରାଟ୍ କଙ୍ଗ୍‌ହିଲଂ ସେହି ପୁସ୍ତକ ପ୍ରଣୟନ କରିବାକୁ ସଂକଳ୍ପ କରିଥିଲେ, ଏବଂ ୧୭୭୩ ଅବ୍ଦରେ ବିଦ୍ୱାନ୍ ବ୍ୟକ୍ତିମାନଙ୍କର ଏକକମିଟୀ ହୋଇଥିଲା, ଏବଂ ସେମାନଙ୍କ ଉପରେ ଉକ୍ତ ଅସାଧାରଣ ଗ୍ରନ୍ଥ ସଙ୍କଳନର ଭାରାର୍ପଣ ହୋଇଥିଲା । ବର୍ତ୍ତମାନ ସେହି ଅତି ବୃହତ୍ ପୁସ୍ତକର ୭୮,୭୧୦ ଖଣ୍ଡ ପ୍ରକାଶିତ ହୋଇଅଛି । ଏଥିମଧ୍ୟରେ ଧର୍ମବିଷୟକ ୨,୫୭ ଇତିହାସ ବିଷୟରେ ୨୨୭୨୭ ଏବଂ ଦର୍ଶନ ଓ ବିଜ୍ଞାନ ବିଷୟରେ ଅବଶିଷ୍ଟ ୪୭,୭୦୪ ପୁସ୍ତକ ଅଛି ୭୨୫ ପୂଃ ଖ୍ରୀଷ୍ଟାବ୍ଦେ ପିହଳର ରାଜକୀୟ ବିଦ୍ୟାଳୟ ସ୍ଥାପିତ ହୋଇଥିଲା ସମ୍ରାଟ ହିୟେନ୍‌ସୁସ ତାହା ସ୍ଥାପନ କରିଥିଲେ । ସେହି ବିଦ୍ୟାଳୟକୁ ଧମବେତ ବିଦ୍ୱାନ୍‌ସମାଜ ବୋଲଯାଏ । ସେଠାରେ ଅବଧି ପ୍ରଥମଶ୍ରେଣୀର ଗ୍ରନ୍ଥକାରମାନଙ୍କର ୧୧,୦୦୦ ସଂଖ୍ୟକ ଗ୍ରନ୍ଥ ଅଛି । ଅବଶେଷ ଖଣ୍ଡରେ ସେହି ସମସ୍ତ ପୁସ୍ତକର ସଂଖ୍ୟା ୨୨୮୬୭ ବିଶ୍ୱବିବରଣ ପୁସ୍ତକରେ ସେହି ସକଳ ଗ୍ରନ୍ଥ ଓ ସେମାନଙ୍କ ଗ୍ରନ୍ଥର ବିବରଣ ଓ ସଂଗ୍ରହ ଅଛି ।

---

## NOTICE.

To

THE TRADERS AND MERCHANTS OF ORISSA

Notice is hereby given that Messrs. Macneill & Co. of Calcutta through their agent at Chandbally the undersigned are in a position to convey Goods and carry passengers to Calcutta at moderate rates twice a week.

The fine new Steamer "Ooryia" commanded by Captain Macneill and "Sir, John Lawrence" commanded by Captain Baldwin will sail until further Notice from Calcutta every Wednesday and Saturday and from Chandbally every Friday and Tuesday Mornings.

The fare at present charged at Chandbally for deck passengers is Rupee one annas eight only; and two pice each person for use of the rest houses while waiting for the Steamer sailing. Care will be observed to make all travellers comfortable and any complaint of ill treatment being made will be enquired into and the assaulter punished.

Goods will be carried at moderate rates.

Chandbally
The 2nd, Feby.
1876

D. A. N. Cumming
Agent.

---

## ମୂଲ୍ୟପ୍ରାପ୍ତି ।

ବାବୁ ଗଜେନ୍ଦ୍ର ମିଶ୍ର କଟକ ବକେୟା ୫ ୮
ରଜା ଶ୍ରୀସଦାଶିବନନ୍ଦ ଦେଓ୍ୱାନ
ମହାରାଜା କଲାହାଣ୍ଡି ,, ୫ ୧୮୪

---

ଏହି ଉତ୍କଳଦୀପିକା ଶ୍ରୀବିଶ୍ୱନାଥ ... ପାଟଣାର କଟକ ପ୍ରିଣ୍ଟିଂକମ୍ପାନିଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରଚାରିତ ହେଲା ।

REGISTERED NO. 18



# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା

ଭାଗ ୧୧ | ୧୦ ସଂଖ୍ୟା } ତା ୪ ରିଖ ମାର୍ଚ୍ଚ ସନ ୧୮୭୬ ମସିହା । ମୂ । ଫାଲ୍ଗୁନ ଦି ୨୩ ନ ସନ ୧୨୮୩ ସାଲ ଶନିବାର { ଅଗ୍ରିମ ବାର୍ଷିକ ମୂଲ୍ୟ ୨। | ବର୍ଷାନ୍ତେ ମୂଲ୍ୟ ଦେଲେ ବର୍ଷକୁ ୨॥ | ମଫସଲ ଗାଁଇ ଡାକମାସୁଲ ୨।୵

ଏ ସପ୍ତାହରେ ଯୁବରାଜଙ୍କ ପରିଭ୍ରମଣ ସମ୍ବନ୍ଧରେ ସମ୍ବାଦ ମିଳଅଛି ଗତମାସ ତା ୨୨ରିଖରେ ଯୁବରାଜ ନେପାଳରେ ଥାଇ ଶିକାର କରୁଥିଲେ ସେସ୍ଥାନ ଗୋଟିଏ ବଣୁଆହାତୀ ପଛରେ ଦନମାନ ଦୌଡ଼ିଥିଲେ । ସେ ହାତୀ ଅତି ପ୍ରକାଣ୍ଡ ଓ ତାହାର ଦାନ୍ତମାନ ଅତ୍ୟନ୍ତ ବଡ଼ । ସର ଜଙ୍ଗବାହାଦୁରଙ୍କ ପୋଷାହାତୀମାନେ ଅନେକ କୌଶଳରେ ଏହାକୁ ଆୟତ୍ତ କଲେ । ଏଥିପୂର୍ବ ଦିନମାନଙ୍କରେ ମଧ୍ୟ ଭଲ ଶିକାର ହୋଇଥିଲା ଯୁବରାଜ ଅନେକ ବାଘ ମାରି ଅଛନ୍ତି ।

ଏଲାହାବାଦରୁ ସମ୍ବାଦ ଆସିଅଛି ଯେ ଚଳିତମାସ ତା ୭ ରିଖରେ ଯୁବରାଜ ଏବଂ ଗବର୍ଣ୍ଣର ଜେନରଲ ସାହେବ ଉକ୍ତ ନଗରରେ ପହଞ୍ଚିବେ ଓ ସେଠାରେ ଏକ ଗ୍ରେଟ ଦରବାର ହେବ ।

---

ପଞ୍ଚଆଇ କାଗଜ ଚଲନ ସମ୍ପର୍କରେ ବାଲେଶ୍ୱରର କଲେକ୍ଟରର ଜମିଦାରମାନଙ୍କ ଉପରେ ଜରିମାନା କରିଥିବା ବିଷୟରେ ହନୁପେନ୍ଦ୍ରିଅଟ ବୋଲନ୍ତି ଯେ ଯେଉଁ ଜମିଦାରମାନେ କାଗଜ ଦାଖଲ କରିବାର ଏକରାରନାମା ଲେଖିଦେବାକୁ ଅସମ୍ମତ ହେଉଅଛନ୍ତି ତାହାଙ୍କ ଉପରେ ଜରିମାନା ହେଉଅଛି । ମାତ୍ର ଏପରି ଏକରାରନାମା ଲେଖାଇ ନେବା ସକାଶେ କୌଣସି ଆଇନ ନାହିଁ । ଜମିଦାରମାନେ ଅସମ୍ମତ ହେଲେ ଗବର୍ଣ୍ଣମେଣ୍ଟ ପଞ୍ଚୁଆଇ ନିଯୁକ୍ତ କରିପାରନ୍ତି ଜନ୍ତୁ ଉକ୍ତ ଆଇନରେ ଜରିମାନା କରିବାର କ୍ଷମତା ଦିଆଯାଇ ନାହିଁ । ଜମିଦାର ଏକରାରନାମା ନ ଦେଲେ ଯହିଁରେ ବାଧ୍ୟ ହେବ । ଆମ୍ଭେମାନେ ବୋଧକରୁଁ ହନୁପେନ୍ଦ୍ରିଅଟଙ୍କ ମତ ଯଥାର୍ଥ ଅଟଇ ତାହା ହେଲେ କଲେକ୍ଟରସାହେବ କିରୂପେ ଜରିମାନା ଉସୁଲ କରିବେ ଦେଖିବାରେ ଆସିବ ।

---

ଡାକ୍ତର ମହେନ୍ଦ୍ରଲାଲଙ୍କର ବିଜ୍ଞାନସଭା ସକାଶେ ଗବର୍ଣ୍ଣମେଣ୍ଟ ସାହାଯ୍ୟ ପ୍ରଦାନ କରିବାକୁ ପ୍ରସ୍ତୁତ ହୋଇ ତଦ୍ବିଷୟରେ ଖଣ୍ଡିଏ ନିର୍ଦ୍ଧାରଣପତ୍ର କଲିକତା ଗଜେଟରେ ପ୍ରକାଶ କରିଅଛନ୍ତି । ଆମ୍ଭମାନଙ୍କ ଲେଫ୍ଟନେଣ୍ଟ ଗବର୍ଣ୍ଣର ସର ରିଚ୍ଛର୍ଡଟେମ୍ପଲ ସାହେବ କହିଅଛନ୍ତି କି ଯେବେ ସଭାର କାର୍ଯ୍ୟ ନିର୍ବାହ ସକାଶେ ଅନ୍ତତଃ ପଞ୍ଚାଶହଜାର ଟଙ୍କା ସଭାର ତତ୍ତ୍ୱାବଧାରକ କମିଟି ଗବର୍ଣ୍ଣମେଣ୍ଟ କାଗଜରେ ଗଚ୍ଛିତ କରିବେ ଓ ମାସିକ ୫୦୦୦୲ଙ୍କା ଚେନ୍ଦା ପ୍ରାପ୍ତିର ଉପାୟ କରିବେ ତାହା ହେଲେ କଲିକତାନଗର ବହୁବଜାରରେ ଗୋଟିଏ ଘର ଗବର୍ଣ୍ଣମେଣ୍ଟ ଉକ୍ତ ସଭାର କାର୍ଯ୍ୟ ସକାଶେ ଦାନ କରିବେ । କଲିକତାରେ ଭୂମି ଓ ଘର ନିର୍ମାଣର ମୂଲ୍ୟ ଯେମନ୍ତ ଅଧିକ ତହିଁରେ ଏ ସାହାଯ୍ୟଟି ସାମାନ୍ୟ ନୁହଇ ଓ ସର ରିଚ୍ଛର୍ଡଟେମ୍ପଲ ଯେମନ୍ତ ବିଜ୍ଞାନଚର୍ଚ୍ଚା ପକ୍ଷରେ ଉତ୍ସାହ ଦେବାକୁ ମୁହଁରେ କହନ୍ତି ସେହିରୂପ କାର୍ଯ୍ୟରେ ଦେଖାଇଅଛନ୍ତି । ଆମ୍ଭେମାନେ ଭରସାକରୁଁ କ୍ରମେ ଏଥର ସଭାର କାର୍ଯ୍ୟ ନିଃସନ୍ଦେହରୂପେ ଶୀଘ୍ର ଆରମ୍ଭ ହେବ ।

---

ଶ୍ରୀ ଜଗନ୍ନାଥଙ୍କ ସେବାର ତତ୍ତ୍ୱାବଧାରଣ ବିଷୟରେ ପୁରୀରାଜାଙ୍କର କ୍ଷମତା ସମ୍ପର୍କରେ ଗୋଟିଏ ମକଦମା ସମ୍ପ୍ରତି ଜଜସାହେବ ନିଷ୍ପତ୍ତି କରିଅଛନ୍ତି । ମୁଦେଇର ଦାବି କରିଥିଲା କି ମନ୍ଦିରର ଭିତର ଖେଟସେବା ତାହାର ଏକାକୀ ମୌରସି ହକାୟତ ଅଟଇ । ପୂର୍ବକାଳର ନିୟମାନୁସାରେ ଜ୍ୟେଷ୍ଠାଂଶର ଜ୍ୟେଷ୍ଠବ୍ୟକ୍ତିଦ୍ୱାରା ତାହା ବରାବର ହୋଇ ଆସୁଅଛି ମାତ୍ର ରାଜା ମୁଦେଇର ବଂଶର କନିଷ୍ଠାଂଶ ଏକ ବ୍ୟକ୍ତିକୁ ମାସରେ ଦି ୧୫ ନ ଉକ୍ତ ସେବା ଚାଲାଇବାକୁ ଇସ୍ତମ୍ଭଟାର ଦେଇଥିବାରେ ତାହାର ସ୍ୱତ୍ୱ ପ୍ରତି ବ୍ୟାଘାତ ହୋଇଅଛି । ରାଜା ଏ ସେବାକୁ ମୌରସୀ ସ୍ୱୀକାର ନ କରି ଆପଣା ଇଚ୍ଛାରେ ତହିଁର ବନ୍ଦୋବସ୍ତ କରିବାକୁ ସକ୍ଷମ ଥିବାର ଉତ୍ତର ଦେଇଥିଲେ । ବିଚାରରେ ଜଜସାହେବ ସିଦ୍ଧାନ୍ତ କଲେ କି ପ୍ରମାଣରୁ ଉକ୍ତ ସେବା ମୁଦେଇର କଥିତ ଦସ୍ତୁର ଅନୁସାରେ ହୋଇ ଆସିଥିବାର ସାବ୍ୟସ୍ତ ହୋଇଅଛି ଓ ରାଜାଙ୍କୁ ମନ୍ଦିରର ସୁପ୍ରିଣ୍ଟେଣ୍ଡ କରିଦେଇ ଗବର୍ଣ୍ଣମେଣ୍ଟ ଆଇନାନୁସାରେ ତାହାଙ୍କୁ ମନ୍ଦିରର ସମସ୍ତ ସେବକ ଓ ନିଯୋଗ ପ୍ରଭୃତିଙ୍କ ଉପରେ ସମ୍ପୂର୍ଣ୍ଣ ମାଲିକ କରିଦେଇ ଥିଲେହେଁ ଉକ୍ତ ଆଇନରେ

Split by PDF Splitter

Digitized by srujanika@gmail.com

ସ୍ପଷ୍ଟରୂପେ ଲେଖାଅଛି ଯେ ମନ୍ଦରର ନୟମାବଳ ଓ ପୂର୍ବରୁ ଚଳିଆସୁଥିବା ପ୍ରଥା ସମସ୍ତର ଅଧୀନରେ ରାଜା ସେମାନଙ୍କଠାରୁ କର୍ମ ନେବେ ଓ କର୍ମରେ କେହି ତ୍ରୁଟି କଲେ ତହିଁର ଉପଯୁକ୍ତ ବନ୍ଦୋବସ୍ତ କରିବେ । ତାହାଙ୍କୁ ଏପ୍ରକାର ଅସୀମ କ୍ଷମତା ନାହିଁ ଯେ ଆପଣା ଇଚ୍ଛାନୁସାରେ ଯାହାକୁ ତାହାକୁ କୌଣସି କର୍ମରେ ନିଯୁକ୍ତ କରିପାରିବେ । ଏ ବଗ୍ଗରଟି ନ୍ୟାୟସଙ୍ଗତ ଅଟଇ ଓ ଏଥିରେ ରାଜାଙ୍କର ସ୍ୱେଚ୍ଛାଧୀନ ଶାସନ ପକ୍ଷରେ ଅନେକ ଅଟକ ରହିଲା ଓ ସେବକମାନେ ମଧ୍ୟ ଆପଣା କର୍ମ ନିର୍ବାହ କରିପାରିଲେ ସ୍ୱାଧୀନଭାବରେ ଚଳିପାରିବେ ।

---

ହାଇକୋର୍ଟର ଜଜ ଯାକସନସାହେବ ଗୟାକୁ ଯାଇ ଜଜସାହେବଙ୍କ କଚେରି ତଦାରଖ କରିଥିଲେ । କଚେରିରେ ଥିଲାବେଳେ ଜଣେ ଉକିଲ ସହିତ ତାହାଙ୍କର ନିମ୍ନଲିଖିତରୂପେ କଥାବାର୍ତ୍ତା ହୋଇଥିବାର ସମ୍ବାଦପତ୍ରମାନଙ୍କରୁ ଜଣାଯାଏ ।

ଜଜସାହେବ—ତୁମର ନାମ କି ?

ଉକିଲ—ଗଣଗଣକର ଆପଣା ନାମ କହିଲା ।

ଜଜସାହେବ—ତୁମ୍ଭେ କି ଉକିଲ ଅଟ ?

ଉକିଲ—ହିଁ ଧର୍ମଅବତାର ।

ଜଜସାହେବ—ତୁମ୍ଭେ କି ଜଣେ କି, ଏଲ ?

ଉକିଲ—ଧର୍ମଅବତାର ମୁଁ ଏଲ, ଏଲ ।

ଜଜସାହେବ—ତୁମ୍ଭ ମୁଣ୍ଡରେ ସେଟା କଣ ? ତୁମ୍ଭେ କି ତାହାକୁ ମର୍ଯ୍ୟାଦାସୂଚକ ଜ୍ଞାନ କର ? ପାଗ କାହିଁକି ପିନ୍ଧନା ?

ଉକିଲ—ଧର୍ମଅବତାର ସାମଲାପାଗ କିଣିବାକୁ ମୋହୋର ବଳ ନାହିଁ ମୁଁ କେତେକାଳ ହେଲା ଏହି ଟୋପି ପିନ୍ଧୁଅଛି ।

ଜଜସାହେବ—ତାହା ସୁନ୍ଦର କି ମର୍ଯ୍ୟାଦାସୂଚକ ନୁହଇ । ତୁମ୍ଭେ ଅଦାଲତପ୍ରତି ଉପଯୁକ୍ତ ପ୍ରକାର ମାନ୍ୟ ଦର୍ଶାଇବ । ଯୋଧପାଗ ଗଣ୍ଡେ ପିନ୍ଧନା କାହିଁକି ତାହାତ ଶସ୍ତା ଅଟଇ ?

ଉକିଲ—ଯୋଧପାଗ ଅଥବା ସାମଲା ପିନ୍ଧିଲେ ଗ୍ରୀଷ୍ମଦିନେ ମୋତେ ବଡ଼ କଷ୍ଟ ଜଣାଯାଏ

ଜଜସାହେବ—ଦଶଭିତ୍ତି ଓଜନର ଗୋଟାଏ ହାଲୁକା ଯୋଧ ପାଗ କିନ ।

ମିସଲରେ ଆଉ ଜଣେ ଉକିଲ ମୁଣ୍ଡ ମୁକୁଳା କରି ବସିଥିଲେ ତାହାଙ୍କୁ ଲକ୍ଷ୍ୟକରି ସେ ଉକିଲ କହିଲା ଧର୍ମଅବତାର ମୁଁ ଅମୁକଙ୍କପରି ଖାଲି ମୁଣ୍ଡରେ ଅଦାଲତରେ ବସି ପାରିବି କି ?

ଜଜସାହେବ—ସେ କି ହିନ୍ଦୁ । ନା ସେ ହିନ୍ଦୁ ନୁହନ୍ତି, ଖ୍ରୀଷ୍ଟିଆନ ହେବେପରା ?

ଉକିଲ—ଧର୍ମଅବତାର ସେହି ହିନ୍ଦୁ ନୁହଇ

ଜଜସାହେବ—ହେଲା ତେବେ ତୁମ୍ଭେ ବ୍ରାହ୍ମ

ଉକିଲ—ହିଁ ଧର୍ମଅବତାର ।

ଜଜସାହେବ—ଭଲ, ଅମ୍ଭେ ତୁମ୍ଭଙ୍କୁ ଯାହା କହିଲୁଁ କେହି ଇଉରୋପୀୟ ଉକିଲ ଯେବେ ଆପଣାର ଟୋପି ଇତ୍ୟାଦ (ଯାହା ବାରିଷ୍ଟରମାନେ ପିନ୍ଧନ୍ତି) ନ ପିନ୍ଧି ଅମ୍ଭ ସମ୍ମୁଖକୁ ଆସନ୍ତା ତାହାକୁସୁଦ୍ଧା ଏହି କଥା କହନ୍ତୁ ।

ଉକିଲ—ଯଥାର୍ଥ, ଧର୍ମଅବତାର ।

ଜଜସାହେବ—ଅମ୍ଭେ ତୁମ୍ଭପ୍ରତି କଠିନ ହେବାକୁ ଇଚ୍ଛା ନ କରୁଁ । ଅମ୍ଭେ ଉକ୍ତ ସାମଲାର ପକ୍ଷପାତ ନୋହୁଁ ବିଶେଷ ଯେତେବେଳେ ତାହା ପୁରୁଣା ହୋଇଯାଏ । ଅମ୍ଭର କହିବାର ଅବଶ୍ୟକ ଯେ ତୁମ୍ଭେ ଆପଣା ପୋଷାକରେସୁଦ୍ଧା ଅଦାଲତପ୍ରତି ମାନ୍ୟ ଦେଖାଇବ । ତୁମ୍ଭର ଟୋପି ଶୋଭନୀୟ ବା ମାନ୍ୟସୂଚକ ନୁହଇ । ତହିଁରୁ ଅମର୍ଯ୍ୟାଦା ପ୍ରକାଶ ପାଏ । ବାବୁମାନେ ଏହିପରି ଟୋପି ପିନ୍ଧି ବାଟରେ ବୁଲନ୍ତି ।

ଅମ୍ଭେମାନେ ଭରସା କରୁଁ ଯେ ଉପରଲିଖିତ ବୃତ୍ତାନ୍ତ ପାଠକରି କଟକର ଅମଲା ଉକିଲ ପ୍ରଭୃତି କର୍ମଚାରୀମାନେ ଅଦବ ଶିକ୍ଷା କରିବେ । ଅମ୍ଭେମାନେ ଅନନ୍ଦିତ ହୋଇ କହୁଅଛୁଁ ଯେ ଏଠା ଅଦାଲତର ଉକିଲମାନେ କଦାଚ ଖାଲିମୁଣ୍ଡରେ ମିସଲକୁ ଯାଆନ୍ତି ନାହିଁ ।

---

ଡାକଘରର ବିଜ୍ଞାପନୀ ।

ଗତବର୍ଷ ବାବତ ଡାକଘରର କାର୍ଯ୍ୟର ବିଜ୍ଞାପନୀ ବାହାରିଅଛି ତହିଁରୁ ଦେଖାଯାଏ ଯେ ଗତବର୍ଷ ଭାରତବର୍ଷରେ ୧୦,୪୩,୫୩୦୭୭ ଚିଠି ୯୩,୭୭,୬୮୭ ସମ୍ବାଦପତ୍ର ଏବଂ ୧୬,୦୮,୧୦୭ ପୁସ୍ତକ ଓ ଅନ୍ୟାନ୍ୟ ପାକେଟ ଡାକଯୋଗେ ପ୍ରେରିତ ହୋଇଥିଲା ଏହା ଛଡ଼ା ୨୪,୪୨,୫୪୭ ଖଣ୍ଡ ଚିଠି ରେଜିଷ୍ଟ୍ରୀ ହୋଇଥିଲା । ତହିଁର ପୂର୍ବବର୍ଷ ସଙ୍ଗେ ତୁଳନା କଲେ ଚିଠି ସମ୍ବାଦପତ୍ର ଓ ପୁସ୍ତକାଦି ପାକେଟ ସବୁଥିରେ ବୃଦ୍ଧି ଦେଖାଯାଏ । ଏ ଫଳକୁ ଭାରତବର୍ଷରେ ଅତ୍ୟନ୍ତ ଶୁଭ ଘଟଣା ବୋଲିବାକୁ ହେବ କାରଣ ଏଥିରେ ଏହି ପ୍ରକାଶ ପାଉଅଛି ଯେ ଏଠାରେ ବିଦ୍ୟାଶିକ୍ଷା ଓ ସଭ୍ୟତାର ବୃଦ୍ଧି ହେଉଅଛି ଓ ଭିନ୍ନ ୨ ସ୍ଥାନର ଲୋକଙ୍କ ମଧ୍ୟରେ ବାଣିଜ୍ୟ ଅଥବା ଅନ୍ୟପ୍ରକାର ସମ୍ବନ୍ଧ ବଢ଼ୁଅଛି ।

ଭାରତବର୍ଷରୁ ବିଲାତକୁ ଚିଠିପତ୍ରାଦି ଯିବାର ସଂଖ୍ୟା ବଡ଼ ବଢ଼ି ନାହିଁ ମାତ୍ର ସେଠାରୁ ଭାରତବର୍ଷକୁ ଆସିବା ଚିଠିପତ୍ରାଦି ସଂଖ୍ୟା ବଢ଼ିଅଛି । ଏଥିରୁ ଅନୁମାନ ହୁଅଇ ବାଣିଜ୍ୟକାର୍ଯ୍ୟ ସେହିପରି ଅଛି କେବଳ ଅଧିକ ସମ୍ବାଦପତ୍ର ଓ ମହାଜନଙ୍କ ବିଜ୍ଞାପନ ଚିଠି ପ୍ରଭୃତି ବିଲାତରୁ ଆସିଅଛି ।

ସମ୍ବାଦପତ୍ର ସଂଖ୍ୟା ମଧ୍ୟ କ୍ରମଶଃ ବଢ଼ିବାର ଦେଖାଯାଏ ଗତ ମାର୍ଚ୍ଚମାସ ତା ୩୧ ଦିନରେ ଭାରତବର୍ଷୀୟ ସମ୍ବାଦପତ୍ର ଖ ୬୧୦ ଖଣ୍ଡ ବର୍ତ୍ତମାନ ଥିଲା ତହିଁମଧ୍ୟରୁ ଖ ୩୩୫ ଖଣ୍ଡ ସ୍ୱଦେଶୀୟ ଭାଷାମାନଙ୍କରେ ମୁଦ୍ରିତ ହେଉଥିଲା ।

ଡାକଘରର କାର୍ଯ୍ୟ ଯେମନ୍ତ ବଢ଼ିଅଛି ଆୟ ମଧ୍ୟ ତଦ୍ରୂପ ଅଟଇ । ଗତବର୍ଷ ଟ ୩,୪୧,୭୯୩ ଆୟ ବଢ଼ିଥିଲା ମାତ୍ର ଦେଢ଼ଲକ୍ଷଟଙ୍କାର ଅଧିକ ବ୍ୟୟ ବଢ଼ି ନାହିଁ । ସରକାରୀ ଚିଠିପତ୍ର ମାସୁଲ ହେସାବ ନ କରି ଗତବର୍ଷ କେବଳ ୭ଲକ୍ଷଟଙ୍କା ନିଅଣ୍ଟ ହୋଇଥିଲା ଯେତେ ବ୍ୟୟ ହୋଇଥିଲା ତହିଁରୁ ଆୟ ଊଣା ହୋଇଥିଲା ମାତ୍ର ଉକ୍ତ ୭ଲକ୍ଷ ଟଙ୍କାକୁ ଆୟମଧ୍ୟରେ ହେସାବ କଲେ ଆୟ ଊଣା ନ ପଡ଼ି ବରଂ ଯାତେତନଲକ୍ଷ ଟଙ୍କାରୁ ଅଧିକ ଉଦ୍ବୃତ୍ତ ହୋଇଅଛି ବୋଲିବାକୁ ହେବ ।

ଏଥିରୁ ଦେଖାଯାଏ ଯେ ଚିଠି ଓ ସମ୍ବାଦପତ୍ରର ମାସୁଲ ଊଣା କରିବାରେ ଗବର୍ଣ୍ଣମେଣ୍ଟଙ୍କର କ୍ଷତି ହୋଇ ନାହିଁ ବରଂ ଲାଭ ହୋଇଅଛି ଓ ସମ୍ବାଦପତ୍ରର ମାସୁଲ ଆହୁରି କିଛି ଊଣା କଲେ ମଧ୍ୟ ଗବର୍ଣ୍ଣମେଣ୍ଟଙ୍କର କ୍ଷତି ନ ହୋଇ ସର୍ବସାଧାରଣଙ୍କର ଉପକାର ହୋଇ ପାରେ ।

---

ଓଡ଼ିଶାର କୁଲୀନ୍ ।

ପାଠକମାନେ ଜାଣନ୍ତି ଯେ ବଙ୍ଗଳାରେ କୁଲୀନ୍ ବ୍ରାହ୍ମଣମାନେ ସମସ୍ତଙ୍କଠାରୁ ମାନ୍ୟମାନ ଜାତି ଅଟନ୍ତି ବିବାହ କରିବା ଏମାନଙ୍କର ପ୍ରଧାନ ବୃତ୍ତି ଅଟଇ । ବଲ୍ଲାଲସେନ ରାଜା ଏମାନଙ୍କ କୁଳ ମର୍ଯ୍ୟାଦା ସମ୍ପର୍କରେ ବଧାନ କରିଯାଇଅଛନ୍ତି କି ଯେତେ ଦୂର ଏମାନେ ଆପଣା ଦୁହିତାମାନଙ୍କୁ କୁଲୀନ୍ ବ୍ରାହ୍ମଣଙ୍କୁ ଦାନ ସ୍ୱରୂପ ବିବାହ ଦେଉଥିବେ ସେତେଦୂର

Split by PDF Splitter



ଏମାନଙ୍କର କୁଳର ଟେକ ଥିବ ନୋହିଲେ କୁଳ ଚ୍ୟୁତ ହେବେ । କୁଳୀନ୍ ବ୍ରାହ୍ମଣଙ୍କ ସଂଖ୍ୟା ଊଣା ଓ ବୋଧ ହୁଅଇ ଅନ୍ୟାନ୍ୟ ଦେଶାପେକ୍ଷା ବଙ୍ଗଳାରେ କିଛି ଅଧିକ ପରିମାଣରେ କନ୍ୟା ଜନ୍ମ ହେଉଥିବେ ଫଳତଃ ତାହା ହେଉ ବା ନ ହେଉ ବ୍ରାହ୍ମଣମାନେ ଆପଣା୨ ଦୁହିତାର ଉପଯୁକ୍ତ ବର ନ ପାଇ ଏକ୨ କୁଳୀନ୍ ବ୍ରାହ୍ମଣଙ୍କୁ ଏତେ ଲୋକ ଆପଣା କନ୍ୟା ବିବାହ ଦିଅନ୍ତି ଯେ ତାହାର୨ ଶତାଧିକ ଭାର୍ଯ୍ୟା ହୋଇଯାଏ ଓ ଅନେକ ଭାର୍ଯ୍ୟା ସଙ୍ଗେ ଜନ୍ମାବଚ୍ଛିନ୍ନରେ ଥରେ ସୁଦ୍ଧା ସାକ୍ଷାତ ହୁଅଇ ନାହିଁ । କନ୍ୟାମାନେ ଆପଣା୨ ପିତାଙ୍କ ଘରେ ଆଜନ୍ମକାଳ ପ୍ରତିପାଳିତ ହୁଅନ୍ତି ଓ ଯାମାତା ଆପଣା ପ୍ରୟୋଜନ ବୁଝି ତାହାର ଘରକୁ ଯାଇ ଦୁଇଏକ ଦିନ ରହି କିଛି ଅର୍ଥ ଉପାର୍ଜ୍ଜନ କରି ଆଣନ୍ତି । ପୂର୍ବକାଳରେ ଏପରି ଅନେକ ଘଟନା ବଙ୍ଗଳାରେ ଦେଖା ଯାଉଥିଲା । ସମ୍ପ୍ରତି ଜ୍ଞାନ ଓ ସଭ୍ୟତାର ବୃଦ୍ଧି ହେବାରୁ ଏ ରୀତି ଅନେକ ପରିମାଣରେ ଊଣା ପଡିଅଛି ତଥାପି ଏକାବେଳକେ ଉଠିଯାଇ ନାହିଁ । ଏ ବିଷୟରେ ଅନେକ କୌତୁକଜନକ ଓ ରହସ୍ୟପୂର୍ଣ୍ଣ କାହାଣିମାନ ଅଛି ମାତ୍ର ସେସବୁ ବୋଲିବାର ଆମ୍ଭମାନଙ୍କର ଉଦ୍ଦେଶ୍ୟ ନୁହଇ । ପାଠକମାନେ ଅନେକ ଶୁଣିଥିବେ ଓ ଯାହାଙ୍କର ବିଶେଷ ଶୁଣିବାର ବାଞ୍ଛା ଥାଏ ସେମାନେ କୁଳୀନ୍‌କୁଳ ସର୍ବସ୍ୱ ନାଟକ ନାମରେ ଖଣ୍ଡିଏ ବଙ୍ଗଳା ପୁସ୍ତକ ପଢ଼ିଲେ ଜାଣିପାରିବେ । ଆମ୍ଭମାନଙ୍କର ଏ ପ୍ରସଙ୍ଗ ଅବତାରଣା କରିବାର ଉଦ୍ଦେଶ୍ୟ ଏହି ଯେ ଓଡିଶାର କୁଳୀନଙ୍କ କଥା ଭାଳୁଁ୨ ତାହା ମନରେ ପଡିଗଲା । ଓଡିଶାର କୁଳୀନ୍ କିଏ ପାଠକମାନେ ଜାଣନ୍ତି ଯେବେ ନ ଜାଣନ୍ତି ତେବେ ଆମ୍ଭେମାନେ ସେମାନଙ୍କୁ ଚିହ୍ନାଇ ଦେଉଅଛୁଁ । ଏମାନେ ଓଡିଶାର ରାଜା । ସବୁ ବିଷୟରେ ଏମାନଙ୍କର ବଙ୍ଗଳାର କୁଳୀନ୍ ବ୍ରାହ୍ମଣଙ୍କ ସହିତ ସୌସାଦୃଶ୍ୟ ଅଛି ଏମନ୍ତ ଆମ୍ଭେମାନେ କହୁ ନାହୁଁ । ମୋଟକଥା ଏହି ଯେ ଯେମନ୍ତ ସେମାନଙ୍କର ତେମନ୍ତ ଏମାନଙ୍କର ବିବାହ କରିବା ବିଷୟରେ କିଛି ସୀମା ନାହିଁ । ଯେତେବେଳେ ଯେତେଟା ଇଚ୍ଛା ଅବାଧରୂପେ ବିବାହ କରି ପାରନ୍ତି । ତେବେ ଏ ଦୁଇ ଜାତିଙ୍କ ମଧ୍ୟରେ ଅନ୍ତର ଏହି ଯେ କୁଳୀନ୍ ବ୍ରାହ୍ମଣମାନେ ଭାର୍ଯ୍ୟାଙ୍କୁ ପିତ୍ରାଳୟରେ ଛାଡି ଆସନ୍ତି । ରାଜାମାନେ ଆପଣା ଭାର୍ଯ୍ୟାସବୁଙ୍କୁ ଘରର ମଧ୍ୟକୁ ନେଇଆସି ବନ୍ଦୀକରି ରଖନ୍ତି । କୁଳୀନ୍ ବ୍ରାହ୍ମଣଙ୍କ ଭାର୍ଯ୍ୟାମାନେ ସ୍ୱାମୀ ସୁଖରୁ ବଞ୍ଚିତ ହେଲେ ହେଁ ଅଉ ସବୁ ବିଷୟରେ ମନୁଷ୍ୟ ପରି ଜୀବନ ଧାରଣ କରନ୍ତି କିନ୍ତୁ ରାଜାଙ୍କର ଅନ୍ତଃପୁରରେ ଯେଉଁମାନେ ପ୍ରବେଶ କରନ୍ତି ସେମାନେ କେବଳ ପଶୁପରି ଦାନାପାଣି ଖାଇ ପଡି ରହିଥାନ୍ତି । ଆମ୍ଭେମାନେ ଅବଗତ ହୋଇଅଛୁଁ ଯେ ଗଡଜାତରେ ବର୍ତ୍ତମାନ କାଳରେ ସୁଦ୍ଧା ବହୁତ ସ୍ତ୍ରୀ ଏରୂପ ବନ୍ଦ ହୋଇ ରହିଅଛନ୍ତି । ଏମନ୍ତ କି ଏକ୨ ଗଡଜାତରେ ଏହାଙ୍କ ସଂଖ୍ୟା ସାତ ଆଠଶତ ହେବ । ଏମାନଙ୍କୁ ଆହାର ପରିଚ୍ଛଦ ଯୋଗାଇବା ଏବଂ ଏହାଙ୍କୁ ପହରା ଦେଇ ରଖିବାରେ ରାଜାମାନଙ୍କର ବିସ୍ତର ବ୍ୟୟ ହୁଅଇ ଅଥଚ ଏହାଙ୍କୁ ଏପରି ଅବସ୍ଥାରେ ରଖିବାରେ ରାଜାଙ୍କର କି ସୁଖ ଲାଭ ହୁଅଇ ତାହା ଅନୁମାନ କରିବାର କଠିନ । ସାମାନ୍ୟ ଲୋକଙ୍କ ଅବସ୍ଥାରେ ଦେଖାଯାଏ ଯେ କେହି ଦୁଇଭାର୍ଯ୍ୟା କଲେ ତାହାର ସୁଖ ସ୍ୱଚ୍ଛନ୍ଦତା ରହି ପାରଇ ନାହିଁ । ଯାହାର ଶତାଧିକ ଭାର୍ଯ୍ୟା ତାହାର ଅବସ୍ଥା କେମନ୍ତ ପାଠକମାନେ ସହଜରେ ବୁଝି ପାରିବେ । ଆମ୍ଭେମାନେ ଗଡଜାତ ରାଜାମାନଙ୍କୁ ପଚାରୁଅଛୁଁ ଯେ ଏ ପ୍ରକାର ଅପରିମିତ ସଂଖ୍ୟକ ସ୍ତ୍ରୀ ଘରେ ବନ୍ଦ କରି ରଖିବାରେ କେଉଁ ପୁରୁଷାର୍ଥ ପ୍ରକାଶ ପାଏ ବା କେଉଁ ହିତ ସାଧନ ହୁଅଇ ? ରାଜାମାନଙ୍କ ବିଚାରରେ କି ସ୍ତ୍ରୀମାନେ ମନୁଷ୍ୟ ପଦର ବାଚ୍ୟ ନୁହନ୍ତି ? ଯେବେ ଏରୂପ ଭାବ ତାହାଙ୍କରଥାଏ ତେବେ ସେମାନେ ପଶୁ ସହବାସରେ ଦିନ ହରଣ କରନ୍ତି ଅବଶ୍ୟ ସ୍ୱୀକାର କରିବାକୁ ହେବ । ଯେମନ୍ତ ଏକ୨ ଗୋରୁ ପଲରେ ଗୋଟିଏ ଷଣ୍ଢ ଦେଖାଯାଏ ଅନ୍ତଃପୁର ମଧ୍ୟରେ ଓଡିଶାର କୌଣସି ରାଜାଙ୍କୁ ଦେଖିଲେ ଠିକ ସେହିପରି ଦୃଶ୍ୟ ହେବ । ଦାଣ୍ଡରେ ଅବା କେହି ଏହାଙ୍କର ରୀତି ନୀତି ଦେଖି ମନୁଷ୍ୟ ବୋଲି ଠଉରାଇବେ ମାତ୍ର ଅନ୍ତଃପୁରରେ ଏମାନେ ପ୍ରକୃତ ପଶୁ ଅଟନ୍ତି । ଐଶ୍ୱର୍ଯ୍ୟ ମଦରେ ଉନ୍ମତ୍ତ ଥାଇ ଏମାନେ ଆପଣା ପ୍ରକୃତ ଅବସ୍ଥା ଦେଖି ପାରନ୍ତି ନାହିଁ କିନ୍ତୁ ମନୁଷ୍ୟ ଜୀବନର ଗୋଟିଏ ପ୍ରଧାନ ସୁଖ ଯେ ଦାମ୍ପତ୍ୟ ସୁଖ ତାହା ଏମାନେ ଆଦୌ ଅନୁଭବ କରିବାର କଦାଚ ବୋଲିଯାଇ ନ ପାରେ । ବୋଧ ହୁଅଇ ସ୍ତ୍ରୀ ପୁରୁଷର ପ୍ରଣୟ ସୁଖ ଏହାଙ୍କ ଭାଗ୍ୟରେ ବିଧାତା ଆଦ୍ୟରୁ ଲେଖି ନାହାନ୍ତି ତାହା ନ ହେଲେ କୌଣସି ରାଜା ଯେତେବେଳେ ଆପଣା କନ୍ୟାକୁ ଅନ୍ୟ ରାଜାକୁ ସମର୍ପଣ କରେ ସେତେବେଳେ ତାହା ସଙ୍ଗରେ ଦୁଇଶ୍ହରଗଣ୍ଡା ସହଚରୀ ସମ୍ପ୍ରଦାନ କରେ ଓ ଅନେକ ସ୍ଥଳରେ ଏମନ୍ତ ଘଟନା ହୁଅଇ ଯେ ସହଚରୀଙ୍କ ମଧ୍ୟରୁ କାହାର ପ୍ରଣୟରେ ରାଜା ପଡି ରାଜକୁମାରୀଙ୍କୁ ସୁଦ୍ଧା ଭୁଲିଯାନ୍ତି କରନ୍ତି ଏଥିରେ ଯେ କିପରିମାଣରେ ନୀଚତା ମନ୍ଦ ପ୍ରବୃତ୍ତି ଓ ମନ୍ଦ ରୁଚିର ପରିଚୟ ପ୍ରାପ୍ତ ହୁଅଇ ତାହା ବୁଝିବା ଲୋକଙ୍କୁ ଚିହ୍ନାଇ ଦେବା ଅନାବଶ୍ୟକ ଫଳତଃ ଏହିପ୍ରକାର ଲୋକମାନେ ଦାଣ୍ଡରେ ବସି ରାଜା ଉପାଧି ଧାରଣ ପୂର୍ବକ ଆପଣାକୁ ଅତିଶୟ ଗୌରବାନ୍ୱିତ ମନେ କରନ୍ତି । ପ୍ରଜାଙ୍କର ସୁଖ ସ୍ୱଚ୍ଛନ୍ଦତା ସମ୍ପାଦନ କରିବା ରାଜନୀତି ହେଉଅଛି କିନ୍ତୁ ଅନାଥା ସ୍ତ୍ରୀମାନଙ୍କୁ ବନ୍ଦ କରି ରଖିବା କେଉଁ ରାଜଧର୍ମ ଅଟଇ ? ରାଜାଙ୍କଠାରେ କେହି ଅପରାଧ କଲେ ତାହାକୁ ଦଣ୍ଡ ଭୋଗ କରିବାକୁ ହୁଅଇ କିନ୍ତୁ ସ୍ତ୍ରୀମାନଙ୍କର ଅବସ୍ଥା କି ମନ୍ଦ ଯେ ରାଜା ଯାହା ପ୍ରତି ଥରେ ସୁଦୃଷ୍ଟି ନିକ୍ଷେପ କରନ୍ତି ଯାବଜ୍ଜୀବନ ତାହାକୁ ବନ୍ଦ ହେବାକୁ ହୁଅଇ । ଗଡଜାତ ରାଜାମାନେ କେବେ ମନୁଷ୍ୟ ହେବେ ଯେ ଏ ସମସ୍ତ ପଶୁବୃତ୍ତି ତାହାଙ୍କ ଠାରୁ ଅନ୍ତର ହୋଇଯିବ !

---

## ସାପ୍ତାହିକ ସଂବାଦ ।

ଓଡିଶାର କମିଶନର ସାହେବ ଗଡଜାତ ଓ ବାଲେଶ୍ୱର ଗସ୍ତ କରି ଗତ ବୁଧବାର ଏ ନଗରରେ ପ୍ରବେଶ ହୋଇଅଛନ୍ତି ।

ଏଠା କଲେକ୍ଟରୀ ନାଜରଖାନାର କୋର୍ଟ ଫିସ ଅପହରଣ ମକଦ୍ଦମାରେ ବୋର୍ଡରେବିନ୍ୟୁ କଲେକ୍ଟରୀ ସିରସ୍ତାଦାରଙ୍କର ଘଟ୍ୟନ୍ତ ଅସାବଧାନତା ବିବେଚନା କରି ତାହାଙ୍କ ଉପରେ ୫ ୬୪ ଙ୍କା ଅର୍ଥଦଣ୍ଡ କରିବା ସକାଶେ ଗବର୍ଣ୍ଣମେଣ୍ଟକୁ ଲେଖିଥିବାର ଶୁଣାଯାଏ ଶେଷ ଭିତ୍ତି ହୋଇ ନାହିଁ ।

ଏ ସପ୍ତାହରେ ଏନଗରରେ ଅନେକସ୍ଥଳେ ବିବାହ ହୋଇ ଯାଇଅଛି କିନ୍ତୁ ବଡ ଧୂମଧାମ ଦେଖା ଯାଇ ନାହିଁ ।

ଗତମାସରେ ଶିକ୍ଷାବିଭାଗର ଡାଇରେକ୍ଟର ଏଠାକୁ ଆସି କଟକ କଲେଜ ଫିଟାଇ ସଙ୍ଗେ ଗ୍ରାମ୍ସ୍ଟ୍ ଏଜିର ସାହେବ ବର୍ତ୍ତମାନ ପ୍ରିନ୍‌ସିପଲ ଉପାଧି ଧାରଣ କରୁଅଛନ୍ତି ।

Digitized by srujanika@gmail.com

ଅବଶ୍ୟ କଟକଜିଲାରେ ବୃଷ୍ଟି ସଙ୍ଗେ ଦେଖା ନାହିଁ । ଗତ ଗୁରୁବାର ଘଣ୍ଟେ୨ ମେଘ ଆକାଶରେ ବିଚରଣ କରୁଥିଲା ଓ ସ୍ଥାନରେ ବିଜୁଳୀ ମଧ୍ୟ ପ୍ରକାଶ ହେଉଥିଲା କିନ୍ତୁ ବିନ୍ଦୁ ପତନ ସୁଦ୍ଧା ହୋଇ ନାହିଁ । ବର୍ଷା ନ ହେବା ଉଦ୍ବେଗର କାରଣ ହୋଇଅଛି ।

ଆମ୍ଭେମାନେ ଶୁଣୁଅଛୁଁ ଯେ ପଟ୍ଟାମୁଣ୍ଡେଇ ଜମିଦାରର ଟଙ୍କା କଟକକୁ ଆସୁ୨ ବାଟରେ ପାଣ୍ଡିଗଛିଅ ଘାଟରେ ଏକହଜାର ଟଙ୍କା ଚୋରି ଯାଇଅଛି । ଟଙ୍କା ସଙ୍ଗରେ ଜମିଦାରୀ ସିପାହୀ ସହିତ ଥିଲେ ଓ ସମସ୍ତେ ନଦୀରେ ସ୍ନାନ କରିବାରେ ମତ୍ତ ଥିଲେ ଏମନ୍ତ ସମୟରେ ଚୋରି ହେଲା । ଫଳରେ ଏପ୍ରକାର ଚୋରୀ ବଡ ଆଶ୍ଚର୍ଯ୍ୟ [illegible] ଅବହେଳା ବା ଫଉଜଦାରୀ ତାହା ଆମ୍ଭେମାନେ କହି ନ ପାରୁ ।

ଗତ ସପ୍ତାହରେ କଉଦ ଜଜାଙ୍କର କଲଷ୍ଟ ଷ୍ଟ ଢେଙ୍କାନାଳ ଗଡଠାରୁ ଅକାଗ ହେଲେ ଓ ଢେଙ୍କାନାଳ ରଜା ତାହାଙ୍କୁ ଯଥୋଚିତ ପୋଷ୍ୟ ସ୍ପନ୍ଦ କଲେ । ଅସିଷ୍ଟାଣ୍ଟ ସୁପରିଣ୍ଟେଣ୍ଡେଣ୍ଟ ବାବୁ ହରେକୃଷ୍ଣ ଦାସ କ୍ୟାମ୍ପରେ ଉପସ୍ଥିତ ଥିଲେ ।

ଏ ବର୍ଷ କଲିକତା ବିଶ୍ୱବିଦ୍ୟାଳୟର ସର୍ବୋଚ୍ଚ ପରୀକ୍ଷାରେ ବାବୁ ରଘୁନାଥ ଦାସ ନାମରେ ଜଣେ ଓଡ଼ିଆ ଉତ୍ତୀର୍ଣ୍ଣ ହୋଇ ଏମ୍, ଏ, ଉପାଧି ପାଇଅଛନ୍ତି । ଏହାଙ୍କ ଘର ଦାନ୍ତୋନରେ ଅଟଇ ।

ଅଳ୍ପ କାଳ ମାନ୍ଦ୍ରାଜ ଓ ବମ୍ବେଇରେ ବସନ୍ତ ରୋଗର ଭଲି ପ୍ରାଦୁର୍ଭାବ ଦେଖାଯାଏ । ଆମ୍ଭ ଏ ଅଞ୍ଚଳରେ ମିଳିମିଳା ଓ ହାତଫୁଟି ବସନ୍ତର ସ୍ଥାନ ନେଇଅଛି ।

ଦେବଗଡର ଜମିଦାର ଯେବାରେ ଘ୨ର ହାତୀ ଧରିପଡ଼ି ଅଛନ୍ତି । ଏ ହାତୀସବୁ ତାଙ୍କ ବାଟେ ବାରକପୁରକୁ ଆସୁଅଛନ୍ତି ।

---

ବିଜ୍ଞାପନଂ ।

---

ଶ୍ରୀ ପୁରୁଷୋତ୍ତମକ୍ଷେତ୍ରସ୍ଥ ଏବଂ ତନ୍ନିକଟ ସ୍ଥାନସ୍ଥ ଶ୍ରୌତ ସ୍ମାର୍ତ୍ତ ବ୍ୟବହାର ନିପୁଣ ସମସ୍ତ ବ୍ରାହ୍ମଣପଣ୍ଡିତ ମହାଶୟମାନଙ୍କୁ ଜଣାଉଅଛୁଁ ଯେ ବର୍ତ୍ତମାନ ପ୍ରଚଳିତ ଗ୍ରହଚକ୍ର ଗଣିତାନୁସାର ସ୍ଥୂଳ ପଞ୍ଚାଙ୍ଗ ପଞ୍ଜିକାରେ କୌଣସି୨ କାଳରେ ଏକ ଦଣ୍ଡଠାରୁ ତେରଦଣ୍ଡ ପର୍ଯ୍ୟନ୍ତ ତିଥି ନକ୍ଷତ୍ରାଦିରେ ଭ୍ରମ ଦେଖି ଏକାଦଶ୍ୟାଦି ପର୍ବମାନଙ୍କର ବ୍ୟତିକ୍ରମରୁ ଧର୍ମବ୍ୟତିକ୍ରମ ଦେଖି ସିଦ୍ଧାନ୍ତଶିରୋମଣି ପ୍ରଭୃତି ଅନେକ ସିଦ୍ଧାନ୍ତ ଗ୍ରନ୍ଥମାନଙ୍କ ତତ୍ତ୍ୱାନୁସନ୍ଧାନ କରି ଭାରତବର୍ଷର ମଙ୍ଗଳ ଓ ସ୍ୱଦେଶର ଉନ୍ନତି ନିମିତ୍ତ ଆମ୍ଭେ ଚିରକାଳ ପର୍ଯ୍ୟନ୍ତ ଜ୍ୟୋତିର୍ଗଣ ଗତି ନିର୍ଦ୍ଧାରିତ କରି ସିଦ୍ଧାନ୍ତଦର୍ପଣ ନାମକ ଏକ ଅପୂର୍ବ ଗ୍ରନ୍ଥ ରଚନା କରିଅଛୁଁ । ଏତନ୍ମତାନୁସାର ସୂକ୍ଷ୍ମ ପଞ୍ଚାଙ୍ଗପଞ୍ଜିକା ପ୍ରଥମରେ ଉତ୍କଳଦେଶରେ ପ୍ରଚଳିତ କରାଇବାକୁ ଉଦ୍ୟୁକ୍ତ ଅଛୁଁ ମଧ୍ୟ ମାନ୍ଦ୍ରାଜ ନଗରସ୍ଥ ଶ୍ରୀ ଚିନ୍ତାମଣି ରଘୁନାଥାଚାର୍ଯ୍ୟଙ୍କ ସାଧିତ ସୂକ୍ଷ୍ମପଞ୍ଜିକା ଦକ୍ଷିଣ ପ୍ରଦେଶରେ ବ୍ୟବହୃତ ହେବାରୁ ତଦ୍ଦେଶୀୟ ଭଦ୍ରଲୋକମାନେ ଉତ୍କଳ ବଙ୍ଗଦେଶୀୟ ବ୍ୟକ୍ତିମାନଙ୍କୁ ନିତାନ୍ତ ଅଜ୍ଞ ବୋଲୁଅଛନ୍ତି । ଯେହେତୁ ଏତଦ୍ଦେଶୀୟ ମନୁଷ୍ୟମାନେ ପ୍ରତ୍ୟକ୍ଷ ତିଥ୍ୟାଦି ଦଣ୍ଡ ଜାଣି ନ ପାରି ମିଥ୍ୟାଭୂତ ପଞ୍ଜିକା ଗ୍ରହଣ କରି ନିତ୍ୟ ନୈମିତ୍ତିକାଦି କର୍ମ କରୁଅଛନ୍ତି । ଅତଏବ ଦୃଗ୍ଗଣିତୈକ୍ୟ କେବଳ ଉପାଦେୟ । ନ୍ୟୂନାଧିକ କାଳ ବ୍ୟାପ୍ତ ପର୍ବାଦିରେ ଦୋଷ । ଯଥା । ବୃହତ୍ସଂହିତାୟାଂ । ବେଲାହୀନ ପର୍ବଣି ଗର୍ଭ ବିପତ୍ତିଶ୍ଚ ଶସ୍ୟକୋପଶ୍ଚ । ଅତିବେଲେ କୁସୁମ ଫଲ କ୍ଷୟୋଭୟଂ ଶସ୍ୟ ନାଶଶ୍ଚ ॥ ଗର୍ଗ ସଂହିତାୟାଂ । ସ୍ନାନାଦିକର୍ମ କାଲେ ଫଲ ମୁକ୍ତଂ ପୂର୍ବ ଶାସ୍ତ୍ର ଦୃଷ୍ଟିତୋହି । ଦୃଷ୍ଟେ ଗଣିତବିଦଃ କାଲଃ କଥଂଚଦପି ନାନ୍ୟଥା ଭବତି ॥ ଦୃକ୍ସମେ ପର୍ବଣି ନୃପା ନର୍ବେ ରି ବଗତଜ୍ୱରାଃ । ପ୍ରଜାଶ୍ଚ ସୁଖିନଃ ସର୍ବେ ଭୟ ରୋଗ ବିବର୍ଜ୍ଜିତାଃ ॥ ବଶିଷ୍ଠ ବାକ୍ୟଂ । ଯସ୍ମିନ୍ ପକ୍ଷେ ଯତ୍ର କାଲେ ଯେନ ଦୃଗ୍ଗଣିତୈକ୍ୟକଂ । ଦୃଶ୍ୟତେ ତେନ ପକ୍ଷେଣ କୁର୍ଯ୍ୟାତ୍ତିଥ୍ୟାଦି ନିର୍ଣ୍ଣୟଂ ॥ ଶାକଲ୍ୟ ସଂହିତାୟାଂ । କଲ୍ପେନାପି ସୁବର୍ଣ୍ଣେନ କର୍ଣ୍ଣପାତଂ କରୋତି ଯଃ । ତଥା କଲ୍ପେନ ଶାସ୍ତ୍ରେଣ ଯନ୍ନ ପ୍ରତ୍ୟକ୍ଷତଃ ସ୍ଫୁଟଂ ॥ ସ୍ଥୂଳମତରେ ଯେ ପାଞ୍ଚଦଣ୍ଡ ପର୍ଯ୍ୟନ୍ତ ତିଥି ବୃଦ୍ଧି ଓ ଛଦଣ୍ଡ ପର୍ଯ୍ୟନ୍ତ ତିଥି କ୍ଷୟ ଅଛି ସ୍ମୃତିପ୍ରସିଦ୍ଧ ଷୋଡଶ ଭେଦରେ ଉଦୟ ଦିନ କୃଷ୍ଣା ପର୍ଯ୍ୟନ୍ତ ବ୍ୟାପ୍ତି ଛଦଣ୍ଡରୁ ଅଧିକ ବୃଦ୍ଧି କିନା ହୋଇ ନ ପାରେ । ସୂକ୍ଷ୍ମ ତିଥିବୃଦ୍ଧି ସାତଦଣ୍ଡ ପର୍ଯ୍ୟନ୍ତ ପଡିବାରୁ ସ୍ମୃତିସମ୍ମତ ହେଲା । ପୂର୍ବଦିନ ଅମାବାସ୍ୟା ସାୟାହ୍ନ ମାତ୍ର ବ୍ୟାପିନୀ ହୋଇଥିବ ପରଦିନ ଦିନାର୍ଦ୍ଧ ପୂର୍ବରୁ ସେ ସମାପ୍ତ ହେଲେ ପରଦିନକୁ ଅପରାହ୍ଣରେ ଶ୍ରାଦ୍ଧ କରିବାକୁ ଯେ ଗୌତମ ବାକ୍ୟ ଅଛି ଏଠାରେ ଦଶଦଣ୍ଡ ତିଥି କ୍ଷୟ ସମ୍ଭବୁଅଛି । ଏ କେବଳ ସୂକ୍ଷ୍ମମତରେ ଘଟିବ । ଯଥା । ପୂର୍ବାହ୍ଣେ ତୈତ୍ତ୍ରପ୍ରଭୃତୟୋ ଭୂତେ ସାୟ୍ୟ ମମା ଯଦି । ଅରଭ୍ୟ କୁତପେ ଶ୍ରାଦ୍ଧଂ ରୌହିଣଂ ନ ତୁ ଲଙ୍ଘୟେତ୍ । ଇତି । ଏ କାରଣରୁ ପ୍ରାର୍ଥନା ଏହି ଯେ ଦୃକ୍ସିଦ୍ଧ ସୂକ୍ଷ୍ମ ପଞ୍ଜିକା ବ୍ୟବହାର ବିଷୟରେ ଆପଣମାନେ ଅନୁଗ୍ରହ ପ୍ରଦାନ କଲେ ସ୍ୱପରିଶ୍ରମ ଚରିତାର୍ଥ ଜ୍ଞାନ କରିବୁଁ ।

| | |
|---|---|
| ଅ୨୧ଙ୍କ ଦ୧୩ନ<br>କୁମ୍ଭ ସନ୧୨୮୩<br>ସାଲ ମୁ । ଖଣ୍ଡପ-<br>ଡା ଜି । କଟକ | ଗଡଜାତମହାଲର<br>ଅସିଷ୍ଟାଣ୍ଟ ସୁପରିଣ୍ଟେଣ୍ଡେଣ୍ଟ<br>ଶ୍ରୀଯୁକ୍ତହରେକୃଷ୍ଣଦାସ ରାୟ-<br>ବାହାଦୁରଙ୍କର ସମ୍ମତ୍ୟନୁସାର<br>ଶ୍ରୀ ଚନ୍ଦ୍ରଶେଖର ସିଂହ ହ-<br>ରିଚନ୍ଦନମହାପାତ୍ର ସାମନ୍ତସ୍ୟ |

---

ଆମ୍ଭର କଟକ, ପୁରୀ ଓ ବାଲେଶ୍ୱର ଜିଲା ଅନ୍ତର୍ଗତ ଇଲାକାମାନ ମୁସ୍ତାଜର ଦେବାର ପ୍ରୟୋଜନ ଯେଉଁମାନେ ମୁସ୍ତାଜର ନେବାକୁ ଚାହାନ୍ତି ସେମାନେ ଆପଣା୨ ଅଭିପ୍ରାୟ ଶୀଘ୍ର ଇତେଆଲାଲ ପଣ୍ଡିତଙ୍କଠାରେ ଜଣାଇବେ କିମ୍ବା ଆମ୍ଭଙ୍କୁ ସେ ବିଷୟରେ ପତ୍ର ଲେଖିବେ ।

ଇଜାରାର ସର୍ତ୍ତ ।

ମୁସ୍ତାଜର ୩ ବର୍ଷ ନିମନ୍ତେ ଦିଆଯିବ । ଜମିଦାରୀ ମହାଲର ଜଳକର ଓ ଫଳକର ଆଦି ବାକି ଆଦାୟ ଛଡା ଅସଲ ଉପରେ ଶତକଡା ଟ ୫୦, ଟ ୭।, ଓ ଟ ୧୦ ଙ୍କା ଲେଖାଏଁ ଜମିଧନ ଦିଆଯିବ । ଆମ୍ଭ ଦିଆ ପାହିପଟ୍ଟା ମିଆଦ ଗତେ ଇଜାରାଦାର ୩ ବର୍ଷ ସକାଶେ ବନ୍ଦୋବସ୍ତ କରି ପାରିବେ । ପଡିଆ ଜମିରେ ଇଜାରାଦାରର ସମ୍ପୂର୍ଣ୍ଣ ଅଧିକାର । ଯାଏକ ମୁଚଲିକା ବାକି ଇଜାରାଦାରଙ୍କୁ ଦେବାକୁ ହେବ । ଟ ୧୦୦ ଙ୍କାର ମୁସ୍ତାଜର ନେଲେ ଟ ୫୦ ଙ୍କାର ଜାମିନର ଦରକାର ଅଧିକ ଟଙ୍କାର ଇଜାରା ନେଲେ ତଦନୁ ବନ୍ଦୋବସ୍ତ କରାଯିବ । ଇଜାରା ଟଙ୍କା ଗୃହକିସ୍ତିରେ ଦେବାକୁ ହେବ । ଜିଜ୍ଞାସିଲେ ବିଶେଷ ହାଲ ଜାଣିବାକୁ ପାଇବେ ।

ଶ୍ରୀ କାଳୀପଦ ବାନୁର୍ଯ୍ୟା
ହାଲସାଁ ତା ୧୭ ଘଣ
ଜାନୁଏରୀ ସନ୧୮୭୬ ମସିହା

---

ମୂଲ୍ୟପ୍ରାପ୍ତି ।

ବାବୁ ରସିକ ଚରଣମହାନ୍ତି କଟକ ବକାୟା ଟ ୬
ମୁନସି ସୁଲତାନ ମହମ୍ମଦ ” ” ଟ ୬
ଶ୍ରୀ ମହାରାଜା ସୁତଳଦେବ ବାମଣ୍ଡା ଟ ୨୲
ବାବୁମଥୁରାମୋହନପଣ୍ଡି ବାଲେଶ୍ୱରଅଫିସ ଟ ୬୲
ଶ୍ରୀ ରାଜା ବଳେ ମଧୁପୁର ବକାୟା ଟ ୬

---

ଏହି ଉତ୍କଳଦୀପିକା ସଦରକଟକ ଉର-ସାବଜାର କଟକ ପ୍ରିଣ୍ଟିଂକମ୍ପାନିଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା ।

Split by PDF Splitter

Digitized by srujanika@gmail.com

Split by PDF Splitter

REGISTERED NO. 18

46

# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା

ଭା ୧୧ ଗ
ସଂ ୧୧ ସଂଖ୍ୟା

ତା ୧୧ ରଖ ମାର୍ଚ୍ଚ ସନ ୧୮୭୬ ମସିହା । ମୁ । ଫାଲ୍ଗୁନ ଦି ୩୦ ନ ସନ ୧୨୮୩ ସାଲ ଶନିବାର

ଅଗ୍ରିମ ବାର୍ଷିକ ମୂଲ୍ୟ ୪॥
ବର୍ଷାନ୍ତେ ମୂଲ୍ୟ ଦେଲେ ବର୍ଷକୁ ୫॥
ମଫସଲ ପାଁଇ ଡାକମାସୁଲ ୫୧୰

କଲିକତାରୁ ତାରଡାକ ଯୋଗରେ ସମ୍ବାଦ ଆସିଅଛି ଯେ ମେଞ୍ଚେଷ୍ଟର ଲୁଗା ମହାଜନଙ୍କ ଆବେଦନପତ୍ର ପ୍ରାପ୍ତ ହୋଇ ଆମ୍ଭମାନଙ୍କର ଇଂଲଣ୍ଡସ୍ଥ ରାଜମନ୍ତ୍ରୀ ମାରକୁଇସ ସାଲିସବରୀ ଉତ୍ତର ଦେଲେ ଯେ କପାରୁ ପ୍ରସ୍ତୁତ ହୋଇଥିବା ବସ୍ତ୍ର ଓ ସୂତା ଉପରେ ବର୍ତ୍ତମାନ ଭାରତବର୍ଷରେ ଯେଉଁ ମାସୁଲ ଗୃହୀତ ହେଉଅଛି ତାହା କ୍ରମଶଃ ନ୍ୟୁନ କରିବା ଓ ଶେଷରେ ଏହାକୁ ଉଠାଇ ଦେବା ଉଦ୍ଦେଶ୍ୟରେ ଉପାୟ କରିବାକୁ ଭାରତବର୍ଷୀୟ ଗବର୍ଣ୍ଣମେଣ୍ଟଙ୍କ ନିକଟକୁ କେତେ ମାସ ହେବ ଆଦେଶ ହୋଇଅଛି । ଯଦ୍ୟପି ଭାରତବର୍ଷୀୟ ଅର୍ଥ ବ୍ୟୟର ଅବସ୍ଥା ଭଲ ହେବ ତେବେ ତାହାଙ୍କ ବିବେଚନାରେ ବଣିକମାନଙ୍କ ପ୍ରାର୍ଥନା ଶୀଘ୍ର ସଫଳ ହୋଇପାରିବ । ସେ ଆହୁରି କହିଲେ କି ଭାରତବର୍ଷରେ କୌଣସି ନୂତନ ମାସୁଲ ବସାଇବା କାରଣ ସେ ଅନୁରୋଧ କରି ନ ପାରନ୍ତି । ବିଲାତର ଲୁଗା ବେପାରିମାନଙ୍କର ଏରୂପ କଠିନ ଷଡ଼ଯନ୍ତ୍ର ଦେଖି ଆମ୍ଭମାନଙ୍କର ଯେତେ ଭୟ ହେଉଅଛି କେବଳ ରାଜମନ୍ତ୍ରୀଙ୍କର ନୂତନ ଟାକ୍ସ ବସାଇବାକୁ ମାନସ ନ ଥିବାର ଶୁଣି ବର୍ତ୍ତମାନ ସକାଶେ ଏକପ୍ରକାର ନିଶ୍ଚିନ୍ତ ଜଣାଯାଉଅଛି ।

---

ପଟୁଆରି ନିଯୋଗ ଓ ପଟୁଆରି କାଗଜ ଦାଖଲ ପକ୍ଷରେ ବୋର୍ଡରେବନ୍ୟୁ ଯେଉଁ ବିଧାନ କରିଅଛନ୍ତି ଓ ଯାହା ଯୋଗ ବାଲେଶ୍ୱରର କଲେକ୍ଟର ସେଠା ଜମିଦାରଙ୍କ ଉପରେ ଅର୍ଥଦଣ୍ଡ ସ୍ଥିର କରିଅଛନ୍ତି ସେ ନିୟମମାନ ଗବର୍ଣ୍ଣମେଣ୍ଟ ବଙ୍ଗାଳ ମଞ୍ଜୁର କରି ଗତ ପ୍ରକାଶିତ କଲିକତା ଗେଜେଟରେ ସର୍ବସାଧାରଣଙ୍କ ଗୋଚରାର୍ଥେ ପ୍ରକାଶ କରାଇଅଛନ୍ତି । ଆମ୍ଭେମାନେ ଶୁଣିଅଛୁଁ ଯେ ବାଲେଶ୍ୱରର ଜମିଦାରମାନେ ଏ ବିଷୟରେ ଗବର୍ଣ୍ଣମେଣ୍ଟଙ୍କୁ ଆବେଦନପତ୍ର ପଠାଇଅଛନ୍ତି ମାତ୍ର କିଛି ପୂର୍ବରୁ ତାହା ଯାଇଥିଲେ ବୋଧ ହୁଏଇ ଆହୁରି ଭଲ ହୋଇଥାନ୍ତା । ଆବେଦନପତ୍ରରେ କି କେଉଁମାନ ଜମିଦାରମାନେ ଦର୍ଶାଇଅଛନ୍ତି ଆମ୍ଭେମାନେ ତହିଁର କିଛି ସମ୍ବାଦ ପାଇ ନାହୁଁ । କଟକ ଓ ପୁରୀର ଜମିଦାରମାନେ ତହିଁରେ ଯୋଗ ଦେଇଅଛନ୍ତି କି ନାହିଁ ତାହା ମଧ୍ୟ କହି ନ ପାରୁଁ କିନ୍ତୁ ନିୟମାବଳୀ ଦେଖିଲା କ୍ଷଣି ସହଜରେ ଜଣା ପଡୁଅଛି କି ଏଥିରେ ଜମିଦାରମାନଙ୍କର ବିଶେଷ କ୍ଲେଶ ହେବ ଓ ସେମାନେ ତହଖର୍ଚ୍ଚରେ ପଡିବେ ଅଥଚ ଗବର୍ଣ୍ଣମେଣ୍ଟ ଏଥିରୁ ଯେ ପରିମାଣରେ ଉପକାରର ଆଶା ରଖନ୍ତି ତାହା ହେବ ନାହିଁ । ଗବର୍ଣ୍ଣମେଣ୍ଟ ଯେବେ ଏଥିର ପୁନର୍ବିଚାର କରି ଜମିଦାରମାନଙ୍କୁ ଏ ଅନର୍ଥକ ବିପଦରୁ ରକ୍ଷା କରନ୍ତି ତେବେ ବଡ ଭଲ ହେବ ।

---

ମୁରସିଦାବାଦର ଜଣେ ବିଖ୍ୟାତ ଧନୀ ରାୟ ଧନପତି ସିଂହ ବାହାଦୁର ରାଜକୁମାରଙ୍କର ଏ ଦେଶକୁ ଆଗମନ ବିଷୟ ସ୍ମରଣାର୍ଥେ ବାର୍ଷିକ ଟ ୧୫୦୦ ଙ୍କା ଗୋଟିଏ ଛାତ୍ରବୃତ୍ତି ସ୍ଥାପନ ସକାଶେ ଦାନ କରିବାକୁ ସ୍ୱୀକାର କରିଥିଲେ । ଏ ଟଙ୍କାରେ ମାସକୁ ମାସ ଟ ୧୨୫ଙ୍କା ଲେଖାଏ ଛାତ୍ରବୃତ୍ତି ଦେବାର କଥା ଥିଲା କିନ୍ତୁ ସମ୍ପ୍ରତି ସେ ମାନସ ପରିବର୍ତ୍ତନ କରି ଉକ୍ତ ଟଙ୍କା କଲିକତାର ପ୍ରସ୍ତାବିତ ବିଜ୍ଞାନ ବିଦ୍ୟାଳୟର ଉନ୍ନତି ସକାଶେ ଦାନ କରିଅଛନ୍ତି । ଲେଫ୍ଟନାଣ୍ଟ ଗବର୍ଣ୍ଣର ସାହେବ ଏଥିପାଇଁ ତାହାଙ୍କୁ ଧନ୍ୟବାଦ ଦେଇ ଗବର୍ଣ୍ଣମେଣ୍ଟ ଗେଜେଟରେ ତାହା ପ୍ରକାଶ କରିଅଛନ୍ତି ।

ଏ ଦାନ ଛଡା ରାୟ ଧନପତି ସିଂହ ବାହାଦୁର ଆଉ ଗୋଟିଏ ଅତ୍ୟନ୍ତ ହିତକର ଓ ଶୁଭ ପ୍ରସ୍ତାବ କରିଅଛନ୍ତି । ତାହାଙ୍କର ଇଚ୍ଛା ଅଛି ଯେ ରାଣାଘାଟଠାରୁ ଭଗବାନଗୋଲା ପର୍ଯ୍ୟନ୍ତ ଆପଣା ବ୍ୟୟରେ ଗୋଟିଏ ଲଘୁ ରେଲବେ ପ୍ରସ୍ତୁତ କରିବେ ଓ ଗବର୍ଣ୍ଣମେଣ୍ଟଙ୍କର ବିବେଚନା ଏହି ଯେ ରାଣାଘାଟଠାରୁ କୃଷ୍ଣନଗର ବ୍ରହ୍ମପୁର ଓ ମୁରଶିଦାବାଦ ହୋଇ ଗଙ୍ଗାକୂଳ ଭଗବାନଗୋଲା ପର୍ଯ୍ୟନ୍ତ ଗୋଟିଏ ରେଲବାଟ ହେଲେ ଭଲ ହେବ । ସୁତରାଂ ରାୟ ଧନପତି ସିଂହଙ୍କ ହେତୁ ଏପରି ଗୋଟିଏ ମହତ ଉପକାର ହେବାର ଥିବାରୁ ଗବର୍ଣ୍ଣମେଣ୍ଟ ତହିଁପାଇଁ ତାହାଙ୍କୁ ଧନ୍ୟବାଦ ଦେଇଅଛନ୍ତି । ଗବର୍ଣ୍ଣମେଣ୍ଟ ଇଣ୍ଡିଆ ଏ ପ୍ରସ୍ତାବରେ ସମ୍ମତ ହେବେ କି ନାହିଁ ଜଣା ଯାଇ ନାହିଁ ।

---

Digitized by srujanika@gmail.com

ଅଳ୍ପ କାଲ ଏ ନଗରକୁ କେତେଗୁଡ଼ଏ ପହଲବାନ ଆମଦାନୀ ହେଉଅଛନ୍ତି । ଏଥିପୂର୍ବେ ଦୁଇଜଣ ଗ୍ରେଟବେ ପହଲବାନଙ୍କର କୁସ୍ତି ହୋଇଥିଲା ଓ ତହିଁପାଇଁ ଟିକେଟ ବିକ୍ରୟ ହୋଇ ପ୍ରାୟ ଟ ୧୬ କା ଆଦାୟ ହୋଇଥିଲା । ଯେଉଁ ପହଲବାନ ଜିଣିଲା ସେହି ଟଙ୍କାରୁ ତାହାକୁ ପାରିତୋଷିକ ଦିଆଗଲା । ଯେ ହାରିଲା ସେ ପଲାୟନ କଲା । ତହୁଁ ଉତ୍ତାରୁ ଗତ ମଙ୍ଗଳବାର ବାବୁ ଗୋଲକଚନ୍ଦ୍ର ବୋଷଙ୍କ କୋଠାରେ ଚାରି ପହଲବାନର ଲଢ଼ାଇ ହୋଇଥିଲା ସେ ଦିନ ବହୁତ ଲୋକ ଦେଖିବାକୁ ଯାଇଥିଲେ । ଚାରି ପହଲବାନ ମଧ୍ୟରେ ଜଣେ ପଞ୍ଜାବୀ ଦୁଇଜଣ ଗ୍ରେଟବେ ଓ ଏକଜଣ କଟକୀ ଥିଲା । ପଞ୍ଜାବୀ ପହଲବାନ ସମସ୍ତଙ୍କୁ ଜିଣିଲା ଓ କଟକୀ ପହଲବାନ ଜଣେ ଗ୍ରେଟବେକୁ କୁସ୍ତିରେ ହରାଇ ଦେଲା । ଆମ୍ଭେ କଟକୀକୁ ପହଲବାନ ବୋଲି ପରିଚୟ ଦେବାର ତାତ୍ପର୍ଯ୍ୟ ଏହି ଯେ ଏ ବ୍ୟକ୍ତି ଏପର୍ଯ୍ୟନ୍ତ ଆଖଡ଼ାର ଜଣେ ସାମାନ୍ୟ କୁସ୍ତିଗିର ଥିଲା । ଏହିଥର ଜଣେ ପହଲବାନ ସଙ୍ଗେ ଲଢ଼ାଇ କରି ଜିଣିବାରୁ ଢୋଲକ ବଂଶୀ ବାଜା ସଙ୍ଗେ ସେନ ବଜାରରେ ନୂଆ ପହଲବାନ ହେବାର ଘୋଷଣା କରାଇଲା । ସୁତରାଂ ଏଣିକି ଏହାକୁ ପହଲବାନ କହିବାକୁ ହେବ ଓ ସ୍ୱଦେଶୀୟ ଜଣେ ପହଲବାନକୁ ଜିଣିବାରୁ ଏହାର ସୁଖ୍ୟାତି ହୋଇଅଛି ସନ୍ଦେହ ନାହିଁ । ଲୋକେ ପ୍ରତ୍ୟକ୍ଷରେ ଦେଖିଲେ ଯେ କଟକୀ ଆଖଡ଼ାବାଲାମାନେ ନିତାନ୍ତ ଊଣା ଲୋକ ନୁହନ୍ତି ଏହାଙ୍କ ମଧ୍ୟରେ ଯୁବା ଜଣେ୨ ବଳବାନ୍ ହୋଇ ବାହାରୁଅଛନ୍ତି ।

---

କଟକର କଲେକ୍ଟରୀ ସିରସ୍ତାଦାରଙ୍କ ଉପରେ ଅର୍ଥଦଣ୍ଡ ହୋଇଥିବାର ଅମ୍ଭେମାନେ ଗତପତ୍ରରେ ଲେଖିଥିଲୁଁ ବୋର୍ଡରେଭିନ୍ୟୁ ଗବର୍ଣ୍ଣମେଣ୍ଟ ବଙ୍ଗାଲଙ୍କୁ ଏବିଷୟରେ ଯେଉଁ ରିପୋର୍ଟ ପଠାଇଅଛନ୍ତି ତହିଁର ବୃତ୍ତାନ୍ତ ଡେଲିନିଉସରେ ଛପା ହୋଇଅଛି । ତହିଁରୁ ଜଣାଯାଏ କି ବୋର୍ଡ ନିମ୍ନଲିଖିତରୂପ ଅଭିପ୍ରାୟ ପ୍ରକାଶ କରିଅଛନ୍ତି ଯଥା,—

କଲେକ୍ଟର ସାହେବ ସିରସ୍ତାଦାରଙ୍କ ସପକ୍ଷରେ ଯାହା ଲେଖିଅଛନ୍ତି ବୋର୍ଡର ମେମ୍ବର ତାହା ମନୋଯୋଗପୂର୍ବକ ବିଚାର କରିଅଛନ୍ତି । ସିରସ୍ତାଦାରଙ୍କ ଚରିତ୍ର ଅତି ଉତ୍କୃଷ୍ଟ ବୋଲି ଲେଖା ହୋଇଅଛି ଏବଂ ଜଣେ ବହୁଦର୍ଶୀ ଓ ଉପଯୁକ୍ତ କାର୍ଯ୍ୟକାରକଙ୍କଦ୍ୱାରା ତାହା ବ୍ୟକ୍ତ ହୋଇଥିବାରୁ ଗୁରୁତର ବୋଧ ହେଉଅଛି । ସିରସ୍ତାଦାର ଦୀର୍ଘକାଳ ଉତ୍ତମରୂପେ କର୍ମ ନିର୍ବାହ କରି ଆସିଥିବାରୁ ଏଥର ତାହାଙ୍କପ୍ରତି ଦୟାଳୁଭାବରେ ବିବେଚନା କରିବା ଉଚିତ ଜ୍ଞାନ ହେଉଅଛି । ଏହିବିଷୟ ସମ୍ପୂର୍ଣ୍ଣରୂପେ ସ୍ୱୀକାର କଲେ ମଧ୍ୟ ସିରସ୍ତାଦାର ଯେ ଓଡ଼ିଆ ସିରସ୍ତାର ସକଳ ଶାଖାର କାର୍ଯ୍ୟନିମିତ୍ତ ଦାୟୀରହି ଏ ନିୟମଟିକୁ ସ୍ଥିର ରଖିବାସକାଶେ ଶ୍ରୀଯୁକ୍ତ ମନି ସାହେବ ମେମ୍ବର ଅବଶ୍ୟକ ବିବେଚନା କରନ୍ତି । ସିରସ୍ତାଦାରଙ୍କ ପୂର୍ବଚରିତ୍ର ତାହାଙ୍କ ସପକ୍ଷରେ ନ ଥିଲେ ଓ ତାହାଙ୍କଦ୍ୱାରା ପରିଶେଷରେ ଉକ୍ତ ଭିତ୍ତିକ କାରବାରମାନ ଧରା ପଡ଼ି ନ ଥିଲେ ଭାରପ୍ରାପ୍ତ ମେମ୍ବର ତାହାଙ୍କପ୍ରତି ବର୍ତ୍ତମାନ ମୋକଦ୍ଦମାରେ କଠିନ ଆଜ୍ଞା ପ୍ରଚାର ସକାଶେ ଅନୁରୋଧ କରନ୍ତେ । ଅତଏବ ବୋର୍ଡର ମେମ୍ବର ସୁପାରିସ କରୁଅଛନ୍ତି କି ଆଗାମୀ ଦୁଇମାସ ସକାଶେ ତାହାଙ୍କ ବେତନର ଚତୁର୍ଥାଂଶ ଲିଣା ହେବ ।

ଅମ୍ଭେମାନେ ବୋଧ କରୁଁ ଗବର୍ଣ୍ଣମେଣ୍ଟ ବୋର୍ଡଙ୍କ ଅନୁରୋଧ ଗ୍ରାହ୍ୟ କରିବେ ମାତ୍ର ଅମ୍ଭମାନଙ୍କୁ ବାଧ୍ୟ ହୋଇ କହିବାକୁ ପଡ଼ିଲା ଯେ କଲେକ୍ଟର ସାହେବ ସିରସ୍ତାଦାରଙ୍କ ଏପରି ଗୁରୁତର ଦୋଷର କିଛିମାତ୍ର ଦଣ୍ଡ ପ୍ରଥମରେ ନ ଦେବାରୁ ଏତେସବୁ କଥା ଗଲା । ସିରସ୍ତାଦାରଙ୍କ ଦୋଷ ଯେତେ ଅଧିକ ହେଲେ ଅସାବଧାନତା ଭିନ୍ନ ଆଉ କିଛି ନୁହଇ ଓ ତହିଁପାଇଁ କିଛି ଅର୍ଥଦଣ୍ଡ କରି ଦେଇଥିଲେ ସବୁଥିରେ ଭଲ ହୋଇଥାନ୍ତା । ଯେଉଁସ୍ଥଳେ ଦେଖାଯାଏ ଯେ ଏଥିରୁ ଅନେକ ଗୁଣରେ ସାମାନ୍ୟ ଦୋଷ ସକାଶେ କଲେକ୍ଟର ସାହେବ କ୍ଷୁଦ୍ର ଅମଲାମାନଙ୍କୁ ଜରିମାନା ଓ ସସପେଣ୍ଡ କରୁଅଛନ୍ତି ସେସ୍ଥଳେ ସିରସ୍ତାଦାରଙ୍କୁ କିଛି ନ କହିବାରୁ ସାଧାରଣରେ ଏତିକି ପ୍ରକାଶ ହୋଇଥିଲା ଯେ କାମ୍ସ ସାହେବ ସିରସ୍ତାଦାରଙ୍କୁ ଅତିରକ୍ତରୂପେ ଦେଖୁ ପାରନ୍ତି ଓ ଏପରି ସାଧାରଣ ବିଶ୍ୱାସ ଜନ୍ମାଇବା ଅତ୍ୟନ୍ତ ଗର୍ହିତ କାର୍ଯ୍ୟ ଅଟଇ ! ଶ୍ରୀଯୁକ୍ତ କାମ୍ସ ସାହେବ ବହୁଦର୍ଶୀ ଥିବା ପ୍ରତ୍ୟକ୍ଷେ ଏତିକି ଯାହା ନ ଦେଖିଲେ ବଡ ଆଶ୍ଚର୍ଯ୍ୟର ବିଷୟ ଅଟଇ ।

---

ଡକାଇତି ।

ଉତ୍କଳଦର୍ପଣରୁ ଅବଗତ ହେଲୁଁ ଯେ ଗତମାସ ତା ୨୫ ରାତ୍ରିରେ । ପ୍ର । ମୂଳଗାଁ ପ୍ରଭୃତି ଗ୍ରାମରେ ପ୍ରହ୍ଲାଦ ମହାପାତ୍ର ଘରଠାରେ ଗୋଟିଏ ଡକାଇତି ହୋଇ ଯାଇଅଛି । ଡକାଇତମାନେ ମୟୂରଭଞ୍ଜ କିଲା ଅନ୍ତର୍ଗତ ଧଲଭୂମି ଓ ବ୍ରାହ୍ମଣପାଟି ନିବାସି ଅଟନ୍ତି । ଏମାନେ ୨୮ ଣ ଏକଦଳ ସୃଷ୍ଟି କରିଅଛନ୍ତି ଓ ଏହିମଧ୍ୟରୁ ତିନିଜଣ ସରଦାର ଅଟନ୍ତି । ଦିନବେଳେ ସରଦାରମାନେ ଘର ଠିକଣା କରିଥିଲେ । ରାତ୍ର ଘ ୧୦ ଘା ସମୟରେ ସବୁ ଡକାଇତମାନେ ବନ୍ଧୁକ ତରବାରି ବର୍ଚ୍ଛା ପ୍ରଭୃତି ଘେନି ମସାଲ ଜ୍ୱାଳି ଆଖୁପେଡ଼ା ଢେଙ୍କିରେ ଦ୍ୱାର ଭାଙ୍ଗି ଘର ମଧ୍ୟରେ ପ୍ରବେଶ କଲେ । ବାହାର ପ୍ରସ୍ଥରେ ଥିବା ତିନିଜଣ ଚାକରଙ୍କୁ ତାହାଙ୍କ ପିନ୍ଧିବା ଲୁଗାରେ ବାନ୍ଧି ପକାଇ ଦ୍ୱିତୀୟ ପ୍ରସ୍ଥକୁ ଗଲେ । ସେଠାରେ ନିଜେ ପ୍ରହ୍ଲାଦ ମହାପାତ୍ର, ତାହାଙ୍କ ଭାଇ ଓ ତାହାଙ୍କ ପୁଅ ସେମାନଙ୍କୁ ଏପରି ବାଧା ଦେଲେ ଯେ ଡକାଇତମାନଙ୍କ ମଧ୍ୟରୁ କେତେକ ଲୋକ ବାଧ ହୋଇ ସେଠାରୁ ଫେରି ଆସି ବାଡ଼ବାଟେ ଗୃହମଧ୍ୟକୁ ଗଲେ । ଅନ୍ଦାଜ ଟ ୪୮୦ ମୂଲ୍ୟର ଦ୍ରବ୍ୟ ଅପହରଣ କଲେ । ଏହି ଗୋଳମାଳରେ ଗ୍ରାମବାସିମାନେ ସମସ୍ତ ଜାଗରିତ ହୋଇ ସେଠାରେ ଉପସ୍ଥିତ ହେବାରୁ ଡକାଇତମାନେ ପଳାଇଲେ କିନ୍ତୁ ଫଇକୁଣ୍ଡା ସରଦାର ପଛରେ ଥିବାରୁ ପ୍ରହ୍ଲାଦର ଭାଇ ତାହାକୁ ମଷ୍ଟିଦ୍ୱାରା ଅଟକାଇ ତରବାରିଦ୍ୱାରା ତାହା ଶରୀରର କେତେକ ସ୍ଥାନରେ ଆଘାତ କରିବାରୁ ସେ ନିସ୍ତେଜ ହୋଇ ପଡ଼ିଗଲା ଓ ନନ୍ଦସିଂହ ଆଉ ଜଣେ ଡକାଇତ ଦଳରୁ ଅଲଗା ହୋଇ ଯାଇ ଥିବାରୁ କୃଷ୍ଣନାୟକ ପ୍ରଭୃତି ଗ୍ରାମବାସିମାନେ ତାକୁ ଗିରଫ୍ତାର କରିଅଛନ୍ତି । ଏରୂପ ଦୁଇଜଣ ଡକାଇତ ହସ୍ତଗତ ହୋଇଅଛନ୍ତି ଓ ତାଙ୍କ ପ୍ରମୁଖାତୁ ଅନ୍ୟମାନଙ୍କ ନାମ ଜଣାଯାଇଅଛି । ସୁଯୋଗ୍ୟ ଇନସ୍ପେକ୍ଟର ବାବୁ ଶାରଦା ପ୍ରସାଦ ବୋଷ ପ୍ରଭୃତି ଅନ୍ୟ ଡକାଇତମାନଙ୍କୁ ଗିରଫ୍ତାର କରିବାକୁ ପ୍ରେରିତ ହୋଇଅଛନ୍ତି । ଭରସା ହୁଏ ଏମାନେ କୃତକାର୍ଯ୍ୟ ହେବେ । ଯେଉଁମାନଙ୍କ ସାହସରୁ ପୂର୍ବୋକ୍ତ ଦୁଇଜଣ ଡକାଇତ ଧରା ପଡ଼ିଅଛନ୍ତି ସେମାନଙ୍କୁ ପୁରସ୍କାର ଦେବାର ଉଚିତ ।

ଉତ୍କଳ ଦର୍ପଣ ବୋଲନ୍ତି ଯେ ମୟୂରଭଞ୍ଜରେ ଅନେକ ଡକାଇତ ଅଛନ୍ତି କିନ୍ତୁ ରାଜା ସେମାନଙ୍କୁ ଶାସନ କରିବାର କୌଣସି ଉପାୟ କରୁ ନାହାନ୍ତି । ଏଥିପାଇଁ ରାଜା ଓ କମିଶ୍ନର ସାହେବଙ୍କୁ ଏବିଷୟରେ ଦୃଷ୍ଟି ରଖିବାକୁ ଅନୁରୋଧ

Split by PDF Splitter
Digitized by srujanika@gmail.com

Split by PDF Splitter



କରିଅଛନ୍ତି । ଆମ୍ଭେମାନେ ଏଥିରୁ ଆଉ କିଛି ଅଧିକ ଅନୁରୋଧ କରିବା ଉପଯୁକ୍ତ ଜ୍ଞାନ କରୁଅଛୁଁ ଗବର୍ଣ୍ଣମେଣ୍ଟ ଡକାଇତଙ୍କୁ ଶାସନ କରିବା ସକାଶେ ରାଜାଙ୍କୁ ଦୃଢ଼ରୂପେ ଆଜ୍ଞା ଦେଉନ୍ତୁ ଓ ଉପଯୁକ୍ତ ସମୟରେ ଯେବେ ସେ ତାହା କରିବାକୁ ଅକ୍ଷମ ହୁଅନ୍ତି ତେବେ ରାଜାଙ୍କ ବ୍ୟୟରେ ଅତିରିକ୍ତ ପୁଲିସ ନିଯୁକ୍ତ କରାଇ ଡକାଇତମାନଙ୍କର ମୂଳୋତ୍ପାଟନ କରନ୍ତୁ ଯେମନ୍ତ ମୟୂରଭଞ୍ଜ ତେମନ୍ତ ଅନ୍ୟାନ୍ୟ ଗଡ଼ଜାତରେ ମଧ୍ୟ ଏପରି ଡକାଇତି ନ ହେଉ ବାଠ ଚେଷ୍ଟା ହେବାର ଶୁଣାଯାଏ । ରାଜାମାନଙ୍କୁ ପୁଲିସ ଖର୍ଚ୍ଚ ଦେବାକୁ ବାଧ୍ୟ କଲେ ସେମାନେ ଆପଣା କର୍ତ୍ତବ୍ୟ ବୁଝିପାରି ତଦ୍ବିଷୟକୁ ଭଲ ବନ୍ଦୋବସ୍ତ କରିବେ ।

---

### ଦୋଳଯାତ୍ରା ।

ଅଦ୍ୟ ଦୋଳପୂର୍ଣ୍ଣିମା ଓ କାଲି ଧୋଳିଣ୍ଡି ଅଟଇ । ଏପତ୍ରିକା ନିୟମାନୁସାରେ କାଲି ବାହାର ଆନ୍ତା ମାତ୍ର ଯାତ୍ରାଉପଲକ୍ଷରେ ଦୁଇଦିନ ଆମ୍ଭମାନଙ୍କ କାର୍ଯ୍ୟାଳୟ ବନ୍ଦ ହେବାର କଥା ଥିବାରୁ କର୍ମଚାରୀଙ୍କୁ ଅବସର ଦେବାନିମିତ୍ତ ଏକଦିନ ପୂର୍ବରୁ ପତ୍ରିକା ବାହାର କଲୁଁ ପାଠକମାନେ ଏଥିରେ କୌଣସି ନିୟମ ପରିବର୍ତ୍ତନର କଳ୍ପନା କରିବେ ନାହିଁ । ଦୋଳଯାତ୍ରା ଓଡ଼ିଶାର ପ୍ରଧାନ ପର୍ବ କାରଣ ଏଦେଶବାସିମାନେ ବଙ୍ଗଳାର ଦୁର୍ଗୋତ୍ସବ ପରି ଏପର୍ବକୁ ମାନନ୍ତି ଓ ମୋଫସଲରେ ଠାକୁର ମିଳନର ବଡ଼ ଧୂମଧାମ ହୁଅଇ ମାତ୍ର ବିଶେଷ କାରଣରୁ ଏନଗର ମଧ୍ୟରେ ତହିଁର ସମାରୋହ ଅଧିକ ଥାଏ ନା । ଆଜକୁ ଦ ୫ ନ ହେଲା ଯାତ୍ରା ଆରମ୍ଭ ହେଲାଣି କିନ୍ତୁ ନଗରର କୌଣସି ସ୍ଥାନରେ କିଛି ଉତ୍ସବ ଦେଖିବାରେ ଆସି ନାହିଁ । କେବଳ ଏହିବର୍ଷ ଏମନ୍ତ ହୋଇଅଛି ତାହା ନୁହେ । ଏନଗରର ଅବସ୍ଥା ଏହିରୂପ । ଭୂଜପୁରିୟା ଓ ମାରୱାଡ଼ି ମହାଜନମାନେ ଆପଣା ମଧ୍ୟରେ ସାମାନ୍ୟରୂପ ଆମୋଦ କରନ୍ତି ଓ ପଲ୍ଟନରେ ଥିବା ସିପାହିମାନେ ବଡ଼ ସୁଗଲର କରନ୍ତି ମାତ୍ର ଏବର୍ଷ ପଲ୍ଟନ ବର୍ତ୍ତମାନ ସମୟରେ ବଦଳ ହେବାରୁ ତାହାସୁଦ୍ଧା ଭଲ ହୋଇ ନାହିଁ । ଏପରି ବଙ୍ଗାଳିମାନେ ଠାକୁର ବିମାନ ନେଇ ସାମାନ୍ୟରୂପ ମିଳନ କରାଇ କୌଣସିରୂପେ ପର୍ବ ରକ୍ଷା କରନ୍ତି । କେବଳ ଉଚ୍ଚ ଶ୍ରେଣୀର ଲୋକଙ୍କ ମଧ୍ୟରେ ଏସମୟରେ ଆମୋଦ ପ୍ରମୋଦର ସମ୍ପୂର୍ଣ୍ଣ ଅଭାବ ଦେଖାଯାଏ । ତହିଁର କାରଣ ଏହି ଯେ କଟକନଗର ଭଦ୍ରଲୋକଙ୍କର ଆଦିମ ନିବାସ ନୁହଇ । ଏଠାରେ ଯେତେ ଭଦ୍ରଲୋକ ରହି ଅଛନ୍ତି ଦୁଇଚାରି ଘର ଛଡ଼ା ପ୍ରାୟ ସମସ୍ତ ମୋଫସଲବାସୀ ଓ ଘର ନିକଟ ହେବାରୁ ପର୍ବ ବା କ୍ରିୟା କଳାପ ସମୟରେ ଆପଣା ଘରକୁ ଯାଇ ଯେଯାହା ସାଧ୍ୟାନୁସାରେ ସେକର୍ମମାନ ନିର୍ବାହ କରନ୍ତି । କେବଳ ରୋଜଗାର ବା ମାମଲା ମୋକଦ୍ଦମା ଉପଲକ୍ଷରେ ଏମାନଙ୍କୁ ନଗର ମଧ୍ୟରେ ଅନେକ କାଳ ରହିବାକୁ ପଡ଼ଇ । ବଙ୍ଗଳା ଅଥବା ଅନ୍ୟ ଦୂରଦେଶରୁ ଯେଉଁମାନେ ଏଠାରେ ଆସି ରହିଅଛନ୍ତି ସେମାନେ କେବଳ ଅର୍ଜନ ସକାଶେ ଏଠାକୁ ଆସିଥିବାରୁ ଆପଣା ଉଦ୍ଦେଶ୍ୟ ପାସୋରନ୍ତି ନାହିଁ ଯହିଁରେ ବ୍ୟୟ ହେବ ତହିଁ ପ୍ରତିକୁ ଏମାନେ ଯିବାର ପ୍ରତ୍ୟାଶା ହୋଇ ନ ପାରେ । ଏହିରୂପେ ଦେଖାଯାଏ ଯେ କଟକନଗରଟା ବୃହତ୍ ଚଟିଘର ମାତ୍ର ଏଠାକୁ କେବଳ ରୋଜଗାର ସକାଶେ ଲୋକେ ଆସନ୍ତି । ଏପରି ଅବସ୍ଥାରେ ଏନଗରସ୍ଥ ଭଦ୍ରମଣ୍ଡଳୀରେ କୌଣସି ପର୍ବ ସମୟରେ ଉତ୍ସବ ହେବାର ଘଟନା ହୁଅଇ ନାହିଁ ।

ଏ ପ୍ରସଙ୍ଗ ଲେଖୁଁ ୨ ଆମ୍ଭମାନଙ୍କ ମନରେ ଆଉ ଗୋଟିଏ କଥା ପଡ଼ିଗଲା । ତାହା ଏହି ଯେ ଓଡ଼ିଆମାନଙ୍କ ମଧ୍ୟରେ ସାମାଜିକତା ଅତ୍ୟଳ୍ପ ଦେଖାଯାଏ । ବଙ୍ଗାଳୀ ଓ ମୁସଲମାନମାନେ ଯେମନ୍ତ କୌଣସି କ୍ରିୟା କି ପର୍ବ ଉପଲକ୍ଷରେ ଆପଣା ବନ୍ଧୁବାନ୍ଧବ ଓ ପରିଚିତ ଲୋକଙ୍କୁ ନେଇ ଏକତ୍ରରେ ବସି ଆମୋଦ ପ୍ରମୋଦ କରନ୍ତି ଓଡ଼ିଆଙ୍କ ମଧ୍ୟରେ ସେରୂପ ଦେଖା ଯାଇ ନାହିଁ । କେବଳ ଦେଖାଯାଇ ନାହିଁ କାହିଁକି ସେଭଳି ଅବସ୍ଥାରେ ମଧ୍ୟ ସେମାନେ ରହିବାକୁ ଶିଖି ନାହାନ୍ତି । ଏହି ନଗରମଧ୍ୟରେ ଅନେକ ସମ୍ଭ୍ରାନ୍ତ ଓଡ଼ିଆଙ୍କର ବସା ଅଛି ଓ କାର୍ଯ୍ୟୋପଲକ୍ଷରେ ହେଲେସୁଦ୍ଧା ବର୍ଷମଧ୍ୟରେ ଅଧିକାଂଶ କାଳ ରହିବାକୁ ପଡ଼ଇ କିନ୍ତୁ କାହାର ଖଣ୍ଡିଏ ସୁସଜ୍ଜିତ ବୈଠକଖାନା ନାହିଁ ଯେ ଆଧୁନିକ ରୀତ୍ୟନୁସାରେ ତହିଁରୁ ତାହାଙ୍କର ମର୍ଯ୍ୟାଦାର ପରିଚୟ ପ୍ରାପ୍ତ ହେବ ଓ ତାହାଙ୍କ ତୁଲ୍ୟ ମର୍ଯ୍ୟାଦାର ଇଂରାଜ ବଙ୍ଗାଳୀ କି ମୁସଲମାନଙ୍କୁ ବସାଇ ତାହାଙ୍କର ସମ୍ମାନ କରିବେ । ବର୍ଷମଧ୍ୟରେ କୌଣସି ପର୍ବ କି କ୍ରିୟା ସମୟରେ ଅନେକ ଲୋକଙ୍କୁ ଆମନ୍ତ୍ରଣ କରି ସଙ୍ଗୀତ ବା ଭୋଜଦ୍ଵାରା ତୁଷ୍ଟ କରାଇବା କିମ୍ବା ଏକତ୍ରରେ ବସି ଆମୋଦ ପ୍ରମୋଦ କରିବାର କୌଣସି ସମୟରେ ଦେଖା ଯାଇ ନାହିଁ । କୌଣସି ପାରିବାରିକ ଶୁଭଘଟନା ହେଲେ କେହି ୨ ସମ୍ଭ୍ରାନ୍ତଲୋକ ମିଠାଇ ବାଣ୍ଟିବାର ଆମ୍ଭେମାନେ ଦେଖିଅଛୁଁ ମାତ୍ର ସେରୂପ ସମ୍ଭାଷଣ କରିବାରେ ବ୍ୟୟ ହୁଅଇ ସତ୍ୟ କିନ୍ତୁ ସାମାଜିକ ସୌହାର୍ଦ୍ଦତା ବର୍ଦ୍ଧନ ହେବାର ଅନୁମାନ ହୁଅଇ ନାହିଁ । ଅଧିକ କି ବୋଲିବା ଆପଣା ସ୍ଵଜାତୀୟଙ୍କ ମଧ୍ୟରେ ଏମାନଙ୍କର ଅଧିକ ସାମାଜିକ ମେଳ ରଖିବାର ଚେଷ୍ଟାସୁଦ୍ଧା କେହି କରନ୍ତି ନାହିଁ । ସୁତରାଂ ଐକ୍ୟତା ଅଭାବରୁ ଏଠାରେ ସାମାଜିକ ସୁଖ ଅଧିକ ଅନୁଭୂତ ହୁଅଇ ନାହିଁ ।

---

## ସାପ୍ତାହିକ ସଂବାଦ ।

କଟକର ଡଏଣ୍ଟ ମାଜିଷ୍ଟ୍ରେଟ ଫ୍ଲିକନ ସାହେବ ୬ ସପ୍ତାହର ଛୁଟୀ ନେଇ ଅଛନ୍ତି । ଏହି ଅଳ୍ପଦିନ ସକାଶେ କେହି ତାହାଙ୍କ କର୍ମରେ ଏକଟିଂ ରହିବ ନାହିଁ ।

ଦୋଳଯାତ୍ରା ଉତାରୁ ଶ୍ରୀଯୁତ କମିଶନର ସାହେବ ଖୋରଧା ବନ୍ଦୋବସ୍ତ କର୍ମ ଦେଖିବାକୁ ଯିବେ ଓ ଏକସପ୍ତାହ ସେଠାରେ ରହିବେ ।

ଏବର୍ଷର ପାଠ୍ୟପୁସ୍ତକ ସମ୍ପର୍କରେ ଆମ୍ଭେମାନେ ଯାହା ଲେଖିଥିଲୁଁ ଉତ୍କଳଦର୍ପଣ ତାହା ବୁଝି ପାରିଲେ ନାହିଁ ବୋଲି ଲେଖିଅଛନ୍ତି । ଅତଏବ ଆମ୍ଭେମାନେ ବୁଝାଇ କହୁଅଛୁଁ କି ଯେ ସମସ୍ତ ପୁସ୍ତକ ଛପା ହୋଇ ନ ଥିବାରୁ ଅବା ବିକ୍ରୟ ଶେଷ ହୋଇଥିବାରୁ ମିଳୁଁ ନ ଥିଲା ଏମନ୍ତ ପୁସ୍ତକମାନ ତାଲିକାରେ ସ୍ଥାନ ପାଇଲା ଅଥଚ ଯେସମସ୍ତ ପୁସ୍ତକ ଉତ୍ତମ ବୋଲି ଶିକ୍ଷାବିଭାଗର କର୍ତ୍ତୃପକ୍ଷମାନେ କହିଥିବାରୁ ଛପା ହୋଇ ପଡ଼ି ରହିଅଛି ତାହା ଦିଆ ଗଲା ନାହିଁ । ଫଳ ଏହି ହୋଇଅଛି ଅବଧି ଛାତ୍ରମାନେ ସବୁପୁସ୍ତକ ପାଇ ନାହାନ୍ତି ।

ଜର୍ମାନୀଦେଶରେ ରୂପାର ମୁଦ୍ରା ପରିବର୍ତ୍ତେ ସୁନାର ମୁଦ୍ରା ପ୍ରଚଳିତ ହେବାରୁ ରୂପାର ଦର ବିଲାତରେ ଅତ୍ୟନ୍ତ ଶସ୍ତା ହୋଇଅଛି ଓ ସେଯୋଗୁଁ ଭାରତବର୍ଷରୁ ବିଲାତକୁ ଟଙ୍କା ପଠାଇବା ପାଇଁ ଅନେକ ବଟ୍ଟା ପଡ଼ିବାଦ୍ଵାରା ବିଶେଷ କ୍ଷତି ହେଉଅଛି । ଇଂଲଣ୍ଡର ବ୍ୟୟସକାଶେ ପ୍ରତିମାସ ଭାରତବର୍ଷରୁ ଯେତେ ଟଙ୍କା ଯାଏ ତାହା ଏହିକାରଣ ସେଠାକୁ ଯିବାର ଅସୁବିଧା ହେଉଅଛି ବୋଲି ସେଠାରେ ଟଙ୍କା ଋଣ କରିବାର ସଂକଳ୍ପ ହୋଇଅଛି ଓ ଏ ବିଷୟର

Digitized by srujanika@gmail.com

Split by PDF Splitter



ଅନୁସନ୍ଧାନ ସକାଶେ ଗୋଟିଏ କମିଟୀ ନିଯୁକ୍ତ ହେବାର ପ୍ରସ୍ତାବ ହୋଇ ପାର୍ଲେମେଣ୍ଟରେ ତାହା ଅନୁମୋଦିତ ହୋଇଅଛି ।

ଏଡ୍‌କେସନ ଗେଜେଟ ବୋଲନ୍ତି ଯେ, ଯୁବରାଜ ଏପର୍ଯ୍ୟନ୍ତ ଏ ଦେଶରୁ ଯେତେ ଉପହାର ପାଇଅଛନ୍ତି, ତହିଁ ମଧ୍ୟରେ ଟିବାଙ୍କୁରର ମହାରାଜାଙ୍କ ପ୍ରଦତ୍ତ ଗୋଟିଏ ଚିତ୍ର ଦେଖି ସେ ଯେରୂପ ମୋହିତ ହୋଇଅଛନ୍ତି ସେରୂପ ଅନ୍ୟ କାହିଁରେ ମୋହିତ ହୋଇ ନାହାନ୍ତି । ଏଦେଶୀୟ ଜଣେ ରମଣୀ ସଂଭାର ବଜାଉଅଛି ତହିଁରେ ଏହିମାନ ଚିତ୍ରିତ ହୋଇଅଛି । ଯୁବରାଜ ଏହି ଚିତ୍ରଟି ଦେଖି ମହାରାଜଙ୍କୁ ପଚାରିଲେ ଯେ ଏ ଚିତ୍ରଟି କି ଇଙ୍ଗଲଣ୍ଡର କୌଣସି ବିଖ୍ୟାତ ଚିତ୍ରକରଦ୍ୱାରା ନିର୍ମିତ ହୋଇଅଛି ? ମହାରାଜ କହିଲେ, ନା ଏହିଟି ଏଦେଶୀୟ ଜଣେ ଯୁବା ଅଙ୍କିଅଛି । ଏ ଯୁବକଟି ତାଙ୍କ ସରକାର୍ଯ୍ୟରେ ନିଯୁକ୍ତ ଅଛି । ମାନ୍ଦ୍ରାଜର ଶିଳ୍ପ ପ୍ରଦର୍ଶନରେ ଏହି ଚିତ୍ରକର ଗୋଟିଏ ପୁରସ୍କାର ପାଇଅଛି । ଭାରତବର୍ଷର କେଉଁଠାରେ ଯେ କେତେ ରତ୍ନ ପଡ଼ିଅଛି, ତାହା ଅନୁଭବ ମଧ୍ୟ କରାଯାଏ ନାହିଁ ।

ହେନରି ଟିସ୍ ସାହେବ ତମାଖୁ ବ୍ୟବହାରର ବିଶେଷ ପିଲମାନଙ୍କର ତମାଖୁ ସେବନରେ ଶାରୀରିକ ସାମାଜିକ ଓ ଚରିତ୍ର ଗତ ଦୋଷପ୍ରକାଶକ ଗୋଟିଏ ରଚନା ସକାଶେ ୫୦୦୦ ଟଙ୍କା ପାରିତୋଷିକ ଦେବାକୁ ଅଙ୍ଗୀକାର କରିଅଛନ୍ତି । ରଚନାଟି ଏପରି ହେବ ଯେ ତଦ୍ୱାରା ଶିକ୍ଷକ ଧର୍ମଯାଜକ ଏବଂ ପିତା ମାତାମାନେ ଉପଦେଶ ଓ ଉଦାହରଣଦ୍ୱାରା ଲୋକମାନଙ୍କୁ ତମାଖୁ ବ୍ୟବହାରରୁ କ୍ଷାନ୍ତ କରିବେ । ସାଧାରଣଙ୍କ ହିତ ସକାଶେ ଉଦାର ଲୋକମାନେ କେତେ ପ୍ରକାରରେ ଚେଷ୍ଟା କରନ୍ତି !

ଶ୍ରୀଯୁକ୍ତ କେଉମ ସାହେବ ଆସାମର ଯୁଡ଼ିସିଏଲ କମିଶ୍ନର ହୋଇଅଛନ୍ତି । କେଉମ ସାହେବଙ୍କ ପରି ଉତ୍ତମ କର୍ମଚାରୀ ମିଳନା ବିରଳ ଅଟଇ ।

ହିନ୍ଦୁପେଟ୍ରିଅଟରେ ଲେଖାଅଛି ଯେ ବର୍ତ୍ତମାନ ପୃଥିବୀର ଲୋକସଂଖ୍ୟା ୧୩୭,୫୫,୭୪,୮୬୦ ତହିଁ ମଧ୍ୟରୁ ଆସିଆରେ ୮୭୧୪୫୭୧୦୦ ଆମେରିକାରେ ୬୦୫୭୪୦୦୦ ଅଫ୍ରିକାରେ ୬୧୮୭୫୦୦୦ ଦକ୍ଷିଣ ସାଗରସ୍ଥ ଦ୍ୱୀପପୁଞ୍ଜରେ ୩୯୮୦୦୦୦ ଏବଂ ୟୁରୋପରେ ୨୭୪୭୧୭୬୬୦ ଅଟଇ । କେଉଁ ଧର୍ମାବଲମ୍ବୀ କେତେ ତହିଁର ମଧ୍ୟ ତାଲିକା ଏଥିରେ ଦିଆଯାଇଅଛି ଓ ତଦ୍ୱାରା ଦେଖାଯାଏ ଯେ ସବୁଠାରୁ ବୌଦ୍ଧମାନଙ୍କ ସଂଖ୍ୟା ଅଧିକ ଓ ତହିଁରୁ ଊଣା ଖ୍ରୀଷ୍ଟିୟାନ ଓ ତହିଁରୁ ଊଣା ମୁସଲମାନ ଅଟଇ ।

ଏଦେଶସ୍ଥ ଦରିଦ୍ର ଇଉରୋପୀୟଙ୍କ ଶିକ୍ଷା ବିଷୟରେ ସାହାଯ୍ୟ କରିବା ନିମିତ୍ତ ଆମ୍ଭମାନଙ୍କର ଗବର୍ଣ୍ଣର ଜେନେରଲ ଲର୍ଡ ନର୍ଥବ୍ରୁକ ସାହେବ ୫୦୦୦୦ ଟଙ୍କା ଦାନ କରିଅଛନ୍ତି ।

ଶିକ୍ଷାବିଭାଗର ବିଗତ ଡାଇରେକ୍ଟର ଅଟକିନ ସନ ସାହେବଙ୍କ ସ୍ମରଣାର୍ଥେ ବଙ୍ଗ ପ୍ରଦେଶର ସମସ୍ତ ସରକାର ବିଦ୍ୟାଳୟମାନ ଏକଦିନ ସକାଶେ ବନ୍ଦ ହୋଇଥିଲା ।

ବମ୍ବେ ଗଜେଟଙ୍କ ମତରେ ବମ୍ବେଇର ପ୍ରଧାନ ବାଣିଜ୍ୟ ଦ୍ରବ୍ୟ କପାର ଅବସ୍ଥା ବଡ଼ ଭଲ ଦିଶୁ ନାହିଁ । ପୂର୍ବାପେକ୍ଷା ଦାମ ଅନେକ ଊଣା ହୋଇଅଛି ତଥାପି ଗ୍ରାହକ ମିଳୁ ନାହାନ୍ତି ଓ ଆମେରିକାରୁ ଶସ୍ତାଦରରେ କପା ଆସି ଏଦେଶର କପାକୁ ବଜାରରୁ କ୍ରମଶଃ ବାହାର କରିଦେଉଅଛି ! ବମ୍ବେଇ ବଣିମାନେ ଏବିଷୟ ପ୍ରତି ବିଶେଷ ଦୃଷ୍ଟି ରଖନ୍ତୁ ।

ମହୀସୁରର ପ୍ରଧାନ ମନ୍ତ୍ରୀ ସର୍ ସାଲରଜଙ୍ଗ ଇଂଲଣ୍ଡକୁ ଯାଇଅଛନ୍ତି । କଥିତହୁଅଇ ଯେ ଗବର୍ଣ୍ଣମେଣ୍ଟ ଇଣ୍ଡିଆଙ୍କ ସହିତ କୌଣସି ବିଷୟର ଅନୈକ୍ୟତା ଘଟିଥିବାରୁ ତହିଁର ପ୍ରତୀକାର ନିମିତ୍ତ ସ୍ୱୟଂ ମହାରାଣୀଙ୍କର ଦରବାରକୁ ଯାଉଅଛନ୍ତି ।

ଚଳିତ ମାସ ପ୍ରଥମ ଭାଗରେ କଲିକତାରେ ମଧ୍ୟ ଭଲ ବର୍ଷା ହେବାର ଜଣାଯାଏ । ଗତକାଲିରୁ ବର୍ଷାଜଳରେ ବୁଡ଼ିଯାଇଥିଲା । ଓଡ଼ିଶାରେ ମେଘର ଦେଖା ନାହିଁ କାହିଁକି ?

ଉତ୍ତରପଶ୍ଚିମ ଅଞ୍ଚଳରେ ଅପରାଧକାରୀ ଜାତିଙ୍କର ଶାସନ ନିମିତ୍ତ ଯେଉଁ ଆଇନ ହୋଇଅଛି ତାହାକୁ ବଙ୍ଗପ୍ରଦେଶକୁ ବିସ୍ତାର କରିବା ସକାଶେ ବ୍ୟବସ୍ଥାପକ ସଭାରେ ଗୋଟିଏ ନୂତନ ଆଇନର ପାଣ୍ଡୁଲିପି ଆଗତ ହୋଇଅଛି ଏ ଆଇନଦ୍ୱାରା ଗଡ଼ଜାତର ପାଣଙ୍କର ଏକ ପ୍ରକାର ଶାସନ ହୋଇ ପାରିବ ।

ମୌଲମିନର ଜେଲଖାନାରୁ ଗତମାସଶେଷରେ ବନ୍ଦୀ କଏଦୀଏ ଦଳବଦ୍ଧ ହୋଇ ପଳାୟନ କରୁଥିଲେ । ସିପାହିମାନେ ଏହାଙ୍କ ପଛରେ ଧାଇଁ କି ୧୪ ଜଣକୁ ହତ ଓ କେତେକ ଜଣକୁ ଆହତ କଲେ ଅବଶିଷ୍ଟ ଲୋକଙ୍କୁ ପୁନର୍ବାର ଧରି ଆଣିଲେ । କଏଦୀମାନଙ୍କର ଏରୂପ ମତି କାହିଁକି ହେଲା ଜଣା ଯାଉ ନାହିଁ ।

ଆମେରିକା ଓ ଇଉରୋପ ସହିତ ସାକ୍ଷାତ୍‌ରୂପେ ବାଣିଜ୍ୟ କରିବା କାରଣ ଚୀନଦେଶର ଲୋକମାନେ ଗୋଟିଏ କମ୍ପାନି ସ୍ଥାପନ କରିଅଛନ୍ତି । ବାଣିଜ୍ୟ ବିଷୟରେ ନୂଆ କିଛି ହେବାର ବାହାରିବ ପରା ?

ରାୟ ହେମଚନ୍ଦ୍ର କର ବାହାଦୁର ଡେପୁଟୀ କଲେକ୍ଟର ଗବର୍ଣ୍ଣମେଣ୍ଟଙ୍କ ଆଜ୍ଞା କ୍ରମେ ଭାରତବର୍ଷୀୟ ତମାଖୁ ବିଷୟରେ ଅନୁସନ୍ଧାନ କରିବାକୁ ନିଯୁକ୍ତ ହୋଇଅଛନ୍ତି ।

ଡେଲିନ୍ୟୁସ ଶୁଣିଅଛନ୍ତି ଯେ ବାଙ୍କିପୁର ଅଥବା ଦିଘଆଠାରୁ ଗୟାକୁ ଯେଉଁ ସରକାରି ରେଲବାଟ ନିର୍ମାଣ ହେବାର ପ୍ରସ୍ତାବ କେତେକ ଦିନ ହେଲା ସ୍ଥାନୀୟ ଗବର୍ଣ୍ଣମେଣ୍ଟ କରିଥିଲେ ତାହା ଶୀଘ୍ର ପ୍ରସ୍ତୁତ ହେବ । ଆଗାମୀ ଅପ୍ରେଲ ମାସରୁ କର୍ମ ଆରମ୍ଭ ହେବାର ଶୁଣାଯାଏ ।

ଶ୍ୟାମରାଜା ଆପଣା ରାଜ୍ୟର ଉପକୂଳମାନ ଅନୁସନ୍ଧାନ କରିବା ସକାଶେ ଏକଦଳ ସର୍ଭେଅର ନିଯୁକ୍ତ କରି ପଠାଇ ଅଛନ୍ତି । କପ୍ତାନ ଲୋଫସ ଏ ସରଭେଅର ଦଳର ସରଦାର ହୋଇ ଅଛନ୍ତି !

ପାରସୀ ରାଜ୍ୟରେ ୩,୫୦,୦୦,୦୦୦ ଲୋକ ଅଛନ୍ତି ତହିଁ ମଧ୍ୟରେ ୮୨୦୦୦ ଲୋକ ମୁକ୍ତକଣ୍ଠରେ ସ୍ୱୀକାର କରନ୍ତି କି ସେମାନେ କୌଣସି ଧର୍ମାବଲମ୍ବୀ ନୁହନ୍ତି । ଧର୍ମ ବିଷୟରେ ଲୋକଙ୍କ ରୁଚି ଊଣା ହେବାର ଜଣାଯାଏ ।

ମୂଲ୍ୟପ୍ରାପ୍ତି ।

| | | |
|---|---|---|
| ବକ୍ସୀ ଗୋପୀନାଥ ପଟ୍ଟନାୟକ ଅଳଙ୍ଗ | ବକାୟା | ଟ ୧୦ |
| ବାବୁ ହରେକୃଷ୍ଣଦାସ | କଟକ ,, | ଟ ୩ |
| ,, ନିମାଇଚରଣ ନେଉଗୀ | ,, ,, | ଟ ୨ |
| ,, ଲକ୍ଷ୍ମୀନାରାୟଣବୋଷ | ଅଗ୍ରିମ | ଟ ୫ |
| ,, ହରମୋହନମିତ୍ର | ,, | ଟ ୫ |
| ଶ୍ରୀ ବେଲସାହେବ ପିପିଲି | ,, | ଟ [illegible] |
| ବାବୁ ଜଗନ୍ମୋହନରାୟ କଟକ | ବକାୟା | ଟ ୨ |
| ଚୌଧୁରୀ ଲାଲୁଚରଣମହାପାତ୍ର ଜସପଦା | ବକାୟା | ଟ ୨ |
| ସେଖକାଦର | କଟକ ,, | ଟ ୩ |
| ଶ୍ରୀ ରାଜା ବଡ଼େ ନୟାଗଡ଼ | ,, | ଟ ୨ |
| ଯେ, ଏମ ରଷ୍ଟେଟ ସାହେବ କଟକ | ଅଗ୍ରିମ | ଟ [illegible] |

ଏହି ଉତ୍କଳଦୀପିକା ସବ୍‌ସ୍କ୍ରାଇବରଙ୍କ ଧନାଧିକାର ବାଟ ପ୍ରିଣ୍ଟିଂକମ୍ପାନିଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରଚାରିତ ହେଲା ।

Digitized by srujanika@gmail.com

Split by PDF Splitter



REGISTERED NO. 18

# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା

ଭା ୧୨ ଗ
ସଂ ୧୨ ଖ୍ୟା

ତା ୧୮ ଋଣ ମାର୍ଚ୍ଚ ସନ ୧୮୭୭ ମସିହା । ମୂ । ଚୈତ୍ର ବ ୭ ନ ସନ ୧୨୮୪ ସାଲ ଶନିବାର

ଅଗ୍ରିମ ବାର୍ଷିକ ମୂଲ୍ୟ ଟ୪
ବର୍ଷାନ୍ତେ ମୂଲ୍ୟ ଦେଲେ ବର୍ଷକୁ ଟ୫
ମଫସଲ ପାଇଁ ଡାକମାସୁଲ ଟ୧୲୵

ବାଲେଶ୍ବର ସମ୍ବାଦବାହିକାରେ ପାଠ କଲୁଁ ଯେ ଗତମାସ ତା ୧୯ ରିଖ ସନ୍ଧ୍ୟା ସମୟରେ ବାଲେଶ୍ବର ନଗରର ନିକଟବର୍ତ୍ତୀ ଏକ ଗ୍ରାମରେ ଜଣେ ଗୃହସ୍ଥଘରେ ନିଆଁ ଲାଗିବାରୁ ଗୃହସ୍ଥ ଅଳ୍ପ ପ୍ରାଣରେ ନଷ୍ଟ ହୋଇଅଛି । ଗୃହସ୍ଥର ଦୁଇ ପୁଅ ଦୁଇ ଗର୍ଭବତୀ ବଧୂ ଗୋଟିଏ ନାତି ଓ ଗୋଟିଏ ଗୋରୁ ଘରୁ ବାହାର ନ ପାରି ଦଗ୍ଧ ହୋଇଅଛନ୍ତି । ସ୍ତ୍ରୀମାନେ ଲୋଭଗ୍ରସ୍ତ ହୋଇ ଟଙ୍କା ଇତ୍ୟାଦି ଆଣିବାକୁ ଘରେ ପଶିଥିଲେ ମାତ୍ର ଅଗ୍ନି ପ୍ରବଳ ହେବାରୁ ବାହାର ନ ପାରି ମାଟିକୋଠାରେ ଆଶ୍ରୟ ନେଲେ ତାହାଙ୍କ ସ୍ବାମିମାନେ ତାହାଙ୍କ ଉଦ୍ଧାର ଚେଷ୍ଟାରେ ଘରେ ପ୍ରବେଶ କରି ବାହାର ନ ପାରିବାରୁ ସମସ୍ତେ ଏକତ୍ରରେ ପ୍ରାଣ ହରାଇଲେ ହାୟ ! ଧନଲୋଭ କେଡ଼େ ଭୟଙ୍କର କେତେ ଲୋକ ଏଥିରେ ମୁଗ୍ଧ ହୋଇ କେତେ ପ୍ରକାରରେ ଆପଣା ପ୍ରାଣକୁ ବିସର୍ଜନ ଦେଉଅଛନ୍ତି ।

---

ଏବର୍ଷ ଦୋଲଯାତ୍ରାରେ ଉତ୍କଳଦେଶୀୟ ମହାଜନମାନେ ଅଧିକ ଆମୋଦ ପ୍ରମୋଦ କରିବାର ଦେଖା ଯାଇଅଛି । ଦୋଲପୂର୍ଣ୍ଣିମା ପୂର୍ବଦିନ ପର୍ଯ୍ୟନ୍ତ କେବଳ ଠାକୁରଙ୍କର ମିଳନ ଛଡା ଆଉ କୌଣସିରୂପ ଉତ୍ସବ ହୋଇ ନ ଥିଲା କିନ୍ତୁ ପୂର୍ଣ୍ଣିମା ଦିନଠାରୁ ତିନିଦିନପର୍ଯ୍ୟନ୍ତ ନୃତ୍ୟ ଗାୟନ ସହିତ ଫଗୁ ଖେଳିବାର କିଛି ଅଧିକ ସମାରୋହ ହୋଇଥିଲା । ପୂର୍ଣ୍ଣିମାଦିନ ବକ୍ସିବଜାର ବେପାରିସାହିରେ ଦୁଇ ସ୍ଥାନରେ ପ୍ରାୟ ରାତ୍ରି ଶେଷପର୍ଯ୍ୟନ୍ତ ଭାରି ମଜଲିସ ହୋଇଥିଲା ଓ ବହୁତ ଲୋକ ତହିଁରେ ଆନନ୍ଦ ଅନୁଭବ କରିଥିଲେ । ତହିଁ ଆରଦିନ ଧୋଳଣ୍ଡି ଥିବାରୁ ନଗରର ଗୃହଅଡେ ନ୍ୟୂନାଧିକରେ ଲୋକେ ଆମୋଦ କରିଥିଲେ । ଧୋଳଣ୍ଡି ବାସିଦିନ ବାବୁ ବଜାରରେ ବଳଦେବ ଲାଲ ଏକ ବୃହତ୍ ମଜଲିସ କରିଥିଲେ ଓ କାଜିବଜାରରେ ଗୋଲକବାବୁ ଏକ ମଜଲିସ କରି ନଗରବାସି ବଙ୍ଗାଳୀ ଓ ଉତ୍କଳ ଭଦ୍ରଲୋକଙ୍କ ସହିତ ହୋରି ଖେଳିଥିଲେ ଏଛଡା ଠାବ୨ ରେ କେତେକ ଗୁପ୍ତମଜଲିସ ହୋଇଥିଲା । ସୁତରାଂ ଏବର୍ଷ ଦୋଲଯାତ୍ରାଟା ନିତାନ୍ତ ନିରାନନ୍ଦରେ ଅତିବାହିତ ହୋଇ ନାହିଁ । କେବଳ ବଜାରଙ୍କର ଧୋଳଣ୍ଡି ଖେଳିବାର ସମାରୋହ କିଛି ଊଣା ହୋଇଥିଲା ।

---

ଆମ୍ଭେମାନେ ଶୁଣୁଅଛୁଁ ଯେ ପଞ୍ଚୁଆରିକାଗଜ ସମ୍ବନ୍ଧରେ ବାଲେଶ୍ବରର ଜମିଦାରମାନେ ଗବର୍ଣ୍ଣମେଣ୍ଟଙ୍କୁ ଯେଉଁ ଦରଖାସ୍ତ ପଠାଇଥିଲେ ତହିଁରେ କିଛି ସୁଫଳ ଫଳିଅଛି ମାତ୍ର ଅବଧି ଦରଖାସ୍ତକାରୀ ଅଥବା ଅପର ଲୋକ ତହିଁର କିଛି ଜାଣନ୍ତି ନାହିଁ । ଆମ୍ଭମାନଙ୍କୁ ଏବିଷୟରେ କେତେ ଲୋକ ପ୍ରଶ୍ନ କରିଅଛନ୍ତି ମାତ୍ର ଦୁଃଖର ବିଷୟ ଯେ ଆମ୍ଭେମାନେ ଅଧିକ କିଛି ନ ଜାଣୁ ପରମ୍ପରରେ ଶୁଣି ପାଉଅଛୁଁ ଯେ ଜିଲାର ଅନ୍ୟ ବନ୍ଦୋବସ୍ତ ପର୍ଯ୍ୟନ୍ତ ଜମିଦାରଙ୍କପ୍ରତି କଠିନ ବ୍ୟବହାର କରିବାକୁ ଗବର୍ଣ୍ଣମେଣ୍ଟଙ୍କର ଇଚ୍ଛା ନୁହଇ । ଗବର୍ଣ୍ଣମେଣ୍ଟଙ୍କର ଆଜ୍ଞା ନ ହେଲେ ଇଷ୍ଟଷ୍ଟୁରୁଧେ କିଛି କୁହାଯାଇ ନ ପାରେ ତେବେ ଗବର୍ଣ୍ଣମେଣ୍ଟ ଏପରି ଆଜ୍ଞା ଦେବା ଅସମ୍ଭବ ନୁହଇ । ଗବର୍ଣ୍ଣମେଣ୍ଟଙ୍କ ପ୍ରଚଳିତ ନିୟମାବଳିର ପ୍ରଥମଧାରାରେ ଲେଖାଅଛି ଯେତେବେଳେ ମହାଲ ବନ୍ଦୋବସ୍ତ ହେବ ତେତେବେଳେ ପଞ୍ଚୁଆରି ନିୟୋଗ କରିବାକୁ ହେବ । ଅତଏବ ସାବି ବନ୍ଦୋବସ୍ତ ପୂର୍ବେ ଜମିଦାରଙ୍କୁ ବାଧ୍ୟ କରିବା ଅନୁଚିତ ଅଟଇ । ଯେଉଁ ମାହାଲରେ ପଞ୍ଚୁଆରି ଅଛି ସେ କାଗଜ ଦେବ ଯହିଁରେ ନାହିଁ ତହିଁର କାଗଜ ଦେବା ନ ଦେବା ଜମିଦାରର ସ୍ବେଚ୍ଛାଧୀନ ଅଟଇ ନ ଦେଲେ ଯେ ଦଣ୍ଡ ଦେବାକୁ ହେବ ଏଥିର କୌଣସି ହେତୁ ନାହିଁ । ଏହି ଅନୁମାନରେ ଆମ୍ଭେମାନେ କହୁଅଛୁଁ ଯେ ଗବର୍ଣ୍ଣମେଣ୍ଟ ସୁବିଚାର କରିଥିବେ ।

---

ସରକାରୀ କାଗଜପତ୍ରରେ ହିନ୍ଦୁପେଟ୍ରିଅଟ ଦେଖିଅଛନ୍ତି କି କଟକ ଓ ବଡଘର ମଧ୍ୟରେ ତାରଡାକ ବସାଇବାର ପ୍ରସ୍ତାବ ହୋଇଅଛି । ଏଥିରେ ବଡଘରଠାରେ କାରବାର କରୁଥିବା ମହାଜନ ଓ ଅନ୍ୟାନ୍ୟ ଲୋକଙ୍କର ସୁଯୋଗ ହେବ । ଏ ପ୍ରସ୍ତାବର ଉଦ୍ୟୋଗକର୍ତ୍ତା ଶ୍ରୀଯୁକ୍ତ ଜିମ୍ସ ସାହେବ କଲେକ୍ଟର ଅଟନ୍ତି ଓ ମାସକୁ ଟ ୩୦୨ ଙ୍କାର ଅନ୍ୟୂନ ଆୟ ଟେଲିଗ୍ରାଫ ମହକୁମାକୁ ପ୍ରାପ୍ତ କରାଇ ଦେବାସଙ୍କାଶେ ଅଙ୍ଗୀ-

Digitized by srujanika@gmail.com

ଲାରପତ୍ର ଲେଖି ଦେବାକୁ ପ୍ରସ୍ତୁତ ଅଛନ୍ତି । ଟେଲିଗ୍ରାଫ ତାର ବସାଇବାରେ ଯାହା ବ୍ୟୟ ପଡ଼ିବ ତହିଁର ତାଲିକା ଗବର୍ଣ୍ଣମେଣ୍ଟକୁ ପ୍ରେରିତ ହୋଇଅଛି ଓ ଅଙ୍ଗୀକାରପତ୍ର ଲେଖା ପଡ଼ି ହେଲାଠାରୁ କାର୍ଯ୍ୟାରମ୍ଭ ହେବ । ଅମ୍ଭେମାନେ ଅନେକଦିନ ପୂର୍ବେ ଏହି ପ୍ରସ୍ତାବ ସମ୍ପର୍କରେ କେତେକ କଥା ସରକାରୀ କାଗଜପତ୍ରରୁ ଅବଗତ ହୋଇ ଲେଖିଥିଲୁଁ ମାତ୍ର ସେ ସମୟରେ ମହାଜନମାନେ ଏପରି ଅଙ୍ଗୀକାରପତ୍ର ଦେବାକୁ ଅଗ୍ରସର ନ ହେବାରୁ ଏତେକାଳ ପଡ଼ି ରହିଥିଲା । ବୋଧ ହୁଅଇ ବର୍ତ୍ତମାନ ମହାଜନଙ୍କ ସଂଖ୍ୟା ବଢ଼ିଅଛି ଓ ତାହା ଦେଖି କଲେକ୍ଟର ସାହେବଙ୍କର ଏରୂପ ଅଙ୍ଗୀକାରପତ୍ର ଦେବାକୁ ସାହସ ମଧ୍ୟ ବଢ଼ିଅଛି । ବଡ଼ଘର ଓ କଟକନଗର ମଧ୍ୟରେ ଯେରୂପ ବାଣିଜ୍ୟର ସମ୍ପର୍କ ରହିଅଛି ତଦ୍ଦୃଷ୍ଟିରେ ତାରଡ଼ାକ ବସିବା ବଡ଼ ଉପକାରର ବିଷୟ ଅଟଇ ସନ୍ଦେହ ନାହିଁ ମାତ୍ର ଗମନାଗମନର ସୁଯୋଗ ନ ହେଲେ ଯଥୋଚିତ ପରିମାଣରେ ଉପକାର ହେବ ନାହିଁ । ଅମ୍ଭେମାନେ ସ୍ଥାନୀୟ ହାକିମମାନଙ୍କୁ ଅନୁରୋଧ କରୁଁ ଯେ ପ୍ରତିଦିନ ଧୂଆଁକଳ ଜାହାଜ ଯୋଗେ ଗମନାଗମନର ସୁଯୋଗ ହେବାର ଚେଷ୍ଟା କରନ୍ତୁ ତାହା ହେଲେ ଅଳ୍ପକାଳ ମଧ୍ୟରେ ବଡ଼ଘର ବନ୍ଦରର ଉନ୍ନତି ହେବ ।

---

ବାବୁ ଭୋଲାନାଥ ଦାସ ବାଲେଶ୍ୱର ସଭାରେ ଯେଉଁ ବକ୍ତୃତା କରିଥିଲେ ତାହା ବାଲେଶ୍ୱର ସମ୍ବାଦବାହିକାରେ ପ୍ରକାଶ ହୋଇଥିବାରୁ ତହିଁରୁ ବାବୁ ଶବ୍ଦର ଉପଲକ୍ଷିତ ବ୍ୟାଖ୍ୟାନି ଉଦ୍ଧୃତ କଲୁଁ । ଯଥା,—

"ଇଂରାଜୀ ଶିକ୍ଷାଦ୍ୱାରା ଅମ୍ଭମାନଙ୍କର ଯାବତୀୟ ଦୁର୍ବଳତା ପ୍ରବଳବେଗରେ ବଢ଼ୁଅଛି । ହିନ୍ଦୁମାନେ ଗୋଟିଏ ବାବୁ ଜାତି ହେଉଅଛନ୍ତି । ବାବୁ ବୋଲନ୍ତି ସୁକୁମାର । ବାବୁଲୋକ ଖରା କଷ୍ଟ ସହିବାକୁ ଯୋଗ୍ୟ ନୁହେ । ବାବୁ ଶାରୀରିକ କୌଣସି କର୍ମ କରିବାକୁ ଅକ୍ଷମ । ଏହି ବାବୁତ୍ୱଶାସ୍ତ୍ର ପାଇ ହିନ୍ଦୁସନ୍ତାନ କୃତ କୃତ । ଯାହାର କିଛି ଜମିଦାରୀ ଅଛି ସେ ବାବୁ, ଯେ ଗୋଟିଏ ସରକାରୀ ଚାକିରି କରୁଅଛି ସେ ବାବୁ, ଯେ ଦଭିଁଙ୍କାର ମହାଜନି କରେ ସେ ବାବୁ, ଯେ ଯେତେ ସରୁଲୁଗା ପିନ୍ଧଇ ସେତେ ବଡ଼ିଆ ବାବୁ । ସଂକ୍ଷେପରେ ବିଷୟ ଏହି, ଅନ୍ତଃସାରଶୂନ୍ୟ ବାବୁନାମ ହିନ୍ଦୁଜାତିର ଅସାରତା ଓ ଭୀରୁତ୍ୱ [illegible] ପୋଷକସ୍ୱରୂପ ଅପରିମିତ ଧନ ହୋଇଅଛି ।"

ଏଥିରେ ଯେସବୁ ଭାବ ବ୍ୟକ୍ତ ହୋଇଅଛି ଅମ୍ଭେମାନେ ତହିଁର ଅଧିକାଂଶରେ ଐକ୍ୟ ହେଉଅଛୁଁ । ବାସ୍ତବରେ ଇଂରାଜୀ ଶିକ୍ଷାଦ୍ୱାରା ବର୍ଣ୍ଣିତପ୍ରକାର ବାବୁ ଜାତି ଏପ୍ରଦେଶରେ ସୃଷ୍ଟ ହୋଇଅଛି ଓ ସେହି ଜାତି ଅଧିକ ପ୍ରବଳ ହେବାରୁ ଶବ୍ଦର ପ୍ରକୃତ ଅର୍ଥ କି ବର୍ତ୍ତମାନ କାଳର ଲୋକମାନେ ଜାଣିପାରୁ ନାହାନ୍ତି । ଅନ୍ୟାନ୍ୟ ଦ୍ରବ୍ୟପରି ବାବୁଙ୍କ ମଧ୍ୟରେ ସୁଦ୍ଧା ଦେଶୀ ବିଲାତୀ ପ୍ରଭେଦ ହେଲାଣି ।

---

ଗତଭ ମାସ ତା ୭ ରଖ ସକାଳବେଳେ ଯୁବରାଜ ନେପାଳରୁ ଅଲାହାବାଦ ଫେରିଆସିଲେ ଗବର୍ଣ୍ଣରଜେନେରଲ ସାହେବ ମଧ୍ୟ ସେହିଦିନ ସେଠାରେ ଉପସ୍ଥିତ ହେଲେ ଉତ୍ତରପଶ୍ଚିମର ଲେଫ୍ଟନାଣ୍ଟ ଗବର୍ଣ୍ଣର ଏବଂ ଅନ୍ୟାନ୍ୟ ଅନେକ କର୍ମଚାରୀ ସେଠାରେ ଉପସ୍ଥିତ ଥିଲେ । ସେଦିନ ସେଠାରେ ଅବସ୍ଥିତି କରି ଇନ୍ଦୋରକୁ ଯାତ୍ରା କଲେ ଓ ସେଠା ମହାରାଜଙ୍କ ସହିତ ସାକ୍ଷାତ୍ ଓ ଆମୋଦ ପ୍ରମୋଦ ସାରି ତା ୧୧ ରଖ ଶନିବାର ବମ୍ବେଇରେ ପହୁଞ୍ଚିଲେ ସେହିଦିନ ସିରାପିସ ଜାହାଜକୁ ଚାଲିଗଲେ । ରବିବାର ଦିନ ବମ୍ବେଇ ବନ୍ଦରରେ ରହି ତା ୧୩ ରଖ ସୋମବାର ଦିନ ଅପରାହ୍ନକାଳରେ ସିରାପିସ ଜାହାଜରେ ସ୍ୱଦେଶକୁ ଯାତ୍ରା କଲେ । ବମ୍ବେଇର ମ୍ୟୁନିସିପାଲିଟି ଏହାଙ୍କୁ ବିଦାୟାଭିନନ୍ଦନପତ୍ର ଦେଇଥିଲେ । ଏହିରୂପେ ଭାରତବର୍ଷରେ ଗତ ଚଉମାସ ପର୍ଯ୍ୟନ୍ତ ଯେଉଁ ଭାରି ମହୋତ୍ସବ ଲାଗିଥିଲା ତାହା ଶେଷ ହେଲା । ଯୁବରାଜ ଏ ଦେଶକୁ ଆସି ନାନାପ୍ରକାର ସ୍ନେହର ଚିହ୍ନ ଦେଖାଇ ଅମ୍ଭମାନଙ୍କୁ ଯେମନ୍ତ ଆପ୍ୟାୟିତ କରିଅଛନ୍ତି ଓ ଭାରତବର୍ଷବାସୀଙ୍କର ଯଥାସାଧ୍ୟ ରାଜଭକ୍ତି ପ୍ରଦର୍ଶନରେ ଯେମନ୍ତ ସନ୍ତୁଷ୍ଟ ହେବାର ପୁନଃ ପୁନଃ ବ୍ୟକ୍ତ କରିଅଛନ୍ତି ଯେବେ ଏହି ଭାବଟିକୁ ସେ ଆପଣା ମନରେ ଚିରକାଳ ସକାଶେ ସ୍ଥାନ ଦିଅନ୍ତି ତେବେ ଅମ୍ଭମାନଙ୍କର ଯେ କେତେ ସୁଖ ଓ ମଙ୍ଗଳ ହେବ ତହିଁର ସୀମା ନାହିଁ । ଅମ୍ଭେମାନେ ଏତେକ ପ୍ରାର୍ଥନା କରୁଁ ଯେ ପରମେଶ୍ୱର ତାହାଙ୍କୁ ନିରାପଦରେ ସ୍ୱଦେଶରେ ପହଞ୍ଚାଇ ମାତା ଓ ପରିବାରଙ୍କ ସମ୍ମୁଖରେ ଭେଟାଇ ଦେଉନ୍ତୁ ।

---

କଟକ ହାଇସ୍କୁଲ (ବର୍ତ୍ତମାନ କଲେଜ) ରେ ଷ୍ଟୁଡେଣ୍ଟସ୍ ଏସୋସିଏସନ ନାମରେ ଗୋଟିଏ ସଭା ଅଛି । ବିଦ୍ୟାଳୟର ଅନେକ ଛାତ୍ର ତହିଁର ସଭ୍ୟ ଅଟନ୍ତି ଓ ଇଂରାଜୀ ଭାଷାରେ କଥୋପକଥନ ଓ ରଚନା କରିବାକୁ ଅଭ୍ୟାସ କରିବା ଏ ସଭାର ପ୍ରଧାନ ଉଦ୍ଦେଶ୍ୟ ଜଣାଯାଏ । ପ୍ରତିସପ୍ତାହରେ ସଭାର ଅଧିବେଶନ ହୁଅଇ ଓ ପ୍ରତ୍ୟେକ ଅଧିବେଶନରେ କୌଣସି ବିଷୟର ରଚନା ଜଣେ ସଭ୍ୟ ଲେଖିଆଣିଥାନ୍ତି ତାହା ପାଠ ହୁଅଇ ଓ ତହିଁର ତର୍କ ବିତର୍କ ହୁଅଇ । ଗତ ସୋମବାର ଏ ସଭାର ବାର୍ଷିକ ଅଧିବେଶନ ଥିଲା ଓ ଅମ୍ଭମାନଙ୍କର କଲେକ୍ଟର ଶ୍ରୀଯୁକ୍ତ ବିମ୍ସ୍ ସାହେବ ସଭାପତିର ଆସନ ଗ୍ରହଣ କରିଥିଲେ । ଏବେତ କଟକନଗରରେ କେତେକ ବର୍ଷ ହେଲା କୌଣସି ସଭା ହୁଅଇ ନାହିଁ ଓ କେବେ କେବେ ସଭା ହୋଇଥିଲେ ସୁଦ୍ଧା ଶ୍ରୀଯୁକ୍ତ ବିମ୍ସ୍ ସାହେବଙ୍କ କୌଣସି ସଭାକୁ ଶୁଭାଗମନ କରିବାର ଦେଖାଯାଇ ନ ଥିଲା । ଏ ସଭାରେ ସାହେବ ଆସି ସଭାପତି ହେବା ଗୋଟିଏ ନୂତନ କଥା ଅଟଇ କିନ୍ତୁ ଦୁଃଖର ବିଷୟ ଯେ ଅଧିକ ଲୋକ ତାହା ଦେଖିବାକୁ ଗଲେ ନାହିଁ । ସଭା ସଂକ୍ରାନ୍ତ ଲୋକ ଛଡ଼ା ନ ୩୨ ଣ ଭଦ୍ରଲୋକ ଆସିଥିଲେ । ସଭାକାର୍ଯ୍ୟ ଆରମ୍ଭ ହୋଇ ବାର୍ଷିକ ଗତବର୍ଷର ବିଜ୍ଞାପନୀ ପଠିତ ହେଲା । ତାହା ଶ୍ରବଣ କରି ସଭାପତି ମହାଶୟ କେତେକ ଉପଦେଶଗର୍ଭିତ କଥା କହି ଉପସ୍ଥିତକାର୍ଯ୍ୟ ସମାପ୍ତ କଲେ । ତାହାଙ୍କର ବକ୍ତୃତାର ଭାବ ଏହି ଯେ ସଭ୍ୟମାନେ ଶୃଙ୍ଖଳାରୂପେ ଚାରିଆଡ଼ ବିଷୟ ନ କରି ଏକ ସମୟ ଏକ ବିଷୟରେ ଦୀର୍ଘକାଳ ପର୍ଯ୍ୟନ୍ତ ମନୋଯୋଗ ଦେଲେ ଯଥାର୍ଥ ଉପକାରର ସମ୍ଭାବନା ଓ ସଭ୍ୟମାନଙ୍କୁ ତାହା କରିବାର ଉଚିତ । ଜଣେ ସଭ୍ୟ ନାନାବିଷୟରେ ମନ ଦେଲେ କୌଣସିଥିରେ ତାହାର ମନ ସ୍ଥିର ହେବ ନାହିଁ ଏହିପରି ଅନେକ କଥା ଉଦାହରଣ ସହିତ କହିଲେ ଏବଂ ଭବିଷ୍ୟତରେ ଅବସର କ୍ରମେ ସେ ସଭାକୁ ଆସି ସଭ୍ୟମାନଙ୍କ ସାହାଯ୍ୟ କରିବାକୁ ପ୍ରତିଶ୍ରୁତ ହୋଇଗଲେ । ଶ୍ରୀଯୁକ୍ତ ବିମ୍ସ୍ ସାହେବ ଏ ବିଷୟରେ ଯେବା କଲାଇବାର ଦେଖି ଅମ୍ଭେମାନେ ଆନନ୍ଦିତ ହୋଇଅଛୁଁ ଏବଂ ଏରୂପ ସଭ୍ୟମାନଙ୍କୁ ସଦୁପଦେଶ ଦେଇ ତାହାଙ୍କର ଉନ୍ନତି ସାଧନ କଲେ ସମ୍ପ୍ରତି ଏହାଙ୍କ ନଜର ଓ ଭବିଷ୍ୟତରେ ସାଧାରଣଙ୍କର ଉପକାର ହୋଇପାରିବ ।

---

Split by PDF Splitter

Digitized by srujanika@gmail.com

Split by PDF Splitter



ବିଶେଷ ନାଟକକ୍ରିୟା ନିବାରଣ ।

ପାଠକମାନେ ଜାଣନ୍ତି ଯେ କେତେକ ବର୍ଷ ହେଲା କଲିକତା ନଗରରେ ବହୁଗୁଡ଼ିଏ ନାଟ୍ୟଶାଳା ସ୍ଥାପନ ହୋଇଅଛି ଯେ ସେଠାରେ ବଙ୍ଗଳା ନାଟକ ପ୍ରହସନ ଇତ୍ୟାଦିର ଅଭିନୟ ହୁଅଇ । ନୂତନ୨ ବିଷୟର ଅଭିନୟ ଦେଖାଇ ଦର୍ଶକଙ୍କ ଆନନ୍ଦବର୍ଦ୍ଧନ ସକାଶେ ନାଟ୍ୟଶାଳାର ଅଧ୍ୟକ୍ଷମାନେ ଚେଷ୍ଟିତ ଥିବାରୁ ଅନେକପ୍ରକାର ନୂତନ ବିଷୟର ନାଟକ ବା ପ୍ରହସନ ପ୍ରକାଶ ହେଉଅଛି ଓ ତହିଁରେ ଅଭିନେତା ଓ ରଚୟିତା ଉଭୟଙ୍କର ଉପକାର ଅଛି । ଯୁବରାଜ କଲିକତାକୁ ଆସି ବାବୁ ଜଗଦାନନ୍ଦ ମୁଖୋପାଧ୍ୟାଙ୍କ ଘରେ ବଙ୍ଗମହିଳାଙ୍କ ସହିତ ସାକ୍ଷାତ କରିଥିଲେ ଏହି କଥାଟି ଏଠାର ପ୍ରଚଳିତ ରୀତିର ବିପରୀତ ଥିବାରୁ ଅନେକ ଲୋକ ବ୍ୟଙ୍ଗ କରି ଗଦ୍ୟପଦ୍ୟ ରଚନାମାନ ସମ୍ବାଦପତ୍ର ସବୁରେ ପ୍ରକାଶ କଲେ ଓ କେହି ବ୍ୟକ୍ତି ସେ ବିଷୟରେ ଗୋଟିଏ ପ୍ରହସନ ରଚନା କରି ତହିଁର ଅଭିନୟ ଦେଖାଇବାର ଉପାୟ କରି ଦେଲା । ଗ୍ରେଟନାସନଲଥିଏଟର ନାମକ ନାଟ୍ୟଶାଳାର ଅଧ୍ୟକ୍ଷମାନେ ଏ ପ୍ରହସନର ଅଭିନୟ କରିବାକୁ ଘୋଷଣା ଦେଲେ । ପ୍ରହସନର ନାମ ଗଜଦାନନ୍ଦ । ଯୁବରାଜଙ୍କ ସମ୍ବନ୍ଧେ ଏପରି ଅଭିନୟ ହେବା ମନ୍ଦକଥା ବୋଲି କେହି କର୍ମଚାରୀ ତାହା ଗବର୍ଣ୍ଣମେଣ୍ଟଙ୍କୁ ଗୋଚର କରାଇଲା ଓ ଇଣ୍ଡିଆ ଗବର୍ଣ୍ଣମେଣ୍ଟ ତହିଁରେ ଐକ୍ୟ ହୋଇ ଏକ ନୂତନ ବିଧି ପ୍ରଚାରଦ୍ୱାରା ବଙ୍ଗଳା ଗବର୍ଣ୍ଣମେଣ୍ଟଙ୍କୁ ଅଧିକାର ଦେଲେ କି କୌଣସି କୁତ୍ସିତ ଅପବାଦଜନକ ଅଥବା ସାଧାରଣ ମଙ୍ଗଳର ବିଘ୍ନକାରକ ନାଟକ ଅଥବା ଯେଉଁ ନାଟକ ଅଭିନୟଦ୍ୱାରା ଦର୍ଶକଙ୍କର ମନ ମାଳିନ୍ୟ କିମ୍ବା ଗବର୍ଣ୍ଣମେଣ୍ଟ ପ୍ରତି ଅଶ୍ରଦ୍ଧା ଜନ୍ମିପାରେ ଏପରି କୌଣସି ନାଟକ ଲେଖ୍ୟ ଅଥବା ଅନ୍ୟ ଅଭିନୟର କ୍ରିୟା ସେ ନିବାରଣ କରି ପାରିବେ ଓ ନିଷେଧ କଲା ଉତ୍ତାରୁ ଯେ କେହି ବ୍ୟକ୍ତି ଅଭିନୟକ୍ରିୟା କରିବ ଯାହାଘରେ ହେବ ଯେଉଁମାନେ ଦେଖିବେ ଓ ଯେତେ ଲୋକ ତହିଁର ସଂସର୍ଗୀ ଥିବେ ସମସ୍ତେ ପୁଲିସଦ୍ୱାରା ଗିରଫ୍ତାର ହୋଇ ମାଜିଷ୍ଟ୍ରେଟଙ୍କ ବିଚାରାଧୀନରେ ଆସିବେ ଓ ତାହାଙ୍କର ଛଅମାସ କାରାଦଣ୍ଡ ବା ଅର୍ଥଦଣ୍ଡ ଅଥବା ଉଭୟଦଣ୍ଡ ହୋଇପାରିବ । ଏ ବିଧାନରେ ମାଜିଷ୍ଟ୍ରେଟଙ୍କୁ ଅଧିକାର ଦିଆ ଯାଇଅଛି କି କୌଣସିସ୍ଥାନରେ ନିଷେଧିତ ପ୍ରକାର ନାଟକକ୍ରିୟା ହୋଇଥିବାର ବା ହେବ ବୋଲି ଜାଣିଲେ ପୁଲିସ ଦ୍ୱାରା ଓ୍ୱାରେଣ୍ଟ ଜାରି କରିବେ ଯେ ପୁଲିସ ସେ ସ୍ଥାନକୁ ଯାଇ ତତ୍ସଂକ୍ରାନ୍ତ ସମସ୍ତ ଲୋକ ଓ ଦ୍ରବ୍ୟାଦି ଗିରଫ୍ତାର କରି ଚାଲାନ କରିବ । ଏ ବିଧାନଟି ଗତମାସ ତା ୨୯ ରଖରେ ପ୍ରଚଳିତ ହୋଇଅଛି ଓ ଏହା ଆଗାମୀ ମଇ ମାସ ଶେଷ ପର୍ଯ୍ୟନ୍ତ ପ୍ରବଳ ରହିବ ଏଥି ମଧ୍ୟରେ ଏ ବିଷୟରେ ଗୋଟିଏ ଆଇନ ହେବାର ବିଚାର ହେବ ।

ଏ ଆଜ୍ଞା ଯେତେଶୀଘ୍ର ହୋଇପାରେ ପ୍ରଚାରହେଲା ପୁଲିସ କମିଶ୍ନରଙ୍କ ଯୋଗେ ନାଟ୍ୟଶାଳାର ଅଧ୍ୟକ୍ଷଙ୍କୁ ତହିଁର ସମ୍ବାଦ ଦିଆଗଲା ଓ ପୁଲିସ ସସୈନ୍ୟରେ ସାଜି ନାଟ୍ୟଶାଳାଠାରେ ଉପସ୍ଥିତ ହେଲେ ଗଜଦାନନ୍ଦ ଯାହା ବାହାରିଲେ ସମସ୍ତଙ୍କୁ ଗିରଫ୍ତାର କରିବେ । ଏଥିକୁ ଅଭିନୟକାରୀମାନେ ସତର୍କ ହୋଇ ଗଜଦାନନ୍ଦକୁ ବାହାର ନ କରି ତହିଁ ପରିବର୍ତ୍ତରେ ହନୁମାନ ଚରିତ ଦେଖାଇ ବସିଲେ । ଆମ୍ଭେମାନେ ଅବଗତ ହୋଇଅଛୁଁ ଯେ ଗଜଦାନନ୍ଦ ଯେମନ୍ତ ହନୁମାନ ଚରିତ ତେମନ୍ତ ଇତର ଓ ଅଶିଷ୍ଟଯାଶା ଅଟଇ ଓ ତାହା ରହିତ ହେବାରେ କେହି ଅସନ୍ତୋଷ ନାହାନ୍ତି । ଫଳତଃ ସେଦିନ ଏହି ଉପାୟ ଅବଲମ୍ବନ କରି ନାଟ୍ୟଶାଳାର ଅଧ୍ୟକ୍ଷମାନେ ବଞ୍ଚିଗଲେ । ମାତ୍ର ତହିଁ ଉତ୍ତାରୁ ଆଉ ଏକଦିନ ଅନ୍ୟଯାତ୍ରା କରୁଥିଲେ ଯେ ତାହାକୁ ପୁଲିସ ଉକ୍ତ ବିଧାନର ବିରୁଦ୍ଧ ଜାଣି ସେମାନଙ୍କୁ ମାଜିଷ୍ଟ୍ରେଟଙ୍କ ବିଚାରାଧୀନରେ ଆଣିଲେ । ମୋକଦ୍ଦମା ବିଧିମତ ଚାଲିଲା ଓ ଅନେକ ସାକ୍ଷିର ଜୋବାନବନ୍ଦି ହେଲା ଆମ୍ଭେମାନେ ହିନ୍ଦୁପେଟ୍ରିଅଟରୁ ଅବଗତ ହେଲୁଁ ଯେ ନୂଦାଲଙ୍କ ପକ୍ଷରୁ ଅନେକ ଭଦ୍ରକର୍ତ୍ତା ଓ ବଙ୍ଗଭାଷା ଜାଣିବା ଓ ସମାଲୋଚନା କରିବା ବ୍ୟକ୍ତିମାନେ ଜୋବାନବନ୍ଦି ଦେଇ ପ୍ରସ୍ତାବିତ ନାଟକକୁ ଅଶ୍ଳୀଳ ନ ଥିବାର କହିଅଛନ୍ତି ମାତ୍ର ମାଜିଷ୍ଟ୍ରେଟଙ୍କର ତହିଁରେ ହୃଦବୋଧ ହେଲା ନାହିଁ । ନାଟ୍ୟଶାଳାର ଡାଇରେକ୍ଟର ଓ ମାନେଜର ଏହି ଦୁଇବ୍ୟକ୍ତିଙ୍କୁ ମାଜିଷ୍ଟ୍ରେଟ ଅପରାଧୀ କରି ପ୍ରତ୍ୟେକକୁ ଏକମାସ ଲେଖାଏଁ ବିନାପରିଶ୍ରମରେ କାରାବାସ ଦଣ୍ଡ ଦେଲେ । ଅପରାଧୀମାନେ ହାଇକୋର୍ଟରେ ଦରଖାସ୍ତ କରିବାରୁ ମୋକଦ୍ଦମା ସେଠାକୁ ଉଠି ଯାଇଅଛି । ମାନ୍ୟବର ଫିଅରସାହେବ ଏ ମୋକଦ୍ଦମାର ବିଚାର କରିବେ ଓ ଗତବୁଧବାର ବିଚାରର ଦିନ ଧାର୍ଯ୍ୟ ହୋଇଥିଲା । ବିଚାର ଶେଷ ହେବାର ସମ୍ବାଦ ପାଇଲେ ଆମ୍ଭେମାନେ ପାଠକବର୍ଗଙ୍କୁ ତାହା ଜଣାଇବୁଁ । ମକଦ୍ଦମାଟି ଅଭିନବ ପ୍ରକାରର ଅଟଇ ଓ ନୂତନ ବିଧାନ ସଙ୍ଗେ୨ ମକଦ୍ଦମା ଉପସ୍ଥିତ ହେବାରୁ ଏ ବିଷୟର ଭାରି ଆନ୍ଦୋଳନ ଲାଗି ରହିଅଛି ଆମ୍ଭମାନଙ୍କ ବିଶ୍ୱାସ ଥିଲା ଯେ ପିନାଲକୋଡରେ ଏପରି ଅପରାଧର ବିଧାନ ଅଛି ଯେବେ ତାହା ନାହିଁ ତେବେ ସ୍ଥିରଚିତ୍ତରେ ଭାବି ଆଉ ଗୋଟିଏ ଆଇନ କରିଥିଲେ ଭଲ ହୋଇଥାନ୍ତା । ଏଥର ଯେପରି ବିଧାନ ବାହାରିଲା ବଙ୍ଗଳାରେ ଆଉ କେବେ ଏମନ୍ତ ଘଟି ନ ଥିଲା । ଅକସ୍ମାତ ଏପରି ବିଧାନ ପ୍ରଚାର ହେବାରୁ ଲୋକଙ୍କ ମନରେ ଭୟ ଜନ୍ମିବାର ସମ୍ଭାବନା । ଗବର୍ଣ୍ଣମେଣ୍ଟ ଯଥା ନିୟମରେ ଆଇନ ପ୍ରଚାର କରିଥିଲେ ବଡ ଶୋଭା ହୋଇଥାନ୍ତା ।

---

# ସାପ୍ତାହିକ ସଂବାଦ ।

ଏବର୍ଷ ଏ ଅଞ୍ଚଳରେ ବୃଷ୍ଟିର ଅଭାବ ଅତ୍ୟନ୍ତ ହୋଇଅଛି ଓ ଗ୍ରୀଷ୍ମ ଏମନ୍ତ ପଡଅଛି ଯେ ବୈଶାଖ ଓ ଜ୍ୟେଷ୍ଠମାସ ପରି ଜଣା ଯାଉଅଛି । ଦୋଳ ବାସିଦିନ ମେଘ ଉଠାଇଥିଲା ମାତ୍ର ଦୁଇ ଚାରି ବିନ୍ଦୁପାତ କରି କେଉଁଆଡେ ଉଡିଗଲା । ମୋଫସଲର କୌଣସି୨ ସ୍ଥଳରେ କିଛିମାତ୍ର ବୃଷ୍ଟି ହେବାର ଶୁଣାଯାଏ ମାତ୍ର ଚାଷ ଆରମ୍ଭ ଭଳି ବର୍ଷା ହୋଇ ନାହିଁ ।

ଦୋଳପୂର୍ଣ୍ଣିମା ରାତ୍ରରେ ଏ ନଗରର ଏକ ଦୁଷ୍ଟ ଦୁଇଜଣ ପିଲାଙ୍କୁ ଫୁସୁଲାଇ ମାରିବା ପଡ଼ିଆରେ ତାହାଙ୍କର ଅଲଙ୍କାରାଦି ନେବାର ଚେଷ୍ଟାରେ ଥିଲା ମାତ୍ର ବାଟୋଇ କେହି ଆସି ଯିବାରୁ କେବଳ ଜଣେ ପିଲାର କଣ୍ଠିହାର ଛଣ୍ଡାଇ ନେଇ ପଳାଇ ଗଲା ଆଉ କିଛି ଅନିଷ୍ଟ କରି ନାହିଁ । କଦମରସୁଲ ଫାଣ୍ଡିର ଜମାଦାର ବିଶେଷ ଅନୁସନ୍ଧାନରେ ତାହାକୁ ଧରି ଦଣ୍ଡରେ ପହଞ୍ଚାଇ ଅଛି ।

ଏ ନଗରରେ ଯେଉଁ ଜଙ୍ଗିପଲଟନ ଅଛି ସେମାନଙ୍କର ବଦଳ ହୁକୁମ ଅନେକ ଦିନରୁ ହୋଇଥିଲା । ଗତସପ୍ତାହରେ ତିନ କମ୍ପାନି ବଣାଘରବାଟେ ବାହାରି ଯାଇଅଛନ୍ତି ଇକାନଗରରୁ ସେହିବାଟେ ସିପାହି ପହଞ୍ଚିଲେ ଅବଶିଷ୍ଟ ଲୋକମାନେ ଯିବେ । ଯେଉଁ ପଲଟନ ଆସୁଅଛି ତାହାର ନମ୍ବର ୧୬ ଅଟଇ ।

ଆମ୍ଭେମାନେ ଶୁଣିଲୁଁ ଯେ କଟକ କଲେଜରେ ଜଣେ ମୌଲବୀ ରହିବେ ଯେ ମୁସଲ-

Digitized by srujanika@gmail.com

ମାନ ବାଳକଙ୍କୁ ଫାରସି ଓ ଆରବୀ ପଢାଇବେ। ଏପର ଉର୍ଦ୍ଦିବଦ୍ଦତ୍ତ ଶିକ୍ଷା ନିମିତ୍ତ ଗୋଟିଏ ଉର୍ଦ୍ଦିବ ଶିକ୍ଷୋପଯୋଗୀ ବଗିଗ୍ ପ୍ରସ୍ତୁତ ହେବ। କଲେକର ଶ୍ରୀବୃଦ୍ଧିର ସୀମା ନାହିଁ !

ଓଡିଶାର ନର୍ମାଲ୍ସ୍କୁଲମାନଙ୍କର ବ୍ୟୟ ଊଣା କରିବା କାରଣ ଗବର୍ଣ୍ଣମେଣ୍ଟରୁ ଆଦେଶ ଆସିଥିବାର ଶୁଣାଯାଏ। ତଦନୁସାରେ ପୁରୀ ଓ ବାଲେଶ୍ବର ବିଦ୍ୟାଳୟର ଶିକ୍ଷକମାନଙ୍କର ବେତନ ଊଣା ହେବ କେବଳ ସୁଖର ବିଷୟ ଯେ କଟକ ବିଦ୍ୟାଳୟର ଶିକ୍ଷକଙ୍କର ବେତନ ଊଣା ନ ହୋଇ ଛାତ୍ରବୃତ୍ତି ସଂଖ୍ୟାରେ କର୍ତ୍ତନ ହୋଇଅଛି।

ବାଲେଶରଜିଲ୍ଲାରେ ଗତ ସପ୍ତାହରେ ବର୍ଷା ହୋଇଥିବାର ଶୁଣାଯାଏ।

ନୀଳଗିରି ଇଲାକା ଚଣ୍ଡୀପୁର ଗ୍ରାମର କେତେକ ସ୍ତ୍ରୀମାନେ ଗୋପୀନାଥ ଦର୍ଶନକୁ ଆସିଥିଲେ। ଫେରି ଯାଉଁ ଗୋଧୂଳି ସମୟରେ ଏକ ଛତିଆ ପଦାରେ କେତେକ ମଦତ୍ତ ଚୋର ମିଳି ସେମାନଙ୍କର ଅଳଙ୍କାର ଛଡାଇ ନେବା ନିମନ୍ତେ ସେମାନଙ୍କୁ ଆକ୍ରମଣ କଲେ। ସମସ୍ତେ ନିରୁପାୟ ହୋଇ ରଡି ଦେଇ ପଡାଇ ଏଣେ ତେଣେ ପଳାଇ ଗଲେ। ଗୋଟିଏ ସ୍ତ୍ରୀ ସେମାନଙ୍କ ହାତରେ ପଡିଗଲା। ଜଣେ ଚୋର ତାହା କଣ୍ଠୀ କାଟି ନେଉଁ ତାହାକୁ ସେ ଗଣ୍ଡରେ ଅନେକ ପ୍ରହାର କରି ତାହା କେଶ ଏମନ୍ତ ବଳରେ ଆକର୍ଷଣ କରି ଧଇଲା ଯେ ସେ କୌଣସିରୂପେ ତାହା ହାତରୁ ଉଦ୍ଧାର ପାଇଲା ନାହିଁ। ଏହାର ସଙ୍ଗିମାନେ ଦୂରରୁ ବାହୁଅରୁମାନଙ୍କୁ ଆସିବାର ଦେଖି ପଳାଇ ଗଲେ। ସେ ଚୋର ନିରୁପାୟ ହୋଇ ସ୍ତ୍ରୀଟିକି ଛୁରିରେ ଆଘାତ କରି ଖୁନ କଲା। ମାତ୍ର ଗୁଣ୍ଠି ତାହା ହାତରୁ ବାହାର କରି ନେଇ ନ ପାରିଲା। ଲୋକମାନେ ଚୋରକୁ ଧଇଲେ। ଫାଣ୍ଡିକି ନେଇ ଗଲେ। ପୁଲିସ କଣ କରିଅଛନ୍ତି ଆମ୍ଭମାନଙ୍କୁ ଜଣା ଯାଇ ନାହିଁ। ରେମୁଣା ଫାଣ୍ଡିରେ ଜଣେ ହତଭାଗ ୧ମ ଶ୍ରେଣୀର ସବଇନ୍ସପେକ୍ଟରର ରହିବାର ନିତାନ୍ତ ଆବଶ୍ୟକ। ଉଃ ଦର୍ପଣ

କଲ୍ସୁସ୍ୱର୍କ ନଗରରେ ଗୋଟିଏ ସଙ୍ଗୀତ ବିଦ୍ୟାଳୟ ସ୍ଥାପନ ହେବାର ଜଳ୍ପ ହୋଇଅଛି। ପୃଥିବୀରେ ଯେତେ ଏ ପ୍ରକାର ବିଦ୍ୟାଳୟ ଅଛି ସବୁଠାରୁ ଏହା ଉତ୍କୃଷ୍ଟ ହେବ। ବିଦ୍ୟାଳୟ ଗୃହ ନିର୍ମାଣ ନିମିତ୍ତ ୫୧,୦୦,୦୦,୦୦୦ଟଙ୍କା ଚନ୍ଦ୍ରିତ ହୋଇ ରହିଅଛି। ଏ ବିଦ୍ୟାଳୟ ସକାଶେ ବିସ୍ତର ଟଙ୍କା ଖର୍ଚ୍ଚ ହେବ ଏମନ୍ତ କି ପୃଥିବୀର ଭଲ ଭଲ ସଙ୍ଗୀତ ଅଧ୍ୟାପକ ଓ ଗୀତ ରଚୟିତାମାନେ ସେଠାରେ ନିଯୋଗ ହୋଇ ପାରିବେ ଓ ସଙ୍ଗୀତ ଶିଖି ପାରିବା ଉପଯୁକ୍ତ ଦରିଦ୍ରବାଳକମାନେ ଅନାୟାସରେ ଶିକ୍ଷା ଲାଭ କରିବେ।

ମାନ୍ଦ୍ରାଜଷ୍ଟାଣ୍ଡାର୍ଡ଼ ଶୁଣିଅଛନ୍ତି ଯେ ମୁଗଲପଟ୍ଟନରେ ଜଣେ ଦୁଃସ୍ଥ କୃଷୀ ବିଲରେ ହଳ ବୁଲାଉଁ କେତେଖଣ୍ଡଏ ସୁବର୍ଣ୍ଣର ଇଟା ପାଇଲା ଓ ତହିଁରୁ କ୍ଷୁଦ୍ରଖଣ୍ଡମାନ ବଜାରରେ ବିକ୍ରୟ କରିଥିଲା। କଲେକ୍ଟର ଯାହେତ ଏଥିର ସମ୍ବାଦ ପାଇ ତାହାର ଘରତଲାସୀ କରି ୯ ଖଣ୍ଡ ସୁବର୍ଣ୍ଣର ଇଟା ପାଇଲେ ପ୍ରତ୍ୟେକଖଣ୍ଡର ମୂଲ୍ୟ ୫୭୦୦୦ ଟଙ୍କା ଲେଖାଏ। ଉକ୍ତ ଇଟାମାନ ଖଜଣାଖାନାରେ ରହିଅଛି। ଦୁଃସ୍ଥଲୋକଟି କି ଏଥିରୁ କିଛି ପାଇବ ନାହିଁ ?

ଜଣେ ବଳଡା ପାଦ୍ରୀ ଧର୍ମ ପ୍ରଚାର ବିଷୟରେ ବକ୍ତୃତା କରୁଁ କହିଅଛନ୍ତି କି ପୃଥିବୀରେ ଗୋଟିଏ ଏକା ମତଧର୍ମ ଅଛି। ତାହା ଏହି ଯେ ଯାହାକୁ କେହି ଲୋକ ବିଶ୍ବାସ କରଇ ମାତ୍ର ତଦନୁସାର କାର୍ଯ୍ୟ କରଇ ନାହିଁ ଅର୍ଥାତ୍ ଭଣ୍ଡଧର୍ମ। ସେ ଆହୁରି କହିଅଛନ୍ତି କି ଆଗାମୀ ବ ୬୦ ବର୍ଷ ମଧ୍ୟରେ ଭାରତବର୍ଷରେ ଏମନ୍ତ ଗୋଟିଏ ଦେଶୀୟ ଧର୍ମ ପରସ୍ତୁତ ହେବ କି ଯହିଁରେ ପୂର୍ବକାଳର ଉତ୍ତମ ବ୍ୟବହାର ସମସ୍ତ ଖ୍ରୀଷ୍ଟୀୟାନ ଧର୍ମ ସହିତ ମିଶ୍ରିତ ହୋଇ ପ୍ରକାଶ ପାଇବ।

ଇଂଲଣ୍ଡରେ ଥିବା ଶ୍ରୀମତୀ ମହାରାଣୀଙ୍କ ଅଦାଲତରେ ଧାର୍ଯ୍ୟ ହୋଇଅଛି ଯେ ସ୍ତ୍ରୀକୁ ସ୍ବାମୀ ପ୍ରହାର କଲେ ତହିଁ ସକାଶେ କ୍ଷତିପୂରଣର ନାଲିଶ ହେବ ନାହିଁ ଓ ଛାଡପତ୍ର ଦ୍ୱାରାରୁ ସ୍ତ୍ରୀ ଏପରି ଦାବୀ ଶୁଣା ଯିବ ନାହିଁ। କଲା ଆପଣା ସ୍ତ୍ରୀକୁ ପ୍ରହାର କରିବାପାଇଁ ସ୍ବାମୀର ଦେଓ୍ୱାନୀ ଅଧିକାର ଅଛି !

ସମ୍ବାଦପତ୍ରମାନଙ୍କରେ ଦେଖାଯାଏ ଯେ ତ୍ରିବାଙ୍କୁରରେ ଅତ୍ୟନ୍ତ ଜଳକଷ୍ଟ ହୋଇଅଛି। ସେଠାରେ ବର୍ଷା ହୋଇ ନାହିଁ ଓ ପୁଷ୍କରିଣୀ ସବୁ ଶୁଖିଗଲାଣି ଯେବେ ଶୀଘ୍ର ବୃଷ୍ଟି ନ ହୁଅଇ ତେବେ ଦୁର୍ଭିକ୍ଷ ପଡିବାର ସମ୍ପୂର୍ଣ୍ଣ ସମ୍ଭାବନା। ବର୍ଷା ଅଭାବରେ ଓଲାଉଠା ରୋଗର ବିଶେଷ ପ୍ରାଦୁର୍ଭାବ ହୋଇଅଛି।

ଡାକ୍ତର ସରକାରଙ୍କର ବିଜ୍ଞାନସଭାର କାର୍ଯ୍ୟ ଶୀଘ୍ର ଆରମ୍ଭ ହେବାର ଭରସା ହୁଅଇ। ଗବର୍ଣ୍ଣମେଣ୍ଟ ଯେଉଁ ନିୟମରେ ସହର କାର୍ଯ୍ୟ ସକାଶେ ଗୋଟିଏ ଘର ଦେବାକୁ ଅଙ୍ଗୀକାର କରିଥିଲେ ସଭା ସେ ନିୟମ ପ୍ରତିପାଳନ କରିବାକୁ ସମ୍ମତ ହେବାରୁ ଗବର୍ଣ୍ଣମେଣ୍ଟ ଘର ଦେବାକୁ ସ୍ୱୀକୃତ ହୋଇଅଛନ୍ତି ସୁତରାଂ ସେହା ଆଦାୟ ନିମନ୍ତେ ସଭା ଏଥର ତତ୍ପର ହୋଇଅଛନ୍ତି।

ଡେଲିନ୍ୟୁସର ଜଣେ ପତ୍ରପ୍ରେରକ ଗୋଟିଏ ଚମତ୍କାର ଜନ୍ମ ବୃତ୍ତାନ୍ତ ଲେଖିଅଛନ୍ତି ତାହା ଏହି ଯେ ଡାଙ୍ଗାଜିଲରେ ସେଖ ମୁଯାନହୋସେନ ନାମକ ଏକବ୍ୟକ୍ତିର ସ୍ତ୍ରୀ ମାଂସ ଗର୍ଭଧାରଣ ଦ୍ୱାରାରୁ ଗତ ଫେବୃଆରିମାସ ତା ୨୭ ଦିଖରେ ଗୋଟିଏ ପୁତ୍ର ଜନ୍ମ କରିଅଛି। ସେ ପୁତ୍ରର ଆକାର ସାଧାରଣ ସଦ୍ୟଜାତ ଶିଶୁର ଦ୍ୱିଗୁଣ ଅଟଇ ଓ ତାହାର ପାଟିରେ ଦୁଇଟା ଦାନ୍ତଅଛି ଏଟି ଅଦ୍ୟାପି ଜୀବିତଥିବାର ଶୁଣାଯାଏ।

ରୁଷିୟାର ଅଶ୍ୱ ବ୍ୟୟର ଏକ ତାଲିକା ହିନ୍ଦୁ ପେଟ୍ରିଅଟ ପ୍ରକାଶ କରିଅଛନ୍ତି। ତହିଁରୁ ଦେଖାଯାଏ ଯେ ଗତବର୍ଷ ଉକ୍ତ ଦେଶର ଆୟ ୫୭୯, [illegible] ଓ ବ୍ୟୟ ୫୭୯,୦୪,୫୦, [illegible] ହୋଇଥିଲା। ପୂର୍ବବର୍ଷ ସବୁ ସଙ୍ଗେ ତୁଳନା କଲେ ପ୍ରତିବର୍ଷ ପ୍ରାୟ ଦୁଇକୋଟି ଲେଖାଏ ଆୟ ବୃଦ୍ଧି ହୁଅଇ ଓ ମୋଟ ଆୟର ଅର୍ଦ୍ଧାଂଶ ଅସାକ୍ଷାତ୍ ଟାକ୍ସଦ୍ୱାରା ହସ୍ତଗତ ହୁଅଇ। ଯେଉଁମାନେ ସାକ୍ଷାତ୍ ଟାକ୍ସର ପକ୍ଷପାତ ସେମାନେ ଏହାକୁ ବିଚାର କରନ୍ତୁ।

ଇସାକପଟ୍ଟନ ଜିଲ୍ଲା ଅନ୍ତର୍ଗତ ବୋବ୍ବିଲି ଜମିଦାରର ଜମିଦାରଣୀ ଶ୍ରୀ ଲକ୍ଷ୍ମୀ ଚେଲ୍ଲାମ୍ବାଙ୍କୁ ମହାମାନ୍ୟ ଗବର୍ଣ୍ଣର ଜେନେରଲ ରାଣୀ ଉପାଧି ପ୍ରଦାନ କରିଅଛନ୍ତି। ଏ ସ୍ତ୍ରୀ ଟି ବଙ୍ଗଳାର ଦୁର୍ଭିକ୍ଷ ସମୟରେ ଦଶହଜାର ଟଙ୍କା ଦାନ କରିଥିଲେ !

ମୂଲ୍ୟପ୍ରାପ୍ତି

| | | | |
|---|---|---|---|
| ବାବୁ ରାମପ୍ରସାଦ ସିଂହ | କଟକ | ବକାୟା | ୫୭୷୶ |
| ମୁନସି ଅଚଳିଙ୍ଗ୍‌ | ” | ” | ୫୮୯ |
| ମୌଲବୀ ଅବଦୁଲବାଦର | ” | ” | ୫୭୯ |
| ମହନ୍ତ ବାଳମୁକୁନ୍ଦ ଦାସ | ” | ” | ୫୬୯ |
| ବାବୁ ସୁଦାମଚନ୍ଦ୍ରପଟ୍ଟନାୟକ | ଡେଡହେଡ ଅଫିସ | | ୫୭୷୶ |

ଏହି ଉତ୍କଳଦୀପିକା ସହରକଟକ ଦରଘାବଜାର କଟକ ପ୍ରିଣ୍ଟିଂକମ୍ପାନିଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା।

Digitized by srujanika@gmail.com

Split by PDF Splitter

REGISTERED NO. 18

# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା

ଭାଗ ୧୩ | ସଂଖ୍ୟା ୧୩ — ତା ୨୫ ରଖ ମାର୍ଚ୍ଚ ସନ ୧୮୭୮ ମସିହା। ମୁ। ଚୈତ୍ର ବ ୧୪ ନ ସନ ୧୨୮୫ ସାଲ ଶନିବାର

ଅଗ୍ରିମ ବାର୍ଷିକ ମୂଲ୍ୟ ୨॥
ବର୍ଷାନ୍ତେ ମୂଲ୍ୟ ଦେଲେ ବର୍ଷକୁ ୩
ମଫସଲ ଥାଇ ଡାକମାସୁଲ ୨।୵

[illegible] ଲର୍ଡବିଶପ ମାନ୍ୟବର ପାଦ୍ରୀ [illegible] ସାହେବ ଗଲଗମାସ ତା ୧୫ ରଖରେ [illegible] ମୁକାମରେ ସଂସାରଲୀଳା ଶେଷ କରିଅଛନ୍ତି। ଉକ୍ତ ମୁକାମକୁ ସେ ଗସ୍ତ ଉପ-[illegible]ରେ ଯାଇଥିଲେ ଓ ସେଠାରେ ଜ୍ୱରବିକାର [illegible] ତାହାଙ୍କୁ ଆକ୍ରମଣ କଲା। ମହାମାନ୍ୟ [illegible]ର ଜେନରଲ ଏ ଶୋକାବହ ସମ୍ବାଦ [illegible] ବିଶପଙ୍କର ସ୍ମରଣାର୍ଥ ବିଜ୍ଞାପନଦ୍ୱାରା ଶୋକ [illegible] କରିଅଛନ୍ତି। ଇହିଁରୁ ଅବଗତ ହେଲୁଁ ଯେ ବିଶପମହାଶୟ ଯଥାର୍ଥ ମହାତ୍ମା ଥିଲେ। [illegible]ଙ୍କର ଉଦାରତା, ଦାନଶୀଳତା ଓ ଅକ-[illegible] କର୍ମକାରିତାର ଯଥୋଚିତ ପ୍ରଶଂସା [illegible] ହୋଇଅଛି। ସତ୍କାର୍ଯ୍ୟରେ ତାହାଙ୍କର ବିଶେଷ ପ୍ରବୃତ୍ତି ଥିଲା ଏବଂ ସ୍ୱୟଂ ଖ୍ରୀଷ୍ଟିୟାନ ଥିଲେ ସୁଦ୍ଧା ସକଳ ଧର୍ମାବଲମ୍ବୀ ପ୍ରଜାଙ୍କ ଉପରେ ତାହାଙ୍କର ସମାନ ଦୟା ଓ ସନ୍ଦୃଷ୍ଟି ଥିଲା। ଏପରି ମନୁଷ୍ୟ ସଂସାରରେ ଦୁର୍ଲଭ ଅଟନ୍ତି। ଏହାଙ୍କ ମୃତ୍ୟୁରେ ଯେତେମନ୍ତଙ୍କର [illegible] ହେବ ଏଥିରେ ବିଚିତ୍ର କି ଅଛି ?

---

ମହାମାନ୍ୟ ଯୁବରାଜ ଭାରତବର୍ଷରୁ ଯାଇବାବେଳେ ଆପଣା ମନୋଭବ ଜଣାଇ ଏକ ପତ୍ର [illegible] ଗବର୍ଣ୍ଣର ଜେନରଲଙ୍କ ନିକଟକୁ ପଠାଇଅଛନ୍ତି। ଆମ୍ଭେମାନେ ଇହିଁରେ ଜାଣିଲୁଁ ଯେ ଯୁବରାଜ ଭାରତବର୍ଷର ନାନା-ସ୍ଥାନ ସନ୍ଦର୍ଶନ କରି ଯେତିକି ଆନନ୍ଦିତ ହୋଇଅଛନ୍ତି ଓ ଏଠାର ବଡ଼ ଛୋଟଠାରୁ ପ୍ରଜା ପର୍ଯ୍ୟନ୍ତ ସମସ୍ତେ ତାହାଙ୍କର ସମୁଚିତ ଅଭ୍ୟର୍ଥନା କରିଥିବାରୁ ତାହାଙ୍କର ଦୃଢ଼ବିଶ୍ୱାସ ହୋଇଅଛି ଶ୍ରୀମତୀ ମହାରାଣୀଙ୍କ ଠାରେ ଏମାନଙ୍କର ପ୍ରଗାଢ଼ ରାଜଭକ୍ତି ଅଛି ଓ ଇଂରେଜଙ୍କ ଶାସନରେ ଏମାନେ ସନ୍ତୁଷ୍ଟ ଥାଇ ତଦ୍ୱାରା ଅନେକପ୍ରକାର ଉପକାର ପ୍ରାପ୍ତ ହେଉଅଛନ୍ତି। ଯୁବରାଜ ଏହି ଆଶା କରନ୍ତି ଯେ ଏଠାର ପ୍ରଜାମାନେ ଉତ୍ତରୋତ୍ତର ବ୍ରିଟିସ ଶାସନରୁ ଅଧିକ ସୁଫଳ ଲାଭ କରିବେ ଏବଂ ଦୃଢ଼ରୂପେ ଜାଣିପାରିବେ ଯେ ଇଂଲଣ୍ଡର ରାଜା ଓ ଗବର୍ଣ୍ଣମେଣ୍ଟ ତାହାଙ୍କର ମଙ୍ଗଳ ଅକପଟରୂପେ ସର୍ବଦା ଚିନ୍ତା କରୁଅଛନ୍ତି। ଏଠାର ଦେଶୀୟ ସେନା ଏବ ସିବିଲସର୍ଭିସ କର୍ମଚାରୀଙ୍କର ଯଥୋଚିତ ପ୍ରଶଂସା ଯୁବରାଜ କରିଅଛନ୍ତି ଓ ତାହାଙ୍କର ଭ୍ରମଣ ବିଷୟରେ ଉତ୍ତମ ବନ୍ଦୋବସ୍ତ କରି ଦେଇ ଚାରିମାସ ମଧ୍ୟରେ ଏତେବଡ଼ ଦେଶ ତାହାଙ୍କୁ ଦେଖାଇଥିବାରୁ ଗବର୍ଣ୍ଣରଜେନରଲ ଏବ ଅନ୍ୟ ପ୍ରଧାନ କର୍ମଚାରୀମାନଙ୍କୁ ଧନ୍ୟବାଦ ଦେଇଅଛନ୍ତି।

---

ହିନ୍ଦୁ ପେଟ୍ରିଅଟରେ ଦେଖିଲୁଁ ଯେ ପଟୁଆର ଭୟଙ୍କର ବିଷୟକ ନିୟମାବଳୀ ଆଗାମୀ ବନ୍ଦୋବସ୍ତରେ ଜାରି ହେବ। ଗବର୍ଣ୍ଣମେଣ୍ଟ ବଙ୍ଗାଳ ବୋର୍ଡରେବିନ୍ୟୁକୁ ଏହି ଆଦେଶ ପତ୍ର ପଠାଇଅଛନ୍ତି। ଯଥା

" ଓଡ଼ିଶା ସମ୍ପର୍କରେ ବର୍ତ୍ତମାନ ଆଉ କିଛି ଆଜ୍ଞା ଦେବାର ପ୍ରୟୋଜନ ନାହିଁ କାରଣ ଅନୁସନ୍ଧାନଦ୍ୱାରା ଜଣାଯାଇଅଛି ଯେ ବର୍ତ୍ତମାନ ପଟୁଆରମାନଙ୍କୁ ପୁନଃ ସଂସ୍ଥାପନ କରିବାକୁ ହେଲେ ଗବର୍ଣ୍ଣମେଣ୍ଟଙ୍କର ବାର୍ଷିକ ୨୮୫୦୦୦ ଟଙ୍କାରୁ ଊଣା ବ୍ୟୟ ପଡ଼ିବ ନାହିଁ ଅତଏବ କମିଶନର ଓ ବୋର୍ଡଙ୍କ ପରାମର୍ଶ ମତେ ଉକ୍ତ ପ୍ରଦେଶର ପୁନର୍ବାର ବନ୍ଦୋବସ୍ତ ପର୍ଯ୍ୟନ୍ତ ପଟୁଆର କାର୍ଯ୍ୟ ପକ୍ଷରେ କୌଣସି ଉପାୟ ଅବଲମ୍ବନ ନ କରିବାର ସ୍ଥିର ହୋଇଅଛି। ବନ୍ଦୋବସ୍ତ ସମୟରେ ଆବଶ୍ୟକୀୟ ବିଧାନମାନ ବନ୍ଦୋବସ୍ତ ସେଟଲମେଣ୍ଟ ବାବଦରେ ହୋଇ ପାରିବ। "

ଏଥିରୁ ପାଠକମାନେ ବୁଝିବେ ଯେ ଆମ୍ଭେମାନେ ଗତ ସପ୍ତାହରେ ଯାହା ଲେଖିଥିଲୁଁ କି ବନ୍ଦୋବସ୍ତ ସମୟରେ ପଟୁଆର ନିୟମ ଜାରି କରିବାର ଗବର୍ଣ୍ଣମେଣ୍ଟଙ୍କର ଉଦ୍ଦେଶ୍ୟ ଅଟଇ ତାହା ଅମୂଳକ ନ ଥିଲା ଏବ ପଟୁଆର ଖର୍ଚ୍ଚ ଗବର୍ଣ୍ଣମେଣ୍ଟ ସହିବାକୁ ପ୍ରସ୍ତୁତ ଅଛନ୍ତି। ଏମନ୍ତ ଅବସ୍ଥାରେ ପଟୁଆର କାଗଜ ଘେନି ସ୍ଥାନୀୟ ହାକିମଙ୍କର ଜମିଦାରଙ୍କ ସହିତ ଯୁଦ୍ଧ . ଲାଗିଅଛି କାହିଁକି ? ଆମ୍ଭେମାନେ ଅନୁମାନ କରୁଁ ଯେ ଗବର୍ଣ୍ଣ-ମେଣ୍ଟଙ୍କ ଖର୍ଚ୍ଚ ବିନା ଏ କର୍ମ ଜମିଦାରଙ୍କ ମୁଣ୍ଡରେ ଚଳାଇଦେଇ କମିଶନର ଓ କଲେକ୍ଟର ସାହେବ ପ୍ରଶଂସା ପାଇବାର ଯତ୍ନ କରୁଅଛନ୍ତି।

---

Digitized by srujanika@gmail.com

ମୁସଲମାନମାନେ କିପରିମାଣରେ ସରକାରୀ ଚାକିରୀ ପାଉଅଛନ୍ତି ମାନ୍ଦ୍ରାଜ ଗବର୍ଣ୍ଣମେଣ୍ଟ ଏହିବିଷୟର ଅନୁସନ୍ଧାନ କରି ତଲଲିଖିତ ଅଭିପ୍ରାୟ ବ୍ୟକ୍ତ କରିଥିବାର ହିନ୍ଦୁପେଟ୍ରିଅଟରୁ ଅବଗତ ହେଲୁଁ ।

"ଗବର୍ଣ୍ଣମେଣ୍ଟ ଏମନ୍ତ ସନ୍ଦେହ କରିବାର ହେତୁ ପାଇଅଛନ୍ତି କି ମୁସଲମାନମାନେ ଅଧିକ ପରିମାଣରେ ସାଧାରଣ କାର୍ଯ୍ୟରେ ନିଯୁକ୍ତ ହେବାର ପକ୍ଷେ ପ୍ରତିବନ୍ଧକ ସେମାନଙ୍କର ନିଜର ଚେଷ୍ଟାର ଅଭାବ ଅଟଇ । ସେମାନେ ଅତ୍ୟନ୍ତ ଛୋଟ ଚାକିରୀ ଛଡ଼ା କୌଣସି ଉଚ୍ଚପଦ ପାଇ ପ୍ରୟୋଜନୀୟ ଶିକ୍ଷାଲାଭ କରି ନାହାନ୍ତି । ମୁସଲମାନଙ୍କ ଶିକ୍ଷା ଉନ୍ନତି କାରଣ ଯେଉଁସମସ୍ତ ଉପାୟ ସମ୍ପ୍ରତି ଅବଲମ୍ବିତ ହୋଇଅଛି ଗବର୍ଣ୍ଣମେଣ୍ଟ ବିଶ୍ୱାସ କରନ୍ତି କି ତଦ୍ଦ୍ୱାରା ସୁଫଳ ଫଳିବ ।"

ଭାରତବର୍ଷର ସବୁ ପ୍ରଦେଶର ମୁସଲମାନଙ୍କ ପକ୍ଷେ ଏହିମତ ପ୍ରବଳ ଅଟଇ । ଗବର୍ଣ୍ଣମେଣ୍ଟ ସାଧାରଣ ଶିକ୍ଷାର ଯେଉଁସମସ୍ତ ଉପାୟ କରିଦେଇଅଛନ୍ତି ତହିଁର ପ୍ରକୃତ ବ୍ୟବହାର ଏମାନେ କରନ୍ତି ନାହିଁ ଓ ବିଶେଷ ଉପାୟଦ୍ୱାରା ଯେ ଅଣ୍ଟ ଏମାନଙ୍କର ଉନ୍ନତି ହେବ ଏମନ୍ତ ଆଶା କରିବା ମଧ୍ୟ ଅଧିକ ଅଟଇ କାରଣ ସେମାନେ ଉଚ୍ଚଶିକ୍ଷା ଲାଭ କରିବାକୁ ଚେଷ୍ଟା କଲେ ଅନ୍ୟାନ୍ୟ ଶ୍ରେଣୀର ପ୍ରଜାଙ୍କପରି ସାଧାରଣ ଉପାୟକୁ ଅବଲମ୍ବନ କରି କୃତକାର୍ଯ୍ୟ ମଧ୍ୟ ହୋଇପାରିବେ ।

———

ଗତ ଶନିବାର ପରୀକ୍ଷୋତ୍ତୀର୍ଣ୍ଣ ଛାତ୍ରମାନଙ୍କୁ ଉପାଧି ଦେବାସକାଶେ କଲିକତା ବିଶ୍ୱବିଦ୍ୟାଳୟର ସଭାଧିବେଶନ ହୋଇଥିଲା । ଛାତ୍ରମାନଙ୍କୁ ଉପାଧି ଦେବା ପୂର୍ବରୁ ଏଦେଶୀୟ ଦୁଇଜଣ ପ୍ରସିଦ୍ଧ ବିଦ୍ୱାନ୍‌ବ୍ୟକ୍ତିଙ୍କୁ ଡି, ଏଲ୍ ଉପାଧି ପ୍ରଦାନ ହେଲା । ଉକ୍ତ ଦୁଇ ମହାଶୟଙ୍କର ନାମ ରେଭରେଣ୍ଡ କେ, ଏମ, ବାନର୍ଜ୍ୟା ଏବଂ ବାବୁ ରାଜେନ୍ଦ୍ର ଲାଲ ମିତ୍ର । ଏ ଦୁଇ ମହାଶୟ ଯେ ସମ୍ୟକ୍‌ପ୍ରକାରେ ଉପାଧି ପାଇବାର ଯୋଗ୍ୟ ସେବିଷୟରେ କିଛି ସନ୍ଦେହ ନାହିଁ ଓ ଉପାଧି ଦାନ କାଳରେ ସଭାରେ ଏହାଙ୍କର ଗୁଣ କୀର୍ତ୍ତନ ହୋଇଥିଲା । ଏଥିପୂର୍ବେ ବିଶ୍ୱବିଦ୍ୟାଳୟ ସଭା କେବଳ ଆପଣା ନିୟମାନୁସାରେ ପରୀକ୍ଷା ଦେଇଥିବା ବ୍ୟକ୍ତିମାନଙ୍କୁ ପଦ ଦେଉଥିଲେ । ଯୁବରାଜଙ୍କର ଶୁଭାଗମନ ଉପଲକ୍ଷରେ ତାହାଙ୍କୁ ପଦ ଦେବାର ପ୍ରୟୋଜନ ହେବାରୁ ସେହି ସମୟରେ ଅନ୍ୟାନ୍ୟ ବ୍ୟକ୍ତିଙ୍କୁ ପଦ ଦେବାର କ୍ଷମତା ଉକ୍ତ ସଭାକୁ ଅର୍ପିତ ହେଲା । ଏ ନିୟମଟି ବଡ଼ ସୁନ୍ଦର ଓ ହିତକର ହୋଇଅଛି ଓ ପ୍ରଥମେ ଦୁଇଜଣ ସର୍ବବାଦିସମ୍ମତ ସୁଯୋଗ୍ୟ ବ୍ୟକ୍ତିଙ୍କୁ ପଦ ଦେବାରେ ବିଶ୍ୱବିଦ୍ୟାଳୟ ବଡ଼ ବିବେଚନା ସହିତ କାର୍ଯ୍ୟ କରିଅଛନ୍ତି । ବାବୁ ରାଜେନ୍ଦ୍ର ଲାଲ କେତେବର୍ଷ ହେଲା ବିଦେଶୀୟ ନାନା ବିଦ୍ୱାନ୍ ସଭାରେ ସମ୍ମାନିତ ହୋଇଅଛନ୍ତି । ବର୍ତ୍ତମାନ ସ୍ୱଦେଶରେ ତାହାଙ୍କର ସମାଦର ହେଲା ସୁଖର ବିଷୟ ଅଟଇ ।

———

ଗତବର୍ଷର ପାଞ୍ଚ ଦିନରୁ ଗୋଟିଏ ବଡ଼ ଚମତ୍କାର କଥା ଏ ନଗରର ଆବାଲବୃଦ୍ଧ ସମସ୍ତଙ୍କ ମୁହଁରେ ଶୁଣା ଯାଉଅଛି ଓ ହାଟ ବାଟ ସବୁଠାରେ ତହିଁର ତର୍କ ହେଉଅଛି । ପ୍ରଥମ ଦିନର ଚମତ୍କାରତା ବର୍ତ୍ତମାନ ନାହିଁ ସତ୍ୟ କିନ୍ତୁ ସମସ୍ତ ଲୋକ ଏହାକୁ ଅବହେଳା ବା ମନରୁ ଅନ୍ତର କରି ନାହାନ୍ତି । କଥାଟି ଏହି ଯେ ଏହି ନଗର ମଧ୍ୟରେ ମକରବା ବିଲ ସଂଲଗ୍ନ ନୂତନ ସରକାରୀ ପୁଲ ପାଖରେ ମୂଲିଆମାନେ ମାଟି ଖୋଳୁ ଖୋଳୁ ଗୋଟାଏ ମାଠିଆ ବାହାର କଲେ । ମାଠିଅଟି ଭାରି ଜଣା ଯିବାରୁ ତହିଁରେ ଗୁପ୍ତଧନ ଥିବାର ଅନୁମାନ କରି ତାହା ମୁହଁ ମୁକୁଲାଇ ଦେଲେ । ତତ୍‌କ୍ଷଣାତ୍ ଧୂଆଁ ଭଳି ଗୋଟାଏ ପବନ ତହିଁରୁ ବେଗେ ବାହାରି ଗଲା (ଆରବ୍ୟ ଉପନ୍ୟାସରେ ଏପରି ଗଳ୍ପଟିଏ ଅଛି) ସେହି ପବନ ଗୋଟିଏ ଭୂତ ଅଟଇ । ଏବେ ସେ ଭୂତ ସେଠାରେ ଅବସ୍ଥିତି କରି ଯାହାକୁ ଏକା ପାଉଅଛି ତାହାର ଗୋଡ଼ ଧରି ଟେକି ଏମନ୍ତ କଚଡ଼ାଏ ଦେଉଅଛି କି ତାହାର ତତ୍‌କ୍ଷଣାତ୍ ମୃତ୍ୟୁ ହେଉଅଛି । ଏପରି ଭିନ୍ନ ଲୋକଙ୍କ କହିବା ମତେ ୮।୧୦।୧୨।୨୦ ଜଣ ମନୁଷ୍ୟର ପ୍ରାଣ ନେଲଣି ସେ ବାଟ ଦେଇ ଜାଣିବା ଲୋକ କେହି ଯାଉ ନାହାନ୍ତି ଓ ନ ଜାଣିବା ଲୋକଙ୍କୁ ସତର୍କ କରି ଦେବା କାରଣ ବାଟ ଦୁଇପାଖରେ କନେଷ୍ଟବଲ ପହରା ରହିଅଛନ୍ତି । ଏଠା ଲୋକଙ୍କର ଭୟ ଓ ବିଶ୍ୱାସ ଏମନ୍ତ ଅଧିକ ଯେ ସହର ମଧ୍ୟରେ ଏ ଘଟଣା ହେଉଥିବାର ଜାଣି ସୁଦ୍ଧା ସେଠାକୁ କେହି ନ ଯାଇ କି ଯଥାର୍ଥ କଥାର ଅନୁସନ୍ଧାନ ନ କରି ପରୋକ୍ଷରେ ଏହି କଥା ଲୁହା ଲୁହି ହୋଇ ନାନା ଅମଙ୍ଗଳର ଆଶଙ୍କା କଲେ ଓ ଏ ଘଟଣାର ନାନା ସମ୍ବାଦ ରଟାଇଲେ । ପରିଶେଷରେ କେହିଂ ସାହସୀ ଲୋକ ସେଠାକୁ ଯାଇ ପ୍ରତିବାସିଙ୍କଠାରୁ ସନ୍ଧାନ ନେବାରେ ସେମାନେ କିଛି ଜାଣି ନ ଥିବାର କହିଲେ ଓ ଏ କଥା କୌଣସି ଅଂଶରେ ସତ୍ୟ ଥିବାର ପ୍ରକାଶ ହେଲା ନାହିଁ ଯାହାକୁ ପଚାରି ସେ କହିବ ମୁଁ ଶୁଣିଅଛି ଦେଖିବାର କେହି କହି ନାହିଁ ତଥାପି ସେହି ଶୁଣାକଥାରେ ସମସ୍ତଙ୍କର ଏକାନ୍ତ ବିଶ୍ୱାସ ହୋଇଥିଲା । କାହିଁକି ଏ ଲୋକକଥା ଉଠିଲା ଆମ୍ଭେମାନେ କହି ନ ପାରୁଁ । ଶୁଣାଯାଏ ପୁଲପାଖରେ ଦିନେ ଗଣ୍ଡେ ଗଗଡ଼ ଉଲଟି ପଡ଼ିଥିଲା ଓ ଆଉଦିନେ ଜଣେ ବୁଢ଼ା ପୁଲଉପରେ ବସି ନିଦରେ ଢୁଲାଉଥିବାରୁ କଣ୍ଟ ପଡ଼ିଥିଲା । ଆଉ ଏକଦିନ ଗୋଟାଏ ଗୌଡ଼ ଘିଅ ନେଇ ଯାଉଥିଲା ଯେ ତାହାର ଘିଅମାଠିଆ ସେଠାରେ ହାତରୁ ଅଘାତ ପାଇ ଭାଙ୍ଗିଗଲା । ଏପରି ଅନ୍ଧକାଳ କାହାର କାହାକୁ ଓଲଉଠା ରୋଗରେ ମରିବାର ଦେଖାଯାଏ । ସେଗୁଡ଼ିକ ବହୁଦିନ ଶୁଣା ନ ଥିଲା ଏବେ ବାହାରିଅଛି ! ଏସବୁ ଘଟଣା ସମ୍ପୂର୍ଣ୍ଣ ସତ୍ୟ ନ ହେଲେହେଁ ଅନେକ ସତ୍ୟ ହେବାର ସମ୍ଭବ ଓ ଏସମସ୍ତକୁ ଏକଷ୍ଟ କଲେ ଉପରଲିଖିତ କଥାର ମୂଳ କିଛି ଜଣା ପଡ଼ୁଅଛି । ଏଠାଲୋକଙ୍କର ମନୋବୃତ୍ତି ଏପରି ଅଟଇ ଯେ ସ୍ୱଭାବପ୍ରତି ଆଦୌ ଦୃଷ୍ଟି କରିବେ ନାହିଁ କୌଣସି କଥା ହେଲେ ଆଗେ ତହିଁର ଗୋଟିଏ ଅନୈସର୍ଗିକ ହେତୁ କଳ୍ପନା କରିବେ ଓ ଭୂତ ପ୍ରେତ ଡାଆଣି ଚିରୁଗୁଣି ଏହାଙ୍କ ଭୀତଉପରେ ସବୁଦିନ ନାଚୁଅଛି । ଏମନ୍ତ ଦିନ ନାହିଁ କି କୌଣସିଠାରେ କାହାରିକୁ ଭୂତ ଲାଗୁ ନାହିଁ କି କାହାରି ପିଲାଟିକୁ ଡାଆଣି ଶୋଷି ଯାଉ ନାହିଁ । ଗୃହରେ ନିଶ୍ଚିଅ ପଡ଼ିଅଛୁ ଗଲେ ଚିରକୁଣୀ ସହିତ ଅବଶ୍ୟ ଭେଟ ହେବ । ଏପରି ଲୋକଙ୍କ ମୂର୍ଖତା ଭାଙ୍ଗିବାକୁ ଯେ ବହୁତ କାଳ ଲାଗିବ ଏଥିରେ ସନ୍ଦେହ କି ?

———

### ଅସାବଧାନତାର ଦଣ୍ଡ ।

ଆମ୍ଭେମାନେ ଆନନ୍ଦସହିତ ଅବଗତ ହେଲୁଁ ଯେ ବୋର୍ଡ଼ ରେଭିନ୍ୟୁ ଏଠା କଲେକ୍ଟରୀ ସିରସ୍ତାଦାରଙ୍କ ପ୍ରତି ଯାହା ଦଣ୍ଡବିଧାନ କରିଥିଲେ ଗବର୍ଣ୍ଣମେଣ୍ଟ ତାହା ମନୋନୀତ କରିଅଛନ୍ତି ଓ ତଦ୍ଦ୍ୱାରା ଯେଉଁମାନେ ସିରସ୍ତାଦାରଙ୍କର ଅଧିକ ଅନିଷ୍ଟ ହେବବୋଲି ଶଙ୍କା କରିଥିଲେ ସେମାନଙ୍କର ଉଦ୍‌ବେଗ ଶେଷ ହେଲା । ଶୁଣାଯାଏ ଯେ

Split by PDF Splitter

Digitized by srujanika@gmail.com

ଅମ୍ଭମାନଙ୍କ କମିଶ୍ନର ଏତାଦୃଶ ଦଣ୍ଡରେ ସନ୍ତୁଷ୍ଟ ନୁହନ୍ତି ଏଥିରୁ ଅଧିକ କଷ୍ଟ ହୋଇଥିଲେ ତାହାଙ୍କର ମନୋମତ ହୋଇଥାନ୍ତା ଏମନ୍ତ ଅନୁମାନ ହୁଅଇ ଓ ଏ ଅନୁମାନ ଅମୂଳକ ନୁହଇ । କାରଣ ଅମ୍ଭେମାନେ ସର୍ବଦା ଦେଖୁଅଛୁଁ ଯେ ସ୍ଥାନୀୟ ହାକିମମାନେ ଅମଲଙ୍କ ପ୍ରତି ଯେମନ୍ତ କଠିନ ସଦରର ହାକିମମାନେ ସେରୂପ ନୁହନ୍ତି । ସେମାନଙ୍କର ଅନେକ ଧୈର୍ଯ୍ୟ ଦୟା ଓ ସଦ୍‌ବିଚାର ଅଛି ଓ ଦୁଃଖୀ ଅମଲଙ୍କ ଅବସ୍ଥା ସେମାନେ ଯଥାର୍ଥରୂପେ ବୁଝି ବ୍ୟବହାର କରନ୍ତି । ମାତ୍ର ସ୍ଥାନୀୟ ହାକିମଙ୍କର ସେରୂପ ବିଚାର ନାହିଁ । ସେମାନେ ଅଳ୍ପଦୋଷରେ ଏମନ୍ତ ଗୁରୁଦଣ୍ଡ ଦିଅନ୍ତି ଯେ ଅମଲଙ୍କର ପ୍ରାଣରକ୍ଷା ଭାର ହୋଇପଡେ ସେରସ୍ତାଦାରଙ୍କ ବେତନ ୫୦ ଟଙ୍କା ତାଙ୍କ ଉପରେ ସଦର ହାକିମମାନେ କେବଳ ୨୫ ଟଙ୍କା ଅର୍ଥଦଣ୍ଡ କଲେ ଏକମାସରେ ସବୁ ଟଙ୍କା କାଟିନେଲେ ତାହାଙ୍କର କଷ୍ଟ ହେବବୋଲି ତାହା ତିନିମାସରେ କାଟିନେବାକୁ ଆଜ୍ଞା ଦେଇଅଛନ୍ତି । ଏକେତ ଗୁରୁତର ଅସାବଧାନତା ସକାଶେ କେବଳ ଅଧମାସର ବେତନ ଦଣ୍ଡ, ପୁଣି ତାହା ଆଦାୟ ସକାଶେ ତିନିମାସ କିସ୍ତବନ୍ଦୀ । ସ୍ଥାନୀୟ ହାକିମଙ୍କର ବ୍ୟବହାର ଏଥିରୁ କେତେ କଠିନ ଅଟଇ ! ଅମ୍ଭେମାନେ ଅବଗତ ହୋଇଅଛୁଁ ଯେ ଏହି କଲେକ୍ଟରୀ କଚେରିରେ ଜଣେ ମୋହରର ସାମାନ୍ୟ ଅସାବଧାନତା ହେବାରୁ କଲେକ୍ଟର ସାହେବ ତାହାକୁ ତିନମାସ ସସପେଣ୍ଡ କରିଅଛନ୍ତି ଅଥଚ ସେ ମୋହରର ଅବସ୍ଥା ଏମନ୍ତ ଯେ ମାସରେ ଯାହା ବେତନ ପାଏ ତହିଁରେ କୁଟୁମ୍ବ ପୋଷିବାର ଅସମ୍ଭବ । ଏହା ଉପରେ ପାଞ୍ଚଟଙ୍କା ଜରିମାନା ହେଲେ ସିରସ୍ତାଦାରଙ୍କ ଅଧମାସର ବେତନ ଜରିମାନାଠାରୁ ଅଧିକ କଷ୍ଟକର ହୋଇଥାନ୍ତା । ଏହିପରି କେତେକ ଘଟଣା ହେଉଅଛି ତହିଁର ସଂଖ୍ୟା ନାହିଁ । ଯେବେ ସେସବୁ ସଦର ହାକିମଙ୍କର ଗୋଚରରେ ଅସୁଥାନ୍ତା ତେବେ ମଫସଲ ହାକିମଙ୍କଠାରୁ ଅନେକ ଅମଲଙ୍କୁ ସାମାନ୍ୟ ଦଣ୍ଡଦେବାର କ୍ଷମତା କାଢିନିଆଯାଇ ଥାନ୍ତା ।

---

## ଖୋରଧାବନ୍ଦୋବସ୍ତ ।

ଅମ୍ଭେମାନେ ଅବଗତ ହେଲୁଁ ଯେ ଓଡିଶାର କମିଶ୍ନରସାହେବ ଗତ ସପ୍ତାହରେ ଖୋରଧାକୁ ଯାଇ ପୁରୀ କଲେକ୍ଟର ଓ ଡେପୁଟି କଲେକ୍ଟର ପ୍ରଭୃତିଙ୍କ ସଙ୍ଗେ ପରାମର୍ଶ କରି ଖୋରଧା ବନ୍ଦୋବସ୍ତର ସବୁ ଶୃଙ୍ଖଳା ବାନ୍ଧିଦେଇ ଆସିଅଛନ୍ତି । ବନ୍ଦୋବସ୍ତର ନିୟମସବୁ ସ୍ଥିର କରିବାରେ କମିଶ୍ନରସାହେବ ସୁବିଚାର ପୂର୍ବକ ପ୍ରଧାନ୨ ସରବରାକାର ପ୍ରଭୃତିଙ୍କୁ ଡକାଇ ତାହାଙ୍କ ଆପତ୍ତିମାନ ମଧ୍ୟ ଶୁଣିଅଛନ୍ତି ଏ କାର୍ଯ୍ୟଟି ଭଲ ହୋଇଅଛି ଓ ଏଥିରେ ଆଶା ହୋଇପାରେ ଯେ ଭବିଷ୍ୟତକୁ ବିସ୍ତର ଅପିଲ କମ୍ପା ସରକାର ଓ ପ୍ରଜାଙ୍କ ମଧ୍ୟରେ ବିସ୍ତର ମତଭେଦ ଘଟିବ ନାହିଁ । କେତେ ଦରରେ ବର୍ତ୍ତମାନ ବନ୍ଦୋବସ୍ତ ହେବ ତହିଁର ସବିଶେଷ ଅମ୍ଭେମାନେ ଅଦ୍ୟାପି ଜାଣିପାରୁ ନାହୁଁ ମାତ୍ର କଟକ ଖାସମହାଲ ପରି ସ୍ୱେଚ୍ଛାଧୀନ ଜମା ବସାଇବାକୁ ହାକିମମାନେ ମନସ୍ଥ କରି ନ ଥିବେ ଏରୂପ ଅନୁମାନ ହୁଅଇ କାରଣ ଯେବେ ସେପରି ଜମା ବସାଇବେ ତେବେ କାର୍ଯ୍ୟର ଶୃଙ୍ଖଳା ଯେତେ ଉତ୍ତମ ହେଉ ପରିଣାମରେ ଫଳିତ ଭଲ ହେବ ନାହିଁ । ଉପଯୁକ୍ତ ଦର ଉପରେ ବନ୍ଦୋବସ୍ତର ଉପକାରିତା ଯେରୂପ ନିର୍ଭର କରଇ ବନ୍ଦୋବସ୍ତ କର୍ତ୍ତାଙ୍କ ଉପଯୁକ୍ତତା ଉପରେ ତତୋଧିକ ନ ହେଉ ତଦ୍ରୂପ ନିର୍ଭର କରଇ ଓ ଯଦ୍ୟପିକ ପ୍ରଥମ ଲିଖିତ ବିଷୟରେ ଅମ୍ଭେମାନେ କିଛି ନ ଜାଣୁ କିନ୍ତୁ ଶେଷ ଲିଖିତ ବିଷୟରେ ଯାହା ଶୁଣୁଅଛୁଁ ତହିଁରେ ଅମ୍ଭମାନଙ୍କର ତୃପ୍ତି ହୋଇ ନାହିଁ । ଅମ୍ଭେମାନେ ଏଥିପୂର୍ବ ଖୋରଧାରୁ ଆସିଥିବା ଏକପତ୍ରରେ ପାଠ କରିଥିଲୁଁ ଯେ ବନ୍ଦୋବସ୍ତ ସକାଶେ ଅନ୍ୟ କର୍ମଚାରୀ ନିଯୁକ୍ତ ନ କରି ପୁରୀର କଲେକ୍ଟର ଓ ଟେଲରସାହେବ ଡେପୁଟି କଲେକ୍ଟରଙ୍କଦ୍ୱାରା ଉକ୍ତ କର୍ମ ନିର୍ବାହ ହେବା ବିଷୟରେ ଗବର୍ଣ୍ଣମେଣ୍ଟ ଆଜ୍ଞା ଦେଲେ ଭଲ ହେବ ସେଠା ପ୍ରଜାମାନେ ଏରୂପ ପ୍ରାର୍ଥନା କରନ୍ତି । ଏପରି ପ୍ରାର୍ଥନାର ଉଦ୍ଦେଶ୍ୟ କି ପାଠକମାନେ ଅବଶ୍ୟ ଅନୁମାନ କରିଥିବେ ଓ ବୋଧ ହୁଅଇ ଅମ୍ଭେମାନେ ତାହାଙ୍କ ସହିତ ଐକ୍ୟ ହୋଇ କହୁଅଛୁଁ ଯେ କାଳେ ପ୍ରଜାଙ୍କ ମନୋନୀତ ଲୋକ ନିଯୁକ୍ତ ନ ହେବ ଅଥବା ଯେ ବ୍ୟକ୍ତି ନିଯୁକ୍ତ ହେବ ସେ କାର୍ଯ୍ୟକ୍ଷମ ନ ହେବ ତେବେ ପ୍ରଜାମାନଙ୍କର ଅନେକ କ୍ଷତି ଓ ଅନିଷ୍ଟ ହେବ ଏହି ଆଶଙ୍କାରେ ସେମାନେ ଅନ୍ୟ ଲୋକ ନିଯୁକ୍ତ ହେବା ବିରୁଦ୍ଧରେ ମତ ବ୍ୟକ୍ତ କରିଥିଲେ । ଏଥିକୁ ହେ-ଶୁଣାଯାଏ ଯେ କମିଶ୍ନର ସାହେବ ଯେଉଁମାନଙ୍କୁ ବନ୍ଦୋବସ୍ତ କର୍ମରେ ନିଯୁକ୍ତ କରିବାକୁ ମନୋନୀତ କରିଅଛନ୍ତି ସେମାନେ ସାଧାରଣ ବିବେଚନାରେ ସମସ୍ତେ ଉପଯୁକ୍ତ ନୁହନ୍ତି । ବାବୁ ଭାଗବତ ମହାନ୍ତି ଖୋରଧାର ତହସିଲଦାର ବହୁତଦିନରୁ ଅଛନ୍ତି ଓ ସେ କର୍ମରେ ତାହାଙ୍କର ସୁଖ୍ୟାତି ହେବାରୁ ଗବର୍ଣ୍ଣମେଣ୍ଟ ପାରିତୋଷିକ ଦେଇଅଛନ୍ତି ତାହାଙ୍କୁ ଖାସ ଡେପୁଟୀ କଲେକ୍ଟରୀ ପଦରେ ନିଯୁକ୍ତ କରିବା ଅନ୍ୟାୟ ବୋଲିଯାଇ ନ ପାରେ ଓ ଏଥିରେ କାହାର ଆପତ୍ତି ନାହିଁ । ମାତ୍ର ବାବୁ ନିତ୍ୟାନନ୍ଦ ଦାସ ଓ ବାବୁ ରାସବେହାରି ନାୟକଙ୍କୁ ତହସିଲଦାର ଓ ଖାସ ସବ୍‌ଡେପୁଟୀ କର୍ମମାନଙ୍କରେ ନିଯୁକ୍ତ କରିବା ଅମ୍ଭମାନଙ୍କ ବିବେଚନାରେ ଯଥାର୍ଥ ହୋଇ ନାହିଁ । ଏଥିରେ ଯେମନ୍ତ ଅନ୍ୟ ଉପଯୁକ୍ତ ଲୋକଙ୍କ ପ୍ରତି ଅନ୍ୟାୟ ବ୍ୟବହାର ହୋଇଅଛି ତେମନ୍ତ ଗବର୍ଣ୍ଣମେଣ୍ଟଙ୍କ ନିୟମ ପ୍ରତି ଅନାଦର ପ୍ରଦର୍ଶିତ ହୋଇଅଛି । ବାବୁ ନିତ୍ୟାନନ୍ଦ ଦାସ ପୂର୍ବେ ପୁରୀ କଲେକ୍ଟରୀ ହେଡକିରାନି ଥିଲେ ସେଠାରେ ନିମକ ମହକୁମାର କାର୍ଯ୍ୟ ସମ୍ପର୍କରେ ଏହାଙ୍କ ପ୍ରତି ସନ୍ଦେହ ହେବାରୁ ବାଲେଶ୍ୱରକୁ ବଦଳ ହୋଇ ଅଛନ୍ତି । ଏ ଘଟଣା ଦୁଇବର୍ଷ ତଳେ ଘଟିଥିଲା ଓ ତହିଁ ଉତ୍ତାରୁ ତାହାଙ୍କର ଏମନ୍ତ କିଛି ସୁଖ୍ୟାତି ଶୁଣାଯାଇ ନାହିଁ କି ଯଦ୍ଦ୍ୱାରା ପୂର୍ବର ସନ୍ଦେହ ସମ୍ପୂର୍ଣ୍ଣରୂପେ ଅକାରଣ ବୋଧ ହୋଇପାରେ । ଅତଏବ ଯେଉଁ ବ୍ୟକ୍ତିର ରାଜସ୍ୱ ପ୍ରତି ସ୍ଥାନୀୟ କର୍ମଚାରୀମାନେ ଅଳ୍ପଦିନ ତଳେ ସନ୍ଦେହ କରିଥିଲେ ଓ ଯାହାଙ୍କର ତହସିଲଦାରୀ କର୍ମ ସକାଶେ ବିଶେଷ ନିପୁଣତା ଥିବାର ପୂର୍ବରୁ ପ୍ରକାଶ ନାହିଁ ତାହାଙ୍କୁ ତହସିଲଦାରୀ ପଦରେ ନିଯୁକ୍ତ କରିବା କଦାପି ଭଲ ବିବେଚନା ହୋଇ ନାହିଁ । କିରାଣୀଗିରି କର୍ମଠାରୁ ତହସିଲଦାରୀ କର୍ମରେ କେତେ ଅଧିକ ବୁଦ୍ଧି ଓ ପ୍ରଲୋଭନ ଅଛି କମିଶ୍ନର ସାହେବ ତହିଁର କିଛିମାତ୍ର ବିଚାର କରି ନାହାନ୍ତି । ବାବୁ ରାସବେହାରି ନାୟକଙ୍କ ଚରିତ୍ର ବିରୁଦ୍ଧରେ କୌଣସି କଥା ନାହିଁ ସତ୍ୟ ମାତ୍ର ସେ ଯେଉଁ କର୍ମରେ ଅଛନ୍ତି ସେହି କର୍ମ ସକାଶେ ସମ୍ୟକ୍‌ରୂପେ ଉପଯୁକ୍ତ ହୋଇ ନାହାନ୍ତି ବୋଲି ବର୍ତ୍ତମାନ ଉନ୍ନତି ନ ଲୋଡି ଆଉ କିଛିକାଳ ସେହି କର୍ମରେ ରହିବା ପାଇଁ ତାହାଙ୍କ ଉପର ପ୍ରଧାନ କର୍ମଚାରୀ ଉପଦେଶ ଦେଇଥିଲେ । ତାହାଙ୍କୁ ଉନ୍ନତ ପଦ ଦେବାରେ ସୁତରାଂ ଅନ୍ୟ

Split by PDF Splitter

Digitized by srujanika@gmail.com

ଉପଯୁକ୍ତ ବ୍ୟକ୍ତିଙ୍କ ପ୍ରତି ଅନ୍ୟାଯ୍ୟ ବ୍ୟବହାର ହୋଇଅଛି । ଅମ୍ଭେମାନେ ଶୁଣିଅଛୁଁ ଯେ ଗୋରଥା ତହସିଲଦାର ଓ ଅନ୍ୟାନ୍ୟ କର୍ମ ସକାଶେ ଅନେକ ଉପଯୁକ୍ତ ଲୋକ ପ୍ରାର୍ଥୀ ହୋଇଥିଲେ ମାତ୍ର ତାହାର କିଛି ହେଲା ନାହିଁ । ଏ ଘଟନାରେ ଅମ୍ଭମାନଙ୍କ ବିବେଚନାରେ ଆଶ୍ଚର୍ଯ୍ୟ କିଛି ନାହିଁ କାରଣ ଯେଉଁମାନେ କମିଶନରଙ୍କ ମନ ବୁଝିବାକୁ ଚେଷ୍ଟା କରିଥିବେ ସେମାନଙ୍କର ଅବଶ୍ୟ ହୃଦୟଙ୍ଗମ ହୋଇଥିବ ଯେ ଗଣ୍ଡିଏ ବଡ ଚାକିରି ଉପସ୍ଥିତ ହେଲେ ବାବୁ ଶିବାନନ୍ଦ ଓ ବାବୁ ସଦେବହାରି ଜାମ୍ୟଙ୍କ ନାମ ସାହେବଙ୍କ ଜିହ୍ୱାରେ ନୃତ୍ୟ କରଇ ମାତ୍ର ଅନେକ ଚେଷ୍ଟା କରି ସୁଦ୍ଧା ସେ ଏତେକାଳ ତାହାଙ୍କର କୌଣସି ଉପକାର କରି ନ ଥିଲେ । ଏଥର ତାହାଙ୍କୁ ସୁଯୋଗ ମିଳିଲା କେଉଁ ବିବେଚନାରେ ସେ ଛାଡିଦିଅନ୍ତେ । ପ୍ରକୃତ ଓଡ଼ିଆଙ୍କୁ କର୍ମଦେବା ତାହାଙ୍କର ଗୋଟିଏ ସଂକଳ୍ପ ଏବଂ ଇଂରାଜୀ ସ୍କୁଲରେ ପରୀକ୍ଷା ଦେଇଥିବା ବ୍ୟକ୍ତିଙ୍କୁ କର୍ମ ଦେବା ଆଉ ଗୋଟିଏ ସଂକଳ୍ପ ଏ ଉଭୟ ସଂକଳ୍ପ ଏହାଙ୍କୁ କର୍ମ ଦେବାରେ ସମ୍ପୂର୍ଣ୍ଣ ହେଲା । କୌଣସି ପଦ ପାଇଁ ଲୋକ ମନୋନୀତ କରିବାର ଅନ୍ୟ ଯେ ସମସ୍ତ ବିବେଚନା ଅଛି ତାହା ସାହେବ ପ୍ରଶଂସିତଙ୍କଠାରେ ତେତେ ଆଦରଣୀୟ ନୁହଇ ।

# ସାପ୍ତାହିକ ସଂବାଦ ।

ଏଜିଲାର ମଫସଲ ସ୍ଥଳମାନେ ନ୍ୟୂନାଧିକରେ ବର୍ଷା ହେବାର ସମ୍ବାଦ ଆସିଅଛି ଓ କେତେକ ସ୍ଥାନରେ ବଡବତାସ ଓ ଶିଳାବୃଷ୍ଟି ମଧ୍ୟ ହୋଇ ଘରଦ୍ୱାର ଉଡାଇନେଇ ଯାଇଅଛି ମାତ୍ର କଟକ ନଗରରେ କାର୍ତ୍ତିକମାସଠାରୁ ଅଦ୍ୟାପି ବିନ୍ଦୁଏ ବୃଷ୍ଟି ହୋଇ ନାହିଁ । ଗତ କେତେକ ଦିନରୁ ଆକାଶରେ ଖଣ୍ଡ ମେଘ ଘୋଟିବାର ଦେଖାଯାଏ ଓ ଦୁଇ ଏକ ବିନ୍ଦୁ ପଡ଼ିଲା ମାତ୍ର ଧୂଳି ମରିବା ଭଳି ସୁଦ୍ଧା ବର୍ଷା ନାହିଁ । ଗ୍ରୀଷ୍ମର ତେଜ ଅତି ପ୍ରଖର ହୋଇଅଛି ଓ ଝାଞ୍ଜିବାଆ ବହିବାର ଅନୁଭବ ହେଲାଣି ।

ଗତଗୁରୁବାର ଦୁଇପ୍ରହରବେଳେ ବାଗରାବାଦରେ ନିଆଁଲାଗିଥିଲା । ଅନେକ ଗୁଡିଏ ଘର ପୋଡି ଯାଇଅଛି ଓ ଦୁଃଖର ବିଷୟ ଯେ କେତେକ ପ୍ରଜା ଆପଣା ଘରୁ ଦ୍ରବ୍ୟମାନ ବାହାର କରିବାର ଅବକାଶ ନ ପାଇବାରୁ ଯଥାସର୍ବସ୍ୱ ଅଗ୍ନି ଦେବତା ଗର୍ଭସ୍ଥ କରିଅଛନ୍ତି ।

ଆଗାମୀ ସୋମବାର ବାଲେଶ୍ୱରରେ ପୋ-ସାହେବ ଛନ୍ତି ଦାଇ ଅଦ୍ୟ ଜଜସାହେବଙ୍କର ଏଠାରୁ ଯିବାର ଅଛି ।

ଗତ ସପ୍ତାହରୁ ପୁରୀରେ ଓଲାଉଠାରୋଗ ଅତ୍ୟନ୍ତ ପ୍ରବଳ ହେବାର ଶୁଣାଯାଏ । ଦୋଳଯାତ୍ରା ବେଳକୁ ଅନେକ ଯାତ୍ରୀ ଆସିଥିବାରୁ ଏରୋଗ ବୃଦ୍ଧି ହେବାର ଅନୁମାନ ହୁଅଇ ।

କଲିକତାର ଜଣେ ବଡଲୋକ ବାବୁ ହୀରାଲାଲ ଶୀଲ ଗତଶନିବାର ଅକାଳେ କାଳପ୍ରାପ୍ତ ହେବାର ସମ୍ବାଦ ଆସିଅଛି । ବାବୁ ମହାଶୟଙ୍କର ଅନେକ ସଦ୍‌ଗୁଣ ଥିଲା । ତାହାଙ୍କ ମନ ଅତ୍ୟନ୍ତ ପ୍ରଶସ୍ତ ଓ ସରଳଥିଲା ଓ ପରଦୁଃଖ ସହି ନ ପାରି ଯଥୋଚିତ ସାହାଯ୍ୟ କରୁଥିଲେ । ଅତଏବ ଶୂନ୍ୟ ଓ ଗୁପ୍ତଭାବରେ ଦାନ କରିବାକୁ ସୁଖ ପାଉଥିଲେ ଓ ଏହାଙ୍କ ଆଶ୍ରୟରେ ଅନେକ ଦୁର୍ଭାଗ୍ୟ ମହିଳାଲୋକ ପ୍ରତିପାଳିତ ହେଉଥିଲେ ! ଏପରି ଲୋକ ସହଜରେ ମିଳିବାର ନୁହଇ ।

## ପ୍ରେରିତପତ୍ର ।

ଶ୍ରୀଯୁତ ଉତ୍କଳଦୀପିକା ସମ୍ପାଦକ ମହାଶୟ ସମୀପେଷୁ ।

ଏହିକ ଯେ ଅମ୍ଭେମାନେ ଅମୂଳକ ଜନରବଦ୍ୱାରା ଶୁଣିପାରୁଅଛୁଁ କି ଗଡ଼ଜାତଇଲାକାର ଅଧିଷ୍ଠାତା ସୁପରିଣ୍ଟେଣ୍ଡେଣ୍ଟ ଶ୍ରୀଯୁକ୍ତ ବାବୁ ହରେକୃଷ୍ଣ ଦାସ ମହାଶୟ ନିକଟରେ ପେନସନ ନେଇ କର୍ମ ପରିତ୍ୟାଗ କରିବେ ଅତଏବ ସେହି କର୍ମରେ ଶ୍ରୀଯୁକ୍ତ ବାବୁ ନନ୍ଦକିଶୋରଦାସଙ୍କୁ ନିଯୁକ୍ତ କରି ଶ୍ରୀଯୁତ ଏଜେଣ୍ଟସାହେବଙ୍କୁ ଓଡ଼ିଶା ବିଭାଗର ଜଏଣ୍ଟ ଇନସ୍ପେକ୍ଟର କିମ୍ବା ଇନସ୍ପେକ୍ଟର କର୍ମରେ ନିଯୁକ୍ତ କରିବାର ବାଞ୍ଛା ଉପରସ୍ଥ କର୍ମକାରକମାନଙ୍କର ପ୍ରାୟ ଅଛି । କିନ୍ତୁ ଏକଥା କେତେଦୂର ସତ୍ୟ ବୁଝାଯାଇ ନ ପାରେ । କିନ୍ତୁ ଯେବେ ଶ୍ରୀ ନନ୍ଦକିଶୋରଦାସଙ୍କୁ ଶିକ୍ଷାବିଭାଗରୁ ଅନ୍ତରିତ କରାଯିବ ତେବେ ଯାହାକିଛି ଓଡ଼ିଆଭାଷାର ଉନ୍ନତି ହୋଇ ଆସୁଅଛି ତାହାର ଏକାବେଳକେ ମୂଲୋତ୍ପାଟନ ହେବ ଏଥିରେ ସନ୍ଦେହ ନାହିଁ । ମଧ୍ୟ ଶ୍ରୀଯୁତ ଏଜେଣ୍ଟସାହେବ ଓଡ଼ିଆଭାଷା ପ୍ରଚଳିତ କୃଷ୍ଣପୁର ସ୍କୁଲରେ କେତେକ ସମୟ ଶିକ୍ଷକ ହୋଇ ଥିଲେ, ତାହାଙ୍କ ଉତ୍ତାରେ କେତେକଦିନ ପର୍ଯ୍ୟନ୍ତ ଏହି ପ୍ରଦେଶର ଜଏଣ୍ଟ ଇନସ୍ପେକ୍ଟର କର୍ମ କରି ବର୍ତ୍ତମାନରେ ପ୍ରାୟ ୨ ବର୍ଷ ହେବ ଏହି କଟକ ହାଇସ୍କୁଲର ପ୍ରଧାନଶିକ୍ଷକ କର୍ମ କରୁଅଛନ୍ତି, ଓଡ଼ିଶା ବିଭାଗରେ ଏତେ କର୍ମ କଲେସୁଦ୍ଧା ଅଦ୍ୟପର୍ଯ୍ୟନ୍ତ ତାହାଙ୍କଠାରୁ ପଦେ ଓଡ଼ିଆ କଥା ଶୁଣିବାର ଦୁଃସାଧ୍ୟ ଅଟଇ । ଅତଏବ ଏପରି ଦେଶଭାଷାନଭିଜ୍ଞବ୍ୟକ୍ତି ପ୍ରତି ଶିକ୍ଷାବିଭାଗର କର୍ତ୍ତୃତ୍ୱପଦ ପ୍ରଦତ୍ତ ହେଲେ ଦେଶଭାଷାର ଓ ଦେଶୀୟମାନଙ୍କର କେପର୍ଯ୍ୟନ୍ତ ଉନ୍ନତି ହୋଇ ପାରେ ତାହା ସର୍ବସାଧାରଣରେ ଜାଣିପାରୁଥିବେ । ଅମ୍ଭମାନଙ୍କ ପରମୋପକାରୀ ଶ୍ରୀଯୁତ କମିଶନରସାହେବଙ୍କ ନିକଟରେ ପ୍ରାର୍ଥନା ଏହିଯେ ଶ୍ରୀଯୁତ ବାବୁ ନନ୍ଦକିଶୋରଦାସଙ୍କୁ ଏ ଦେଶରେ ଡେପୁଟି ଇନସ୍ପେକ୍ଟରୀ ପଦରେ ନିଯୁକ୍ତ କରାଇ ଉତ୍କଳଭାଷାର ଓ ଉତ୍କଳୀୟମାନଙ୍କର ଉନ୍ନତିସାଧନ ବିଷୟରେ ଚିରକୀର୍ତ୍ତି ସ୍ଥାପନ କରନ୍ତୁ । ଆଉ ବାବୁ ଶ୍ରୀ ନନ୍ଦକିଶୋର ଦାସ ମହାଶୟଙ୍କ ନିକଟରେ ଅମ୍ଭମାନଙ୍କର ନିବେଦନ ଏହି ଯେ ଆପଣ ନିଜ ମାତୃଭାଷାର ଏବଂ ସ୍ୱଦେଶୀୟମାନଙ୍କର ଉନ୍ନତି ବିଷୟରେ ଦୃଢ଼ବ୍ରତ ହୋଇଁ ଶିକ୍ଷାବିଭାଗକୁ ପରିତ୍ୟାଗ କରିବାର ମାନସରେ ଚିନ୍ତା ନ କରନ୍ତୁ । ଇତି ।

୧୮।୩।୭୬

କ । କେହି ଜଣେ ସତ୍ୟଓଡ଼ିଆ ।

## NOTICE.

The following Course of studies for the Intermediate Scholarship Examination to be held in September 1876 has been adopted by the District Committee and is published for general information.

Arithmetic—Simple and Compound rules, Simple and double Rule of Three, Square and Cubic measure including *nala* in the native Style.

Language—Nimayi Ballabh Bhattachargea's Bhasa Byakarana; Akhyanmonjary Part I. by Chundernath Roy.

History–Shib Narayan Naik's History of India Part I.

Geography—Saral Bhugol by Dwarka Nath Chukerburtty.

Euclid—First 20 Propositions Book I.

Science—Goberdhan Ghosal's Prakratipatha.

Cuttack
The 18th March 1876.

Obinash Chundra Chatterjea
Secy. D. C. P. I.
Cuttack.

## ମୂଲ୍ୟପ୍ରାପ୍ତି

ବାବୁ ଗୋପାଲଚନ୍ଦ୍ର ଘୋଷ କଟକ [illegible]

,, ହରେକୃଷ୍ଣ ଦାସ ବାଲେଶ୍ୱର ,, [illegible]

☞ ଏହି ଉତ୍କଳଦୀପିକା ସହରକଟକ ବଲ-ସାବଜାର କଟକ ପ୍ରିଣ୍ଟିଂକମ୍ପାନିଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା ।

Split by PDF Splitter

Digitized by srujanika@gmail.com

Split by PDF Splitter



# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା

ତା ୧୫ ରଣ ଅପ୍ରେଲ ସନ ୧୮୭୬ ମସିହା । ମୁ । ବୈଶାଖ ୨୯ ନ ସନ ୧୨୮୩ ସାଲ ଶନିବାର

ଅଗ୍ରିମ ବାର୍ଷିକ ମୂଲ୍ୟ ୫୲
ବର୍ଷାନ୍ତେ ମୂଲ୍ୟ ଦେଲେ ବର୍ଷକୁ ୬
ମଫସଲ ପାଇଁ ଡାକମାସୁଲ ୧୲୶

[illegible]ଙ୍କ ସମ୍ପର୍କରେ ଭଲ ଲିଖିତ ବିଷୟଟି [illegible] ସମ୍ବାଦପତ୍ରରେ ଲେଖା ହୋଇଅଛି । [illegible] କହିଅଛନ୍ତି ବୋଲି ରଟନା ହୋଇ ଅଛି କି " ଆମ୍ଭଙ୍କୁ ଜଣାଯାଏ ଯେ ଆମ୍ଭେ [illegible] ପହୁଞ୍ଚିଲେ ଲୋକେ ଆମ୍ଭଙ୍କୁ ଏ ଦେଶର [illegible] ବୃଦ୍ଧିର ଅଭିଧାନ ସ୍ୱରୂପ ମଣିବେ ମାତ୍ର [illegible] ସେରୂପ ଯୋଗ୍ୟ ହୋଇଥିବାର ବୋଧ [illegible] ନାହିଁ । ମାତ୍ର ଆମ୍ଭର ଏତେକ ଇଷ୍ଟ ଯେ [illegible] ହୋଇଅଛି ତ ଭାରତବର୍ଷ ଇଂଲଣ୍ଡରୁ [illegible] ହୋଇ ନ ପାରେ । ପ୍ରକୃତ ଉପାୟ [illegible] କରିଅଛୁ କି ଜଣେ ଉତ୍ତମଲୋକ ପାଇ- [illegible] ତାହାକୁ ଯେମନ୍ତ ଭାରତବର୍ଷବାସିମାନେ [illegible] ନ ଦିଅନ୍ତି" । କଥାଟି ସତ୍ୟ ବୋଧ ହେ- [illegible] ମାତ୍ର ଇହିଁ କି ଉପାୟ ନାହିଁ । ପାଶ୍ଚ- [illegible] ଇଚ୍ଛାନୁସାରେ ଭଲ ମନ୍ଦ ସବୁ ଲୋକଙ୍କୁ ଆମ୍ଭେମାନେ ଚଳାଇ ନେଉଁ । ଆପଣାର ହିତ [illegible] ତାହାରଠାରୁ ରକ୍ଷିବା ବା ପରିତ୍ୟାଗ କରିବାର [illegible]ମାନଙ୍କର କ୍ଷମତା ନାହିଁ ସେରୂପ ହୋଇ [illegible] କି ଲର୍ଡ ନର୍ଥ ବ୍ରୁକଙ୍କୁ ଆମ୍ଭେମାନେ [illegible] ଦିଅନ୍ତୁ ।

---

ପାଠକମାନେ ଶୁଣିଥିବେ ଯେ ଅଳ୍ପ ଦିନ- [illegible] ହେବ ଏ ନଗରରେ ଗୋଟିଏ ବଳାତ୍କାର ମୋକଦ୍ଦମା ହୋଇଥିଲା । ଜଣେ କନଷ୍ଟବଲ [illegible] ପଢ଼ା ଜଣେ ଜେଲର ଯୁବତୀ କନ୍ୟା [illegible] ଦିନବେଳେ ଏକାକୀ ତାହାକୁ ଘରେ ଦେଖି ଆକ୍ରମଣ କରିଥିଲା । ସେ ଚିତ୍କାର କରିବାରେ ପ୍ରତିବାସିଙ୍କ ଭୟରେ କନଷ୍ଟବଲ ଅନ୍ୟ କିଛି ଅଭ୍ୟାଗିର ନ କରି ତାହାର ଶାଳରୁ ଫୁଲାଏ କାମୁଡ଼ି ନେଇ ପଳାଇ ଗଲା । ଫଉଜଦାରୀରେ ଏଥିର ମୋକଦ୍ଦମା ଶ୍ରୀଯୁତ ଉପସ୍ଥିତ ହୋଇ ବାବୁ ଅନ୍ନଦା ପ୍ରସାଦ ଘୋଷ ଡେପୁଟୀ ମାଜିଷ୍ଟ୍ରେଟଙ୍କୁ ବିଚାର ନିମିତ୍ତ ଅର୍ପିତ ହେଲା । ନଗରବାସିମାନେ ଏ ମୋକଦ୍ଦମାକୁ ଅଭିନବ ପ୍ରକାରର ମଣି ଏହାର ନାମ ଶାଳକାମୁଡ଼ା ମକଦ୍ଦମା ରଖିଲେ ଓ ବିଚାରର ଫଳ ଜାଣିବାକୁ ଅତ୍ୟନ୍ତ ବ୍ୟସ୍ତ ଥିଲେ । ଗତ ମଙ୍ଗଳବାର ଅସାମୀ ଉପରେ ଅପରାଧ ପ୍ରମାଣ ହୋଇ ତାହାକୁ ୫୦୲ ଙ୍କା ଅର୍ଥଦଣ୍ଡ ଓ ଏକବର୍ଷ କାରାବାସର ଆଜ୍ଞା ହେଲା । କଚେରୀରୁ ଜେଲଖାନାକୁ ଅସାମୀ ଆସିଲାବେଳେ ତାହା ପଛରେ ବହୁତ ଲୋକ ଗୋଡ଼ାଇ ତାହାର ଦୁର୍ଦ୍ଦଶା ଦେଖୁଥିଲେ ମାତ୍ର ସେ ଏତେ ନିର୍ଲ୍ଲଜ ଯେ କିଛିମାତ୍ର କାତର ନ ହୋଇ ଛାତି ଫୁଲାଇ ଝସମୋଡ଼ ପହରିଆଙ୍କ ମଧ୍ୟରେ ଯାଉଥାଏ । ଏପରି ଲୋକ ପୁଲିସରେ କର୍ମ କଲେ ପୁଲିସର ଅଖ୍ୟାତି କାହିଁ କି ନ ହେବ ?

---

ହେଡ଼୍ କାନଷ୍ଟେବଲ୍ ଥିଏଟରର ମକଦ୍ଦମା ଗତ ମାସ ତା ୨୦ ରିଖ ସୋମବାର ହାଇକୋର୍ଟରେ ନିଷ୍ପତ୍ତି ହୋଇ ଅଛି । ମାନ୍ୟବର ଜଜ ଫିଅର ନିଷ୍ପତ୍ତି ପ୍ରଦାନ କଲେ ଓ ମାନ୍ୟବର ଜଜ ମାର୍କ୍ବି ତାହାଙ୍କରେ ସମ୍ମତ ହେଲେ । ବିଚାରର ମର୍ମ ଏହି ଯେ ମାଜିଷ୍ଟ୍ରେଟଙ୍କ ବିଚାରରେ ଅଭିଯୁକ୍ତ ଘଟିଥିବାର ଅପରାଧ ଗ୍ରାହ୍ୟ ହୋଇ ନ ପାରେ ତେବେ ଦୁଃଖର ବିଷୟ ଯେ ଯେଉଁସବୁ କଥା ସମ୍ପର୍କରେ ମୁଦାଲାମାନେ ଦୋଷୀ ହେଲେ ସେ ସବୁ ସ୍ପଷ୍ଟରୂପେ ଅଭିଯୋଗରେ ଲେଖା ନାହିଁ । କେଉଁ ଅଶ୍ଳୀଳ ଶବ୍ଦମାନଙ୍କ ନିରୂପରେ ନାଲିସ ହୋଇଥିଲା ମାଜିଷ୍ଟ୍ରେଟ ତାହା ସ୍ପଷ୍ଟରୂପେ ଅଭିଯୋଗରେ ଲେଖିଥାନ୍ତେ । ୨୯୨ ଓ ୨୯୪ ଧାରା ସମ୍ପର୍କରେ ଜଜମାନେ ନିଷ୍ପତ୍ତି କଲେ କି ଯେ ସବୁ ଶବ୍ଦ ଓ ଭାବ ବ୍ୟବହୃତ ହୋଇଥିଲା ତାହା ଅଭିଯୋଗ ଲିଖିତ ଧାରାମାନଙ୍କର ଅର୍ଥ ମଧ୍ୟରେ ଆସଇ ନାହିଁ ଅତଏବ ମାଜିଷ୍ଟ୍ରେଟଙ୍କ ଆଜ୍ଞା ରହିତ କରି ଅସାମୀମାନଙ୍କୁ ମୁକ୍ତି ଦିଆଗଲା ।

ଆମ୍ଭେମାନେ ଏ ମକଦ୍ଦମାର ଫଳରେ ବଡ଼ ଆନନ୍ଦିତ ହୋଇଅଛୁଁ ଓ ନିଷ୍ପତ୍ତିଟି ସମସ୍ତଙ୍କର ମନୋନୀତ ହେବ ସନ୍ଦେହ ନାହିଁ । ଦେଶର ବିଦ୍ୱାନମଣ୍ଡଳୀ ଯହିଁରେ କୌଣସି ଅଶ୍ଳୀଳତା ପାଇଲେ ନାହିଁ ପୁଲିସକର୍ମଚାରୀ ବିଶେଷର କଥାରେ ତାହା ଅଶ୍ଳୀଳ ଜ୍ଞାନ ହୋଇ ତହିଁ ପାଇଁ ଦୁଇଜଣ ଭଦ୍ରଲୋକ ଦଣ୍ଡିତ ହେଲେ ଦଣ୍ଡଭୋଗ କଲେ ଏହା ସାମାନ୍ୟ ଅଭ୍ୟାଗିର ନୁହଇ । ଆମ୍ଭେମାନେ ଭରସା କରୁଁ ଯେ କଲକତାର ମାଜିଷ୍ଟ୍ରେଟ ବେଶୀୟ ନିରପେକ୍ଷ ବିଦ୍ୱାନ୍

Digitized by srujanika@gmail.com

Split by PDF Splitter



ଲୋକଙ୍କ କଥାକୁ ଯେମନ୍ତ ଅନାସ୍ଥା କଲେ ଅଉ କେହି ହାକିମ ଯେମନ୍ତ ତାହା ନ କରନ୍ତୁ ।

---

ପାଠକମାନଙ୍କର ସ୍ମରଣ ଥିବ ଯେ କାଲେକ୍ଟରରେ ରୋଡ୍‌ସେସ୍ ଓ ଲୋକେଲଫଣ୍ଡ ତହବିଲ ଆତ୍ମସାତ୍ ହେବା ସମ୍ପର୍କରେ ଅମ୍ଭମାନଙ୍କ କମିଶ୍ନର ଗବର୍ଣ୍ଣମେଣ୍ଟଙ୍କୁ ଯେଉଁ ରିପୋର୍ଟ କରିଥିଲେ ତହିଁରେ ଅନେକ ଅମଲା ଓ ଦସ୍ତଇମାନଙ୍କଠାରୁ ଜାମିନ ନେବାର ପ୍ରସ୍ତାବ କରିଥିଲେ । ଗବର୍ଣ୍ଣମେଣ୍ଟ ଅନ୍ୟାନ୍ୟ କମିଶ୍ନରଙ୍କ ମତ ଗ୍ରହଣପୂର୍ବକ ଏବିଷୟରେ ଗୋଟିଏ ବ୍ୟବସ୍ଥା କରିଅଛନ୍ତି ଯେ ତାହା ଗତମାସର କଲିକତା ଗେଜେଟରେ ପ୍ରକାଶିତ ହୋଇଅଛି ଓ ତହିଁରେ କମିଶ୍ନରଙ୍କ ପ୍ରସ୍ତାବ ଅନେକାଂଶରେ ସଂଶୋଧିତ ହୋଇଅଛି । ଗବର୍ଣ୍ଣମେଣ୍ଟଙ୍କ ଆଜ୍ଞା ଏହିକି ଯେଉଁମାନେ ପୂର୍ବ ପ୍ରଚଳିତ ନିୟମାନୁସାରେ ଜାମିନ ଦେଇ ନାହାନ୍ତି ଅଥବା ଯାହାଙ୍କ ହାତକୁ ସରକାରୀ ବା ମିଉନିସିପଲ ପ୍ରଭୃତି ଫଣ୍ଡ ଟଙ୍କା ଆସିବା ଅସିବା କରଇ ସେମାନଙ୍କ ହାତରେ ଏକ ସମୟରେ ଯେତେ ଟଙ୍କା ପଡ଼ିବାର ସମ୍ଭାବନା ସେହି ଟଙ୍କା ଓ ତାହା ଉପରେ ଶତକରା ଟ ୧୦ ଅଧିକା ମିଶାଇ ତହିଁ ପରିମାଣରେ ସେମାନେ ଜାମିନ ଦେବେ । କିନ୍ତୁ ହାକିମମାନେ ଏମନ୍ତ ବନ୍ଦୋବସ୍ତ କରିବେ କି ଯେମନ୍ତ କଦାଚ ଅମଲଙ୍କ ହାତରେ ଟଙ୍କାର ଭାରବାର ହେବ ନାହିଁ ଅର୍ଥାତ୍ ବସ୍ତୁତଃ ଲୋକଙ୍କୁ ଜାମିନ ଦାୟରେ ପକାଇବା ଗବର୍ଣ୍ଣମେଣ୍ଟଙ୍କର ଇଚ୍ଛା ନୁହଇ । ଏକାଉଣ୍ଟେଣ୍ଟମାନଙ୍କୁ ଏ ନିୟମାନୁସାରେ ଜାମିନ ଦେବାକୁ ହେବ ନାହିଁ ଏବଂ ଯାହାଙ୍କଠାରେ କେବଳ ଚଳନ୍ତି ଖର୍ଚ୍ଚର ଅଗଭୁବ୍ ଟଙ୍କା ଅର୍ଥାତ୍ ପର୍ମେନେଣ୍ଟ ଆଡଭାନସ୍ ଥାଏ ତାହାଙ୍କୁ ସୁଦ୍ଧା ଜାମିନ ଦେବାକୁ ହେବ ନାହିଁ । ଏ ସାମାନ୍ୟ ଟଙ୍କାର ଜାମିନ ତାହାଙ୍କର ଲଜର ପଦ ଅଟଇ । ନଗଦ ଟଙ୍କା ବା କମ୍ପାନୀ କାଗଜ ଜାମିନ ସ୍ୱରୂପ ଗୃହୀତ ହେବା ଭଲ ଉପାୟ ଅଟଇ ମାତ୍ର ଗବର୍ଣ୍ଣମେଣ୍ଟ ବିବେଚନା କରନ୍ତି କି ଯେଉଁଠାରେ ଅମଲାର ବେତନ ଊଣା ଓ ସେରୂପ ଜାମିନ ଦେବା କ୍ଳେଶକର ହେବ ସେଠାରେ ଭୂମିସମ୍ପତ୍ତି ଜାମିନସ୍ୱରୂପ ନେବାର ଆପତ୍ତି ନାହିଁ ।

---

## ଜମିଦାର ଓ ପ୍ରଜା ।

ଗତମାସ ତା ୧୯ ରିଖ ଉତ୍କଳଦର୍ପଣରୁ ଅମ୍ଭେମାନେ ନିମ୍ନଲିଖିତ ପ୍ରେରିତପତ୍ରଟି ଉଦ୍ଧୃତ କଲୁଁ । ଯଦି ବାଗଣ୍ଡିକ ଦୀର୍ଘ ବୋଲି ପାଠକମାନେ ବିରକ୍ତ ହେବେ ନାହିଁ କାରଣ ଏଥିରେ ଯାହା ଲେଖାଅଛି ତାହା ଯେବେ ସତ୍ୟ ହୁଅଇ (ସତ୍ୟ ହେବାର ସମ୍ପୂର୍ଣ୍ଣ ଲକ୍ଷଣମାନ ଦେଖାଯାଏ) ତାହା ହେଲେ ଅମ୍ଭମାନଙ୍କ ସ୍ଥାନୀୟ ହାକିମମାନେ ପ୍ରଜାମାନଙ୍କର କଳ୍ପିତ ଦୁଃଖ ନିବାରଣ କରିବା ଉଦ୍ଦେଶରେ ଯେସମସ୍ତ ଉପାୟ ଗତ କେତେକ ବର୍ଷ ହେଲା ଓଡ଼ିଶାରେ କରୁଅଛନ୍ତି ତଦ୍ୱାରା ସେମାନେ କେଉଁ ପରିମାଣରେ ପ୍ରତାରିତ ହେଉଅଛନ୍ତି ତାହା ଅନୁଭବ କରିପାରିବେ । କେବଳ ପ୍ରତାରିତ ହେଉଥିଲେ ବଡ କ୍ଷତି ନ ଥିଲା । ଜମିଦାର ଓ ପ୍ରଜାଙ୍କ ମଧ୍ୟରେ ବିଚ୍ଛେଦ ଜନ୍ମାଇ ଦେଇ ପ୍ରଥମତଃ ପ୍ରଜାଙ୍କର ଅସୀମ ଦୁଃଖ ଘଟାଉଅଛନ୍ତି ଓ ଦ୍ୱିତୀୟରେ ଗବର୍ଣ୍ଣମେଣ୍ଟଙ୍କୁ ମଧ୍ୟ କ୍ରମଶଃ ପ୍ରଜାଙ୍କର ରକ୍ଷଣାବେକ୍ଷଣ ସକାଶେ ଅଧିକ ବ୍ୟୟଗ୍ରସ୍ତ କରୁଅଛନ୍ତି । ବର୍ତ୍ତମାନ ଯେଉଁ ପଟ୍ଟାଅଉ କାଗଜ ନେବାର ବନ୍ଦୋବସ୍ତ ଲାଗିଅଛି ଏଥିରେ ଏକା ପ୍ରଜାଙ୍କର ଉପକାର ଜମିଦାରଙ୍କର କିଛି ନାହିଁ । ଗବର୍ଣ୍ଣମେଣ୍ଟ ଯେବେ ପ୍ରଜାଙ୍କ ହିତ ସକାଶେ ଜମିଦାରଙ୍କୁ ଏ ବାଟରେ ଖର୍ଚ୍ଚାନ୍ତ ଓ ବିରକ୍ତ କରିବାକୁ ଦୃଢ଼ପ୍ରତିଜ୍ଞ ହେଲେ ତେବେ ଅନାୟାସରେ ତାହାଙ୍କର ପ୍ରଜାଙ୍କପ୍ରତି ସ୍ନେହ ତୁଟି ଯିବ । ଜମିଦାର ପ୍ରଜା ସମ୍ବନ୍ଧରେ ଯେସମସ୍ତ କାର୍ଯ୍ୟ ଗବର୍ଣ୍ଣମେଣ୍ଟ ବର୍ତ୍ତମାନ କରୁଅଛନ୍ତି ତହିଁରେ ଜମିଦାରଠାରୁ ପ୍ରଜାଙ୍କୁ ସର୍ବପ୍ରକାରରେ ସ୍ୱାଧୀନ କରିବାର ଚେଷ୍ଟା ହେଉଅଛି ଓ ଜମିଦାରଙ୍କୁ ଏତିକି ବୁଝାଇ ଦିଆ ଯାଉଅଛି ଯେ ତୁମ୍ଭେମାନେ ଏଣିକି ପ୍ରଜାଙ୍କଠାରୁ କିଛି ନେବ ନାହିଁ କି ତାହାଙ୍କୁ କିଛି ଦେବ ନାହିଁ । ଏଥିରେ ଜମିଦାରଙ୍କର ବିଶେଷ କ୍ଷତି ହେଉ ବା ନ ହେଉ ଗବର୍ଣ୍ଣମେଣ୍ଟଙ୍କର ବ୍ୟୟ କେତେ ପରିମାଣରେ ବୃଦ୍ଧି ହେଉଅଛି ସ୍ଥାନୀୟ ହାକିମମାନେ ତାହା ଥରେ ବିଚାର କରୁ ନାହାନ୍ତି ବଡ ଦୁଃଖର ବିଷୟ ଅଟଇ । ଏକପାକ୍ଷିକ ବୁଦ୍ଧିମତ୍ତାର ଏହିରୂପ ଫଳ ଅଟଇ ।

ପତ୍ରଟି ଏହି, ଯଥା,—

"ଗତ ଫାଲ୍‌ଗୁନମାସ ତା ୨୨ ନ ଶୁକ୍ରବାର ବେଳା ୪ ଘଣ୍ଟା ସମୟ ମେଘାରମ୍ଭ ହୋଇ ଲେଡ଼ାପ୍ରଗନା ନିଶଙ୍ଖପୁର ଗ୍ରାମରେ ଏତେ ପର୍ଯ୍ୟନ୍ତ ପ୍ରଖର ପବନ ପ୍ରକାଶ ହୋଇଥିଲା କି ତଦ୍ୱାରା ୧୭ । ୧୮ ଘର ପ୍ରଜାଙ୍କର ୬୦ । ୭୦ ଗୋଟା ଘରର ପ୍ରଥମ କବାଟ ଛପର ଓ କେତେକ କାନ୍ଥ ଭାଙ୍ଗିଗଲା ଓ ପୁଷ୍କରଣୀମାନଙ୍କରୁ ଜଳ ଅତି ଉପରକୁ ଉଠିଯିବାରୁ ସେଥି ସାମିଲରେ ମତ୍ସ୍ୟ ଇତ୍ୟାଦି ଜଳଜନ୍ତୁମାନେ ଯାଇ ଉପରେ ପତିତ ହୋଇଥିଲେ ସଡ଼ସଡ଼ ବଡ଼ବଡ଼ି ଇତ୍ୟାଦି ଅନେକ ଦେବବାଣ ସହିତରେ ଜଳବୃଷ୍ଟି ହୋଇଥିଲା ଇତ୍ୟବସରେ ଭଗ୍ନ ହୋଇଥିବା ଘରମାନଙ୍କ ମଧ୍ୟରୁ ବାର ୧୨ ଘର ପ୍ରଜାଙ୍କର ୪୦ । ୫୦ ଗୋଟା ଘର ଭାଙ୍ଗି ପଡ଼ିଥିବା ଛପରମାନଙ୍କରେ ହଠାତ୍ ଅଗ୍ନି ଲାଗି ବିବାହ ଛପର ଓ ଧାନ ଚାଉଳ ଇତ୍ୟାଦି ଓ ତୃଣ, କଟଡ଼ା, ଲୁଗା ଓ କଳାଇ ବିବାହମାନ ସମୁଦାୟ ଜଳି ଯାଇଅଛି କେତେକ ଗୋରୁ ନଷ୍ଟ ହୋଇ ଅଛନ୍ତି ଗୋଟିଏ ଗୋରୁ ଘରୁ ପଳାଇଯାଇ କଟଡ଼ା ବନ୍ଧାଉ ପାଗରେ ଅଣା ନେବାରୁ ଉକ୍ତ କଟଡ଼ା ବନ୍ଧାଉ ଗୋରୁ ଉପରେ ଭାଙ୍ଗ ପଡ଼ି ଗୋରୁଟି କଟଡ଼ାରେ ପୋଡ଼ିଗଲା ହଠାତ୍ ସେହି କରଡ଼ା ଚତୁଃପାର୍ଶ୍ୱରେ ଅଗ୍ନି ଲାଗି ଗୋରୁଟି ସହିତ ଜଳିଗଲା ମନୁଷ୍ୟ ନଷ୍ଟ ହୋଇ ନାହାନ୍ତି । ଏପରି ଦୁର୍ଘଟନା ଦେଖିବାରେ ଅସି ନାହିଁ ବଳି ପ୍ରଜାମାନଙ୍କର କେବଳ ଖଣ୍ଡିଏ ଲେଙ୍ଗୀ ଏ ପରିଧାନ କରିଅଛି ବସ୍ତ୍ର ବ୍ୟତିରେକେ ଅଉ କିଛି ନାହିଁ ଦଶ ଗୃହରୁ ଦଶମୁଠା ଭିକ୍ଷା କରି ଅଣି ପରିବାରମାନଙ୍କୁ ପ୍ରତିପୋଷଣ କରୁଅଛନ୍ତି ଜମିଦାରଙ୍କଠାରୁ ସାହାଯ୍ୟ ଚାହିଁବାକୁ ଯିବାରେ ତାହାଙ୍କର ଅମଲାମାନେ କହିଲେ କି ଖଜଣା ବ୍ୟତିରେକେ ଆଉ ତୁମ୍ଭେମାନେ ଜମିଦାରଙ୍କୁ କିଛିତ ଦେଲ ନାହିଁ ? ଜମିଦାର କେଉଁଠାରୁ ଆଣି ତୁମ୍ଭମାନଙ୍କୁ ସାହାଯ୍ୟ କରିବେ ଇତ୍ୟାଦି ସେଥି ନିମନ୍ତ ଚାନ୍ଦା ନ ଥିଲା ବର୍ତ୍ତମାନ ସରକାର ବାହାଦୁର ପଟ୍ଟାଅଉ କାଗଜ ତଲବ ସମ୍ବନ୍ଧରେ ଯେ ପ୍ରକାର ଆଜ୍ଞା ପ୍ରଚାର କରୁଅଛନ୍ତି ଏଥିରେ ଜମିଦାରମାନେ ଆପଣା ବିଷୟ ପତିଆଣ ପାଇବେ ସେଥି ନିମନ୍ତ ଦବାସ୍ଥ ଗ୍ରୀବତରେ ଅଛନ୍ତି କେବଳ ପ୍ରଜାମାନଙ୍କ ଉପକାର ସକାଶେ ହାକିମମାନେ ଏକାର୍ଯ୍ୟଟିକୁ ଜାରି କରିବାକୁ ଉଦ୍ୟତ ଅଛନ୍ତି ଏପର୍ଯ୍ୟନ୍ତ କି ଜମିଦାରମାନେ ପ୍ରଜାମାନଙ୍କର ଉପକାର କରି ନ ଥିଲେ ? କଣ ତ୍ରିଭାବ କର୍ମକୁ ବାଲାଶାର ଓଗେର ଲର୍ଡ୍‌ସ୍ୱାମୀନାଭନୋକ ଓ ଖାଲଷା ଓ ଜାଲାଦକାଷ୍ଠ ଇତ୍ୟାଦି ଅନେକପ୍ରକାର ସାହାଯ୍ୟ ଦିଆଯାଉ ଥିଲା କେହୁ ପ୍ରଜା ଘର କରନ୍ତେ କାଠ, ବାଉଁଶ, ତୃଣ, ଲୁଗା ଓ ମଜୁରି ଇତ୍ୟାଦି ଘର ତିଆରି ନିମନ୍ତେ ସାହାଯ୍ୟ ଦିଅ

Digitized by srujanika@gmail.com

Split by PDF Splitter



ଯାଉଥିଲା ଧାନ ଓ ଟଙ୍କା ଅବାଦ ସୁଦ୍ଧା ଦିଆ ଯାଉଥାଏ ମୂଳାତ୍ୱ କର୍ମରେ କାଷ୍ଠ ଓ ଜଳପାନ ଇତ୍ୟାଦି ଅନେକ ପ୍ରକାର ସାହାଯ୍ୟ ଦିଆଯାଏ ହାଉଫେଗ୍ରଦ ଅନେକ ପ୍ରକାର ମାମଲା ନଫସ-ଲରେ ବୁଝି ସୁଝି ଫଏସଲ କରି ମୀମାଂସା କରି ଦିଅନ୍ତି ଏ ସବୁ ଉପକାର କେଉଁଆଡ଼କୁ ଗଲା ବର୍ତ୍ତମାନ ଜମିଦାରମାନେ ପ୍ରଜାମାନଙ୍କ ସକାଶେ କଷ୍ଟ ଭୋଗ ଓ କ୍ଷତି ସହ୍ୟ କରିବେ ଏପରି ଅବସ୍ଥାରେ ଯେ ଜମିଦାରମାନେ ପ୍ରଜାମାନଙ୍କ ପ୍ରତି ବର୍ତ୍ତମାନ ସାହାଯ୍ୟ କରିବେ ଖାସ ସନ୍ଦେହର ସ୍ଥଳ ଏଥିନିମନ୍ତେ ଅମ୍ଭେମାନେ ଜମିଦାରମାନଙ୍କୁ ଅନୁରୋଧ କରି ନପାରୁଁ ସେ ସମସ୍ତ ଯାଇ ଅଛି ଏପରି କଥା ସବୁ ଉକ୍ତ ଅନାଥ ପ୍ରଜାମାନେ ଶୁଣି ଆପଣା ପୋଡ଼ାକପାଳରେ କର ଲଗାଇ ଫେରି ଆସିଲେ ଗତ ୨ ଲୋକ ବି ପର୍ଯ୍ୟନ୍ତ କଷ୍ଟରେ ବର୍ତ୍ତମାନ ଅଛନ୍ତି ସେ ସ୍ଥାନରେ ପ୍ରବେଶ ହୋଇ ସେମାନଙ୍କର ଦୂରବସ୍ଥା ଦେଖିଲେ ଅକ୍ଷିରେ ଅଶ୍ରୁ ରହିବ ନାହିଁ । ଧୈର୍ଯ୍ୟ ଧରିବା କଠିନ ଆମ୍ଭମାନଙ୍କର ପ୍ରାର୍ଥନା ଏହି କି ଆପଣ ଅନୁଗ୍ରହ ପ୍ରଦାନ କରି ଦେଲେମାନ୍ୟ ଧର୍ମପରାୟଣ ମହାମାନ୍ୟବର ଗ୍ରୀମ୍ସକ୍ତ ସାହେବ କଲେକ୍ଟରଙ୍କୁ ଜଣାଇବା ହେଉଛୁ । ଏହି ଅନାଥ ଲୋକମାନଙ୍କର ଉପର ବାସ ଉଠାର ହେବ ଏବେ ବର୍ଷାକାଳ ଉପରେ ବଞ୍ଚି ରହିବେ ଓ ଗୃହ ବସ୍ତ୍ର ଉପର ଆବାଦ କରି ପାରିବେ ଏହା ପ୍ରତି ସୁଦୃଷ୍ଟି କରି ଶୀଘ୍ର ସାହାଯ୍ୟ କରନ୍ତୁ । ଅଉ ଜମିଦାର ପ୍ରଜା ଉଭୟଙ୍କ ମଧ୍ୟରେ ଯେପରି ଅମେଳ ନ ହୋଇ ଉତ୍ତମରୂପେ ମେଳ ରହିବ ସେଥିର ସୁଯୋଗ କରନ୍ତୁ । ଅଉ ପତ୍ରଅର କାଗଜରେ ଆମ୍ଭମାନଙ୍କର ଯେ ଉପକାର ହେବ ସରକାର ଜାଣୁଅଛନ୍ତି ତାହା ନୁହେ ବରଂ ଅପକାର ହେବାର ସମ୍ଭାବନା । ଇତି

୧୦ । ୩ । ୭୨
ବାସୁଦେବପୁର
ସବଡିବିଜନ

ବଶମ୍ବଦ
କେତେକ ପ୍ରଜା

---

### ଛନ୍ଦମାଳା ।

ଅମ୍ଭେମାନେ ଛନ୍ଦମାଳା ନାମରେ ଖଣ୍ଡିଏ ନୂତନ ପୁସ୍ତକ କୃତଜ୍ଞତା ସହିତ ପ୍ରାପ୍ତ ହୋଇଥିବାର ସ୍ୱୀକାର କରୁଅଛୁଁ । ଏଥିରେ ଦେଶୀୟ ବ୍ୟବହାର୍ଯ୍ୟ ବିସ୍ତର ଛନ୍ଦ ଅଛି ଓ ଶ୍ରୀ ପଣ୍ଡିତ କପିଳେଶ୍ୱର ବିଦ୍ୟାଭୂଷଣ ଏ ସବୁକୁ ଏକତ୍ରିତ କରି ମୁଦ୍ରିତ କରାଇଅଛନ୍ତି । ପୁସ୍ତକର କଲେବର ରାଜପେଜ ଫରମାର ପୃ ୧୦୪ ଷ୍ଠା ଓ ଅନୁମାନ ହୁଅଇ ଏଥିରେ ଦୁଇହଜାର ଛନ୍ଦରୁ ଊଣା ନାହିଁ । କେତେଗୁଡ଼ାଏ ଛନ୍ଦ ହିନ୍ଦି ବା ବଙ୍ଗଳା ଭାଷାରୁ ଅଧି ମିଶି ଯାଇଅଛି ଓ କେତେଗୁଡ଼ାଏ ସାଧାରଣ ପ୍ରଚଳିତ ଛନ୍ଦ ନ ଥାଇ ଗୀତ ବା ଅନ୍ୟପ୍ରକାର ପଦ୍ୟ ପ୍ରାୟ ବୋଧ ହୁଅଇ ମାତ୍ର ଏ ସବୁର ସଂଖ୍ୟା ଅତି ଅଳ୍ପ ଓ ତଦ୍ଦ୍ୱାରା ବିଶେଷ କ୍ଷତି ହୋଇ ନାହିଁ । କେବଳ ବିଦେଶୀ ଲୋକଙ୍କର ତହିଁରେ ବୁଝିବା ଭ୍ରମ ଜନ୍ମି ପାରେ । ଏତେଗୁଡ଼ାଏ ଛନ୍ଦ ସଂଗ୍ରହ କରିବାରେ ଯେ ପଣ୍ଡିତ ମହାଶୟ ଅନେକ ପରିଶ୍ରମ ଓ ଅନୁସନ୍ଧାନ କରିଅଛନ୍ତି ତହିଁରେ ସନ୍ଦେହ ନାହିଁ ଓ ଏପ୍ରକାର ପୁସ୍ତକର ଖାସ ଅଭାବ ଥିଲା । କାରଣ ପ୍ରଚଳିତ ପ୍ରବାଦ ସବୁରୁ ଦେଶର ରୀତି ନୀତି ଓ ରୁଚିର ଅନେକ ପରିଚୟ ପ୍ରାପ୍ତ ହୁଅଇ । ସବୁ ଛନ୍ଦ ଯେ ଏଥିରେ ଅଛି ଅମ୍ଭେମାନେ ଏମନ୍ତ କହୁ ନାହୁଁ ମାତ୍ର ପ୍ରଥମ ଉଦ୍ୟମ ସକାଶେ ଆମ୍ଭମାନଙ୍କ ବିବେଚନାରେ ପ୍ରଶଂସନୀୟ ଅଟଇ । ଏ ଉତ୍ତାରୁ ଅଉ ଛନ୍ଦମାନ ଏଥିରେ ମିଶିବାର ସମ୍ଭାବନା ଅଛି ଓ ଯେବେ ଅକ୍ଷର କ୍ରମରେ ମୁଦ୍ରିତ ନ ହୋଇ ଏକ୍କ ବିଷୟର ଛନ୍ଦ ସବୁ ଏକତ୍ରିତ ହୋଇ ଭିନ୍ନ ଭିନ୍ନରେ ପ୍ରକାଶ ହୁଅଇ ତେବେ ଅର୍ଥ ବୁଝିବା ଅଥବା ବ୍ୟବହାର କରିବାର ଅଧିକ ସୁବିଧା ହେବ ଏମନ୍ତ ସମ୍ଭବ ହେଉଅଛି । ଦୁଃଖର ବିଷୟ ଯେ ପୁସ୍ତକ ଖଣ୍ଡିକ ଯେମନ୍ତ ତହିଁର ମୁଦ୍ରାଙ୍କନ କାର୍ଯ୍ୟ ସେରୂପ ନ ହୋଇ ଅତି ମନ୍ଦ ହୋଇଅଛି । ଅନେକ ସ୍ଥଳରେ ଗୋଟାଏ ଓ କେତେକ ସ୍ଥଳରେ ୨।୩ ଅକ୍ଷର ଏକାବେଳକେ ଛାପାରେ ଉଠି ନ ଥିବାରୁ ପଢ଼ିବାର କଷ୍ଟ ହୋଇଅଛି । ଏ ଛଡ଼ା ସଙ୍କଳନ ବିଷୟରେ ଗୋଟିଏ ଦୋଷ ଲକ୍ଷିତ ହୋଇଅଛି ଯେ ତାହା ନ କହି କ୍ଷାନ୍ତ ରହି ନ ପାରୁଁ । ତାହା ଏହି ଯେ କେତେଗୁଡ଼ାଏ ଛନ୍ଦରେ ଅଶ୍ଳୀଲ ଭାବ ବା ଇତର ଲୋକଙ୍କର ବ୍ୟବହାର୍ଯ୍ୟ କଥା ଅଛି । ଏପରି ଛନ୍ଦ ସଂଖ୍ୟା ବିସ୍ତର ନୁହଇ ଓ ଏ ସବୁ ପରିତ୍ୟକ୍ତ ହୋଇଥିଲେ ପୁସ୍ତକଖଣ୍ଡିକ ସର୍ବାଙ୍ଗସୁନ୍ଦର ହୋଇଥାନ୍ତା ।

## ସାପ୍ତାହିକ ସଂବାଦ ।

କଟକନଗରରେ ଅଧିକ ବର୍ଷା ହୋଇ ନାହିଁ

ଖାସମହାଲ ବନ୍ଦୋବସ୍ତ ବର୍ଷୀୟ ଅଭ୍ୟାଗ୍ରହକୁ ଲୋକେ ଏଥିର କାରଣସ୍ୱରୂପ ବ୍ୟକ୍ତ କରୁଅଛନ୍ତି ।

ଗତ ବାରୁଣୀ ଯାତ୍ରାରେ ଯାଜପୁରରେ ପ୍ରାୟ ୨୫୦୦୦ ଯାତ୍ରୀ ହୋଇଥିଲେ । କୌଣସି ବିଶେଷ ଦୁର୍ଘଟନା ଘଟି ନାହିଁ । ଏଥିର ଅନ୍ୟାନ୍ୟ ବିବରଣ ଆଗାମୀ ସପ୍ତାହରେ ପ୍ରକାଶିତ ହେବ ।

ଆଦି ବ୍ରାହ୍ମସମାଜର ଜଣେ ବ୍ରାହ୍ମ କି ତାହାଙ୍କର ନାମ ବାବୁ ଦୀନନାଥ ନେଉଗୀ ଅଟେ ଏ ନଗରକୁ ଆସିଅଛନ୍ତି । ଏ ବ୍ୟକ୍ତି ଜନ୍ମାନ୍ଧ ଅଥଚ ବିଦ୍ୟାଭ୍ୟାସପୂର୍ବକ ବ୍ରାହ୍ମଧର୍ମର ଉପଦେଶ ଓ ସଙ୍ଗୀତ ଶିକ୍ଷା କରିଅଛନ୍ତି । ଗତ ବୁଧବାର ବାବୁ ଜଗନ୍ମୋହନ ରାୟଙ୍କ ବସାଠାରେ ଏ ନଗରର ବ୍ରାହ୍ମ ଏବଂ ଅନ୍ୟାନ୍ୟ କେତେକ ଭଦ୍ରଲୋକଙ୍କୁ ଘେନି ଉପାସନା କରିଥିଲେ ।

ଅମ୍ଭେମାନେ ଦୁଃଖର ସହିତ ଅବଗତ ହେଲୁଁ ଯେ ହୁଗୁଲି କଲେଜର ପ୍ରିନ୍ସିପାଲ ଥୋଏଟସ୍ ସାହେବ ମାନବଲୀଳା ସମ୍ବରଣ କରିଅଛନ୍ତି । ତାହାଙ୍କର ଶରୀର ଅସୁସ୍ଥ ଥିବାରୁ ସେ ଛୁଟୀ ନେଇ ସ୍ୱଦେଶକୁ ଯିବାର ଉଦ୍ୟମ କରୁଥିଲେ ଏଥିରେ ଏ ଦୁର୍ଘଟନା ହେଲା । ଓଡ଼ିଶାରେ ତାହାଙ୍କର ଅନେକ ଛାତ୍ର ଅଛନ୍ତି ସେମାନେ ଅବଶ୍ୟ ଏ ସମ୍ବାଦ ଶୁଣି ଦୁଃଖିତ ହେବେ ।

ଭାରତବର୍ଷର ନୂତନ ଗବର୍ଣ୍ଣରଜେନେରଲ ଲର୍ଡ ଲଟନ ସାହେବ ଏ ଦେଶରେ ପ୍ରବେଶ ନ ହେଉଣୁ ତାହାଙ୍କର ପ୍ରତିମୂର୍ତ୍ତି କଲିକତାରେ ମୁଦ୍ରିତ ହୋଇ ଖଣ୍ଡକୁ ଅଣାଏ ଲେଖାଏ ଦରରେ ବିକ୍ରୟ ହେଉଅଛି । ଏପରି ବ୍ୟବସାୟମାନ ସଫଳ ହେବା ସୁଖର ବିଷୟ ଅଟଇ ।

ଯୁବରାଜ ଇଂଲଣ୍ଡରେ ପ୍ରବେଶ ହେବା କାଳରେ ସେଠା ଲୋକମାନେ ଅତି ସମାରୋହରେ ତାହାଙ୍କ ଅଭ୍ୟର୍ଥନା କରିବେ ବୋଲି ସ୍ଥିର ହୋଇଥିବାରୁ ସର୍ବାର୍ଟଲଫ୍ରେଅର ବାର୍ଟରେ ଯୁବରାଜଙ୍କୁ ଖତ ଅଙ୍ଗେ ବଲ୍ଲଭରେ ଘହଣ୍ଡି ବନ୍ଦୋବସ୍ତ କରିବେ ।

ବିଲାତରେ ରୂପାର ଦର ଅତି ଶସ୍ତା ହେବାରୁ ଭାରତବର୍ଷକୁ ବିଲାତର ଖର୍ଚ୍ଚ ସକାଶେ ଯେଉଁ ଟଙ୍କା ଯାଉଥିଲା ତାହା ବର୍ତ୍ତମାନ ପଠାଇଲେ ବିସ୍ତର କ୍ଷତି ହେବ ବୋଲି ବିଲାତରେ ଟଙ୍କା ରଣ କରିବାର ପ୍ରସ୍ତାବ ହୋଇଅଛି ଏଥିପାଇଁ ଭାରତବର୍ଷରେ ସମ୍ପ୍ରତି ଗବର୍ଣ୍ଣମେଣ୍ଟ କାଗଜର ମୂଲ୍ୟ ଅନେକ ଊଣା ପଡ଼ିଅଛି ।

ଟାଇମସ୍ ଅବ୍ ଇଣ୍ଡିଆ ଶୁଣିଅଛନ୍ତି ଯେ ଇଜେପ୍ତ ଓ ଅବିସିନିୟା ମଧ୍ୟରେ ଯୁଦ୍ଧ ହୋଇଥିଲା ଯେ ତହିଁରେ ଇଜେପ୍ତ ଜୟୀ ହୋଇଅଛି

Digitized by srujanika@gmail.com

Split by PDF Splitter

61



ୱେଷ୍ଟଇଣ୍ଡିସରେ ଏକପ୍ରକାର ଗଛ ଅଛି ଯେ ତହିଁର ଫଳ ସାବୁନର ପରିବର୍ତ୍ତରେ ବ୍ୟବହାର ହୁଅଇ ଓ ସାବୁନର ସମସ୍ତ ଗୁଣ ତହିଁରେ ରହିଅଛି । ଅସ୍ମଦେଶରେ ରିଟାଫଳ ଓ ଆଉ କେତେକ ଏପରି ଦ୍ରବ୍ୟ ଅଛି ।

ଗଲତ ମାସ ତା ୬ ରିଖରେ କଲିକତା ନଗରର ଲୋକସଂଖ୍ୟା ସ୍ଥାପିତ ହେବ । ବେବରଲ ସାହେବଙ୍କ ତତ୍ତ୍ୱାବଧାରଣରେ ଏ କର୍ମ ନିର୍ବାହିତ ହେବାର ଅଛି ।

ସୈନିକ ବ୍ୟବସ୍ଥା ସଂଶୋଧନ ପକ୍ଷରେ ଲର୍ଡନର୍ଥବ୍ରୁକ୍ ସାହେବ ଗୋଟିଏ ବିଧାନ ପ୍ରସ୍ତାବ କରି ସେକ୍ରେଟରୀ ଅବଷ୍ଟେଟଙ୍କ ନିକଟର ନିମିତ୍ତ ପଠାଇଅଛନ୍ତି । ଲର୍ଡନର୍ଥବ୍ରୁକ୍ ଏହି କର୍ମ କରି ଯିବେ ବୋଲି ଅନେକ ଲୋକ ଆଶା କରିଥିଲେ ଏଥିରୁ ଅନୁମାନ ହୁଅଇ ବିସ୍ତର ସୁବିଧାନ ହୋଇଥିବ ।

ହିନ୍ଦୁପେଟ୍ରିୟଟ ଶୁଣିଅଛନ୍ତି ଯେ ଡାକ୍ତର ନରମାନ ଚିବର୍ସ ସାହେବ ବଙ୍ଗଲା ପରିଭାଗ ସମ୍ପର୍କରେ ଏହି ଖର୍ଚ୍ଚ ରଖି ଯାଉଅଛନ୍ତି କି ମେଡିକେଲ କଲେଜର ଛାତ୍ରମାନଙ୍କୁ ସରକାରୀ କର୍ମରେ ନିଯୁକ୍ତ କରିବାର ଯେଉଁ ଗୁର ଗବର୍ଣ୍ଣମେଣ୍ଟ ଗ୍ରହଣ କରିଅଛନ୍ତି ତାହା ଏଣିକି ଉଠାଇ ଦେବାକୁ ପରାମର୍ଶ ଦେଇଅଛନ୍ତି । ପରାମର୍ଶ ଟିକୁ ପ୍ରଶଂସନୀୟ ବୋଲିବାକୁ ହେବ ।

ବମ୍ବେଇର ସ୍ତ୍ରୀଲୋକମାନେ ଯୁବରାଜଙ୍କୁ ବମ୍ବେଇରେ ପ୍ରବେଶ ଓ ବମ୍ବେଇରୁ ପ୍ରସ୍ଥାନ କାଳରେ ଦେଖିଥିବାରୁ ତାହାଙ୍କର ଉଭୟ ସମୟର ଶାରୀରିକ ଅବସ୍ଥା ତୁଳନା କରି କହିଅଛନ୍ତି କି ଯୁବରାଜ ଭାରତବର୍ଷରେ ରହି ଅଧିକ ସ୍ଥୂଳ ଓ ସତେଜ ହୋଇ ଅଛନ୍ତି । ଏଥିରେ ବୋଧ ହୁଅଇ ଭାରତବର୍ଷରେ ଶୀତଋତୁ ଇଂରେଜଙ୍କ ପକ୍ଷରେ ମଧ୍ୟ ସ୍ୱାସ୍ଥ୍ୟକର ଅଟଇ । ତେବେ ଇଂରେଜମାନେ ଏତେ ଡରନ୍ତି କାହିଁକି?

ହାଇକୋର୍ଟକୁ ମୋଫସଲରୁ ଯେ ସମସ୍ତ ଫାଇଲ ଓ ହେସାବ ପ୍ରେରିତ ହୁଅଇ ସେ ସବୁ ସଂଶୋଧନ ନିମିତ୍ତ ମହାମାନ୍ୟ ଗବର୍ଣ୍ଣରଜେନରଲ ସାହେବଙ୍କ ଅନୁମତିକ୍ରମେ ବଙ୍ଗଲା ହାଇକୋର୍ଟର ପ୍ରଧାନ ଜଜ ଛଅମାସ ନିମିତ୍ତେ ଶ୍ରୀଯୁକ୍ତ ଗେଡସସାହେବଙ୍କୁ ନିଯୁକ୍ତ କରି ଅଛନ୍ତି ହାଇକୋର୍ଟରୁ ବାହାରିଥିବା ସର୍କ୍ୟୁଲର ଓ ଓ ନିୟମାବଳୀ ସବୁ ମଧ୍ୟ ଏ ମହାଶୟ ଏକତ୍ର କରି ଛପାଇବେ । ଗେଡସସାହେବ ପୁରୀର କଲେକ୍ଟର ଥିଲେ ଏଥିରେ ବୋଧ ହୁଅଇ

ବୋର୍ଡ ରେଭନ୍ୟୁଙ୍କ ବିଶେଷ ପରୀକ୍ଷଣତା କିଛି ଏହାଙ୍କଠାରେ ଥିବ ।

ବମ୍ବେଇରେ ବସନ୍ତରୋଗର ଅତ୍ୟନ୍ତ ପ୍ରାଦୁର୍ଭାବ ହେବାରୁ ସେଠା ଗବର୍ଣ୍ଣମେଣ୍ଟ ଆଜ୍ଞା ଦେଇଅଛନ୍ତି କି ସରକାରି ଚାକରଙ୍କ ମଧ୍ୟରୁ ଯାହା ଘରେ ଉକ୍ତ ରୋଗ ଉପସ୍ଥିତ ହେବ ତାହାର ମହକୁମାର ପ୍ରଧାନ କର୍ମଚାରୀ ଯେତେଦିନ ଆବଶ୍ୟକ ବିବେଚନା କରିବେ ସେତେଦିନ ସବିଶେଷ ଛୁଟୀ ପାଇବ ଓ ଯେବ୍ୟକ୍ତି ରୋଗବିସ୍ତାରପକ୍ଷରେ ସାହାଯ୍ୟ କରିବ ତାହାର ଦଣ୍ଡ ହେବ କିନ୍ତୁ ଆଶ୍ଚର୍ଯ୍ୟର ବିଷୟ ଯେ ମାମଲତକାରଙ୍କଦ୍ୱାରା ରୋଗ ବିସ୍ତାରିତ ହେବାର ଯେଉଁ ସମ୍ଭାବନା ଅଛି ତହିଁର କିଛି ପ୍ରତୀକାର ହୋଇ ନାହିଁ । ବମ୍ବେ ଗବର୍ଣ୍ଣମେଣ୍ଟଙ୍କ ବିବେଚନାରେ ବସନ୍ତରୋଗ କି କେବଳ ଅମଲାଙ୍କ ଘରକୁ ଆକ୍ରମଣ କରଇ ।

ବାଲିଟି ଫେଅର ନାମରେ ଗୋଟିଏ ସାମୟିକ ପତ୍ରିକା ଅଛି । କଥିତ ହୁଅଇ ଯେ ତହିଁର ଅଧିକାରୀ ଓ ସମ୍ପାଦକ ଜଣେ ଧନବତୀ ସ୍ତ୍ରୀକୁ ବିବାହ କରିବାକୁ ପ୍ରସ୍ତୁତ ଥିବାରୁ ଉକ୍ତ ପତ୍ରିକାକୁ ହସ୍ତାନ୍ତର କରୁ ଅଛନ୍ତି କାରଣ ସେ ବ୍ୟବସାୟ ସ୍ତ୍ରୀଟିର ମନୋନୀତ ନୁହଇ । ସ୍ତ୍ରୀର କର୍ତ୍ତୃତ୍ୱ ଅସାଧାରଣ ଅଟଇ ।

---

ବିଜ୍ଞାପନ ।

କେନ୍ଦ୍ରାପଡାରେ କଲିକତା ସ୍କୁଲବୁକ ସୋସାଇଟିଙ୍କ ପୁସ୍ତକବିକ୍ରୟାର୍ଥେ ବାବୁ ଭଗବତ ପ୍ରସାଦ ଦାସଙ୍କ ପରିବର୍ତ୍ତରେ କେନ୍ଦ୍ରାପଡାସ୍କୁଲର ପ୍ରଧାନ ଶିକ୍ଷକ ବାବୁ ତାରକନାଥ ଘୋଷ ଏଜେଣ୍ଟ ନିଯୁକ୍ତ ହୋଇଅଛନ୍ତି ।

29—3—76 N. K. Das
*Joint Inspector of schools.*

---

ବାବୁ କମାଇଚରଣ ବୋଷଙ୍କ କୃତ ଜମିଦାରୀସିରସ୍ତା ଆଉ ଏକପ୍ରସ୍ତ ବାହାର ଅଛି କଟକପ୍ରିଣ୍ଟିଂ କମ୍ପାନିଙ୍କ ଯନ୍ତ୍ରାଲୟରେ ପ୍ରାପ୍ତବ୍ୟ ।

---

ଓଡ଼ଗାଁ ବଙ୍ଗର ସାଧାରଣ ସରକାରୀ ବିଦ୍ୟାଳୟ ବାଳକମାନଙ୍କ ପାଠ୍ୟପୁସ୍ତକ ବିକ୍ରେତା ଏଜେଣ୍ଟମାନଙ୍କ ଜାଣିବା କାରଣ ପ୍ରକାଶ କରା ଯାଉଅଛି ଯେ ବୋଧାଙ୍କୁର ପୁସ୍ତକ ପ୍ରକାଶ ହୋଇ ବିକ୍ରୟ ନିମିତ୍ତ କଟକ ହାଇସ୍କୁଲର ଷଷ୍ଠ ଶିକ୍ଷକ ଶ୍ରୀଯୁତ ବାବୁ ଅମରନାଥ ଚଟ୍ଟୋପାଧ୍ୟାୟଙ୍କ ନିକଟରେ ଅର୍ପିତ ହୋଇଅଛି, ଏବ ନଗଦ ମୂଲ୍ୟ ଦେଲେ ଶତକଡ଼ା ୫ ୧୫ ଟଙ୍କା କମିଶନ ଆଉ ବିକ୍ରୟ କରି ଛଅମାସ ମଧ୍ୟରେ ମୂଲ୍ୟ ଦେଲେ ୫ ୧୦ ଟଙ୍କା କମିଶନ ପାଇବାର ସ୍ଥିର ହୋଇଅଛି । ଅତଏବ ଯାହାର ଉକ୍ତ ପୁସ୍ତକ ଆବଶ୍ୟକ ହେବ ସେ ଉକ୍ତବାବୁ ମହାଶୟଙ୍କ ନିକଟକୁ ପତ୍ର ଲେଖିଲେ ପାଇ ପାରିବେ ଇତି । ୨୨।୩।୭୬ ।

ଶ୍ରୀ କପିଳେଶ୍ୱର ନନ୍ଦ ଶର୍ମା ।

---

NOTICE.

Wanted for the Bhudrack M. C. E. School a Head Master on a salary of Rs. 50 per mensem.

No person who has not passed the University Entrance examination need apply.

Preference will be given to candidates who have passed the first examination in Art, and weight will be attached in making the selection to practical experience in teaching, a thorough acquaintance with the Uriya language will be insisted upon.

Intending candidates should apply by letter to the undersigned on or before the 20th April, 1876 forwarding at the same time copies of their testimonials.

(Sd.) G. Stevenson Esqr.
President of Bhudrack
School Committee.

There will also be a vacancy in the above school for an additional Master (subject to approval by the Committee) on Rs. 20 per mensem.

Candidates must have passed the Entrance Examination and a selected candidate will be tested as to his acquirements before appointment.

Candidates must apply in writing to the undersigned on or before 20th April.

25—3—76. (Sd.) G. Stevenson Esqr.
President Bhudrack
M. C. E. School.

---

ମୂଲ୍ୟପ୍ରାପ୍ତି ।

---

ବାବୁ ହରେକୃଷ୍ଣ ଦାସ କଟକ ଅଗ୍ରିମ
„ ଜଗବନ୍ଧୁ ଘୋଷ „ ବାଲେଶ୍ୱର
„ ଦୀନନାଥ ସରକାର „ „

---

☞ ଏହି ଉତ୍କଳଦୀପିକା ସହର କଟକ ପାଟନାର କଟକ ପ୍ରିଣ୍ଟିଂକମ୍ପାନିଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା ।

Digitized by srujanika@gmail.com

Split by PDF Splitter

REGISTERED NO. 32



# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା

ଭା ୧୧ଶ
ସ ୧୫ ଖ୍ୟା
ତା ୮ ରିଖ ଅପ୍ରେଲ ସନ ୧୮୭୭ ମସିହା । ମୁ । ଚୈତ୍ର ୨୮ ନ ସନ ୧୨୮୪ ସାଲ ଶନିବାର
ଅଗ୍ରିମ ବାର୍ଷିକ ମୂଲ୍ୟ ଟ ୫
ବର୍ଷାନ୍ତେ ମୂଲ୍ୟ ଦେଲେ ବର୍ଷକୁ ଟ ୬
ମଫସଲ ପାଇଁ ଡାକମାସୁଲ ଟ ୧।୦

ଭାରତବର୍ଷର ବଜେଟ ଗତମାସ ତା ୩୧ ରିଖରେ ବାହାରିଅଛି । ଲର୍ଡନର୍ଥ ବ୍ରୁକ୍ ବଜେଟ ସମ୍ବନ୍ଧୀୟ ଧୂମଧାମ ସବୁ ରହିତ କରି ଦେଇଥିବାରୁ ପୂର୍ବପ୍ରାୟ ବଜେଟର କଥା ବିସ୍ତର ଶୁଣାଯା । ନାହିଁ ବର୍ଷକୁ ବର୍ଷ ଏଥିର ମହତ୍ତ୍ୱ ଏପର୍ଯ୍ୟନ୍ତ ଊଣା ହୋଇ ଆସିଲାଣି ଯେ ଏବର୍ଷର ବଜେଟ କେବେ ବାହାରିବ ଅଗଠାରୁ କେହି ତାହାର ପ୍ରସଙ୍ଗ କରି ନ ଥିଲେ । ବୋଧ ହୁଏଇ ପୂର୍ବେ ବ୍ୟୟ ଅପେକ୍ଷା ଆୟ ଊଣା ହେଉଥିବାରୁ ଟିକସର ଭୟ ପ୍ରତିବର୍ଷ ଲୋକଙ୍କୁ ଜଗାଇ ଦେଉଥିଲା । ବର୍ତ୍ତମାନ ସେ ଭୟ ନ ଥିବାରୁ ଲୋକେ ନିଶ୍ଚିନ୍ତ ଅଛନ୍ତି ଓ ଏ ଅବସ୍ଥା କେବଳ ଲର୍ଡନର୍ଥ ବ୍ରୁକଙ୍କ କୃପାରୁ; ଅତଏବ ତାହାଙ୍କୁ ଏଥିପାଇ ଶତ ଧନ୍ୟବାଦ ଦେଉଅଛୁଁ ।

ବଜେଟର ସଂକ୍ଷେପ ବିବରଣ ନିମ୍ନଲିଖିତରୂପ ଅଟଇ ସନ ୧୮୭୫।୭୬ ମସିହାର ଠିକ ହିସାବ—ଆୟ ଟ ୫୦,୫୭,୦୧,୭୭୦ ସାଧାରଣ ବ୍ୟୟ ଟ ୫୦,୨୫,୧୦,୪୭୦ଙ୍କା ଏଥିମଧ୍ୟରେ ଦୁର୍ଭିକ୍ଷ ସାହାଯ୍ୟ ବ୍ୟୟ ଟ ୨,୨୩,୭୮,୬୦୦ଙ୍କା ଉଦ୍ବୃତ୍ତ ଟ ୩୧,୯୧,-୩୦୦ଙ୍କା ଅସାଧାରଣ କର୍ମଣ କାର୍ଯ୍ୟ ବ୍ୟୟ ଟ ୩,୨୩,୯୫,୬୬୦ଙ୍କା ।

ସନ ୧୮୭୬।୭୭ ମସିହାର କଳ୍ପିତ ଅନୁମାନ ।—ଆୟ ଟ ୫୦,୯୯,୧୦,୦୦୦ଙ୍କା ସାଧାରଣ ବ୍ୟୟ ଟ ୪୯,୭୪,୪୦,୦୦୦ଙ୍କା ଏଥି ମଧ୍ୟରେ ଦୁର୍ଭିକ୍ଷ ସାହାଯ୍ୟ ବ୍ୟୟ ଟ ୬୫,୬୦,୦୦୦ଙ୍କା ଧରି ଯାଇଅଛି । ଉଦ୍ବୃତ୍ତ ଟ ୧,୨୪,୭୦,୦୦୦ଙ୍କା । ଅସାଧାରଣ କର୍ମଣ କାର୍ଯ୍ୟବ୍ୟୟ ଟ ୪,୧୪,୩୦,-୦୦୦ଙ୍କା ।

ସନ ୧୮୭୭।୭୮ ମସିହାର ବଜେଟ ଅନୁମାନ ।—ଆୟ ଟ ୫୦,୪୮,୦୦,୦୦୦ଙ୍କା ସାଧାରଣ ବ୍ୟୟ ୫୦,୩୩,୬୦,୦୦୦ଙ୍କା ଉଦ୍ବୃତ୍ତ ଟ ୧୪,୪୦,-୦୦୦ଙ୍କା ଅସାଧାରଣ କର୍ମଣକାର୍ଯ୍ୟ ବ୍ୟୟ ଟ ୩,୭୫,୯୦,୦୦୦ଙ୍କା ।

ସନ ୧୮୭୭।୭୮ ମସିହାରେ ଟ ୩,୦୦,୦୦,-୦୦୦ଙ୍କା ଋଣ ଗୃହୀତ ହେବ ଏଥିମଧ୍ୟରେ ଟ ୩,-୬୦,୦୦୦ଙ୍କା ରେଲବାଟ ସକାଶେ ସିନ୍ଧିୟା ଓ ହୋଲକାରଙ୍କ ନିକଟରୁ ଗୃହୀତ ହେବ ଅବଶିଷ୍ଟ ଟ ୨,୬୪,୦୦,୦୦୦ଙ୍କା ବିଲାତରେ ଗୃହୀତ ହେବ । ଭାରତବର୍ଷରେ କିଛି ଋଣ ଗୃହୀତ ହେବ ନାହିଁ ।

ସନ ୧୮୭୭।୭୮ ମସିହାରେ କୌଣସି ନୂଆ ଟାକ୍ସ ବସିବ ନାହିଁ ।

ସନ ୧୮୭୭।୭୮ ମସିହା ଶେଷରେ ନଗଦ ତହବିଲ ଟ ୧୧,୫୫,୨୬,୧୫୦ଙ୍କା ରହିବ ।

---

ବେହାର ହେରାଲ୍ଡ ନାମକ ସମ୍ବାଦପତ୍ରରୁ ହନୁପେଟ୍ରିଅଟ ଅଦାଲତ ଅମଲାଙ୍କ ନେବା ଅନ୍ୟାୟ ରସୁମର ନିମ୍ନଲିଖିତ ତାଲିକା ଗତିକ ଉଦ୍ଧୃତ କରିଅଛନ୍ତି । ଯଥା—

୧ । ଦାଖଲା, ଅର୍ଜି ଦାଖଲ ସମୟରେ ଏହା ଦେବାକୁ ହୁଏଇ ତହସିଲ ଅଦାଲତରେ ଟ ୧୮ ଓ ଜଜ ଅଦାଲତରେ ଟ ୨ ଙ୍କା ।
୨ । ମହୁରିର, ପଇଁଓଳା ତାର ରସୁମ ଅମାନତ କରିବା ସମୟରେ ଦିଆଯାଏ । ତହସିଲ ଅଦାଲତରେ ଟ ୦ । ଜଜ ଅଦାଲତରେ ଟ ୦ ୨
୩ । ସମନଜାରି ଫିସ (ଭିଉ ନମ୍ବର ଅନୁସାରେ)
୪ । ଜାରି କରିବା ପିଆଦା ରସୁମ ସହରରେ ଟ ୦ ୨ ମୋଫସଲରେ ଟ ୧୮ ଖୋରାକ ଛଡ଼ା ।
୫ । ଇସ୍ତମନକସି ଦାଖଲା ଦର ଟ ୧ ଙ୍କା ।
୯ । ଦସ୍ତିନାପତ୍ର ଦାଖଲ ସକାଶେ ଏକଟଙ୍କା ।
୧୧ । ହାଜିର ଲେଖିବା ମୁହାଙ୍କର ଟ ୧ ୨ ଠାରୁ ଟ ୧ ୨ ଯାଏ ।
୮ । ଇଜାହାର ଲେଖାଇ ଦର ଟ ୧୮ ।
୧୩ । ଫଏସଲା ନକଲ ନେବା ଟ ୩ଙ୍କା ଠାରୁ ଟ ୧୮ ଯାଏ ହାରି ଜିତ ବିବେଚନାରେ ।
୧୪ । ଉକିଳାରି ଦରଖାସ୍ତ ଦାଖଲ ଟ ୧ ୯
୧୫ । ହୋରଡ଼ ହୁକୁମ ସକାଶେ ଟ ୧ ୨
୧୬ । ହୋରଡ଼ କଲମୀ ପ୍ରସ୍ତୁତ ହୁକୁମନାମା ସକାଶେ ଟ ୧ ଙ୍କା

ଏହିପରି ଆଉ କେତେ ମିଶାଇ ୨୫ ରକମ କଳ୍ପିତ ଅନ୍ୟାୟ ରସୁମ ଅମଲାମାନେ ନେଉଥିବାର ଲେଖା ଅଛି ଓ ଯେଉଁ ବାବତରେ ଯେତେ ଟଙ୍କା ଲେଖା ଅଛି ତାହା ନ ହେଲେ ନୂହଇ ଊର୍ଦ୍ଧ୍ୱସଂଖ୍ୟାର କିଛି ସୀମା ନାହିଁ ।

ଅମ୍ଭେମାନେ ଭରସା କରୁଁ ଯେ ଏକଥାଟି ହାକିମ ଓ ପ୍ରଧାନ ଅମଲାମାନେ ସର୍ବଦା ସ୍ମରଣ ରଖି ଯଥାସାଧ୍ୟ ତାହାର ପ୍ରତିବିଧାନ କରିବେ । କୌଣସି ଠାରେ ମାମଲତକାରକୁ ପଚାର ସେ

Digitized by srujanika@gmail.com

Split by PDF Splitter



ଅବଶ୍ୟ ଉଣାଅଧିକରେ ଅମଲାମାନଙ୍କ ଅନ୍ୟାଯ୍ୟ ରସୁମ ନେବାର ସାକ୍ଷ ଦେବା। ପିନଲକୋଡରେ ଅନ୍ୟାଯ୍ୟ ରସୁମ ନେବା ଅପରାଧ ମଧ୍ୟରେ ପରିଗଣିତ ହୋଇଅଛି ମାତ୍ର ତହିଁରେ ଏମନ୍ତ ସୂକ୍ଷ୍ମବିଧାନ ଅଛି ଯେ ରସୁମ ନେବାର କଷ୍ଟ ନାହିଁ ଯେ ସେକଥା କହିବ ପଛେ ତାହାର ବିପଦ ଘଟିବ। ଏହି ହେତୁରୁ ଅମଲାମାନେ ଅକାତରରେ ରସୁମ ନେଉଅଛନ୍ତି ଓ ହାକିମମାନେତ ବଡ଼ଲୋକ ସେଥି ବିଷୟରେ କାହିଁକି ଦୃଷ୍ଟି ପକାଇବେ। ଅମଲାମାନେ ରସୁମ ନେବେ ନାହିଁ ବୋଲି ଗବର୍ଣ୍ଣମେଣ୍ଟ ସେମାନଙ୍କର ବେତନ ବଢାଇ ଦେଲେ ତଥାଚ ରସୁମ ନେବା ନିବାରଣ ହେଲା ନାହିଁ ତେବେ ଏତିକି ବୋଲାଯାଇପାରେ କର୍ମଚାରି ବିଶେଷର ଉତ୍ତମ ଶିକ୍ଷା ଏବଂ ଲୋକଙ୍କର ଆଗପ୍ରତ କହିବା ବୁଦ୍ଧି ଅଧିକ ହେବାରୁ ଆଗଠାରୁ ରସୁମ ନେବା କିଛି ଉଣା ପଡୁଅଛି।

---

## ଦୁର୍ଭିକ୍ଷର ବ୍ୟୟ ବ୍ୟବସ୍ଥା।

ପୂର୍ବେ ଗବର୍ଣ୍ଣମେଣ୍ଟଙ୍କ ବ୍ୟବସ୍ଥା ଯାହା ଥିଲା ସନ ୧୮୭୩ ସାଲର ଓଡିଶା ଦୁର୍ଭିକ୍ଷରୁ ଗବର୍ଣ୍ଣମେଣ୍ଟ ସ୍ଥିରକଲେ ଯେ ଦୁର୍ଭିକ୍ଷ ସମୟରେ ପ୍ରଜାଙ୍କର ପ୍ରାଣରକ୍ଷା କୌଣସିରୂପେ କରିବାକୁ ହେବ ଓ ତହିଁପାଇଁ ଯେତେ ବ୍ୟୟ ପଡିବ ତାହା ରାଜକୋଷରୁ ଦେବାକୁ ହେବ। ଏହି ନିୟମର ବଶ ହୋଇ ଗତ ଦୁଇବର୍ଷ ତଳେ ବେହାର ଅଞ୍ଚଳରେ ଯେଉଁ ଦୁର୍ଭିକ୍ଷ ପଡିଥିଲା ତହିଁରେ ଗବର୍ଣ୍ଣମେଣ୍ଟ ଅକାତରରେ ସାହାଯ୍ୟଦାନ କରି ଲୋକଙ୍କର ପ୍ରାଣ ରକ୍ଷା କଲେ। ତହିଁରେ ବହୁତ ଟଙ୍କା ବ୍ୟୟ ହୋଇ ଗଲା ଓ ଗବର୍ଣ୍ଣମେଣ୍ଟଙ୍କ ହସ୍ତରେ ତାହା ନ ଥିବାରୁ ଋଣ ସୁଦ୍ଧା କରିବାକୁ ପଡିଥିଲା। ଦୁର୍ଭିକ୍ଷ ସମୟରେ ଲୋକଙ୍କୁ ସାହାଯ୍ୟ କରିବା ପାଇଁ ଗବର୍ଣ୍ଣମେଣ୍ଟ ସମ୍ପ୍ରତି ଏମନ୍ତ ପ୍ରସ୍ତୁତ ହୋଇଅଛନ୍ତି ଯେ ଏକ ୨ ପ୍ରଦେଶର କଥା ତେଣିକି ଥାଉ କୌଣସି ଜିଲା କିମ୍ବା ଜିଲାର ଏକାଂଶରେ ଖାଦ୍ୟୋପଯୋଗୀ ସସ୍ୟ ଉତ୍ପନ୍ନ ନ ହେଲେ ଗବର୍ଣ୍ଣମେଣ୍ଟ ଯଥାକାଳରେ ସତର୍କ ହୋଇ ସେଠାରେ ଦୁର୍ଭିକ୍ଷ ନିବାରଣର ଉପାୟ କରିବାକୁ ପ୍ରସ୍ତୁତ ହେଉଅଛନ୍ତି। ଏଥିରୁ ହିନ୍ଦୁସ୍ଥାନ ଏକ ବୃହତ ଦେଶ ଏବଂ ବହୁଦର୍ଶନଦ୍ୱାରା ଦେଖା ଯାଉଅଛି ଯେ ପ୍ରତ୍ୟେକ ବର୍ଷାବର୍ଷରେ ନ ହେଉ ପ୍ରତି ଦଶକରେ ଏହାର ଏକ ବା ଅପର ଭାଗରେ ଦୁର୍ଭିକ୍ଷ ପଡ଼ି ଲୋକଙ୍କୁ କ୍ଲେଶ ଦେଇ ଆସୁଅଛି ଓ ଏସମସ୍ତଙ୍କୁ ଯଥାମତ ନିବାରଣ କରିବାରେ ଗବର୍ଣ୍ଣମେଣ୍ଟଙ୍କର ବହୁତ ବ୍ୟୟ ପଡଇ। ଯଦ୍ୟପି କି ନାଲ ଓ ରେଲବାଟ ପ୍ରଭୃତିଦ୍ୱାରା ସସ୍ୟ ଉତ୍ପନ୍ନ ଓ ଗମନାଗମନର ଯଥାସାଧ୍ୟ ଉପାୟ ହେଉଅଛି ତଥାଚ ତଦ୍ଦ୍ୱାରା ଦୁର୍ଭିକ୍ଷ ଏକାବେଳକେ ରହିତ ହେବ ଏମନ୍ତ ଆଶା ହେଉ ନାହିଁ ବରଂ ଗବର୍ଣ୍ଣମେଣ୍ଟଙ୍କର ଏହି ବିଶ୍ୱାସ ହୋଇଅଛି କି ଦୁର୍ଭିକ୍ଷ ନିବାରଣ ଭାରତବର୍ଷର ଗୋଟିଏ ସାଧାରଣ ବ୍ୟୟର ବିଷୟ ଅଟଇ। ସେ ବ୍ୟୟ ନିର୍ବାହ ସକାଶେ କୌଣସି ଉପାୟ ନ କଲେ ଗବର୍ଣ୍ଣମେଣ୍ଟ ଚଳି ପାରିବେ ନାହିଁ। କି ଉପାୟଦ୍ୱାରା ତାହା ନିର୍ବାହିତ ହେବ ଅବଧି ଜଣା ପଡ଼ ନାହିଁ। ଇଣ୍ଡିୟାନ ଡେଲିନ୍ୟୁସ କହନ୍ତି କି ଆମ୍ଭମାନଙ୍କର ନୂତନ ଶାସନକର୍ତ୍ତା ଲର୍ଡ ଲିଟନ ଏଠାରେ ପ୍ରବେଶ ହେଲେ ଏଥିର ବିଧାନ କରିବା ଶୀଘ୍ର ତାହାଙ୍କ ବିଚାରାଧୀନରେ ଆସିବ। ବିଲାତର ସେକ୍ରେଟରି ଏଠାକୁ ଲେଖିଅଛନ୍ତି ଯେ ଦୁର୍ଭିକ୍ଷ ନିବାରଣର ବ୍ୟୟ ପ୍ରଦେଶୀୟ ଗବର୍ଣ୍ଣମେଣ୍ଟଙ୍କ ଉପରେ ନିକ୍ଷିପ୍ତ ହେଲେ ଭଲ ହେବ। ଯେବେ ଏହି ନିୟମ ମନୋନୀତ ହେବ ତେବେ ବଙ୍ଗଳା ପ୍ରଦେଶରେ ଦୁର୍ଭିକ୍ଷ ପଡିଲେ ବଙ୍ଗଳା ଗବର୍ଣ୍ଣମେଣ୍ଟ ଆପଣା ବ୍ୟୟରେ ତାହା ନିବାରଣ କରିବେ ଓ ଏଥିରୁ ଏମନ୍ତସ୍ୱା ସୂକ୍ଷ୍ମ କଥା ବାହାରି ପାରେ ଯେ କୌଣସି ଜିଲାର କୌଣସି ଭାଗରେ ସାମାନ୍ୟ ଦୁର୍ଭିକ୍ଷ ପଡିଲେ ତାହା ନିବାରଣ ସକାଶେ ଉକ୍ତ ଜିଲା ଦାୟୀ ହେବ। ରାଜଭଣ୍ଡାରରୁ କିଛି ବ୍ୟୟ ପଡିବ ନାହିଁ କେବଳ ଗବର୍ଣ୍ଣମେଣ୍ଟ ଏତିକି ଦେଖିବେ ଯେ ସ୍ଥାନୀୟ ଗବର୍ଣ୍ଣମେଣ୍ଟ ଦୁର୍ଭିକ୍ଷର ଯଥାର୍ଥ ପ୍ରତୀକାର କରୁଅଛନ୍ତି କି ନାହିଁ। ସ୍ଥାନୀୟ ଗବର୍ଣ୍ଣମେଣ୍ଟଙ୍କୁ ଦୁର୍ଭିକ୍ଷ ବ୍ୟୟ ସକାଶେ କିଛି ଅଧିକା ଟଙ୍କା ଦେବେ ନାହିଁ ଓ ଯାହା ଦିଆ ଯାଉଅଛି ତାହା ଅନ୍ୟାନ୍ୟ ବ୍ୟୟ ଅପେକ୍ଷା ଅଧିକ ନୁହଇ। ସୁତରାଂ ଯେମନ୍ତ ପୁଲିସ ଖର୍ଚ୍ଚା ସକାଶେ ମିଉନିସିପାଲିଟି ଓ ମୋଫସଲର ବାଟଘାଟ ସକାଶେ ରୋଡସେସ ଟାକ୍ସମାନ ବସିଅଛି ସେହିପରି ଦୁର୍ଭିକ୍ଷ ନିବାରଣ ସକାଶେ ସ୍ୱତନ୍ତ୍ର ଗୋଟିଏ ଟାକ୍ସ ବସିବାର ପ୍ରୟୋଜନ ହେବ। ପ୍ରସ୍ତାବିତ ବ୍ୟବସ୍ଥାର ଚରମଫଳ ଆଉ ଗୋଟିଏ ନୂତନ ଟାକ୍ସ ବସିବା ଭାବି ଆମ୍ଭେମାନେ ଚିନ୍ତିତ ହେଉଅଛୁଁ ଟାକ୍ସ ବସିବାର ସମ୍ଭାବନା ଦେଖିଲେ ଅଗେତ ଦେହର ରକ୍ତ ପାଣି ହୋଇଯାଏ ତହିଁରେ ପୁଣି ଏପରି କାର୍ଯ୍ୟ ସକାଶେ ଟାକ୍ସ ବସିବା ଅତ୍ୟନ୍ତ ଦୁଃଖର ବିଷୟ ହେବ କାରଣ ଏଥିରେ ଉପକାରଠାରୁ ଅପକାର ଅଧିକ ବଢିବ। ଡେଲିନ୍ୟୁସର ସମ୍ପାଦକ ଏବିଷୟରେ ଯାହା କହିଅଛନ୍ତି ତାହା ଅସଙ୍ଗତ ନୁହଇ। ତାହାଙ୍କ ମତରେ ଏଥିରେ ଟାକ୍ସ ଅତ୍ୟନ୍ତ ବୃଦ୍ଧି ହେବ କାରଣ ଗବର୍ଣ୍ଣମେଣ୍ଟଙ୍କ ହସ୍ତରୁ ବ୍ୟୟ ପଡିବ ନାହିଁ ବୋଲି କର୍ମଚାରୀମାନେ ଉପଯୁକ୍ତ ମତେ ପରିମିତ ବ୍ୟୟୀ ହେବେ ନାହିଁ। ବର୍ତ୍ତମାନ ସରକାରଙ୍କ ହସ୍ତରୁ ବ୍ୟୟ ପଡୁଅଛି ବୋଲି କର୍ମଚାରୀମାନଙ୍କର ଅତିରିକ୍ତ ବ୍ୟୟପ୍ରତି ଯଥେଷ୍ଟ ଭୟ ଅଛି। ଲୋକଙ୍କ ଟାକ୍ସଦ୍ୱାରା କାର୍ଯ୍ୟ ନିର୍ବାହ ହେଲେ ସେ ଭୟ ରହିବ ନାହିଁ। ଏ କଥା ସତ୍ୟ ଯେ ଅନ୍ୟାନ୍ୟ ସମୟରେ ଦୁଃଖିଲୋକଙ୍କର ସାହାଯ୍ୟ ନ ହୋଇ କେବଳ ଦୁର୍ଭିକ୍ଷ ସମୟରେ ସାହାଯ୍ୟ ହେବାର ପ୍ରସ୍ତାବ ହେଉଅଛି ମାତ୍ର ଦୁର୍ଭିକ୍ଷର ପ୍ରକୃତ ଅର୍ଥକୁ ଗବର୍ଣ୍ଣମେଣ୍ଟ କ୍ରମଶଃ ବିସ୍ତାର କରୁଅଛନ୍ତି। ସେବର୍ଷ ଓଡିଶାର ସର୍ବତ୍ରରେ ଉତ୍ତମ ଫସଲ ହୋଇଥିବା ପ୍ରତ୍ୟକ୍ଷେ କେବଳ ସରଗଡ଼ରେ ଫସଲ ନ ହେବାରୁ ସ୍ଥାନୀୟ ହାକିମମାନେ ଚେଦା ଇତ୍ୟାଦି ସଂଗ୍ରହ କରିବାକୁ ପ୍ରସ୍ତୁତ ହୋଇ ଥିଲେ। ଯେବେ ଦୁର୍ଭିକ୍ଷ ଟାକ୍ସ ଥାନ୍ତା ତେବେ ଅବଶ୍ୟ କେତେ ଟଙ୍କା ତହିଁରୁ ବ୍ୟୟ ହୋଇ ଯାଇ ଥାନ୍ତା। ମାତ୍ର ପରିଶେଷରେ ଦେଖା ଗଲା ଯେ ସେଠାରେ ଦୁର୍ଭିକ୍ଷ ପଡିଲା ନାହିଁ କେବଳ ସ୍ଥାନୀୟ କର୍ମଚାରିଙ୍କ କଳ୍ପନାରେ ତହିଁର ପ୍ରାଦୁର୍ଭାବ ହୋଇଥିଲା। ଏପରି ଯେତେ ପ୍ରକାର ସ୍ଥାନୀୟ ଟାକ୍ସ ଅଛି ତହିଁର ବ୍ୟୟ ବ୍ୟବସ୍ଥାରେ ସ୍ଥାନୀୟ ହାକିମମାନଙ୍କର ସର୍ବଦା ଅପରିମିତାଚାର ଦେଖାଯାଏ। ଦଶଜଣଙ୍କଠାରୁ ଟଙ୍କା ଆଣି ଏକଜଣକୁ ଦେବାରେ କାହାର କଷ୍ଟ ହୁଅଇ ନାହିଁ। ଯେଉଁମାନେ ଆପଣା ଗଣ୍ଠିରୁ ପଇସାଟିଏ ବାହାର କରିବାକୁ କଷ୍ଟ ମଣନ୍ତି ସେମାନେ ପୁଣି ପରଧନରେ ଦାତାକର୍ଣ୍ଣ ହେବାର ଦେଖା ଯାଉଅଛି। ଏପରି ଅବସ୍ଥାରେ ଯେବେ ଦୁର୍ଭିକ୍ଷ ସକାଶେ ଟାକ୍ସ ବସିଲେ ତାହା ଯେ କେତେ ବଢିବ ତହିଁର ସୀମା କୁହା ଯାଇ ନ ପାରେ। ବିଶେଷ ଭାରତବର୍ଷ ଅତି ଦରିଦ୍ର ଦେଶ ଏଠାରେ ଦୁଃଖିଙ୍କର ଯେତେ ସାହାଯ୍ୟ ହେବ ତେତେ ଏହାଙ୍କ ସଂଖ୍ୟା ବଢିବାର ସମ୍ପୂର୍ଣ୍ଣ ସମ୍ଭାବନା ଅଛି।

---

Digitized by srujanika@gmail.com

Split by PDF Splitter



ଆମ୍ଭମାନଙ୍କ ଯାଜପୁର ସମ୍ବାଦଦାତା ଲେଖିଅଛନ୍ତି । ଯଥା;—

"ମଞ୍ଜୁରି ପ୍ରଗନ୍ନା ବାଙ୍କମୁଣ୍ଡା ନିବାସୀ ଏକବ୍ୟକ୍ତି ଦୁର୍ଭିକ୍ଷ ସମୟରୁ ଧାନ ବାଣ୍ଟି ଧନ ଉପାର୍ଜନ କରି ଜମିଦାରୀ ଖରିଦ ଓ ପାଞ୍ଚଗୋଟା ଅମାରଘରଦ୍ୱାରା ଅନେକ ଧାନ ଓ ଘରେ ଅନେକ ବାସନ ଓ ପଟ୍ଟବସ୍ତ୍ର ଇତ୍ୟାଦ ସମ୍ପାଦନ କରିଥିଲା ଅଳକୁ ଗୁରୁବାର ହେଲା ଦିନ ଦୁଇପହର ସମୟରେ ଖଡକୁଡଖବାରୁ ଅଗ୍ନି ଉଠି ଅକସ୍ମାତ୍ ଘରେ ଲାଗି ତାହାର ଘର ଅମାର ସମ୍ପଦ ଓ ଧାନ ସହିତ ସମସ୍ତ ପୋଡିଗଲା କେହି ରକ୍ଷା କରି ନ ପାରିଲେ, "ଅଧର୍ମ ଦ୍ୱାରା ବଢେ ବହୁତ, ଗଲା ବେଳେ ଯାଏ ମୂଳସହିତ" ।

ଏପରି ଗଲାଗମାର୍ଚ୍ଚମାସ ତା ୨୫ ଋଖ ଶୁକ୍ରବାର ଏଠାରେ ବାରୁଣୀଯାତ୍ରା ହୋଇଥିଲା, ଯୋଗ ଯାଇ ନ ଥିବାରୁ ବିଶେଷ ଯାତ୍ରୀ ହୋଇ ନ ଥିଲେ ତେବେ ଅତି ଊଣାରେ ୨୫୦୦୦ ହଜାର ମନୁଷ୍ୟ ହୋଇଥିଲେ କଟକ ଓ ବାଲେଶ୍ୱରର ମହାଜନମାନେ ଆସି ଦୋକାନ ଦେଇଅଛନ୍ତି ଅଦ୍ୟାପି ପ୍ରାୟ ଏକଶତ ଦୋକାନ ରହିଅଛି । ଯାତ୍ରା ମଧ୍ୟରେ ବାବୁ କାଳୀପଦ ବାନ୍ଦ୍ୟା ଜମିଦାର ଏଠାର ସରକାରୀ କାର୍ଯ୍ୟକାରକ ଜମିଦାର ଓ ଭଦ୍ରଲୋକମାନଙ୍କୁ ଆମନ୍ତ୍ରଣ କରି ମଜଲସ କରାଇ ଗୁମଜାଲା କୁମ୍ଭଜାଲା ଧୂଙ୍କରଫିଲ ଗୋଟିପୁଅ ଓ ବାଈମାନଙ୍କୁ ଅଣାଇ ଦ ୩ ନ ପର୍ଯ୍ୟନ୍ତ ନୃତ୍ୟ କରାଇ ବିଶେଷ ଆମୋଦ ପ୍ରମୋଦ କରାଇ ଅଛନ୍ତି ତହିଁରେ ବାବୁଙ୍କର ପ୍ରାୟ ଏକଶତ ଟଙ୍କା ପର୍ଯ୍ୟନ୍ତ ଖର୍ଚ୍ଚ ହୋଇଅଛି ଓ ତଦ୍ୱାରା ଏଠାରେ ଅନେକ ପ୍ରଶଂସା ଲାଭ କରିଅଛନ୍ତି ପୁଲିସ ସାହାଯ୍ୟରେ ଅଧିକ ଚୋରି କିବା ଦଙ୍ଗା ହୋଇ ନାହିଁ କେବଳ ଏକବ୍ୟକ୍ତି ଏକଦୋକାନରୁ ଗୋଟିଏ ଟୋପି ଚୋରି କରିଥିଲା ପୁଲିସ ମାଲ ସହିତ ଚୋରକୁ ଚାଲାଣ କରିବାରୁ ଅସାମୀ ପ୍ରତି ପାଞ୍ଚଟଙ୍କା ଅର୍ଥଦଣ୍ଡ ହୋଇଅଛି ଆଉ ଏକ ବ୍ୟକ୍ତିର କାନରୁ ସୁନାକୋଳି କିଏ ଛିଣ୍ଡାଇ ନେଇଅଛି ସେ ଅସାମୀ ଧରା ପଡି ନାହିଁ । ଆଉ ଏକବ୍ୟକ୍ତି ଯାତ୍ରା ମଧ୍ୟରେ ମନୁଷ୍ୟଙ୍କ ଭିଡରେ ଗୁପ୍ତଭାବେ ରହି ସ୍ତ୍ରୀମାନଙ୍କ ପ୍ରତି ଅଭ୍ୟାଗ୍ର କରିବାରୁ କଜାଇମାନେ ଦେଖି ତାକୁ ଯଥୋଚିତ ସେବାଦ୍ୱାରା ଅଚେତନ କରି ଦେଲେ ।

ଏଠା ପ୍ରଧାନ ଜମିଦାର ବାବୁ ରଘୁମଣି ଜନାର୍ଦ୍ଦନ ମହାପାତ୍ର ଓ ମହନ୍ତ ବଳଭଦ୍ର ଦାସ ଦୁଇଜଣଙ୍କ ମଧ୍ୟରେ ଯାହାରେ ଛଷ ଉଠାଇ ଯିବା ବିଷୟରେ ଦଙ୍ଗା କରି ପୁଲିସରେ ଏତେଲା ଦେଇଥିଲେ ସେଥିରେ ସେମାନେ ମାଲିଗଦ୍ୱାରା ରଫା କରି ନିବର୍ତ୍ତ ହେଲେ ସେ ମାମଲା ଲଗିଥିଲେ ଅନେକ ବ୍ୟକ୍ତି ଟଙ୍କା ଖାଇବାର ଆଶା କରିଥିଲେ ନିରାଶ ହେଲେ ।

ଆଉ ଏକ ଧମନଗରବାସୀ ମୁସଲମାନ ଏ ଯାଜପୁରକୁ ଅଧି ବାଉଁହେବା ସକାଶେ ସଉଦାଗରଠାରୁ ଖଣ୍ଡେ ବନାରସୀ ପାଟଶାଢୀ ଟ ୫୦ଙ୍କାକୁ ଖରିଦ କରି ବସାରେ ରଖିଥିଲା ଏଠାର ଜଣେ ଦାସୀକୁ ସ୍ନାନରେ ଆପଣା ବସାକୁ ଡକାଇ ନେବାରୁ ଦାସୀ ସେ ଶାଢୀକୁ ଦେଖିଥିଲା ତହିଁ ଅରନ୍ତର ମିଆଁ ନୂଆରକୁ ବସାରେ ରଖି ନଦୀକୁ ସ୍ନାନ କରିବାକୁ ଯାଇଥିଲେ; ଦାସୀ ବସାରେ ପହୁଞ୍ଚି ମିଆଁଙ୍କ ଉକ୍ତ ଶାଢୀ ରଖା ହୋଇଥିଲା ତାକୁ ନେଇ ଆସି ତତ୍କ୍ଷଣାତ୍ ବିକି ବଜାରରେ ବୁଲି ସମସ୍ତଙ୍କୁ ଗୋଟିଏ ଲେଖାଏ ଦଣ୍ଡବତ କରି ମିଆଁ ଦେଇଅଛନ୍ତି ବୋଲି କହି ବୁଲିଲା ମିଆଁ ନଦୀରୁ ଆସି ଏହା ଜାଣି ପୁଲିସରେ ଚୋରି ଦାବାରେ ଇଜାହାର ଦେଲେ ପୁଲିସ ତଦାରଖ କରିବାରେ ଦାସୀ କହିଲା ମୋତେ ମିଆଁ ସେ ଶାଢୀ, ଗୋଟିଏ ସୁନାମୁଦି ଓ ରୂପାର ଜଞ୍ଜିର ଇନାମତ ଦେଇଅଛନ୍ତି ଏମନ୍ତ କହି ମାଲ ଦେବାରୁ ପୁଲିସ ଚାଲାଣ କରିବାରେ ଶ୍ରୀଯୁକ୍ତ ଗନ ସାହେବ ଅସିଷ୍ଟାଣ୍ଟମାଜିଷ୍ଟ୍ରେଟଙ୍କ ହଜୁରରେ ଆଜି ମୁଦେଇର ଦାବୀ ଡିସମିସ ଓ ମୁଦାଲା ମାଲ ନେଇ ଖଲାସ ପାଇ ଘରକୁ ଶାଢୀ ବିକି ଚାଲି ଗଲା ମିଆଁ ସରମ ପାଇ ଘରକୁ ଗଲେ । ଅସତ୍କର୍ମର ସମୁଚିତ ଫଳ ।" ୨୯।୩।୭୨

---

# ସାପ୍ତାହିକ ସଂବାଦ ।

ଏଠା ପୁଲିସର ଅସିଷ୍ଟାଣ୍ଟ ସୁପ୍ରିଣ୍ଟ ଟର୍ନର ସାହେବ ବାକରଗଞ୍ଜକୁ ବଦଳି ହୋଇଅଛନ୍ତି ଟର୍ନର ସାହେବ ଏଠାରେ ବଡ ମନୋନୀତ ହୋଇଥିଲେ ।

ଅମ୍ଭେମାନେ ଦୁଃଖର ସହିତ ଅବଗତ ହେଲୁଁ ଯେ ପୁରୀରର କଲେକ୍ଟର ଶ୍ରୀଯୁକ୍ତ ମିଲଟ ସାହେବ ଅତ୍ୟନ୍ତ ପୀଡିତ ହୋଇ କଲିକତାକୁ ଯାତ୍ରା କରୁଅଛନ୍ତି । ତାହାଙ୍କ କର୍ମରେ କିଏ ଆସିବ ଅଦ୍ୟାପି ସ୍ଥିର ହୋଇ ନାହିଁ । ମିଲଟ ସାହେବ ଅତି ଉତ୍ତମ ହାକିମ ଅଟନ୍ତି ଏହାଙ୍କର ଏରୂପ ଅକସ୍ମାତ୍ ପୀଡା ହେବା ପୁରୀବାସୀଙ୍କର ଦୁର୍ଭାଗ୍ୟ ବୋଲିବାକୁ ହେବ ।

ଏଥର ବାଲେଶ୍ୱରର ଦୌରା ଅଧିବେଶନ ଲାଗିଲା । ଶ୍ରୀଯୁକ୍ତ ଜଜ ସାହେବ ଦ ୧୫ ନ ହେଲା ସେଠାକୁ ଯାଇ ଅଦ୍ୟାପି ଫେରି ଆସି ନାହାନ୍ତି ।

ପୁରୀରେ ଓଲାଉଠାରୋଗ ପୂର୍ବଠାରୁ ଅନେକ ଊଣା ପଡିଅଛି ।

ଏ ନଗରରେ ଗତ ସୋମବାର ଓ ମଙ୍ଗଳବାର କେବଳ ଧୂଳି ମାରିବା ଜଳ ବର୍ଷା ହୋଇଥିଲା । ଏକ ଅଛା ଜଳ ବୃଷ୍ଟିର ଅତ୍ୟନ୍ତ ପ୍ରୟୋଜନ ଅଛି ।

୧ । ଉତ୍କଳଦର୍ପଣ ଲେଖିଅଛନ୍ତି ଯେ ଗୃହବାଲକୁ ଅସୁଥିବା କଲ୍ଟିମାର ଏଥି ପୂର୍ବେ ଏକଥର ପାସର ଅଧିକା ପଥିକ ଆଣିଥିବାରୁ ଟ ୫୦୦ ଙ୍କା ଜରିମାନା ଦେଇଥିଲା । ବର୍ତ୍ତମାନ ମଧ୍ୟ ସେପରି ୧୦୫ ଜଣ ପଥିକ ଅଧିକ ଆଣିଥିବାରୁ ଦୌରାରେ ଦଗ୍ରର ହୋଇ ତାହାକୁ ଟ ୧୫୦୦ ଙ୍କା ଜରିମାନା ହୋଇଅଛି । ଉକ୍ତ ଜରିମାନା ତତ୍କ୍ଷଣାତ୍ ଆଦାୟ କରିବାକୁ ତାହାର ମାଲିକ ଅସମର୍ଥ ହୋଇ ମେଜିଷ୍ଟର ସାହେବ ମହୋଦୟଙ୍କୁ ଏକ ରେଜିଷ୍ଟରି ସଂଯୁକ୍ତ ଜମାନତନାମା ଲେଖିଦେଲା । ଅମ୍ଭେମାନେ ଅନୁମାନ କରୁଁ କଲାଲୋକ ହୋଇଥିଲେ ତାହାକୁ କାରାଗୃହ ଦର୍ଶନ କରିବାକୁ ହୋଇଥାନ୍ତା! ସାଦାର କଥା ଲଥଗ୍ !!

୨ । ଅମ୍ଭେମାନେ ଆନନ୍ଦର ସହିତ ପ୍ରକାଶ କରୁଅଛୁଁ କି ସୁଯୋଗ୍ୟ ଇନ୍ସପେକ୍ଟର ବାବୁ ଶାରଦାପ୍ରସାଦ ଘୋଷ ପୁରଖି ଡକାଇତୀର ପ୍ରାୟ ସମସ୍ତ ଅସାମୀମାନଙ୍କୁ ମାଲସହିତ ଗିରଫ୍ତାର କରି ଆଣି ଅଛନ୍ତି । ଯେଉଁ ଦୁଇଜଣ ଡକାଇତ ଧରାଯାଇଥିଲେ ତାହାଙ୍କ ମଧ୍ୟରୁ ଏକଜଣକୁ ଗୋଇନ୍ଦା କରି ବାବୁ ନେଇଯାଇ ଥିଲେ ଓ ତାହାର ଚହ୍ନିତମତେ ବାକୀ ସମସ୍ତ ଜାବତ ଡକାଇତମାନେ ଧରା ପଡିଲେ । ଯେ ହେତୁ ପୂର୍ବରୁ ଜଣେ ମରିଯାଇଥିଲା । ଏପରି କଠିନ କାର୍ଯ୍ୟରେ କୃତକାର୍ଯ୍ୟ ହେବା ବିଷୟ କେହି ବିଶ୍ୱାସ କରୁ ନ ଥିଲେ କିନ୍ତୁ ସାରଦା ବାବୁଙ୍କୁ ସହସ୍ର ମୁଖରେ ଧନ୍ୟବାଦ ଦେବାକୁ ହେବ ଯେ ସେ ଅନାୟାସ ସଫଳକାମ ହୋଇ ଆସି ଅଛନ୍ତି । ତାଙ୍କର ଏପରି କାର୍ଯ୍ୟର ଉପଯୁକ୍ତ ପୁରସ୍କାର ପ୍ରୟୋଜନ ।

ସ୍ୱଦେଶୀ ଲେଖିଅଛନ୍ତି କି ଘୁମସର ମାଲରେ କି ଗଡବଡ ଘଟିଅଛି ଓ ତାହା ନିବାରଣ

Digitized by srujanika@gmail.com

ସକାଶେ ଗଞ୍ଜାମଜିଲାର ପୁଲିସ ସୁପ୍ରିଣ୍ଟେଣ୍ଡେଣ୍ଟ ପୁଲିସ ସହିତ ସେଠାକୁ ଯାଇଅଛନ୍ତି ।

ଗବର୍ଣ୍ଣମେଣ୍ଟ ଇଣ୍ଡିଆ ଘୋଷଣା ଦେଇଅଛନ୍ତି କି ଗଲତ ମାସ ତା ୧୧ ରଖରେ ଲର୍ଡ ଲିଟନ କଲିକତା ନଗରରେ ପ୍ରବେଶ ହୋଇ କାର୍ଯ୍ୟଭାର ଗ୍ରହଣ କରିବେ ଓ ଲର୍ଡ ନର୍ଥବ୍ରୁକ୍ ତା ୧୩ ରଖରେ ବିଲାତକୁ ଯାତ୍ରା କରିବେ । ଯିବା ସମୟରେ ମାନ୍ଦ୍ରାଜ ସନ୍ଦର୍ଶନ କରିବା ତାହାଙ୍କର ସଂକଳ୍ପ ଅଛି ।

ପାୟୋନିଅର ପତ୍ରିକାରେ ମହାମାନ୍ୟ ଯୁବରାଜଙ୍କ ସଙ୍ଗେ ଆସିଥିବା ଘୋଡ଼ା ସବୁ ନିଲାମ ହେବାର ସମ୍ବାଦ ଲେଖାଅଛି । ତହିଁରୁ ଜଣା ଯାଏ ଯେ ଗୋଟିଏ ଘୋଡ଼ା ୫ ୧୩୦୦୲ ଙ୍କା ଓ ଆଉ ଏକ ଘୋଡ଼ା ୫ ୧୨୦୦୲ ଙ୍କାରେ ନିଲାମ ହୋଇଥିଲା ଅନ୍ୟ ଗୋଟିକିଆ ଘୋଡ଼ା ସବୁର ଦାମ ହଜାର ଟଙ୍କାରୁ ଊଣା ହୋଇଥିଲା । ଯୋଡ଼ା ଘୋଡ଼ା ମଧ୍ୟରେ ସର୍ବୋଚ୍ଚ ଦାମ ୫ ୧୯୦୦୲ ଙ୍କା ହୋଇଥିଲା ।

କଡାପାରେ ଜଣେ ଲୋକ ଏକ ବ୍ୟକ୍ତିକୁ କହିଲା କି ସେ ଏମନ୍ତ କୁହୁକ ଜାଣେ ଯେ ତାହାକୁ ବନ୍ଧୁକ ମାଇଲେ ଗୁଳି ତାହା ଦେହରେ ବାଜିବ ନାହିଁ । ଏହା କହି ସେ ଆପଣା ବନ୍ଧୁକରେ ଗୁଳି ବାରୁଦ ପକାଇ ପ୍ରସ୍ତୁତ କରି ଉକ୍ତ ବ୍ୟକ୍ତିକୁ ବନ୍ଧୁକ ମାରିବାକୁ କହିଦେଲା ଓ ଆପେ ନିର୍ଭୟରେ ସମ୍ମୁଖରେ ଛିଡ଼ା ହେଲା । ସେ ବ୍ୟକ୍ତି ବନ୍ଧୁକ ମାରିବା ମାତ୍ରେକେ ଗୁଳି ତାହାର ମୁଣ୍ଡରେ ବାଜି କୁହକ ସହିତ କେଲାର ପ୍ରାଣନାଶ କଲା । ପୁଲିସ ଉକ୍ତ ବ୍ୟକ୍ତିକୁ ଧରି ହତ୍ୟା ଅପରାଧରେ ଚଲାଣ କରିବାରେ ଅସାମୀ ଧାରାମତେ ଦୌରା ସୁପର୍ଦ୍ଦ ହୋଇଅଛି । ଏଥିରେ ବିଚାରକର୍ତ୍ତାମାନେ ବଡ଼ ହରକତରେ ପଡ଼ିବାର ଜଣାଯାଏ । ଅସାମୀର ହତ୍ୟା କରିବାର ଅଭିପ୍ରାୟ ନ ଥିଲା ଓ କେଲା ଆପଣା ବିଶ୍ୱାସରେ ଟାଣ ଥିଲା । ଏଥିକି ଅପରାଧ କାହାର ।

ରୁଷିଆର ସୈନ୍ୟ ଏକ ସ୍ଥାନରେ ଅତ୍ୟାଚାର କରିଥିବାର ଅଭିଯୋଗ ହୋଇ ଥିବାରୁ ତହିଁର ତଦନ୍ତ ହୋଇ ଜଣାଗଲା ଯେ ସେନାମାନେ ଉକ୍ତ ସ୍ଥାନର ନିବାସୀ ବିଶେଷରେ ଇହୁଦୀଙ୍କ ପ୍ରତି ନାନାଦ ଅତ୍ୟାଚାର କରିଥିଲେ ଅତସବାଜି ଦେଖାଇବାର ଘୋଷଣା ଦେଇ ସ୍ୱରଅନ୍ତୁ ଲୋକଙ୍କୁ ଅଣାଇଁ ତାହାଙ୍କଠାରୁ ଦ୍ରବ୍ୟାଦି ଛଡ଼ାଇ ନେଲେ ଓ ତାହାଙ୍କ ଉପରେ ଅତ୍ୟନ୍ତ ବଳ ପ୍ରକାଶ କରିଥିଲେ ପୁଣି ଆଶ୍ଚର୍ଯ୍ୟର ବିଷୟ ଯେ, ସରଦାରଙ୍କ ଅନୁମୋଦନକ୍ରମେ ଏ ସମସ୍ତ ହୋଇଥିଲା । ରୁଷିଆସେନାଙ୍କୁ ଦଣ୍ଡବଇ ।

ସର ସାଲାରଜଙ୍ଗଙ୍କର ବିଲାତ ଯିବା କଥା ଘଟନା ହେବ କି ନ ହେବ ସ୍ଥିର ନାହିଁ କାରଣ ଗବର୍ଣ୍ଣମେଣ୍ଟ ଇଣ୍ଡିଆ ଏଥିର ପ୍ରତିବାଦୀ ହୋଇ ଅଛନ୍ତି ଯେ ହେତୁ ଏମନ୍ତ ବିବେଚନା ହୋଇ ଅଛି ଯେ ହାଇଦ୍ରାବାଦରେ ତାହାଙ୍କୁ ରହିବାର ନିତାନ୍ତ ପ୍ରୟୋଜନ ।

ହାଇକୋର୍ଟର ଜଣେ ମକ୍ତାର ବାବୁ ଯୋଗେନ୍ଦ୍ର ଚୌଧୁରୀ ଅନ୍ୟାୟ ଆଚରଣ କରିବାରୁ ହାଇକୋର୍ଟ ତାହାଙ୍କ ନାମ ଦୁଇବର୍ଷ ସକାଶେ କାଟିଦେଇ ଅଛନ୍ତି । ଏ ସମୟ ଗତେ ତାହାଙ୍କର ଚରିତ୍ର ଭଲ ହେବାର ଅଦାଲତକୁ ଗୋଚର ହେଲେ ପୁନଶ୍ଚ ତାହାଙ୍କୁ କର୍ମକରିବା ସକାଶେ ଅନୁମତି ଦିଆଯିବ । ସମସ୍ତ ଶ୍ରେଣୀର କର୍ମଚାରୀଙ୍କପ୍ରତି ଏରୂପ ବ୍ୟବହାର ହେଲେ ଅନେକ ମଙ୍ଗଳର ଆଶା ହୋଇ ପାରେ ।

ହିନ୍ଦୁପେଟ୍ରିଅଟ ଶୁଣିଅଛନ୍ତି ଯେ ଗତ ଦୁର୍ଭିକ୍ଷସମୟରେ ଚାଉଳ କିଣିବାର ଯେଉଁମାନେ କଣ୍ଟ୍ରାକ୍ଟ ନେଇଥିଲେ ତାହାଙ୍କ ମଧ୍ୟରେ ବିସ୍ତର ମାମଲା ହେବ । କଣ୍ଟ୍ରାକ୍ଟରମାନେ ଅଧିକାଂଶ ନୀଲକୋଠିର ମାନେଜର ଅଥବା ସହକାରୀ କର୍ମଚାରୀ ଅଟନ୍ତି ଏବେ ତାହାଙ୍କର ମୁନିବମାନେ ଚାଉଳ ଯୋଗାଇ କର୍ମର ଲାଭରୁ ଭାଗ ନେବାକୁ ବସି ଅଛନ୍ତି । ଏଠାରେ ହରଲାଲ ଓ ସୁବଲବାବୁ ପ୍ରଭୃତି ଚାଉଳ କିଣି ପଠାଇବାର କଣ୍ଟ୍ରାକ୍ଟ ନେଇଥିଲେ ତାହାଙ୍କ ମଧ୍ୟରେ ଏହିପ୍ରକାର ମାମଲା ହାଇକୋର୍ଟରେ ଲାଗିଅଛି ଅର୍ଥସଙ୍ଗେ ଅନର୍ଥ ସର୍ବଦା ଲାଗିରହିବାର ଦେଖାଯାଏ ।

ଗବର୍ଣ୍ଣମେଣ୍ଟଇଣ୍ଡିଆଙ୍କ ପ୍ରକୃତ ବର୍ଷା ବିଜ୍ଞାପନରୁ ପ୍ରକାଶ ଯେ ପ୍ରାୟ ସର୍ବତ୍ରରେ କିଛିକି' ବୃଷ୍ଟି ହୋଇ ଅଛି କୌଣସି ସ୍ଥାନରେ ଭାରି ବର୍ଷା ହୋଇ ନାହିଁ ଓ ଯାହା ହୋଇଅଛି ତହିଁରେ ଫସଲର ଉପକାର ଭିନ୍ନ ଅପକାର ହୋଇ ନାହିଁ । କେବଳ ମଧ୍ୟ ଭାରତବର୍ଷରେ ଏବଂ ବଙ୍ଗଳା ମଧ୍ୟରେ ବେହାର ପ୍ରଦେଶରେ ବର୍ଷା ଊଣା ହୋଇଅଛି ଆସାମରେ ମଧ୍ୟ ବର୍ଷାର ଅଭାବ ବଡ଼ ହୋଇ ଅଛି ।

ଜଜଫିଏରସାହେବଙ୍କ ସ୍ତ୍ରୀ ସ୍ୱଦେଶକୁ ଯାତ୍ରା କରିବା ସମୟରେ ହିନ୍ଦୁମହିଳା ବିଦ୍ୟାଳୟର ସ୍ତ୍ରୀମାନେ ତାହାଙ୍କୁ ଖଣ୍ଡିଏ ରୂପାର ରେକାବି ଖଣ୍ଡିଏ ଅଭିନନ୍ଦନପତ୍ର ସହିତ ସମର୍ପଣ କରିଥିଲେ । ସଭଟି ହାଇକୋର୍ଟର ଉକିଲ ବାବୁ ଦୁର୍ଗାମୋହନଦାସଙ୍କ ଘରଠାରେ ହୋଇଥିଲା ଏବଂ ଅନେକଗୁଡ଼ିଏ ବିଲାତି ଓ ଦେଶୀୟଲୋକ ସେଠାରେ ଉପସ୍ଥିତ ଥିଲେ । ବଙ୍ଗଳାରେ ପର୍ଦ୍ଦାର ବଳ ଏଣିକି ରହି ପାରିବ ନାହିଁ ।


## ବିଜ୍ଞାପନ ।

ଖଣ୍ଡେ ଉତ୍କୃଷ୍ଟ ଉତ୍କଳ ଭାଷାବ୍ୟାକରଣ ରଚନା କଲେ ୫ ୧୦୦ଙ୍କା ପୁରସ୍କାର ଦିଆଯିବ । ସନ ୧୮୭୬ ଡିସେମ୍ବରମାସ ତା ୩୧ ରଖରେ ଜମା ଦେବା ପରେ ପୁସ୍ତକ କମିଶନରସାହେବଙ୍କ ମନ୍ତ୍ରୀଦ୍ୱାରାଏ ଦିଆଯିବ ଯାହାର ପୁସ୍ତକ ସାହେବଙ୍କ ମନୋନୀତ ହେବ ତାକୁ ପୁରସ୍କାର ଦିଆଯିବ ।

ପୁସ୍ତକ ମଞ୍ଜୁର ହେଲାରୁ ଗ୍ରନ୍ଥକାର ଯେବେ ପୁସ୍ତକର ସ୍ୱତ୍ୱ ଏକାବେଳକେ ଗବର୍ଣ୍ଣମେଣ୍ଟଙ୍କୁ ଦିଅନ୍ତି ଅଥବା କମିଶନରସାହେବ ଯେଉଁ ସମୟ ଉଦ୍ଦିଷ୍ଟ କରନ୍ତି ସେହି ସମୟରେ ଛପାଇ ଯେତେ ମୂଲ୍ୟରେ ପୁସ୍ତକ ବିକ୍ରୀ କରିବାକୁ ସାହେବ ମନୋନୀତ କରନ୍ତି ସେ ମୂଲ୍ୟରେ ବିକ୍ରୀ କରିବାକୁ ସମ୍ମତ ହୁଅନ୍ତି ତାହା ହେଲେ ସେ ପୁରସ୍କାର ପାଇବେ । ପୁସ୍ତକ ସ୍ୱୟଂ ଛପିଲେ ଯେତେ ମୂଲ୍ୟରେ ବିକ୍ରୀ କରିବେ ଏକଥା ମଧ୍ୟ ଲେଖିପଠାଇବେ ।

କଟକ ୭।୪।୭୪ } (Sd.) N. K. Dass, *Joint Inspector of Schools, Orissa.*

ଢଗମାଳା ପୁସ୍ତକ କି ଏଥିରେ ଉତ୍କଳଭାଷାରେ ପ୍ରଚଳିତ ଅଢ଼ାଇହଜାର ପର୍ଯ୍ୟନ୍ତ ଢଗ ଅଛି ଛପା ହୋଇ ବିକ୍ରୟ ହେଉଅଛି । ସେହି ଢଗମାନଙ୍କ ମଧ୍ୟରେ ମାସ, ବର୍ଷା ଓ ଗଣନା ଇତ୍ୟାଦି ବିଷୟମାନଙ୍କର ଢଗ ସବୁ ଅଛି । ମୂଲ୍ୟ ଟ୦ ଅଠଅଣା । କଟକ ଅବା[illegible]ସ୍ୱରେ ଅମୃ ଇକଟରେ ଏବଂ କଟକପ୍ରିଣ୍ଟିଂକମ୍ପାନିଙ୍କ ଛାପାଖାନାରେ ତଲବ କଲେ ମିଳିବ । ଇତି

୩୦।୩।୭୬ ଶ୍ରୀ ସଦାନନ୍ଦ ଦାସ


## ମୂଲ୍ୟପ୍ରାପ୍ତି ।

| | | | |
|---|---|---|---|
| ବାବୁ କୃପାସିନ୍ଧୁ ମାହାନ୍ତି | ଗୋପ | କଙ୍କୁଆ | ୫ ୧୬୲ |
| ,, ଗଣେଶପ୍ରସାଦ ସିଂହ | କଟକ | ,, | ୫ ୩୲ |
| ,, ନାରାୟଣ ଜାଦବ | ,, | ,, | ୫ ୩୲ |
| ,, ସଦାନନ୍ଦବେହେରା | ,, | ,, | ୫ ୨୲ |

ଏହି ଉତ୍କଳଦୀପିକା ସହରକଟକ ଦରଘାବଜାର କଟକ ପ୍ରିଣ୍ଟିଂକମ୍ପାନିଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା ।

Split by PDF Splitter
Digitized by srujanika@gmail.com

REGISTERED NO. 32 

# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା

ଭାଗ ୧୨ | ସଂ ୧୬ ସଂଖ୍ୟା
ତାଂ ୧୪ରଖ ଅପ୍ରେଲ ସନ ୧୮୭୭ ମସିହା । ମୂ । ବୈଶାଖ ଦି ୪ ନ ସନ ୧୨୮୪ ସାଲ ଶନିବାର
ଅଗ୍ରିମ ବାର୍ଷିକ ମୂଲ୍ୟ ୫
ବର୍ଷାନ୍ତେ ମୂଲ୍ୟ ଦେଲେ ବର୍ଷକୁ ୫୭
ମଫସଲ ପାଇଁ ଡାକମାସୁଲ ୫।୧୦

ଅମ୍ଭେମାନେ ଆନନ୍ଦ ସହିତ ଅବଗତ ହେଲୁଁ ଯେ ଶ୍ରୀଯୁକ୍ତ ଏ, ମାନସନ ସାହେବ ପୁରୀର କଲେକ୍ଟର ହୋଇ ଆସୁଅଛନ୍ତି । ମାନସନ ସାହେବ ଓଡ଼ିଶାର ପରିଚିତ ବ୍ୟକ୍ତି ଓ ତାହାଙ୍କ ସଦ୍‌ଗୁଣମାନ ଏଠା ଲୋକଙ୍କ ବିସ୍ମୃତ ହୋଇ ନାହାନ୍ତି । ବିଶେଷ ସେ ପୁରୀ ଓ ଖୋରଧାରେ ବହୁତ ହିତ କର୍ମ କରିଥିବାରୁ ସେଠା ଲୋକମାନେ ତାହାଙ୍କୁ ପ୍ରୀତିପୂର୍ବକ ଗ୍ରହଣ କରିବେ । କମିଶନର ସାହେବ ଓଡ଼ିଶାର ପୁରୁଣା ହାକିମମାନଙ୍କ ଲୋଭୀ ଥିଲେ ଓ ତାହାଙ୍କ ଚେଷ୍ଟାରୁ ନୂଆ ଲୋକ ଆସିବାର ବନ୍ଦ ହେଲା । କମିଶନର ସାହେବ ପ୍ରଥମେ ଶ୍ରୀଯୁକ୍ତ ଷ୍ଟିବନସଙ୍କ ପାଇଁ ପ୍ରଥମେ ଚେଷ୍ଟା କରିଥିଲେ ମାତ୍ର ସେ ମୁରଶିଦାବାଦର ଏକଟିଂ ଜଜ ନିଯୁକ୍ତ ହୋଇଥିବାରୁ ଆସି ପାରିଲେ ନାହିଁ । ଷ୍ଟିବନସ ସାହେବଙ୍କ ଉପରେ ପୁରୀ ଜିଲ୍ଲା ଲୋକଙ୍କର ବଡ଼ ଲୋଭ ହୋଇଥିଲା ଓ ସେ ଆସିଥିଲେ ଅତ୍ୟନ୍ତ ଆନନ୍ଦର କାରଣ ହୋଇଥାନ୍ତା ।

---

ଗତମାସ ତା ୭ ରିଖର ଓଡ଼ିଆ ଗେଜେଟରେ ଶ୍ରୀଯୁକ୍ତ କମିଶନର ସାହେବଙ୍କର ଗୋଟିଏ ବିଜ୍ଞାପନ ପ୍ରକାଶିତ ହୋଇଅଛି । ବିଜ୍ଞାପନର ମର୍ମ ଏହି ଯେ ଜରିବ ଇତ୍ୟାଦି ଶିକ୍ଷା ନିମିତ୍ତ ଜନକରେ ଯେଉଁ ବିଦ୍ୟାଳୟ ଫିଟା ଯିବା ଲାଗି ଗବର୍ଣ୍ଣମେଣ୍ଟ ବଙ୍ଗାଳ ଆଜ୍ଞା ଦେଇଥିଲେ ସେହି ବିଦ୍ୟାଳୟ କଟକ କଲେଜରେ ସ୍ଥାପନ ହୋଇଅଛି । ଏଥିରେ ଯେ ସମସ୍ତ ନିୟମରେ ଛାତ୍ରମାନଙ୍କୁ ଶିକ୍ଷା କରିବାକୁ ହେବ ତାହା ବାହୁଲ୍ୟ ରୂପେ ଲେଖାଅଛି । ଉତ୍କଳଭାଷାରେ ଶିକ୍ଷା ଦିଆଯିବାର ନିୟମ ହୋଇଥିବାରୁ ଯାହାର ଇଚ୍ଛା ସେ ଶିକ୍ଷା କରି ପାରିବ ମାତ୍ର ମାଇନର କିମ୍ବା ଦେଶୀୟ ଛାତ୍ରବୃତ୍ତି ପରୀକ୍ଷାରେ ଯେଉଁ ବ୍ୟକ୍ତି ଉତ୍ତୀର୍ଣ୍ଣ ହୋଇ ନାହିଁ ସେ ଗୃହୀତ ହେବ ନାହିଁ ଏ ନିୟମଟି ମଧ୍ୟ ଭଲ ହୋଇଅଛି । କମିଶନର ସାହେବ ଏପରି ବିଜ୍ଞାପନ କେବଳ ସରକାରୀ ଗେଜେଟରେ ଦେଇ ତୁନି ହୋଇ ରହିଲେ ଭଲ ନୁହଇ ଅପର ସମ୍ବାଦପତ୍ରସବୁରେ ପ୍ରକାଶ କରାଇଥାନ୍ତେ କାରଣ ତାହାଙ୍କ ଗେଜେଟ ଅତି ଅଳ୍ପଲୋକେ ପଢନ୍ତି ।

---

କୋର୍ଟଫିସ ଷ୍ଟାମ୍ପ ଲୁଣ୍ଠକତା ପୂର୍ବକ ବ୍ୟବହାର ଅଥବା କାଢିନେବା ନିବାରଣ ପକ୍ଷରେ ବୋର୍ଡ ରେବନୁ ତଳଲିଖିତ ନିୟମ ପ୍ରଚାର କରିଅଛନ୍ତି । ଯଥା;-

ବିଶେଷରୂପେ କ୍ଷମତା ପାଇଥିବା ଅମଲା ଭିନ୍ନ କୌଣସି ଅମଲା ଷ୍ଟାମ୍ପ ବିକ୍ରୟ କିମ୍ବା ଖରିଦ କରିବ ନାହିଁ କିମ୍ବା କୌଣସି ବ୍ୟକ୍ତିଠାରୁ ଷ୍ଟାମ୍ପ ଖରିଦ ସକାଶେ ଟଙ୍କା ଗ୍ରହଣ କରିବ ନାହି । କୌଣସି ଅମଲାଠାରୁ ନଥି ବୁଝିନେବା ସମୟରେ ମହାଫିଜର କର୍ତ୍ତବ୍ୟ ଯେ ନଥିର ଯେତେ କାଗଜରେ ଷ୍ଟାମ୍ପ ଲାଗିବାର ପ୍ରୟୋଜନ ସେସମସ୍ତରେ ଯଥାସମ୍ଭବ ଷ୍ଟାମ୍ପ ଅଛି କି ନାହିଁ ଏକଥା ଉତ୍ତମରୂପେ ବୁଝିନେବ ଏବଂ କୌଣସି କାଗଜରେ ଲାଗିଥିବା ଷ୍ଟାମ୍ପରେ କୃତ୍ରିମତାର ଚିହ୍ନ ଅଛି କି ନାହିଁ ଦେଖିବ ଓ କିଛି ଊଣା କି ସନ୍ଦେହ ଜାଣିଲେ ତତ୍କ୍ଷଣାତ ତାହା ଜଣାଇବ । କୌଣସି ଅମଲା ଯିମାରେ ଥିବା ନଥିରେ ଯେତେ ଷ୍ଟାମ୍ପ ଥିବ ତହିଁର ମୂଲ୍ୟ ପାଇଁ ସେ ଦାୟିଗ୍ରସ୍ତ ରହିବ । ଓ ଏବିଷୟରେ ନ ଜାଣିବା ଇତ୍ୟାଦି ଓଜର ଶୁଣା ଯିବ ନାହିଁ । ଜିଲ୍ଲାର ହାକିମମାନେ ଫଉଜଦାରୀ ଓ ପୁଲିସ ମହକୁମାରେ ଏହି ନିୟମ ପ୍ରଚଳିତ କରାଇବେ । କଟକ କଲେକ୍ଟରୀର କୋର୍ଟଫିସ ରେଜିଷ୍ଟରୁ କେତେ ପ୍ରକାର ଜ୍ଞାନ ଜନ୍ମୁଛି ଅବଧି ତହିଁର ବଳ ଶେଷ ହୋଇ ନାହିଁ ।

---

ଓଡ଼ିଶା ଶିକ୍ଷା ବିଭାଗ ତମସୁକର ଶାସନ ପ୍ରଣାଳୀ ଯେ ମନ୍ଦ ଏଥିରେ ସନ୍ଦେହ ନାହିଁ ଓ ଅନ୍ୟାନ୍ୟ ଶୁଭକାଂକ୍ଷୀଙ୍କ ପରି ବାଲେଶ୍ୱର ସଂବାଦବାହିକା ଯେ ତହିଁପାଇଁ ଦୁଃଖିତ ଓ ତାହା ସଂଶୋଧନ କରିବା ପାଇଁ ଏକାନ୍ତ ଚେଷ୍ଟିତ ଏ ବିଷୟରେ ମଧ୍ୟ ସନ୍ଦେହ ନାହିଁ ମାତ୍ର ଗତ ପ୍ରକାଶିତ ପତ୍ରିକାରେ ସେ ଯେଉଁ ପରାମର୍ଶ କମିଶ୍ନର ସାହେବଙ୍କୁ ଦେଇଅଛନ୍ତି ତାହା ଆମ୍ଭମାନଙ୍କ ମନକୁ ବଡ ଯୋଗ୍ୟ ନାହିଁ । ତାହାଙ୍କର ପ୍ରସ୍ତାବ ଏହି କି ପ୍ରତ୍ୟେକ ଗଡ଼ଜାତ ରାଜାଙ୍କ ଉପରେ ପୋଲିଟିକାଲ ଏଜେଣ୍ଟ ସ୍ୱରୂପ ଗବର୍ଣ୍ଣମେଣ୍ଟଙ୍କ ପକ୍ଷରୁ ଜଣେ କର୍ମଚାରୀ ନିଯୁକ୍ତ ରହି

Digitized by srujanika@gmail.com

ନୋହିଲେ ମାସକୁ ଟ ୧୦୦ ଙ୍କା ବେତନରେ ଜ ୪ ଣ ସହକାରୀ ସୁପରିଣ୍ଟେଣ୍ଡେଣ୍ଟ ଗଡଜାତ ପାଇଁ ନିଯୁକ୍ତ ହେଉନ୍ତୁ । ଏକ୨ ଜଣ ଏପ୍ରକାର କର୍ମଚାରୀ ୩।୪ ଗଡଜାତର ଭାର ପାଇବେ ଓ ପର୍ଯ୍ୟାୟ କ୍ରମେ ବୁଲି୨ ଦେବାନ ଓ ଜେଲର୍ଙ୍କର କର୍ମ କରିବେ । ରାଜାମାନଙ୍କୁ ଅନ୍ୟ ପୃଥକ୍ ଦେବାନ ରଖିବାକୁ ହେବ ନାହିଁ କେବଳ ଦେବାନକୁ ଯେତେ ବେତନ ଦଉଅଛନ୍ତି ସର୍କାରରେ ତାହା ଜମା କରିବେ ଓ ଉକ୍ତ କର୍ମଚାରୀମାନେ ସେହିଟଙ୍କାରୁ ବେତନ ପାଇବେ। ଆମ୍ଭମାନଙ୍କ ବିବେଚନାରେ କମିଶ୍ନରସାହେବ ଯେବେ ଉପର ଲିଖିତ ପ୍ରସ୍ତାବକୁ ମନୋନୀତ କରନ୍ତି ତେବେ ଉକ୍ତ କର୍ମଚାରୀଙ୍କର ଉପାଧି 'ଗଡଜାତ ପଟୁଆରି' ଦେଲେ ଭଲ ହେବ ଯେସ୍ଥଳେ ସ୍ୱୟଂ କମିଶ୍ନର ଓ ସଂବାଦ ବାହିକା ଉଭୟ ପଟୁଆରିଙ୍କ ପକ୍ଷପାତ ସେସ୍ଥଳେ ଉକ୍ତ ନାମଟି ଯେ ଅତ୍ୟନ୍ତ ପ୍ରୀତିକର ହେବ ଏଥିରେ ସନ୍ଦେହ ନାହିଁ । ଏହି ନାମଟି ସଂବାଦ ବାହିକା ଲେଖିଥିଲେ କେବଳ ତହିଁର ମହିମାରୁ କମିଶ୍ନରସାହେବ ତାହାଙ୍କ ପ୍ରସ୍ତାବକୁ ଅଧିକ ଶ୍ରଦ୍ଧା ସହିତ ଗ୍ରହଣ କରନ୍ତେ ।

---

ମହାମାନ୍ୟ ଲର୍ଡ ଲିଟନ ସାହେବ ଚଳିତମାସ ତା ୭ ରିଖରେ ବମ୍ବେଇରେ ପ୍ରବେଶ ହେଲେ। ସେହି ରାତରେ ତାହାଙ୍କ ଅଭ୍ୟର୍ଥନା ନିମିତ୍ତ ବମ୍ବେଇ ଗବର୍ଣ୍ଣର ସାହେବଙ୍କ କୋଠିରେ ଭାରି ଭୋଜି ହୋଇଥିଲା ଓ ବମ୍ବେଇ ପ୍ରଧାନ ରାଜ-କର୍ମଚାରୀମାନେ ସେଠାରେ ଉପସ୍ଥିତ ଥିଲେ । ତହିଁ ଆରଦିନ ଶନିବାର ଲର୍ଡ ଲିଟନ ଏଲ୍-ଫିନ୍‌ଷ୍ଟନ ନାମକ ଡକ ଅର୍ଥାତ ଜାହାଜ ମରାମତି କାରଖାନା, ଡାକଘର, ଇଉରୋପୀୟଙ୍କର ସାଧାରଣ ଚିକିତ୍ସାଳୟ ଏବଂ ଗୋଟାଏ ଲୁଗା ବୁଣିବାର କଳ ଘର ସନ୍ଦର୍ଶନ କଲେ । କଳ-ଘରକୁ ଅତି ମନୋଯୋଗପୂର୍ବକ ଦେଖିଲେ ଏବଂ ତତ୍ ସମ୍ପର୍କୀୟ ଅନେକ କଥା ପଚାରିଲେ । ବମ୍ବେଇର ବଣିକ ଓ ସାହୁକାରମାନେ ଲର୍ଡଙ୍କ ସହିତ ଭେଟିବା କାରଣ ପ୍ରାର୍ଥନା କରିଥିଲେ ମାତ୍ର ସମୟାଭାବରୁ ତାହାଙ୍କର ପ୍ରାର୍ଥନା ସିଦ୍ଧ ହେଲା ।

ଅପରାହ୍ନ ଘ ୩ ଟା ସମୟରେ ଲର୍ଡ ଲିଟନ ବମ୍ବେଇର ଚେମ୍ବର ଅବ କମର୍ସ ଅର୍ଥାତ ବଣି-କସଭାର ଏକ କମିଟୀକୁ ସାକ୍ଷାତ ଦେଇଥିଲେ । ମାଞ୍ଚେଷ୍ଟର ନିର୍ମିତ ଲୁଗା ଉପରେ କଷ୍ଟମ ମାସୁଲ ଉଠାଇଦେବା ବ୍ୟବସ୍ଥା ସମ୍ପର୍କରେ ମତ ଫିଟାଇ ଯୁକ୍ତି କଲେ । ସେ କହିଲେ କି ମୋଟ ଲୁଗା ବମ୍ବେଇରେ ହେଉଥିବାରୁ ତହିଁରେ ମାଞ୍ଚେଷ୍ଟର ସହିତ ଅଡୁଆ ଲାଗିଅଛି ସୁତରାଂ ମୋଟଲୁଗା ସମ୍ପର୍କରେ ମାସୁଲକୁ ନିଷେଧକ ବୋଲିବାକୁ ହେବ କିନ୍ତୁ ସେ ସଭ୍ୟମାନଙ୍କୁ ବୁଝାଇ ଦେଲେ ଯେ ଗୁରୁତର କଥା ସମସ୍ତର ମୀମାଂସା ସମୟରେ ଗବର୍ଣ୍ଣମେଣ୍ଟ ମାଞ୍ଚେଷ୍ଟରର ଉପକାର ପ୍ରତି ତଳ ପଡିବେ ନାହିଁ । ରବି-ବାର ତା ୯ ରିଖରେ ଲର୍ଡ ଲିଟନ ବମ୍ବେଇରୁ କଲିକତାକୁ ଯାତ୍ରା କଲେ ତା ୧୨ ରିଖରେ ଶେଷ ଲିଖିତ ନଗରରେ ପହୁଞ୍ଚିଥିବେ ମାତ୍ର ସେଠାରେ ପ୍ରବେଶ ବିବରଣ ଅଦ୍ୟ କିଛି ଆସି ନାହିଁ । ବମ୍ବେଇବାସିମାନେ ଲର୍ଡ ଲିଟନଙ୍କ ଶୁଭାଗମନରେ ଆନନ୍ଦ ପ୍ରକାଶକ କୌଣସି ବ-ନ୍ଦନାପତ୍ର ତାହାଙ୍କୁ ଦେଇ ନାହାନ୍ତି ।

---

ଲର୍ଡ ନର୍ଥବ୍ରୁକ୍ ।

ମହାମାନ୍ୟ ଲର୍ଡ ନର୍ଥବ୍ରୁକ୍ ଆମ୍ଭମାନଙ୍କର ଶାସନ ଭାର ତ୍ୟାଗ କରି ସ୍ୱଦେଶକୁ ଯାତ୍ରା କରୁଅଛନ୍ତି ବୋଲି ତାହାଙ୍କ ଶାସନ ଚିର-ସ୍ମରଣୀୟ କରିବା କାରଣ ଗତ ଶନିବାର କଲିକତା ଟାଉନ ହଲରେ ଗୋଟିଏ ସଭା ହୋଇଥିଲା । ସଭାରେ ଦେଶୀୟ ବିଦେଶୀୟ ଅନେକ ସମ୍ଭ୍ରାନ୍ତ ବ୍ୟକ୍ତି ଉପସ୍ଥିତ ଥିଲେ ଓ ସମସ୍ତେ ଲର୍ଡ ନର୍ଥବ୍ରୁକଙ୍କର ଅପାର ଯଶ ଏକ ତାନରେ କୀର୍ତ୍ତନ କରିଥିଲେ । ବାସ୍ତବରେ ଯେମନ୍ତ ସୁବିଚାର ଦୟା ଅପକ୍ଷପାତିତା ସାଧା-ରଣ ହିତକାମନା ଓ ସୁକୌଶଳ ସହକାରେ ଏ ମହାତ୍ମା ଚାରିବର୍ଷ କାଳ ଭାରତବର୍ଷର ଶାସନ କାର୍ଯ୍ୟ ନିର୍ବାହ କଲେ ସେପରି ଏମନ୍ତ ଆମ୍ଭମାନଙ୍କ ଭାଗ୍ୟରେ ଘଟିନ ନାହିଁ । ତାହାଙ୍କର ଏ ଉଚ୍ଚ ପଦରେ ନିଯୁକ୍ତ ହେବାରୁ ଯେମନ୍ତ ଭାରତବର୍ଷ ବାସିଙ୍କର ଶୁଭଗ୍ରହ ଉଦୟ ହୋଇଥିଲା ତାହାଙ୍କର କର୍ମ ତ୍ୟାଗରେ ସେହି-ପ୍ରାୟ ଅସୀମ ସାଧାରଣ ଦୁଃଖ ଉପସ୍ଥିତ ହୋଇ ଅଛି । ଗତ ଚାରିବର୍ଷରେ ଯେତେ ଉତ୍ତମ କାର୍ଯ୍ୟ ସେ କରିଅଛନ୍ତି ତାହା ବର୍ଣ୍ଣିବାକୁ ଅବ-ସର ଓ ସ୍ଥାନ ନାହିଁ ଫଳତଃ ଯଥା ସମୟରେ ସେ ସବୁର ନ୍ୟୂନାଧିକ ବ୍ୟାଖ୍ୟା ହୋଇଅଛି ସଂକ୍ଷେପରେ ସଭାର ନିର୍ଦ୍ଧାରଣ କ୍ରମେ ଅମ୍ଭେ-ମାନେ କହୁଅଛୁଁ ଯେ ରାଜ୍ୟର ଆୟବ୍ୟୟର ସୁବ୍ୟବସ୍ଥା କରିବା, ଟାକ୍‌ସର ଭାର ଲାଘବ କରିବା, ବାଣିଜ୍ୟ ବିଷୟରେ ସୁପ୍ରଣାଳୀ ସ୍ଥାପନ କରିବା, ବଙ୍ଗଳାର ଦୁର୍ଭିକ୍ଷରେ ଅସୀମ କୌଶଳ ଓ ଦୟାପୂର୍ବକ ଅସଂଖ୍ୟ ଲୋକଙ୍କର ପ୍ରାଣ ବଞ୍ଚାଇବା, ଅତିରିକ୍ତ ବ୍ୟୟ ଏବଂ ଲୋକଙ୍କର ମନସ୍ତାପ ଜନ୍ମାଇବା ବିନା ଧୀର ଭାବରେ ସାଧା-ରଣ ଉନ୍ନତି କାର୍ଯ୍ୟମାନ କରିବା ଏବଂ ଶ୍ରୀମତି ମହାରାଣିଙ୍କ ପ୍ରକୃତିତ ବିଖ୍ୟାତ ଘୋଷଣା ପତ୍ରକୁ ସର୍ବଦା ଲକ୍ଷ କରି ସମସ୍ତ କାର୍ଯ୍ୟ କରିବା ଇତ୍ୟାଦ ମହତ କାର୍ଯମାନ ଭାରତବର୍ଷ ବାସିଙ୍କର ମନରେ ଦେଦୀପ୍ୟମାନ ରହିଅଛି । ଏଥିପାଇଁ ତାହାଙ୍କୁ ଖଣ୍ଡିଏ ଅଭିନନ୍ଦନପତ୍ର ଭେଟିବା ଓ ତାହାଙ୍କର ପ୍ରସ୍ତରମୟ ପ୍ରତିମୂର୍ତ୍ତି ନିର୍ମାଣ କରାଇ ତାହାଙ୍କର ଚିରସ୍ମରଣ ନିମିତ୍ତ କଲିକତା ନଗ-ରରେ ସ୍ଥାପନ କରିବା ସଭାରେ ଧାର୍ଯ୍ୟ ହୋଇ ଅଛି । ଶେଷ ଲିଖିତ କାର୍ଯ୍ୟଟି ସାଧାରଣ ଚେନ୍ଦାଦ୍ୱାରା ନିର୍ବାହିତ ହେବାର ସ୍ଥିର ହୋଇ ଅଛି ଓ ତହିଁ ପାଇଁ ଉପଯୁକ୍ତ କମିଟି ନିଯୁକ୍ତ ହୋଇଅଛି ଯେ ଉକ୍ତ କମିଟି ସମସ୍ତ ଲୋକଙ୍କ-ଠାରୁ ଚେନ୍ଦା ସଂଗ୍ରହ କରି ସଭାର ଉଦ୍ଦେଶ୍ୟମାନ କାର୍ଯ୍ୟରେ ପରିଣତ କରିବେ । ଅମ୍ଭେମାନେ ଭରସା କରୁଁ ଯେ ଏପରି ମହତ କୀର୍ତ୍ତି ସ୍ଥାପନ ପକ୍ଷରେ ଭାରତବର୍ଷର ସମସ୍ତ ପ୍ରଦେଶର ଲୋକମାନେ ଆନନ୍ଦ ସହିତ ସାହାଯ୍ୟ କରିବେ ।

---

ଅମଲାମାନଙ୍କ ଋଣର ଅନୁସନ୍ଧାନ ।

ଆମ୍ଭେ ଶୁଣୁଅଛୁଁ ଯେ କମିଶ୍ନରୁ ସାହେବଙ୍କ ଆଦେଶକ୍ରମେ ଏ ନଗରର କଲେକ୍ଟର ମାଜି-ଷ୍ଟ୍ରେଟ ଆପଣା ଅଧୀନସ୍ଥ ଅମଲାମାନଙ୍କ ମଧ୍ୟରୁ କିଏ କିପରିମାଣରେ ଋଣଗ୍ରସ୍ତ ଅଛି ତହିଁର ତାଲିକା ସଂଗ୍ରହ କରି ପଠାଇଅଛନ୍ତି । ଏ ଅନୁସନ୍ଧାନଟି ହେବାର ତାତ୍ପର୍ଯ୍ୟ କି ଆମ୍ଭେ-ମାନେ କହି ନ ପାରୁଁ କେଉଁ ଅମଲାର କେତେ ସମ୍ପତ୍ତି ଅଛି ତହିଁର ଏକଖଣ୍ଡ ତାଲିକା ବୋର୍ଡରେଭିନ୍ୟୁଙ୍କ ଆଜ୍ଞାକ୍ରମେ ପ୍ରତ୍ୟେକ ଜିଲା କଚେରୀରେ ଅଛି ବର୍ତ୍ତମାନ ଋଣର ତାଲିକା ହେଲା । ଅତଏବ କାହାର କେତେ ମହାଜନୀ ଅଛି ଏହି ତାଲିକାଖଣ୍ଡ ପ୍ରସ୍ତୁତ ହେଲେ ଅମଲାଙ୍କ ସମସ୍ତ ଅବସ୍ଥା ହାକିମମାନେ ଜାଣି ପାରିବେ ଓ ବୋଧ ହୁଅଇ ଯେବେ ତା-ହାଙ୍କର ସାଧାରଣ ଅବସ୍ଥା ମନ୍ଦ ଦେଖିବେ ତେବେ ପ୍ରାୟ ବେତନବୃଦ୍ଧି ପାଇଁ ଚେଷ୍ଟିତ ହେବେ । ନୋହିଲେ ଋଣର ତାଲିକା ନେବାର ପ୍ରୟୋଜନ କି ? କେହି ଅବା ଏମନ୍ତ ଭାବେ-

Digitized by srujanika@gmail.com

Split by PDF Splitter



ତନା କରିବେ କ ଅମଲାମାନେ ଋଣଗ୍ରସ୍ତ ହେଲେ ସେମାନଙ୍କର ଅର୍ଥ ଉପାର୍ଜନର ଲୋଭ ବଢିବ ସୁତରାଂ ଲାଞ୍ଚ ଖାଇବାକୁ ପ୍ରବୃତ୍ତି ହେବ କାରଣ ଅତଏବ ଉପାୟ ଭିନ୍ନ ନିୟମିତ ବେତନରୁ ମହାଜନଙ୍କୁ ଦେଇ ଆପେ ବଞ୍ଚି ରହିବାର କଠିନ ଜନ୍ତୁ ଏ ବିଶ୍ବରପ୍ରତ ନିର୍ଭର କରି କର୍ମ କଲେ ଆଗେ ଯେଉଁ ଅମଲାମାନେ ଭୂମି ଓ ଘର ଇତ୍ୟାଦି ସ୍ଥାବର ସମ୍ପତ୍ତି ଓ ନଗଦ ଟଙ୍କା ବା ହେଉ ଧାନର କାରବାର କରିଅଛନ୍ତି ତାହାଙ୍କୁ କର୍ମରୁ ବାହାର କରି ଦେବାର ଉଚିତ । କାରଣ ଏକ ବ୍ୟକ୍ତିକୁ ଯେବେ ବେତନ ନିଅଣ୍ଟ ହେଲା ଅପର ବ୍ୟକ୍ତି ତହିଁରୁ ଖାଇ ପିଇ ସମ୍ପତ୍ତି କିରୂପେ କଲା ? ଋଣଗ୍ରସ୍ତ ଅମଲା ଘୂଷ ନେବାର ସମ୍ଭବ ମାତ୍ର ସମ୍ପତ୍ତିପନ୍ନ ଅମଲା ଘୂଷ ନେଇଅଛି ସ୍ଥୂଳରୂପେ ଏରୂପ ଯୁକ୍ତି ହୋଇପାରେ । ପ୍ରକୃତରେ ମଧ୍ୟ ଦେଖାଯାଇଅଛି ଯେ ଅନେକ ବିଷୟବନ୍ତ ଅମଲା ଘୂଷ ନେବାରୁ କ୍ଷାନ୍ତ ନାହାନ୍ତି ଏବଂ ଋଣଗ୍ରସ୍ତ ଅମଲା ଘୂଷର ପାଖ ପଶନ୍ତି ନାହିଁ । ଏହି ହେତୁରୁ ସମ୍ପତ୍ତି ବା ଋଣର ତାଲିକା ଦେଖି ଅମଲା ଉପରେ କୋପଦୃଷ୍ଟି କରିବାର ଉଚିତ ନୁହଇ । ଯେବେ ପିନଲକୋଡର ବିଧି ଉପରେ ଘୂଷ ନିବାରଣ ପକ୍ଷରେ ହାକିମମାନେ ଅଧିକା ବିଧି କିଛି କରିବାକୁ ବାଞ୍ଛା ରଖନ୍ତି ତେବେ ପ୍ରତ୍ୟେକ ଅମଲାର ଅବସ୍ଥା ଗୋପନରୂପେ ଅନୁସନ୍ଧାନ କରି ଦେଖନ୍ତୁ ତାହା ହେଲେ ଯେମନ୍ତ କେତେଗୁଡିଏ ଏପରି ଅମଲା ମିଳିବେ ଯେ କୌଣସି ଅନିବାର୍ଯ୍ୟ କାରଣରୁ ସେମାନେ ଋଣଗ୍ରସ୍ତ ହୋଇଥିଲେହେଁ ଜୀବାଇଠାରୁ ପଇସାଟିଏ ଘୂଷ ନିଅନ୍ତି ନାହିଁ ତେମନ୍ତ ଆଉ କେତେଗୁଡିଏ ଅମଲା ବାହାରିବେ ଯେ ସେମାନେ ଘୂଷ ନେଇ ସୁଦ୍ଧା ଋଣ କରିବାରୁ କ୍ଷାନ୍ତ ନାହାନ୍ତି ଫଳତଃ ଯେଉଁସବୁ ଆମ୍ଭମାନଙ୍କ ଦୃଷ୍ଟି ଯାଉଅଛି ତହିଁରେ ପ୍ରତ୍ୟକ୍ଷ ହୁଅଇ ଯେ ଘୂଷ ନେବା ଓ ଋଣ ନେବା ସଙ୍ଗରେ କୌଣସି ସମ୍ପର୍କ ନାହିଁ ବରଂ ସମ୍ପତ୍ତି ସଙ୍ଗେ ଘୂଷର ପ୍ରଗାଢ଼ ସମ୍ପର୍କ ଅଛି । ଯେହେତୁ ବିନା ଘୂଷରେ କେହି ଅମଲା ଆପେ ବଡଲୋକ ହେବାର ଶୁଣାଯାଇ ନାହିଁ । ଋଣଗ୍ରସ୍ତ ଅମଲା ଘୂଷ ନେଲେ ସୁଦ୍ଧା ଅଧିକ ପାଏ ନାହିଁ କାରଣ ଅନେକ ମାମଲତକାର ତାହାର ମହାଜନ ବା ମହାଜନର ଲୋକ ଓ ଅପର ଯାହାଙ୍କଠାରୁ ନିଏ ଅଳ୍ପ ପରିମାଣରେ ତୃପ୍ତ ହୁଅଇ କାରଣ ଦଶା ମନ୍ଦ ଥିବାରୁ ଖର୍ଚ୍ଚ ପାଇ କିଛି ପାଇଲେ ସନ୍ତୋଷ ହୁଅଇ । ବଡ଼ଲୋକ ଅମଲାର ରୀତି ଅନ୍ୟପରି ଏମନ୍ତ ଅମଲା ଯେ ଘୂଷ ନିଏ ତାହାର ସୁଖ ଏବଂ ଋଣଗ୍ରସ୍ତ ଅମଲା ଯେବେ ମହାଜନର ଖାତର କରିବାର ବୋଲାଯାଏ ତେବେ ବିଷୟବନ୍ତ ଅମଲା ତାହାର ଅଧିକ ଖାତର କରଇ କାରଣ ପ୍ରଥମ ବ୍ୟକ୍ତି ଜାଣେ ଯେ ଅସଲ ସୁଧ କିଛି ଯିବ ନାହିଁ କେବଳ ଅବସର ପାଇବାର ଆଶା ରଖେ ମାତ୍ର ଶେଷଲିଖିତ ବ୍ୟକ୍ତି ନଗଦ ଲାଞ୍ଚ ପାଇବାର ଭରସା ରଖଇ ଓ ଯେ ଯେମନ୍ତ ବ୍ୟକ୍ତି ସେ ତେମନ୍ତ ଦେବାକୁ ସକ୍ଷମ ଥିବାରୁ ତାହାର ସେପରି ଖାତର ହୁଅଇ । ଶେଷକଥା ଏହି କି ଯେଉଁପ୍ରକାରରେ ଆମ୍ଭେମାନେ ବୁଝିଅଛୁଁ ଋଣଗ୍ରସ୍ତ ଅମଲାଙ୍କଦ୍ୱାରା ବିଷୟବନ୍ତ ଅମଲାଙ୍କଠାରୁ ଗବର୍ଣ୍ଣମେଣ୍ଟଙ୍କର ଅଧିକ ଅନିଷ୍ଟର ସମ୍ଭାବନା ନାହିଁ ତେବେ ଏମାନଙ୍କ ବିଷୟରେ ଅନୁସନ୍ଧାନ କରିବାର ପ୍ରୟୋଜନ କି ଅଛି ? ଯେବେ ଏମନ୍ତ ବିଧି ହୁଅଇ ଯେ କୌଣସି ଅମଲା ଋଣଗ୍ରସ୍ତ ହେଲେ ତାହାକୁ ଚାକିରିରୁ ବାହାର କରି ଦିଆଯିବ ତେବେ ତଦ୍ଦ୍ୱାରା ଘୂଷ ନିବାରଣ ନ ହୋଇ ବରଂ ବୃଦ୍ଧି ହେବ । ଏବିଷୟରେ ଗବର୍ଣ୍ଣମେଣ୍ଟଙ୍କର ଯେଉଁ ନିୟମ ପ୍ରଚଳିତ ଅଛି ତାହା ପ୍ରଚୁର ଅଟଇ ଓ ତହିଁରୁ ଅଧିକ କିଛି ପ୍ରୟୋଜନ ନାହିଁ । କମିଶ୍ନର ସାହେବ ଯେବେ ଋଣଗ୍ରସ୍ତ ଅମଲାଙ୍କ ତାଲିକା ନେଇ ନିଶ୍ଚିନ୍ତ ନ ବସି ଅମଲାମାନେ କି କି କାରଣରୁ ଋଣଗ୍ରସ୍ତ ହୁଅନ୍ତି ଓ ତାହା କିରୂପେ ନିବାରଣ ହୋଇପାରେ ଏଥିର ଅନୁସନ୍ଧାନ କରନ୍ତେ ତାହା ହେଲେ ଏକାବେଳକେ ଏକ ମହତ ରାଜକୀୟ ଓ ସାମାଜିକ ଉପକାର ସାଧିତ ହୁଅନ୍ତା । ଆମ୍ଭେମାନେ ମଧ୍ୟ ଏଥିର ଚିନ୍ତାରେ ରହିଲୁଁ । ବାରାନ୍ତରେ ଦୁଇ ଚାରି କଥା କହିବାର ମାନସ ରଖୁଁ ।

## ସାପ୍ତାହିକ ସଂବାଦ ।

ଆଗାମୀ ମାସ ତା ୪ ରିଖରେ ଅସିଷ୍ଟାଣ୍ଟ ଓ ଡେପୁଟୀ କଲେକ୍ଟର ଏବଂ ପୁଲିସ ଓ ଅଫୀମ ବିଭାଗର କର୍ମଚାରିମାନଙ୍କର ନିୟମିତ ଅଧବର୍ଷୀୟ ପରୀକ୍ଷା ଗୃହୀତ ହେବ ବୋଲି ଗବର୍ଣ୍ଣମେଣ୍ଟ ବଙ୍ଗାଲ ଘୋଷଣା ଦେଇଅଛନ୍ତି । ଏହି ପରୀକ୍ଷା ଉତ୍ତାରୁ ଶ୍ରୀଯୁକ୍ତ କମିଶନର ସାହେବ ପୁରୀକୁ ଯାତ୍ରା କରିବାର ପୂର୍ବ୍ବବର୍ଷ ମାନଙ୍କରେ ଦେଖାଯାଇଅଛି ।

ପୁରିର ଡକାୟିତି ମକଦ୍ଦମାର ଆସାମିମାନେ ମେଜଷ୍ଟ୍ରେଟି ଓ ଦୌରାରେ ଅପରାଧ ସ୍ୱୀକାର କରିବାରୁ, ୩ଜଣର ଦଶବରଷ ଲେଖାଏ ଜଣକର ପାଞ୍ଚବରଷ ଓ ୧୬ଜଣର ସାତବରଷ ଲେଖାଏ କାରାବାସର ଦଣ୍ଡାଜ୍ଞା ହୋଇଅଛି । ଆମ୍ଭେମାନେ ପରପୃଷ୍ଠାରେ ସରଦାରର ମୃତ୍ୟୁ କଥା ଲେଖିଅଛୁଁ, ତାହା ଭ୍ରମ ଅଟଇ । ଦଶବର୍ଷୀୟ ମଧ୍ୟରେ ସରଦାର ଜଣେ ଅଟଇ । ଆସାମିମାନଙ୍କ ମଧ୍ୟରୁ ବିଚାରର ପୂର୍ବେ ୨ଜଣ ମରିଯାଇଅଛନ୍ତି ।

ସୋରୋଥାନା ଇଲାକାରେ ଗୋଟାଏ ଖୁଣୀ ହୋଇଅଛି । ହତବ୍ୟକ୍ତି ଜଣେ ନାବାଲଗ ଜମିଦାରର ଗୋମାସ୍ତା । ଜନରବ ନାବାଲଗ ଜମିଦାରର ମାଉର ସହିତ ତାହାର ପାପଦୋସ୍ତୀ ଥିଲା ଏହି କାରଣରୁ ସେ ମରି ପଡ଼ିଅଛି । ଡାକ୍ତରସାହେବ ଲାସ ମାଇନା କରି ଖୁଣୀ ହୋଇଥିବାର ସାର୍ଟିଫିକେଟ ଦେଇ ଅଛନ୍ତି । ଲାସ ଗୋଟାଏ ପୋଖରୀରୁ ପାଯାଯାଇଥିଲା । ପୁଲିସ ଏତେବେଳେ ମକଦମା ତଦନ୍ତ କରୁଅଛନ୍ତି । ବାଲେଶ୍ୱର ସଂ ବାଃ

ସୋରେ ଥାନା ଇଲାକାରେ ଗୋଟାଏ ଡକାୟିତି ହୋଇଥିଲା, ୧୭।୧୮ ସରକ ଲୋକ ଡକାୟିତି ଅପରାଧରେ ଚାଲାଣ ହୋଇ ଦୌରା ସୁପୋର୍ଦ୍ଦ ହୋଇଥିଲେ ଦୌରାର ୨ୟ ବିଚାରରେ ୩୪ ଦିନ ମିଶିଲିଖାନା ହେଲା ଉତ୍ତାରେ ସମସ୍ତେ ଖଲାସ ପାଇଅଛନ୍ତି । ଜନରବ ୧୭।୧୮ ଜଣଙ୍କ ମଧ୍ୟରୁ କେତେକ ଜଣ ଦୋଷୀ ଆଉ କେତେଜଣ ନିର୍ଦ୍ଦୋଷୀ ଥିଲେ । ଏକନ

କଥିତ ହୁଅଇ ଯେ ବସ୍ତରର ରାଜା ଇସାକ ପନ୍ଥନର ଇଂରାଜ ହାକିମମାନଙ୍କୁ ଏହିକଥା କହି ସାହାଯ୍ୟ ପ୍ରାର୍ଥନା କଲେ କି ତାହାଙ୍କର ପ୍ରଜାମାନେ ତାହାଙ୍କ ନଅରକୁ ବେଢିରହି ଅଛନ୍ତି ଏବଂ ତାହାଙ୍କୁ ବଧକରିବାକୁ ଉଦ୍ୟତ ଅଛନ୍ତି । ଗବର୍ଣ୍ଣମେଣ୍ଟଙ୍କ ପକ୍ଷରୁ ସାହାଯ୍ୟ ନିମିତ୍ତ ଦୁଇକମ୍ପାନୀ ଦେଶୀ ସିପାହି ପ୍ରେରିତ ହୋଇ ଅଛନ୍ତି । ଏ ଗୋଲମାଲର ମର୍ମ କିଛି ଜଣାପଡ଼ି ନାହିଁ ।

ବାରିଷ୍ଟରମାନେ ଆପଣା କର୍ମରେ ତ୍ରୁଟିକଲେ କ୍ଷତିପୂରଣ ଦେବାର ଦାୟି ହେବେ ଏହି ମର୍ମରେ ଗୋଟିଏ ଆଇନର ପାଣ୍ଡୁଲିପି ପାର୍ଲିମେଣ୍ଟ ସଭାରେ ଆଗତ ହୋଇଅଛି । ଯେବେ ବାରିଷ୍ଟରମାନେ ନାଲିଶ କରି ଆପଣା ଫିସ ଆଦାୟ କରିବେ ତେବେ କର୍ମରେ ତ୍ରୁଟିକଲେ କାହିଁକି ସେ କ୍ଷତିପୂରଣର ଦାୟୀ ନ ହେବେ । ଏ ନିୟମଟି ସବୁଠାରେ ପ୍ରଚଳିତ ହେଲେ ଭଲ ହେବ ।

ବାଙ୍କୁଡାରୁ ଏକବ୍ୟକ୍ତି ହିନ୍ଦୁପେଟ୍ରିଅଟରେ ପ୍ରକାଶ କରିଅଛନ୍ତି କି ଓଲାଉଠା ରୋଗର ଭାରୀ ପ୍ରାଦୁର୍ଭାବ ସେଠାରେ ହୋଇଅଛି ଓ ଦି ୧୫ ନି

Digitized by srujanika@gmail.com

ମଧ୍ୟରେ ପ୍ରାୟ ୧୦୦ ଲୋକ ମରା ପଡ଼ିଅଛନ୍ତି। ଫଉଜଦାରୀ ଓ ଅଦାଲତ କଚେରିମାନ ବନ୍ଦ ହୋଇଅଛି।

ଚଳିତମାସ ତା ୧୦ ରିଖରେ ଆଉ ତିନିଜଣ ବଙ୍ଗାଳୀ ବିଲାତକୁ ପଢ଼ିବା ସକାଶେ ଯାତ୍ରା କରିଥିବେ। ଏକଜଣ ବାରିଷ୍ଟର ହେବା ଓ ଦୁଇଜଣ ଡାକ୍ତରୀ ଶାସ୍ତ୍ର ପଢ଼ିବା ପାଇଁ ଯାଉଅଛନ୍ତି।

କଲିକତା ହାଇକୋର୍ଟର ଜଜ ଫିଅର ସାହେବ କର୍ମତ୍ୟାଗ କରି ସ୍ୱଦେଶକୁ ଯାଉଅଛନ୍ତି। ଏହା ବଡ଼ ଦୁଃଖର ବିଷୟ ଅଟଇ କାରଣ ତାହାଙ୍କ ପରି ସ୍ୱାଧୀନ ସଦ୍ବିଚାରକ ଦୁର୍ଲଭ ଅଟଇ।

ହିନ୍ଦୁପେଟ୍ରିଅଟରୁ ନିମ୍ନଲିଖିତ ସମ୍ବାଦ ଗୁଡ଼ିକ ଉଦ୍ଧୃତ କଲୁଁ ଯଥା— ମାନ୍ଦ୍ରାଜର ଏନସ୍ୱାମୀ ମାନୟ୍ୟମ ଗତ ଜାନୁଆରୀ ମାସରେ ଇଂଲଣ୍ଡରେ ବାରିଷ୍ଟର ଶ୍ରେଣୀଭୁକ୍ତ ହୋଇ ସ୍ୱଦେଶକୁ ଫେରି ଆସୁଅଛନ୍ତି। କେମ୍ବ୍ରିଜ ନଗରରେ ରାଜନାରାୟଣ ମିତ୍ର ଓ ନନ୍ଦଲାଲ ଦେ ବି, ଏ, ଉପାଧି ପାଇଅଛନ୍ତି ଓ ଲଣ୍ଡନର ଏକ କାଲେଜରେ ଜାବାୟଜି ଯେ, ବାଦସବାହ ଉଚ୍ଚପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ପାରିତୋଷିକ ପାଇବାର ଯୋଗ୍ୟ ହୋଇଅଛନ୍ତି।

ଲେଫ୍ଟନାଣ୍ଟ ଗବର୍ଣ୍ଣରଙ୍କ ଆଜ୍ଞା ଦେଇଅଛନ୍ତି କି କୌଣସି ଅବସ୍ଥାରେ କଏଦମାନେ ଜେଲଖାନାରୁ ବାହାରକୁ ଆସିବାକୁ ଅନୁମତି ପାଇବେ ନାହିଁ।

ଭାରତବର୍ଷରେ ଘୋଡ଼ାଦୌଡ଼ କ୍ରୀଡ଼ା ଏଣିକି ଉଣା ପଡ଼ିବାରୁ କେହି ସମ୍ପାଦକ ଖେଦ କରି ଲେଖିଅଛନ୍ତି ଯେ ଆଗଠାରୁ ଏଣିକି ବହୁତ ଲୋକ ବିବାହ କରିବାରୁ ପାଉଣାଙ୍କ ଚିନ୍ତା ଓ ଖର୍ଚ୍ଚର ବନ୍ଦୋବସ୍ତ ହେବାରୁ କ୍ରୀଡ଼ାରୁ ବିମୁଖ ହେଉଅଛନ୍ତି ଓ ବିଲାତକୁ ଯିବାର ସୁବିଧା ହେବାରୁ ମଧ୍ୟ ସେଠାକୁ ଯାଇ ଅଳ୍ପ ବ୍ୟୟରେ ବହୁତ ଆମୋଦ ପାଇବାରୁ ଏଠାରେ କଷ୍ଟ କରନ୍ତି ନାହିଁ। ମାତ୍ର ବାସ୍ତବ କାରଣ ଏହି ଯେ ପୂର୍ବ ପ୍ରାୟ ବନ୍ଧୁମାନଙ୍କ ମଧ୍ୟରେ ଏକତ୍ରରେ ବସିବା ଉଠିବାର ସୁଯୋଗ ନ ଥିବାରୁ ଏସବୁ ପରାମର୍ଶ ହୋଇପାରୁ ନାହିଁ। ଦିନକୁ ଦିନ କାଳ ଦୁସ୍ତର ହୋଇ ଆସୁଅଛି।

---

## ପ୍ରେରିତ ପତ୍ର।

ମାନ୍ୟବର ଶ୍ରୀଯୁତ ଉତ୍କଳଦୀପିକା ସମ୍ପାଦକ ମହାଶୟ ମାନ୍ୟବରେଷୁ।

ସବିନୟ ନିବେଦନ।

ସମ୍ପାଦକ ମହାଶୟ! ଶ୍ରୀ ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ କୃପାରୁ ଆମ୍ଭ ହସ୍ତରେ ଗଣେ ତଗମାଳା ପୁସ୍ତକ ପଡ଼ିବାରେ ତାହା ପାଠ କରି ଯେ କିପର୍ଯ୍ୟନ୍ତ ସନ୍ତୋଷ ଲଭ କଲୁଁ ତାହା ଲେଖିବାର ନୁହେ। ଓଡ଼ିଶା ଦେଶର ପୁସ୍ତକର ଅଭାବ ଯେ ଥିଲା ତାହା ସମ୍ପୂର୍ଣ୍ଣ ହେଲା। ଇଂରାଜୀ ପ୍ରଭୃତି ଭାଷାରେ ତଗର ପୁସ୍ତକମାନ ଥିଲା ଉତ୍କଳରେ ତାହା ନ ଥିବାରୁ ଶ୍ରୀଯୁତ ଶ୍ରୀ ଶ୍ରୀ କପିଳେଶ୍ୱର ବିଦ୍ୟାଭୂଷଣ ନନ୍ଦଶର୍ମା ସେ ଅଭାବ ପରିପୂର୍ଣ୍ଣ କରିବା ସକାଶେ ଏ ପୁସ୍ତକକୁ ସଂଗ୍ରହ କରିଅଛନ୍ତି ଉତ୍ତମ ହୋଇଅଛି। ବର୍ତ୍ତମାନ ଆମ୍ଭର ନିବେଦନ ଶ୍ରୀଯୁତ ଜଏଣ୍ଟ ଇନସ୍ପେକ୍ଟର ମହାଶୟ ଅତିଶୀଘ୍ର ଏ ପୁସ୍ତକ ସକାଶେ କ୍ଲାସ ନିରୂପଣ କରନ୍ତୁ। ତାହା ନ ହେଲେ ଏମନ୍ତ ଉପକାରୀ ପୁସ୍ତକର ରଚନା ବୃଥା ହେବ।

ଉକ୍ତ ପୁସ୍ତକର ପେଟିକା ଉପରେ ଗଣେ ଇଂରାଜୀ ଲେଖା ଦେଖି କିଛି ବିସ୍ମୟ ଜାତ ହୋଇଥିଲା। ପରନ୍ତୁ ବିଜ୍ଞାପନ ପାଠ କରିବାରେ ତାହା ଦୂରୀଭୂତ ହୋଇଅଛି। ନ ହେବ କିପାଁ ଏହିରୂପ ପୁସ୍ତକଇତ ଶ୍ରୀଯୁତ କମିଶନର ସାହେବଙ୍କୁ ସଂପ୍ରଦାନ କରିବାର ଉପଯୁକ୍ତ! ନ ହେଲେ କି ବଙ୍ଗଲାଭାଷା ଉତ୍କଳରୁ ଦେଶାନ୍ତରିତ ହୋଇଅଛି? ହାୟ! ହାୟ! ହେ ଉତ୍କଳ ବାସିମାନେ ତୁମ୍ଭ କପାଳରେ ଶେଷ ଏହି ଥିଲା ମାଇକେଲର କାବ୍ୟପୁସ୍ତକ ଅକ୍ଷୟକୁମାରଙ୍କର ଦାର୍ଶନିକ ପୁସ୍ତକ ସମୁଦାୟ ପ୍ରତିଉତ୍ତରେ ତଗମାଳା ପାଠ କରି ତଗ ମେଲାଇବାକୁ ଶିକ୍ଷା କର।

କଟକ } କସ୍ୟଚିତ୍<br>
୨୯।୩।୭୬ } ଯଥାର୍ଥ ଦେଶହିତୈଷୀଜନସ୍ୟ

---

ମହାଶୟ!

ଆମ୍ଭେ ଗୋଟିଏ ବୃତ୍ତାନ୍ତ ଆପଣଙ୍କ ପାଠକବୃନ୍ଦଙ୍କର ଗୋଚର କରିବାକୁ ଅଭିଳାଷ କରୁଅଛୁଁ। ତାହା ଆପଣ ସ୍ୱୀୟ ଜଗଦ୍ବିଖ୍ୟାତ ପତ୍ରିକାର ଏକାଂଶରେ ପ୍ରକାଶ କରି ଆମ୍ଭଙ୍କୁ ଚିରବାଧିତ କରିବେ। ଶ୍ରୀଯୁତ ଯୁବରାଜଙ୍କ ଶୁଭାଗମନୋପଲକ୍ଷେ ଯେଉଁ ମହାରାଜମାନେ କଲିକତା ରାଜଧାନୀକୁ ସମାଗମନ କରିଥିଲେ ତନ୍ମଧ୍ୟରେ କାଶ୍ମୀର ଓ ଜମ୍ମୁ ଉଭୟ ରାଜ୍ୟାଧିପତି ଶ୍ରୀଯୁତ ରଣବୀର ସିଂହ ମହୋଦୟ କଲିକତା ଓ ତଦନ୍ତଃପାତୀ ଗ୍ରାମନିବାସୀ ପଣ୍ଡିତମାନଙ୍କୁ ସମାହ୍ୱାନ ପୂର୍ବକ ଏକ ମହତୀ ସଭା ଅଧିବେଶନ କରିଥିଲେ। କିନ୍ତୁ ଏହା ଉତ୍କଳୀୟ ପଣ୍ଡିତ ମଣ୍ଡଳୀର ଗୌରବ ବିଷୟ ଅଟଇ ଯେ ଶ୍ରୀକ୍ଷେତ୍ର ନିବାସୀ ପଣ୍ଡିତବର ଶ୍ରୀଯୁତ ମାର୍କଣ୍ଡେୟ ମହାପାତ୍ର ମହାଶୟ ତହିଁରେ ସଭାପତିତ୍ୱ ଗ୍ରହଣ କରିଥିଲେ।

ଏ ମହାଶୟ ଏକ ସଂସ୍କୃତ କବିତାଦ୍ୱାରା ମହାରାଜାଙ୍କର ମନୋଭବ ପ୍ରକାଶ ପୁରଃସର ଅନନ୍ତ ସଭ୍ୟମାନଙ୍କୁ ସ୍ୱହସ୍ତରେ ଶାଲ ଓ ସ୍ୱର୍ଣ୍ଣମୁଦ୍ରା ପ୍ରଦାନ କରି ବିଦାୟ କଲେ। ତଦାନ୍ତଂ ମଧ୍ୟ କଲିକତାନିବାସୀ ଶ୍ରୀଯୁତ ବାବୁ ଶ୍ରୀକାନ୍ତଚନ୍ଦ୍ର ଘୋଷ ମହୋଦୟଙ୍କର ପୁତ୍ରୀ ସମାଗମରେ ମଧ୍ୟ ଏଠାରେ ଏକ ସଭା ହୋଇଥିଲା। ତହିଁରେ ମଧ୍ୟ ଉକ୍ତ ପଣ୍ଡିତ ମହାଶୟ ଅଧ୍ୟକ୍ଷ ହୋଇ ସକଳ କାର୍ଯ୍ୟ ନିର୍ବାହ କରିଥିଲେ। ବାବୁ ମହୋଦୟ ପଣ୍ଡିତଙ୍କୁ ଯଥୋଚିତ ସତ୍କାର କରିଅଛନ୍ତି।

କସ୍ୟଚିତ୍ ପୁରୁଷୋତ୍ତମଧାମବାସିନଃ।

---

## ବିଜ୍ଞାପନ।

ଗଣେ ଉତ୍କୃଷ୍ଟ ଉତ୍କଳ ଭାଷାବ୍ୟାକରଣ ନିମନ୍ତେ ୫୦୦ଙ୍କା ପୁରସ୍କାର ଦିଆଯିବ। ସନ ୧୮୭୬ ଡିସେମ୍ବରମାସ ତା ୩୧ ରଖେ ତମ୍ଭା ତହିଁ ପରେ ପୁସ୍ତକ କମିଶ୍ନରସାହେବଙ୍କ ମନ୍ତ୍ରୀଙ୍କାରଣ ଦିଆଯିବ ଯାହାର ପୁସ୍ତକ ସାହେବଙ୍କ ମନୋନୀତ ହେବ ତାକୁ ପୁରସ୍କାର ଦିଆଯିବ।

ପୁସ୍ତକ ମଞ୍ଜୁର ହେଲାରୁ ଗ୍ରନ୍ଥକାର ଯେବେ ପୁସ୍ତକର ସ୍ୱତ୍ୱ ଏକାବେଳକେ ଗବର୍ଣ୍ଣମେଣ୍ଟଙ୍କୁ ଦିଅନ୍ତି ଅଥବା କମିଶ୍ନରସାହେବ ଯେଉଁ ସମୟ ନିର୍ଦ୍ଦିଷ୍ଟ କରନ୍ତି ସେହି ସମୟରେ ଛପାଇ ଯେତେ ମୂଲ୍ୟରେ ପୁସ୍ତକ ବିକ୍ରୀ କରିବାକୁ ସାହେବ ମନୋନୀତ କରନ୍ତି ସେ ମୂଲ୍ୟରେ ବିକ୍ରୀ କରିବାକୁ ସମ୍ମତ ହୁଅନ୍ତି ତାହା ହେଲେ ସେ ପୁରସ୍କାର ପାଇବେ। ପୁସ୍ତକ ସ୍ୱୟଂ ଛପିଲେ କେତେ ମୂଲ୍ୟରେ ବିକ୍ରୀ କରିବେ ଏକଥା ମଧ୍ୟ ଲେଖିପଠାଇବେ।

କଟକ } (Sd.) N. K. Dass.<br>
୭।୪।୭୬ } *Joint Inspector of Schools*<br>
*Orissa*

---

ଆମ୍ଭ ଛପାଇଥିବା ତଗମାଳା ପୁସ୍ତକରେ ଶ୍ରୀଯୁତ ସାଗର ରାଉଳଙ୍କର ଅର୍ଦ୍ଧାଂଶ ଭାଗ ଥିବାରୁ ସେ ପୁସ୍ତକସବୁ ବିକ୍ରୟ ହେଲାପରେ ସମସ୍ତ ଖର୍ଚ୍ଚ ଯାଇ ଯାହା ମିଳିବ ତହିଁରୁ ଅର୍ଦ୍ଧେ ତାହାଙ୍କୁ ଦେବାକୁ ହେବ ସ୍ୱୀକାର କରୁଅଛି।

୧୬।୪।୭୬ ଶ୍ରୀ କପିଳେଶ୍ୱର<br>
ନନ୍ଦଶର୍ମା।

---

☞ ଏହି ଉତ୍କଳଦୀପିକା ସହରକଟକ ଦରଘାବଜାର କଟକ ପ୍ରିଣ୍ଟିଂକମ୍ପାନିଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା।

Split by PDF Splitter

Digitized by srujanika@gmail.com

Split by PDF Splitter
REGISTERED NO. 32


# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା

ଭାଗ ୧୧ଶ } ତା ୨୨ରଖ ଅପ୍ରେଲ ସନ ୧୮୭୬ ମସିହା । ମୂ । ବୈଶାଖ ଦି ୧୨ ନ ସନ ୧୨୮୩ ସାଲ ଶନିବାର { ଅଗ୍ରିମ ବାର୍ଷିକ ମୂଲ୍ୟ ୫ଟ
ସଂ ୧୬ ଖ୍ୟା } ପଶ୍ଚାତ୍ମୂଲ୍ୟ ଦେଲେ ବର୍ଷକୁ ୬ଟ
ମଫସଲ ପାଇଁ ଡାକମାସୁଲ ୧।୶

ଚଳିତ ମାସ ତା ୧୨ ରଖ ବୁଧବାର ଅପରାହ୍ନକାଳରେ ଭାରତବର୍ଷର ନୂତନ ଗବର୍ଣ୍ଣର ଜେନରଲ ଲର୍ଡ଼ ଲିଟନ ସାହେବ ହାବଡ଼ା ମୁକାମରେ ପହଞ୍ଚିଲେ ଓ ସେଠାରୁ ଗବର୍ଣ୍ଣମେଣ୍ଟ ଘୋଷଣାପତ୍ରାନୁସାରେ ଗବର୍ଣ୍ଣମେଣ୍ଟ ସେକ୍ରେଟରୀ ଓ ଅନ୍ୟାନ୍ୟ ଉଚ୍ଚ କର୍ମଚାରୀମାନେ ତାହାଙ୍କୁ ସମାଦରପୂର୍ବକ ଗବର୍ଣ୍ଣମେଣ୍ଟଙ୍କ ପ୍ରାସାଦକୁ ଘେନି ଆସିଲେ । ହାବଡ଼ା ରେଲଘରଠାରୁ ଗବର୍ଣ୍ଣମେଣ୍ଟ ଘର ପର୍ଯ୍ୟନ୍ତ ବାଟ ଦୁଇପାଖରେ ସେନାମାନେ ସୁସଜ୍ଜିତ ହୋଇ ଛିଡ଼ା ହୋଇ ମାର୍ଗ ରକ୍ଷା କରୁଥିଲେ ଓ ଶରୀରରକ୍ଷକ ଓ ଅନ୍ୟ କର୍ମଚାରୀମାନେ ଅଗ୍ରପଶ୍ଚାତ୍ ହୋଇ ମହାମାନ୍ୟଙ୍କ ବଗି ଅଗପଛରେ ଯଥା ବିଧିରେ ରହିଥିଲେ । ସନ୍ଧ୍ୟା ଘ ୬।୪୦ ସମୟରେ ମହାମାନ୍ୟ ଲାଟସିଂହାସନରେ ଉପବେଶନ ପୂର୍ବକ କାର୍ଯ୍ୟ ଭାର ଗ୍ରହଣ କଲେ ଓ ଉକ୍ତ ବିଷୟର ଘୋଷଣାପତ୍ର ପଠିତ ହେଲା । ତହିଁଉତ୍ତାରୁ ଉପସ୍ଥିତ ଥିବା କର୍ମଚାରୀ ଓ ସମ୍ଭ୍ରାନ୍ତଲୋକଙ୍କ ସହିତ ମହାମାନ୍ୟଙ୍କର ପରିଚୟ ଓ ଆଳାପ ହେଲା ଓ ପରିଶେଷରେ ମହାମାନ୍ୟ ଗୋଟିଏ ବକ୍ତୃତା କରି ସମସ୍ତଙ୍କୁ ବିଦାୟ ଦେଲେ । କାର୍ଯ୍ୟଭାର ସମୟରେ ବକ୍ତୃତା କରିବା ନୂଆରୀତି ଅଟଇ ଓ ଏଥିରୁ ବୋଧ ହୁଅଇ ଲର୍ଡ଼ ଲିଟନ କିଛି ଅଧିକ ବକ୍ତୃତା ପ୍ରିୟ ଓ ସରଳ ସ୍ୱଭାବର ଲୋକ; କାରଣ ସେ ଆପଣାର ମନୋଭାବ ବଡ଼ ସୁନ୍ଦର ଓ ଅକପଟରୂପେ ସମସ୍ତଙ୍କୁ ଜଣାଇଅଛନ୍ତି । ତାହାଙ୍କ ବକ୍ତୃତାରୁ ଯଦ୍ୟପି ତାହାଙ୍କର କାର୍ଯ୍ୟକୌଶଳର ବିଶେଷ ପରିଚୟ ପ୍ରାପ୍ତ ହୋଇ ନାହିଁ ମାତ୍ର ଅନେକ ଆଶା ହେଉଅଛି ଯେ ସେ ଆପଣା କାର୍ଯ୍ୟର ଗୁରୁତ୍ୱ ବିଶେଷରୂପେ ହୃଦୟଙ୍ଗମ କରିଅଛନ୍ତି ଓ ତହିଁ ପ୍ରତି ଯଥାର୍ଥ ଦୃଷ୍ଟି ରଖି କର୍ମ କରିବେ ।

---

ବସ୍ତର ରାଜଗିର ଗୋଲମାଲ ଅଦ୍ୟାପି ନିକାଶ ହୋଇ ନାହିଁ । ପୁଲିସ ଓ ଯୁଦ୍ଧସିପାହିମାନେ ସେଠାରେ ପଡ଼ି ରହିଅଛନ୍ତି ମାତ୍ର ଯୁଦ୍ଧ ହେବ କି ନାହିଁ ସ୍ଥିର ହୋଇ ପାରୁ ନାହିଁ । ପ୍ରଜାମାନେ ରାଜାଙ୍କ ବିପକ୍ଷରେ ନୋହନ୍ତି ମାତ୍ର ତାହାଙ୍କ ଦେବାନ ପ୍ରଭୃତି କର୍ମଚାରୀଙ୍କ ଅତ୍ୟାଚାର ହେତୁରୁ ଦଗ୍ଧହସ୍ତ ହୋଇଅଛନ୍ତି । ବର୍ତ୍ତମାନ ଗୋଲମାଲର ମୂଳ ଏହି ଯେ ରାଜା ଆପଣା ଏଲକାର କୌଣସି ଜମିଦାରଙ୍କୁ ଦେଖିବାକୁ ଯାଉଥିଲେ ବାଟରେ କେତେଗୁଡ଼ିଏ କୋଇଜାତୀୟ ପାହାଡ଼ୀୟଲୋକ ତାହାଙ୍କୁ ଘେରି ତାହାଙ୍କର ଦୁଇଜଣ କର୍ମଚାରୀଙ୍କର ଶରୀର ପ୍ରାର୍ଥନା କଲେ କାରଣ ଉକ୍ତ କର୍ମଚାରୀମାନେ ତାହାଙ୍କ ଜାତୀୟ ଅନେକର ଲୋକଙ୍କୁ ଗୁଳିଦ୍ୱାରା ହତ୍ୟା କରିଅଛନ୍ତି । ସେମାନେ କହିଲେ କି ରାଜାଙ୍କପ୍ରତି ତାହାଙ୍କର କିଛି ଶୁହାର ନାହିଁ ମାତ୍ର ସେମାନଙ୍କର ହତ୍ୟାକାରୀଙ୍କୁ ସେମାନେ ଅବଶ୍ୟ ଦଣ୍ଡ ଦେବେ । ରାଜା ତାହାଙ୍କର ଭାବଦେଖି ଭୀତ ହୋଇ ଆପଣା ରାଜଧାନୀ ଜଗଦଲପୁରକୁ ପଳାଇ ଗଡ଼ରେ ଲୁଚି ରହିଲେ ଏବଂ ସିରୋଞ୍ଚାର ଡେପୁଟୀ କମିଶନରଙ୍କ ନିକଟକୁ ସାହାଯ୍ୟ ପାଇଁ ଲେଖିବାରୁ ସେ ନ ୮ ମ୍ବର ପଲଟନର କେତେ କମ୍ପାନୀ ସିପାହୀ ପଠାଇ ଦେଲେ । ଏହିପରି ବିଦ୍ରୋହ ଆରମ୍ଭ ହୋଇଅଛି କିରୂପେ ଶେଷ ହେବ ଏପଛେ ଜଣା ଯିବ । ବସ୍ତରର ରାଜା ଓଡ଼ିଶା ଗଡ଼ଜାତର ଅନେକ ରାଜାଙ୍କ ପରି ଅଟନ୍ତି ବୋଲି କଥିତ ହୁଅଇ । ସେ ଅତ୍ୟନ୍ତ ଅଶିକ୍ଷିତ ଓ ଅସଭ୍ୟ ଅଟନ୍ତି ଏମନ୍ତ କି ପଶୁ ବୋଇଲେ ଅତ୍ୟୁକ୍ତି ହେବ ନାହିଁ । ସେ ସମ୍ପୂର୍ଣ୍ଣରୂପେ ଆପଣାକୁ ଆପଣା କର୍ମଚାରୀଙ୍କ ହାତରେ ରଖିଅଛନ୍ତି ଓ ସେମାନେ କେବଳ ଆପଣା ଘର ଭରତି କରିବାକୁ ଲୋଡ଼ୁଥାନ୍ତି । ଏପ୍ରକାର ରାଜା ହାତରେ କେବଳ ପ୍ରାଣଦଣ୍ଡ ଦେବା ଛଡ଼ା ଆଉ ସମସ୍ତ କ୍ଷମତା ଗବର୍ଣ୍ଣମେଣ୍ଟ ରଖି ଦେଇଅଛନ୍ତି । ଏଥିରେ ପ୍ରଜାଙ୍କର କଷ୍ଟ ହେବାର ବିଚିତ୍ର କି । ଆମ୍ଭେମାନେ ଭରସା କରୁଁ ଯେ ଗବର୍ଣ୍ଣମେଣ୍ଟ ଏହି ପ୍ରଜାବିଦ୍ରୋହରୁ କିଛି ହିତଶିକ୍ଷା କରିବେ ଓ ରାଜାଙ୍କର ଅତ୍ୟାଚାରରୁ ପ୍ରଜାଙ୍କୁ ରକ୍ଷା କରିବାର କୌଣସି ଭଲ ଉପାୟ କରିବେ କି ଯାହା ଅନ୍ୟାନ୍ୟ ସମସ୍ତ ଗଡ଼ଜାତରେ ପ୍ରଚଳିତ ହୋଇ ପାରିବ ।

---

### ଋଣଗ୍ରସ୍ତ ଅମଲା ।

ଅମଲମାନେ କାହିଁକି ଋଣଗ୍ରସ୍ତ ହୁଅନ୍ତି

Digitized by srujanika@gmail.com

ଗତ ସପ୍ତାହରେ ପ୍ରସଙ୍ଗ କ୍ରମେ ଏକଥା ଅମ୍ଭମାନଙ୍କ ମନରେ ପଡ଼ିବାରୁ ସେ ବିଷୟରେ କିଛି ଲେଖିବାକୁ ମନ ବଳାଇ ଅଛୁଁ ଓ ତହିଁର ଅନୁସନ୍ଧାନ ମଧ୍ୟ କେତେକ କରିଅଛୁଁ । ଲୋକେ ବାୟୁଗ୍ରସ୍ତ ନ ହେଲେ ଋଣ କରନ୍ତି ନାହିଁ ଏ କଥା ସମସ୍ତେ ଜାଣନ୍ତି ମାତ୍ର ଉକ୍ତ ବାୟୁ ନାନା ପ୍ରକାର ଅଟଇ ଅମ୍ଭେମାନେ ତାହାକୁ ତିନି ଶ୍ରେଣୀରେ ବିଭକ୍ତ କରୁଅଛୁଁ ଯଥା; ଆକସ୍ମିକ ସ୍ୱଜାତୀୟ ଓ ସାମାଜିକ । ଏପରି ଯେବେ ଅଳ୍ପ କିଛି ବାୟୁ ଥାଏ ତେବେ ତାହା ସାମାନ୍ୟବୋଲି ସହସା ମନରେ ଉଦୟ ହେଉ ନାହିଁ । ଉପର ଲିଖିତ ତିନିପ୍ରକାର ବାୟୁ ହେତୁରୁ ଅମଲାମାନେ ଋଣଗ୍ରସ୍ତ ହେବାର ଦେଖାଯିବାରୁ ଅମ୍ଭେମାନେ ତହିଁର ଉଲ୍ଲେଖ କଲୁଁ । କେହି୨ ଅମଲା ପରର ଜାମିନ ହୋଇ ତାହା ସକାଶେ ଦେଣରେ ପଡ଼ିଅଛନ୍ତି ଓ କେହି କିଛି ଲାଭ କରିବା ବା କେବଳ ଉପକାର କରିବା ଆଶାରେ ଅନ୍ୟ ଲୋକର ମୁରବି ହୋଇ ତାହାର ମୋକଦ୍ଦମା ଚଳାଇ ଅଛି । ମୋକଦ୍ଦମାରେ ଜିଣିଥିଲେ ତାହାର ଲାଭ ହୋଇଥାନ୍ତା ଓ ତହିଁରୁ ଖର୍ଚ୍ଚା ସକାଶେ ଯାହା ଋଣ କରିଥିଲା ତାହା ପରିଶୋଧ ହୋଇ ଅଧିକା କିଛି ମିଳି ଥାନ୍ତା ମାତ୍ର ମୋକଦ୍ଦମା ହାରିବାରୁ ଅଥବା ମୋକଦ୍ଦମା ଜିଣିସୁଦ୍ଧା ଖାତକଠାରୁ ଡିକ୍ରୀଜାରିରେ କିଛି ନ ପାଇବାରୁ ଅପେ ଋଣ ପାଶରେ ବନ୍ଦ ହେଲା ଏହିସମସ୍ତ ବାୟୁକୁ ଅମ୍ଭେମାନେ ଆକସ୍ମିକବାୟୁ ବୋଲୁଁ । ଅବଶ୍ୟ କୁହାଯାଇ ପାରେ ଯେ ଏପରି ବାୟୁ ତାହାର ନିଜର ବିବେଚନାର ତ୍ରୁଟିରୁ ଘଟିଅଛି ଓ ସେ ଆପଣା କ୍ଷମତାର ଅତୀତ କାର୍ଯ୍ୟ କରିବାକୁ କାହିଁକି ପ୍ରବୃତ୍ତ ହେଲା ମାତ୍ର ଯେତେବେଳେ ସେ କାର୍ଯ୍ୟ କଲାବେଳେ ଆପଣା ସାଧ୍ୟାନୁସାରେ ବିଚାର କରି ଦେଖିଥିଲା ଯେ ଏଥିରେ ତାହାର ଅନିଷ୍ଟ ନ ହୋଇ ଇଷ୍ଟ ସାଧନ ହେବ ଓ ପୂର୍ବେ କେତେ ଲୋକ ଏହିପରି କରି ଫଳ ପାଇଅଛନ୍ତି ସେତେବେଳେ ତାହାର ଅସାବଧାନତାକୁ ବଡ଼କରି ନ ଦେଖି ଅମ୍ଭେମାନେ ତାହାର ବାୟୁକୁ ଆକସ୍ମିକ କହୁଅଛୁଁ । ଏପରି ଶ୍ରେଣୀ ଘରପୋଡ଼ି ରୋଗ ପୀଡ଼ାରେ ସାମୟିକ ବ୍ୟାଘାତ ଇତ୍ୟାଦି ନାନାପ୍ରକାର ଆକସ୍ମିକ କ୍ଷତି ହେତୁରୁ ଅମଲାମାନେ ଋଣଗ୍ରସ୍ତ ହୁଅନ୍ତି ଓ ଏମାନଙ୍କ ଅଳ୍ପବେତନ କେବଳ ନିତ୍ୟାନି ଲବ୍ଧାହରେ ଖର୍ଚ୍ଚ ହୋଇଯାଉଥିବାରୁ ସହଜରେ ତହିଁରୁ ମୁକ୍ତ ପାଇ ପାରନ୍ତି ନାହିଁ । ଏସବୁ

ବିପଦ ଏକା ଅମଲାଙ୍କୁ ଘଟଇ ଅନ୍ୟ କାହାରିକୁ ଘଟଇ ନାହିଁ ଏମନ୍ତ ଅମ୍ଭେମାନେ କହୁ ନାହୁଁ । ବାସ୍ତବରେ ସମସ୍ତଙ୍କ ସକାଶେ ଏସବୁ ଅଛି ତେବେ କୃଷି ଓ ବାଣିଜ୍ୟରେ କେତେବେଳେ ଆୟ ଅଧିକ ଓ କେତେବେଳେ ଊଣା ହେଉଅଛି ଓ ସମାଜରେ ଏମାନଙ୍କର ବିଶେଷ ଆଦର ନାହିଁ ବୋଲି ବ୍ୟୟ ଊଣା ପଡ଼ଇ ସୁତରାଂ ଏପ୍ରକାର ବ୍ୟବସାୟିଙ୍କୁ ତାହା ବଡ଼ ବାଧଇ ନାହିଁ । କିନ୍ତୁ ଅମଲର ଆୟ ଊଣା ହୋଇପାରେ, ବଢ଼ିବାର ନୁହଇ ଓ ଏହାର ବ୍ୟୟ ଅନ୍ୟ ଶ୍ରେଣୀର ଲୋକଠାରୁ ଅଧିକ, ଏହି ହେତୁରୁ ଅମଲ ପ୍ରତି ଏସବୁ ବିପଦ ବିଶେଷ କଷ୍ଟକର ହୁଅଇ ।

କେହି୨ ଅମଲା ଏପରି ଅଛନ୍ତି ଯେ ଭୁଞ୍ଜା ଭନଭନା ଲରେ ବା ଅତିରିକ୍ତ ମାଦକଦ୍ରବ୍ୟସେବନ ଇତ୍ୟାଦି ମନପ୍ରବୃତ୍ତିରେ ଆପଣା ଅର୍ଜ୍ଜିତ ଧନ ସୁଦ୍ଧ ଉଡ଼ାଇ ଦେଇ ସାମାନ୍ୟ ଘରଖର୍ଚ୍ଚସକାଶେ ମଧ୍ୟ ଋଣ କରିବାକୁ ବାଧ୍ୟ ହୁଅନ୍ତି ଏପ୍ରକାର ଲୋକଙ୍କର ବାୟୁକୁ ଅମ୍ଭେମାନେ ସ୍ୱଜାତୀୟ ବାୟୁ ବୋଲି ବର୍ଣ୍ଣନା କଲୁଁ । ଏପ୍ରକାର ଅମଲମାନେ ଆପଣା ବାୟୁର ସୃଷ୍ଟିକର୍ତ୍ତା ଅଟେ ଅଟନ୍ତି ଓ ତାହାଙ୍କପାଇଁ କେହି ଦୁଃଖିତ ହେବେ ନାହିଁ । ମାତ୍ର ସୁଖର ବିଷୟ ଏହି ଯେ ଏପ୍ରକାର ଅମଲଙ୍କ ସଂଖ୍ୟା ଅଧିକ ନୁହଇ । ଫଳତଃ ଅମ୍ଭେମାନେ ଅନୁସନ୍ଧାନ କରି ଦେଖୁଅଛୁଁ ଯେ ଆକସ୍ମିକ ବା ସ୍ୱଜାତୀୟ ବାୟୁ ହେତୁରୁ ଋଣଗ୍ରସ୍ତ ହେବା ଅମଲଙ୍କ ସଂଖ୍ୟା ଅଳ୍ପ ଅଟଇ ଓ ଅନ୍ୟର ଦୃଷ୍ଟାନ୍ତଦ୍ୱାରା ଶିକ୍ଷା ପାଇ ଅମଲାମାନେ ଅଧିକ ପରିମାଣରେ ଏସବୁ ବାୟୁକୁ ଅନ୍ତ୍ୟାନ କରୁନାହାନ୍ତି । ଅମଲାମାନେ ଟିକେ ସାବଧାନ ହେଲେ ଅଚିରେ ଏଥିରୁ ମୁକ୍ତ ପାଇବାର ଭରସା ଅଛି । ଅଧିକାଂଶ ଅମଲା ସାମାଜିକ ବାୟୁରେ ପଡ଼ି ଋଣଗ୍ରସ୍ତ ହୁଅନ୍ତି ଓ ସେମାନଙ୍କର ଉଦ୍ଧାରର ଉପାୟ ମଧ୍ୟ ଅତ୍ୟନ୍ତ ଦେଖାଯାଏ । ଏ ପ୍ରସ୍ତାବ ଦୀର୍ଘ ହେବା ଭୟରେ ବର୍ତ୍ତମାନ ତହିଁରୁ କ୍ଷାନ୍ତ ହେଲୁଁ ଆଗାମୀ ପତ୍ରିକାରେ ଏସମ୍ବନ୍ଧରେ ଯାହା କର୍ତ୍ତବ୍ୟ ଅଛି ପ୍ରକାଶ କରିବୁଁ ।

## ଓଡ଼ିଶାର କାଲ ।

ବଙ୍ଗପ୍ରଦେଶରେ ଜଳ ସେଚନ ଓ ନୌକା ଗମନାଗମନ ନିମିତ୍ତ ଯେତେ କାଲମାନ ପ୍ରସ୍ତୁତ ହୋଇଅଛି ବା ହେଉଅଛି ତହିଁ ସମ୍ବନ୍ଧୀୟ ସନ ୧୮୭୪ । ୭୫ ସାଲର ବାର୍ଷିକ ବିଜ୍ଞାପନୀ ଚଳିତ ମାସ ତା ୮ ରିଖର ଇଣ୍ଡିଆ ଗଜେଟ ସଙ୍ଗେ ପ୍ରକାଶିତ ହୋଇଅଛି । ଅମ୍ଭେମାନେ ପାଠକଙ୍କ ଗୋଚରାର୍ଥେ ତଳଲିଖିତ ବିଷୟମାନ ଉଦ୍ଧୃତ କଲୁଁ । ଭରସା କରୁଅଛୁ ଏଥିରୁ କାଲ ସବୁର ସମ୍ପୂର୍ଣ୍ଣ ଅବସ୍ଥା ପ୍ରକାଶ ପାଇବ ।

ବଙ୍ଗପ୍ରଦେଶରେ ଯେତେ ସ୍ଥାନରେ କାଲ ପ୍ରସ୍ତୁତ ହୋଇଅଛି ତହିଁ ମଧ୍ୟରେ ଓଡ଼ିଶାକାଲ ପ୍ରଧାନ । ବେହାରପ୍ରଦେଶର ସୋନ କାଲ ଅଦ୍ୟାପି ଶେଷ ହୋଇ ନ ଥିବାରୁ ତହିଁର ଫଳାଫଳ ଜଣା ପଡ଼ୁ ନାହିଁ ସୁତରାଂ ଓଡ଼ିଆ କାଲର ବିବରଣମାନ ପ୍ରଥମେ ଓ ବାହୁଲ୍ୟରୂପେ ବର୍ଣ୍ଣିତ ହେଉଅଛି ।

ଓଡ଼ିଶାରେ ତଳଲିଖିତ କାଲମାନ ନିର୍ମାଣ ହୋଇଅଛି । ଯଥା;—

କେନ୍ଦ୍ରାପଡ଼ା କାଲ, ହାଇଲେବଲ କାଲ, ତାଲଦଣ୍ଡା କାଲ ଓ ମାଚ୍ଛଗାଁ କାଲ ଏ ସମସ୍ତ କାଲ ନିର୍ମାଣରେ ସନ ୧୮୭୪ । ୭୫ ଶେଷ ପର୍ଯ୍ୟନ୍ତ ମୋଟ ଟ ୧,୫୫,୧୯,୫୦୪ ୧ ଙ୍କା ଖର୍ଚ୍ଚ ପଡ଼ିଅଛି । ଏଥିରେ ମୂଳଧନର ସୁଧ ହିସାବ ହୋଇ ନାହିଁ । ମୋଟ ସୁଧର ପରିମାଣ ଟ ୨୧,୩୨,୪୭୨ ୧ ଙ୍କା ଅଟଇ । ମୂଳଧନ ସୁଦ୍ଧ ଅନ୍ୟ ସମସ୍ତ ବ୍ୟୟ ଅର୍ଥାତ୍ କାଲ ମରାମତି ଓ ମହଲୁମା ଇତ୍ୟାଦି ଖର୍ଚ୍ଚା ଏବଂ ସୁଧ ମଧ୍ୟରୁ କାଲଦ୍ୱାରା ଯାହା ପ୍ରାପ୍ତ ହୋଇଅଛି ତାହା ଛିଡ଼ା ଯାଇ ଗତ ବିଜ୍ଞାପନୀ ବର୍ଷ ଶେଷରେ ଟ ୧,୭୫,୯୯,୭୦୧ ଙ୍କା ନିଅଣ୍ଟ ହୋଇଅଛି ଏଥିମଧ୍ୟରୁ ଟ ୮,୯୨,୪୫୮ ଙ୍କା ଗତ ବର୍ଷ ବାବଦ ଓ ଅବଶିଷ୍ଟ ଟଙ୍କା ପୂର୍ବ ବର୍ଷମାନଙ୍କ ବାବତ ଅଟଇ ।

ଗତ ତିନିବର୍ଷରେ ଯେରୂପ ଆୟ ବ୍ୟୟ ହୋଇଅଛି ତହିଁର ତାଲିକା ନିମ୍ନେ ଲେଖାଗଲା

ଥ ସ୍ୱ

| | ଜଳକର | ନୌକା ମାସୁଲ | ବାଗେ | ମୋଟ |
|---|---|---|---|---|
| ସନ ୧୮୭୨।୭୩ | ଟ୧୨୧୦୭୨ | ଟ୧୦୦୪୪ | ଟ୭୫୦୮ | ଟ୧୩୬୬୨୩ |
| ୧୮୭୩।୭୪ | ଟ୧୨୭୪୨୨ | ଟ୧୮୫୬୭ | ଟ୭୮୪୭ | ଟ୧୫୩୮୩୬ |
| ୧୮୭୪।୭୫ | ଟ୨୦୩୮୨ | ଟ୨୧୯୪୨ | ଟ୬୬୬୯୧ | ଟ୧୫୮୪୮୫ |
| | ଟ୪୬୮୬୨ | ଟ୫୦୦୩୩ | ଟ୨୨୦୪୫ | ଟ୧୧୮୯୪୩ |

Split by PDF Splitter
Digitized by srujanika@gmail.com

| | ସନ ୧୮୭୨।୭୩ | ସନ ୧୮୭୩।୭୪ | ସନ ୧୮୭୪।୭୫ |
|---|---|---|---|
| ନାଲ ମରାମତି ଓ ରକ୍ଷା | ଟ ୧୬୩୮୮୪ | ଟ ୭୪୫୦୫ | ଟ ୧୧୭୫୪୬ |
| ମହକୁମା ବ୍ୟୟ | | | |
| ଉର୍ଦ୍ଧ୍ୱ ବ୍ୟୟ । ଇଞ୍ଜିନୀୟର ଓ ହିସାବ | ଟ ୨୭୪୫୨ | ଟ ୯୫୬୮ | ଟ ୨୦୧୦୦ |
| ଜଳକର ଆଦାୟ | ଟ ୪୧୩୮୨ | ଟ ୩୮୬୦୭ | ଟ ୩୫୦୧୬ |
| ନୌକା କର ଆଦାୟ | ଟ ୬୧୫୪ | ଟ ୫୮୨୮ | ଟ ୫୬୯୪ |
| ବାକେ | ଟ ୩୦ | ଟ ୬୮୩ | ଟ ୧୮୦୬୦ |
| | ଟ ୨୩୮୦୦୨ | ଟ ୧୨୯୧୯୧ | ଟ ୧୯୬୪୨୨ |

ଜଳ ସେଚନ ସମ୍ପର୍କୀୟ ହେସାବରୁ ଦେଖାଯାଏ ଯେ ଗତ ତିନ ବର୍ଷରେ ତିନି ଫସଲ ପାଇଁ ଜଳଲକ୍ଷିତରୂପେ କବୁଲିଅତ ହୋଇଥିଲ

| | ୧୮୭୨।୭୩ | ୧୮୭୩।୭୪ | ୧୮୭୪।୭୫ |
|---|---|---|---|
| ଖରଫ | ମା ୩୭୯୯ | ମା୯୨୦୪ | ମା୨୯୭୪୦ |
| ରବି | ମା ୯୪୨ | ମା୩୨୯୨ | ମା ୨୪୫୨ |
| ୧୨ମାସିଫସଲ | ମା ୨୩ | ମା ୨୭୭ | ମା ୨୭୭ |
| | ମା୪୭୫୩ | ମା୨୨୫୭୨ | ମା୨୨୪୫୯ |

ଜଳବୃଷ୍ଟିର ପରିମାଣ ୭୩ ଇଞ୍ଚ, ୪୦'୩୨ ଇଞ୍ଚ, ୮୦'୭୪ଇଞ୍ଚ

ନୌକା ଗମନାଗମନ ହେସାବରେ ଦେଖାଯାଏ ଯେ ଏ ବାବତରେ ଯେତେ ଟଙ୍କା ଆୟ ହୋଇଅଛି ତହିଁର ଅଧିକାଂଶ କେନ୍ଦ୍ରାପଡା ନାଲରୁ ଅଟଇ । ହାଇଲେବଲ ତାଳଦଣ୍ଡା ଓ ମାଛଗାଁ ନାଲମାନ କୌଣସି ବଡ଼ଯାତ ବା ବାଣିଜ୍ୟ ପ୍ରଧାନ ସ୍ଥାନ ସଙ୍ଗେ ଯୋଗ ହୋଇ ନ ଥିବାରୁ ଏ ସବୁ ନାଲରୁ ବହୁତ ଭଲ ଆମଦାନି ହେଉ ନାହିଁ । ପାଠକମାନଙ୍କ ଜାଣିବା କାରଣ ସନ ୧୮୭୪।୭୫ ମସିହାର ନୌକା କର ଏଠାରେ ଉଦ୍ଧୃତ କଲୁଁ ଯଥା—

| | | |
|---|---|---|
| ହାଇଲେବଲନାଲ | ମା ୩୭ ଇଲ | ଟ ୨୪୫୦ |
| କେନ୍ଦ୍ରାପଡା | ମା ୪୦ ଇଲ | ଟ ୧୮୨୫୨ |
| ତାଳଦଣ୍ଡା | ମା ୨୨ ଇଲ | ଟ ୭୦୭ |
| ମାଛଗାଁ | ମା ୬ ଇଲ | ଟ ୩ |
| | | ଟ ୨୧୪୧୨ |

ଉକ୍ତ ବର୍ଷ କେନ୍ଦ୍ରାପଡା ନାଲରେ ୪୮୨୨ ଖଣ୍ଡ ନୌକା ଯାତାୟାତ କରିଥିଲ ଓ ତହିଁରେ ଟ ୩୦,୦୮୯୭ ଟଙ୍କାର ଦ୍ରବ୍ୟ ଥିଲ ।

ବର୍ତ୍ତମାନ ବର୍ଷରେ ନ ୫୪ ମୂର ଜଳରେଖା ମୋକଦ୍ଦମା ହୋଇଥିଲ । ବର୍ଷା ବିଶେଷ ହେବାରୁ ଚେଷ୍ଟା କରିବାର ଅଧିକ ପ୍ରବୃତ୍ତି ହୋଇ ନ ଥିବାର ଜଣାଯାଏ । ଗଣ୍ଡ୧ଦସ୍ତା ଜମି ସଙ୍ଗେ ପଥ୍ୟା ନ ଦେଇ ଅନେକ ଲୋକ ଏକତ୍ରରେ ମିଶି ଅଧିକ ପରିମାଣ ଜଳ ସଙ୍ଗେ ଯହିଁରେ କବୁଲିଅତ୍ କରିବାକୁ ବାଧ ହେବେ ଏପରି ନିୟମ କଲେ ଜଳ ଚେଷ୍ଟା ପ୍ରାୟ ବନ୍ଦ ହୋଇଯିବ ।

ବର୍ତ୍ତମାନ ବର୍ଷରେ ନାଲ ସମ୍ପର୍କରେ ବହୁତ ନୂତନ ନିୟମ ହେବାର ଜଣାଯାଏ । କର ଅଦାୟର ବ୍ୟୟ ଲାଘବ କରିବା ସଙ୍ଗେ ରେବନ୍ୟୁ ସୁପରିଣ୍ଟେଣ୍ଡେଣ୍ଟଙ୍କ ପଦ ଉଠାଇ ଦେଇ ତାହାଙ୍କ ଭାର କଲେକ୍ଟରସାହେବଙ୍କୁ ଦେବାର ସ୍ଥିର ହୋଇଅଛି ଏବଂ ମହାଜନମାନଙ୍କଠାରୁ ନୌକାର ମାସୁଲ ଯଥା ସମୟରେ ଅଦାୟ କରିବାର ଆଜ୍ଞା ହୋଇଅଛି ।

ବଙ୍ଗଳାରେ ଯେତେ ନାଲଅଛି ତହିଁ ମଧ୍ୟରେ ମେଦନୀପୁର ଓ ଟାଇଡଲ ନାଲ ଅର୍ଥାତ୍ ଯାହା ଉଲବାଡିଆଠାରେ ଗଙ୍ଗା କୂଳରେ ମିଶି ଅଛି ଏ ଦୁହେଁ ଲାଭ କରୁଅଛନ୍ତି । ଟାଇଡଲ ନାଲରୁ ଜଳକର ଅଦାୟ ହୁଅଇ ନାହିଁ କେବଳ ନୌକାକର ଅଦାୟ ହୁଅଇ । ବର୍ତ୍ତମାନ ବର୍ଷରେ ଏ ନାଲରୁ ଟ ୬୪୮୯୦ ଟଙ୍କା ଅଦାୟ ହୋଇଥିଲ ତହିଁରୁ ନାଲର ମରାମତି ଓ କର୍ମ ଚଳାଇବା ଖର୍ଚ୍ଚ ଟ ୪୪୫୩୦ ଟଙ୍କା ଯାଇ ସୁଧ ଭରଣାକୁ ଟ ୧୮୩୬୦ ଟଙ୍କା ଦେଇ ଅଛି ଅର୍ଥାତ୍ ଏ ନାଲରେ ଯେତେ ବ୍ୟୟ ପଡିଅଛି ତହିଁ ଉପରେ ବାର୍ଷିକ ଶତକଡ଼ା ଏକ ଟଙ୍କା ଲେଖାଁଏ ସୁଧ ପ୍ରାପ୍ତି ହେଉଅଛି ସୁତରାଂ ଏ ନାଲର ଅବସ୍ଥାକୁ ସବୁଠାରୁ ଭଲ ବୋଲିବାକୁ ହେବ ।

ମେଦନୀପୁର ନାଲରେ ବର୍ତ୍ତମାନ ବର୍ଷରେ ଟ ୧,୬୨,୨୨୦ ଟଙ୍କା ଆୟ ଓ ଟ ୧୩୦,୪୫୦୮ ଟଙ୍କା ବ୍ୟୟ ହୋଇଥିଲ ସୁତରାଂ ଏ ନାଲରେ କେବଳ ଟ ୧୪୨୨୦ ଟଙ୍କା ବର୍ତ୍ତମାନ ବର୍ଷରେ ବୃଦ୍ଧି ପଡିଅଛି ଓ ଯେବେ କି ଏ ବର୍ଷରେ ଭଲ ବୃଷ୍ଟି ହୋଇ ନ ଥାନ୍ତା ଓ ତହିଁରେ କ୍ଷେତ ଓ ନାଲ ଅନେକ କ୍ଷତଗ୍ରସ୍ତ ହୋଇ ନ ଥାନ୍ତା ତେବେ ବହୁତ ବୃଦ୍ଧି ନ ପଡ଼ି ବରଂ ୩୦।୪୦ ହଜାର ଟଙ୍କା ଅଧିକା ମିଳିଥାନ୍ତା । ମେଦନୀପୁର ନାଲଟି ୪୮ ମାଇଲ ଅଟଇ ମାତ୍ର ଏ ନାଲରୁ ଓଡ଼ିଶା ଅପେକ୍ଷା ଅଧିକ ଜମି ସଙ୍ଗେ ଜଳ ଗୃହୀତ ହେଉଅଛି । ସନ୧୮୭୩।୭୪ ସାଲରେ ମା ୩୭୩୪୯ ଏ ଓ ସନ ୧୮୭୪।୭୫ ସାଲରେ ମା ୭୨୩୧୮ ଏ ଭୂମିରେ ଜଳଦିଆ ଯାଇ ଥିଲ । ଓଡ଼ିଶାରେ ଅବଧି ତହିଁର ଚତୁର୍ଥାଂଶ ଭୂମି ସଙ୍ଗେ ଜଳ ଦିଆଯାଇ ନାହିଁ ।

ବଙ୍ଗପ୍ରଦେଶର ସବୁନାଲର ମୋଟ ଫଳ ଏହି ଯେ ବର୍ତ୍ତମାନ ବର୍ଷରେ ଟ ୨୬୭୫୯୩ ଆୟ ଏବଂ ଟ ୩୬୨୩୯୦ ବ୍ୟୟ ପଡିଥିଲ ସୁତରାଂ ଟ ୧୪୩୮୦୦ ବୃଦ୍ଧି ପଡିଅଛି ଓ ନାଲ ଆରମ୍ଭଠାରୁ ଏପର୍ଯ୍ୟନ୍ତ ଟ ୭୧୭୮୨୦ ଟଙ୍କା ବୃଦ୍ଧି ପଡି ଅଛି ।

---

# ସାପ୍ତାହିକ ସଂବାଦ ।

ଅମ୍ଭେମାନେ ବାବୁ ଭୋଳନାଥ ଦାସଙ୍କକୃତ ପ୍ରାଣୀତତ୍ତ୍ୱ ପ୍ରଥମଭାଗ ପ୍ରାପ୍ତ ହେବାର କୃତଜ୍ଞତା ସହିତ ସ୍ୱୀକାର କରୁଅଛୁଁ । ପୁସ୍ତକ ଖଣ୍ଡିକ ଗ୍ରୀୟର୍ସନ ସାହେବଙ୍କୁ ଉତ୍ସର୍ଗିତ ହୋଇଅଛି ଓ ତାହାଙ୍କ ଯୋଗେ ଉକ୍ତ ବାବୁ ଏହି ପୁସ୍ତକ ପାଇଁ ଗବର୍ଣ୍ଣମେଣ୍ଟରୁ ପାରିତୋଷିକ ପାଇଅଛନ୍ତି ବାଲେଶ୍ୱର ଉତ୍କଳ ପ୍ରିଣ୍ଟିଂକମ୍ପାନିଙ୍କ ଯନ୍ତ୍ରାଳୟରେ ଏ ପୁସ୍ତକ ମୁଦ୍ରିତ ହୋଇଅଛି ।

ଚଳିତମାସ ତା ୨୯ ରିଖରେ ଅମ୍ଭମାନଙ୍କ କମିଶନର ସାହେବ ଏକ ଦରବାର କରି ବଦମାଲର ତହସିଲଦାରଙ୍କୁ ରାୟ ବାହାଦୁର ପଦ ଓ ଖିଲତ ପ୍ରଦାନ କରିବେ । ଏ ସଭା ରଚନା ହେବାର ଉଦ୍ୟମ ଲାଗି ଅଛି । ଗଡଜାତର ତହସିଲଦାର ଓ ଦେବାନ ସମସ୍ତଙ୍କୁ ଏ ସଭାକୁ ଆସିବା କାରଣ ଆମନ୍ତ୍ରଣ କଲେ ଭଲ ହୁଅନ୍ତା ।

ଅମ୍ଭେମାନେ ଶୁଣୁଅଛୁଁ ଯେ ଏ ପ୍ରଦେଶର ବାଉନାସ୍ତରୀ ମହକୁମାରେ ଅନେକ ଗୁଡ଼ାଏ ପରିବର୍ତ୍ତନ ହେବ । ବୈତରଣୀ ବିଭାଗ ଉଠି ଯାଉଅଛି । ଏକ୍ଜେକ୍ୟୁଟିଭ ଇଞ୍ଜିନୀୟର ମାକମିଲନ୍ ଓ ଫକନର ସାହେବମାନେ ବଦଳି ହେଉଅଛନ୍ତି । ଜଳସେଚନ ବିଭାଗର ବ୍ୟୟ ଊଣା କରିବା ଏ ସମସ୍ତ ପରିବର୍ତ୍ତନର ଉଦ୍ଦେଶ୍ୟ ଅଟଇ ।

ଏ ନଗରରେ କଲେଜ ସ୍ଥାପନ ହେବାରୁ ମେଡ଼ ଲବୃତ୍ତି ଆଉ କଲିକତାରେ ଦିଆ ନ ଯାଇ ଏହିବର୍ଷଠାରୁ ଏଠାରେ ଦିଆ ଯିବାର ନିଶ୍ଚୟ ହୋଇଅଛି ।

Split by PDF Splitter

Digitized by srujanika@gmail.com

ଶ୍ରୀଯୁକ୍ତ ଜଜସାହେବ ବାଲେଶ୍ୱରର ସୋଗ୍ରକର୍ମ ସାରି ଗତ ସପ୍ତାହ ଶୁକ୍ରବାର ଏ ନଗରକୁ ପ୍ରତ୍ୟାଗମନ କରି ଅଛନ୍ତି ।

ଗତମାସ ତା ୧୫ ରଖ ଶନିବାର ଅପରାହ୍ନ କାଳରେ ମହାମାନ୍ୟ ଲର୍ଡ ନର୍ଥବ୍ରୁକ୍ ସାହେବ କଲିକତାରୁ ବିଲାତକୁ ଯାତ୍ରା କଲେ । ଗବର୍ଣ୍ଣର ଜେନେରଲ୍ ଥିବା ସମୟରେ ତାହାଙ୍କର ଯେରୂପ ମର୍ଯ୍ୟାଦା ଥିଲା ସେହି ସବୁ ମର୍ଯ୍ୟାଦା ଯେତେକାଳ ସେ ଭାରତବର୍ଷରେ ଅବସ୍ଥିତ କରିବେ ତେତେକାଳ ପ୍ରଦର୍ଶିତ ହେବାର ଗବର୍ଣ୍ଣମେଣ୍ଟ ଘୋଷଣା ଦେଇ ଅଛନ୍ତି । ସୁତରାଂ ତାହାଙ୍କ ବିଦାୟ କାଳରେ ଯଥା ବିହିତ ସମାରୋହ ହୋଇଥିଲା । ଲର୍ଡ ନର୍ଥ ବ୍ରୁକ୍ ମାନ୍ଦ୍ରାଜ ସନ୍ଦର୍ଶନ କରି ଭାରତବର୍ଷରୁ ପ୍ରସ୍ଥାନ କରିବେ ।

ବିଲାତରୁ ଆସିଥିବା ଏକ ପତ୍ରରୁ ହିନ୍ଦୁପେଟ୍ରିଅଟ ଅବଗତ ହୋଇଅଛନ୍ତି କି ଶ୍ରୀମତୀ ମହାରାଣୀଙ୍କ ଦ୍ୱିତୀୟ ପୁତ୍ର ଡିଉକ ଅବ ଏଡିନବର୍ଗ ଏବଂ ତାହାଙ୍କ ସହଧର୍ମିଣୀ ରୁଷିୟାର ରାଜକୁମାରୀଙ୍କ ମଧ୍ୟରେ କୌଣସି ମନାନ୍ତର ଘଟିବାରୁ ଡିଉକ ଭାରତବର୍ଷ ସଂବାଦେ ସୁଲତାନ ନାମକ ଜାହାଜର ଅଧ୍ୟକ୍ଷ ହୋଇ ଭ୍ରମଣ କରିବାକୁ ବିଲାତରୁ ଯାତ୍ରା କରୁଅଛନ୍ତି ଏବଂ ତାହାଙ୍କ ଭାର୍ଯ୍ୟା ଇଂଲଣ୍ଡରୁ ରୁଷିୟାକୁ ଯାଉଅଛନ୍ତି କେତେକାଳ ସେଠାରେ ରହିବେ ନିଶ୍ଚୟ ନାହିଁ । କେହି କହୁଅଛନ୍ତି କି ଚିରକାଳ ସକାଶେ ଛାଡ଼ପତ୍ର ହେବ ମାତ୍ର ଏକଥା ନିଶ୍ଚୟ ବୋଲି ଜଣାଯାଇ ନାହିଁ । ଏକଥାମାନ ସତ୍ୟ ହେଲେ ବଡ ଦୁଃଖର ବିଷୟ ଅଟଇ ।

## ପ୍ରେରିତ ପତ୍ର ।

ଶ୍ରୀଯୁତ ଉତ୍କଳଦୀପିକା ସମ୍ପାଦକ ମହାଶୟ ସମୀପେଷୁ ।

ମହାଶୟ !

ବାଲେଶ୍ୱର ଅନ୍ତଃପାତି ନୀଲଗିରି ଓ ମୟୂରଭଞ୍ଜ ଅନ୍ତର୍ଭୂତ ଗୋଟିଏ ଗ୍ରାମରେ ଭୟାନକ ଦୁର୍ଘଟନା ହୋଇ ଯାଇଅଛି । ଗତ ଚଇତ୍ରମାସ ପଣାସଂକ୍ରାନ୍ତି ଦିନ ବେଳ ପ୍ରାୟ ତିନିଟା ସମୟରେ ଅକାଶ ଅକସ୍ମାତ୍ ମେଘୁଆ ହୋଇଥିଲା ଏମନ୍ତ ସମୟରେ ସେ ଗ୍ରାମର ନିକଟସ୍ଥ ପାହାଡରେ ହଠାତ୍ ଘୂର୍ଣ୍ଣିବାୟୁ ପ୍ରାୟ ଏକପ୍ରକାର ବାୟୁ ଅଗ୍ନି ସମ୍ମିଳିତ ହୋଇ ଉଠିଲା ଏବଂ ଆଉ ଗୋଟିଏ ପାହାଡ଼ ବ୍ୟବହିତମରେ ସେ ବାୟୁ ଦୁରନ୍ତ ହୋଇ ଭୟାନକ ବେଗରେ ସେ ଗ୍ରାମଦିଗକୁ ଅସି ଗ୍ରାମ ଭିତରେ ପଶି ଗ୍ରାମଟିର ସର୍ବନାଶ କରାଇଅଛି । ସେ ଗ୍ରାମଟିର ପ୍ରାୟ ଦୁଇକୋଶ ଆବୃତ୍ତ ହେବ ସେ ଦୁଇକୋଶ ମଧ୍ୟରେ ଆଉ ଜୀବିତ ପଦାର୍ଥ କିଛି ନାହିଁ; ଘର, ଗଛ, ଜୀବଜନ୍ତୁ ସମସ୍ତେ କେଉଁ ଅଡେ ଛାରଖାର ହୋଇ ଯାଇଅଛନ୍ତି ତହିଁର କିଛି ଠିକଣା ନାହିଁ । ବଣରେ ଥିବା ବଣୁଆ ହାତୀ ବାଘ ଭାଲୁ ଓ ସେ ଗ୍ରାମର ମନୁଷ୍ୟ ଅନାଜ ସ୍ତ୍ରୀ ପୁରୁଷ ଆବାଲ ବୃଦ୍ଧ ସମସ୍ତଙ୍କୁ ନେଇ ପାଞ୍ଚଶତ ହେବେ ଏମାନଙ୍କର ଚିହ୍ନମାତ୍ର ଚିହ୍ନ ମିଳିବାର ନାହିଁ । ଏକ ଯାଗାରେ କେବଳ ମାଂସ ଗୁଡିଏ ଗଦା ହୋଇଅଛି କେଉଁଠାରେ ଅବା କେବଳ ଅସ୍ଥି ଗୁଡିକ ଜମା ହୋଇଅଛି, କେଉଁ କେଉଁ ଜାଗାରେ ଅବା ପାଞ୍ଚ ସାତଗଣ୍ଡା ମୁଣ୍ଡ ଗଡାଗଡି ଯାଉଅଛି । ବଡ ବଡ ଗଛମାନଙ୍କର ଆଉ କିଛି ନାହିଁ । ସବୁ ପୋଡି ଯାଇ ଥୋଣ୍ଟାଦଣ୍ଡମାନ ଛିଡା ହୋଇଅଛି ଏମନ୍ତ କି ସେ ଗ୍ରାମରୁ ଗୋଟାଏ ମାଟି ତଳୁ ଉଠାଇ ନେଇ ଯାଇଅଛି; ଯେଉଁ ଜମିମାନ ଚଷସକାଶେ ହଳ ହୋଇଥିଲା, ସେଥିର ମାଟି ଯେ କେଉଁ ଅଡକୁ ଯାଇଅଛି ଆଉ ସେଥିରେ ଚଷ ହେବ କି ନା ସନ୍ଦେହ । ଗୋଟିଏ ସ୍ତ୍ରୀଲୋକ ବାଟରେ ଯାଉଥିଲା ହଠାତ୍ ତାହାର ଲୁଗା ଜଳି ଉଠିଲା ସେ ଲୁଗାକୁ ପକାଇ ଦେଇ ମହାଭୟରେ ଗୋଟିଏ ନିକଟସ୍ଥ ଗଛ ଗୁମ୍ଫ ଭିତରେ ପଶିଗଲା କେବଳ ତାହାର ଗୋଟିଏ ହାତ ବାହାରକୁ ଥିଲା ସେ ହାତଟି କେଉଁ ଅଡେ ଛିଡି ଚାଲିଗଲା, ସ୍ତ୍ରୀଲୋକଟି ଜୀବିତ ଅଛି । ସେ ପବନର ଉତ୍ପାତ୍ ବେଳେ ଭୟାନକ ଶବ୍ଦ ଓ ଗର୍ଜନ ହେଉଥିଲା, ଲୋକେ ଭୟରେ ପ୍ରଳୟ ଉପସ୍ଥିତ ହେବାର ନିଶ୍ଚୟ ଅନୁମାନ କଲେ; ସେ ବାୟୁରେ ଯେ ବାଟରେ ନିଶ୍ୱାସ ପକାଇଅଛି ତାହାର ତତ୍କ୍ଷଣାତ୍ ସେହିଠାରେ ପ୍ରାଣତ୍ୟାଗ ହୋଇଅଛି । ଭାଗ୍ୟରେ ଏବାୟୁ ବାଲେଶ୍ୱର ସହର ଆଡକୁ ଅସିଲା ନାହିଁ ହୋଇଥିଲେ ଯେ କି ଭୟାନକ ପ୍ରଳୟ ଉପସ୍ଥିତ ହୋଇଥାନ୍ତା ତାହା କଳ୍ପନାତୀତ । ଶୁଣିଅଛୁଁ ମରୁଭୂମିମାନଙ୍କରେ ଘୂର୍ଣ୍ଣିବାୟୁ ଉଠେ ଏବଂ ବାଲି ସବୁ ନେଇ ଏକ ଏକ ଯାଗାରେ ଉଚ୍ଚ ଗିରି ମନୁଷ୍ୟ ଭିତରେ ଗଦା କରିଦିଏ, ଏମନ୍ତ କେଉଁ କେଉଁ ସ୍ଥଳରେ ଘଟିଅଛି ଯେ ଅକସ୍ମାତ୍ ପବନ ଅସି କେତେଗୋଟି ପୁଷ୍କରିଣୀରୁ ଜଳ, ମାଛ, ପଙ୍କ ସହିତରେ କେଉଁ ଅଡେ ଉଠାଇ ନେଇ ଯାଇଅଛି ମାତ୍ର ଏରୂପ ଘଟନା କେବେ କେଉଁଠାରେ ଶୁଣା ନାହିଁ । ଏଥିର କାରଣ ନିର୍ଦ୍ଦିଷ୍ଟ ହୋଇ ପାରୁ ନାହିଁ; କେହି କେହି କହୁଅଛନ୍ତି ଯେ ପାହାଡରୁ ବାହାରିଲା ଅତଏବ ଜଙ୍ଗଲରେ ଲାଗିଥିବା ଅଗ୍ନି ସବୁ ତହିଁରେ ଉଡି ମିଶିଗଲା ଏବଂ ମେଘୁଆ ହେତୁରୁ ସେଥିରେ ବିଦ୍ୟୁତ୍ ମଧ୍ୟ ମିଶି ଥିଲା ଏହିରୂପେ ଅନୁମାନ କରୁଅଛନ୍ତି ଏରୂପ ଅନୁମାନ ନିତାନ୍ତ ଅସଙ୍ଗତ ନୁହେ, ଅଶା କରେ ଏ ଘଟଣାଟି ବଡ ବଡ କାଗଜମାନଙ୍କରେ ବାହାରିଲେ ବିଜ୍ଞାନଦର୍ଶୀ ଲପୋ ସାହେବଙ୍କ ପରି ଲୋକମାନେ ଏଥିର କାରଣ ବୁଝାଇ ଦେବେ ଓ ନିରୂପଣ କରିବେ । ଏଥିର ଆଉ ବୃତ୍ତାନ୍ତ ସବିଶେଷ ଜାଣିଲେ ପରେ ଜଣାଇବି ।

ଏରୂପ ଘଟନା କଟକରେ ଘଟିବାର ଅସମ୍ଭବ ନୁହେ କାରଣ ଗ୍ରୀଷ୍ମକାଳରେ ତାହାର ନିକଟସ୍ଥ ପାହାଡମାନଙ୍କରେ କେତେ ଭୟାନକ ନିଆଁ ଲାଗିଯାଏ ଓ ମଧ୍ୟ ତାହାର ଉଭୟ ପାର୍ଶ୍ୱରେ ଯେ ବଡ଼ ବଡ଼ ନଦୀ ପ୍ରବାହିତ ସେଥିରେ ଏରୂପ ଘଟିବାର ଅସମ୍ଭବ କଣ । ଇତି ।

ବାଲେଶ୍ୱର ୧୭।୪।୭୬ } ଅପଣଙ୍କର ଏକାନ୍ତ ବଶମ୍ବଦ ଶ୍ରୀ ମୁଦାମଚନ୍ଦ୍ର ନାୟକ

## ବିଜ୍ଞାପନ ।

ଷଷ୍ଠ ଶ୍ରେଣୀ ଉତ୍କଳ ଭାଷାବ୍ୟାକରଣ ଲେଖିଲେ ୫୦୦ଙ୍କା ପୁରସ୍କାର ଦିଆଯିବ । ସନ ୧୮୭୬ ଡିସେମ୍ବରମାସ ତା ୩୧ ରଖରେ କିମ୍ବା ତହିଁ ପୂର୍ବେ ପୁସ୍ତକ କମିଶନରସାହେବଙ୍କ ନିକଟରେ ଦାଖଲ ଦିଆଯିବ ।

ଯାହାର ପୁସ୍ତକ ସାହେବଙ୍କ ମନୋନୀତ ହେବ ତାକୁ ପୁରସ୍କାର ଦିଆଯିବ ।

ପୁସ୍ତକ ମଞ୍ଜୁର ହେଲାରୁ ଗ୍ରନ୍ଥକାର ଯେବେ ପୁସ୍ତକର ସ୍ୱତ୍ୱ ଏକାବେଳକେ ଗବର୍ଣ୍ଣମେଣ୍ଟଙ୍କୁ ଦିଅନ୍ତି ଅଥବା କମିଶନରସାହେବ ଯେଉଁ ସମୟ ନିର୍ଦ୍ଦିଷ୍ଟ କରନ୍ତି ସେହି ସମୟରେ ଛପାଇ ଯେତେ ମୂଲ୍ୟରେ ପୁସ୍ତକ ବିକ୍ରୀ କରିବାକୁ ସାହେବ ମନୋନୀତ କରନ୍ତି ସେ ମୂଲ୍ୟରେ ବିକ୍ରୀ କରିବାକୁ ସମ୍ମତ ହୁଅନ୍ତି ତାହା ହେଲେ ସେ ପୁରସ୍କାର ପାଇବେ । ପୁସ୍ତକ ସ୍ୱୟଂ ଛାପିଲେ କେତେ ମୂଲ୍ୟରେ ବିକ୍ରୀ କରିବେ ଏକଥା ମଧ୍ୟ ଲେଖି ପଠାଇବେ ।

କଟକ ୭।୪।୭୬ } (Sd.) N. K. DASS, *Joint Inspector of Schools Orissa.*

## ମୂଲ୍ୟପ୍ରାପ୍ତି ।

| | | | |
|---|---|---|---|
| ମୁନ୍ସୀ ସେଖ କାଦର | କଟକ | ବକାୟା | ୫୧॥୶ |
| ଶ୍ରୀ ସ୍ୱାମୀ ବକ୍ସ | କଲେକ୍ଟ | ବଡମ୍ବା | " ୫୮୯ |
| ଶ୍ରୀ ଚୌଧୁରୀ ରଘୁନାଥଦାସ କଟକ | | " | ୫୮୯ |

ଏହି ଉତ୍କଳଦୀପିକା ସହରକଟକ ଦରଘାବଜାର କଟକ ପ୍ରିଣ୍ଟିଂକମ୍ପାନିଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା ।

Split by PDF Splitter

Digitized by srujanika@gmail.com

Split by PDF Splitter

REGISTERED NO. 32



# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା

ଭାଗ ୧୨ } ତା ୨୮ ରିଖ ଅପ୍ରେଲ ସନ ୧୮୭୭ ମସିହା । ମୁ । ବୈଶାଖ ଦି ୧୯ ନ ସନ ୧୨୮୪ ସାଲ ଶନିବାର {
ସଂ ୧୮ ସଂଖ୍ୟା }

ଅଗ୍ରିମ ବାର୍ଷିକ ମୂଲ୍ୟ ୪୲
ବର୍ଷାନ୍ତେ ମୂଲ୍ୟ ଦେଲେ ବର୍ଷକୁ ୫୲
ମଫସଲ ପାଇଁ ଡାକମାସୁଲ ୪୲୵

ଗାଲକାମୂଡା ମୋକଦ୍ଦମାର ବୃତ୍ତାନ୍ତ ଏଥିପୂର୍ବେ ଆମ୍ଭେମାନେ ଲେଖିଥିଲୁଁ ତହିଁରେ ଆସାମୀ ଉପରେ ଏକବର୍ଷ କାରାବାସ ଓ ୫୦ ଟଙ୍କା ଅର୍ଥଦଣ୍ଡ ହୋଇଥିଲା ମାତ୍ର ଜଜ ସାହେବ ଅପିଲରେ କେବଳ ଦୁଇମାସ କାରାବାସ ଦଣ୍ଡ ଦେଇ ଆଉ ସମସ୍ତ ଦଣ୍ଡ ଛାଡ଼ି ଦେଲେ । ଜଜ ସାହେବଙ୍କ ବିବେଚନାରେ ଆସାମୀ ଉପରେ ଅପରାଧ ସାବ୍ୟସ୍ତ ହେଲା ମାତ୍ର ଫରିୟାଦି ପ୍ରଭୃତି ଯଥା ସମସ୍ତ କହି ନ ଥିବା ଓ ସାକ୍ଷୀମାନେ କିଛି ଅତିରିକ୍ତ ବର୍ଣ୍ଣନା କରିଥିବାର ଜଜସାହେବ ବିବେଚନା କଲେ ଓ ଆସାମୀ ଶତ୍ରୁଭାବରୁ ଉନ୍ମତ୍ତ କାମାସକ୍ତ ହୋଇ ଅଥବା ଅନ୍ୟ କି ଉଦ୍ଦେଶରେ ଉକ୍ତ ଅପରାଧ କଲା ତାହା ପ୍ରକାଶ ନ ହେବାରୁ ତାହାକୁ କଠିନ ଦଣ୍ଡର ପାତ୍ର ଜ୍ଞାନ କଲେ ନାହିଁ । ଆମ୍ଭେମାନେ ମଧ୍ୟ ଅନୁମାନ କରୁଁ କି ଜାତି ମହତର ଅନୁରୋଧରେ ଫରିୟାଦି ପ୍ରଭୃତି କଥା କହି ନ ଥିବେ ଓ ତହିଁପାଇଁ ତାହାର ମାମଲା ବିଗିଡ଼ି ଗଲା । ଜାତି କୁସଂସ୍କାର ହେତୁରୁ ଲୋକଙ୍କର କେତେ କଷ୍ଟ ହେଉଅଛି !

———

ମାନ୍ଦ୍ରାଜ ଏଥିନିୟମ୍ ନାମକ ସମ୍ବାଦପତ୍ରରୁ ଏଡୁକେସନ ଗେଜେଟ ଅବଗତ ହୋଇଅଛନ୍ତି ଯେ ଦକ୍ଷିଣ ଭାରତବର୍ଷରେ ଖଣ୍ଡିଏ ତାମ୍ରଶାସନ ଆବିଷ୍କୃତ ହୋଇଅଛି । ସେହି ତମ୍ବାପଟା ଖଣ୍ଡି ବ୍ରାହ୍ମଣ ବିଶେଷଙ୍କୁ ଭୂମିଦାନ ଘଟିତ ଅଟଇ । ମହୀସୂରର ଶିକ୍ଷାବିଭାଗର ଅଧ୍ୟକ୍ଷ ରାଇସ ସାହେବ ସେହି ଦାନପତ୍ର ଖଣ୍ଡି ପ୍ରାପ୍ତ ହୋଇଅଛନ୍ତି ସେଥିରୁ ଜନମେଜୟଙ୍କ ସର୍ପଯଜ୍ଞର କାଳ ନିର୍ଦ୍ଧାରିତ ହେଉଅଛି । ଶାସନ ଯେବେ ପ୍ରକୃତ ହୁଏ ( ଏବଂ ହେବାର ସମ୍ପୂର୍ଣ୍ଣ ସମ୍ଭବ ) ତାହା ହେଲେ ସେହି ସର୍ପଯଜ୍ଞ ଘଟନା ଖ୍ରୀଷ୍ଟଙ୍କ ଜନ୍ମର ୩ ହଜାର ବର୍ଷ ପୂର୍ବରେ ହୋଇଅଛି ମାନିବାକୁ ହେବ ଏବଂ ତାହା ହେଲେ ୟୁରୋପୀୟ ପଣ୍ଡିତଗଣକର୍ତ୍ତୃକ ମହାଭାରତର ଯେ ସମୟ ନିର୍ଦ୍ଦିଷ୍ଟ ହୋଇଅଛି ତଦପେକ୍ଷା ତାହା ଅନେକ ପୂର୍ବତନ ଅଟଇ ଏବଂ ଭାରତବର୍ଷର ସର୍ବପ୍ରଥମ ମହାକାବ୍ୟ ଯେ ରାମାୟଣ ତାହାକୁ ପ୍ରଚଳିତ ମତେ ନିର୍ଦ୍ଦିଷ୍ଟ ସୃଷ୍ଟିକାଳର ପୂର୍ବୋଦ୍ଭବ ସ୍ୱୀକାର କରିବାକୁ ହେବ ।

———

ମାନ୍ଦ୍ରାଜ ଗବର୍ଣ୍ଣମେଣ୍ଟ ଗବର୍ଣ୍ଣମେଣ୍ଟ ଇଣ୍ଡିଆକୁ ରିପୋର୍ଟ କରିଥିଲେ କି ତାଞ୍ଜୋର ଜିଲାର ଏକ ତାଲୁକରେ ୭ ଖଣ୍ଡ ଗ୍ରାମ ଦାତବ୍ୟକର୍ମ ସକାଶେ ନିଷ୍କରରୂପେ ବାହାଲ ହୋଇଥିଲା ମାତ୍ର ମାନେଜରର ଦୋଷ ନିମିତ୍ତ ଉକ୍ତ ସମ୍ପତ୍ତି ନିଲାମ ହୋଇ ଯିବାରୁ ତହିଁର କୌଣସି ଅଂଶ ଆଉ ଦାନକାର୍ଯ୍ୟ ନିର୍ବାହ ସକାଶେ ପ୍ରାପ୍ତ ହେଉ ନାହିଁ ଏଥିପାଇଁ ମାନ୍ଦ୍ରାଜ ଗବର୍ଣ୍ଣମେଣ୍ଟ ଏ ମୌଜାମାନଙ୍କୁ ଇନାମ ନିଷ୍କୃତିରୁ ଖାରଜ ଓ ସେ ସବୁକୁ ବାଜ୍ୟାପ୍ତ କରି ଏଥି ଉପରେ ପୂର୍ଣ୍ଣଜମା ଧାର୍ଯ୍ୟ କରିବାର ସିଦ୍ଧାନ୍ତ କରିଅଛନ୍ତି ମାତ୍ର ଏକଥର ଯେଉଁ ସମ୍ପତ୍ତି ସାଧାରଣ ଉପକାରପାଇଁ ଦାନ ହୋଇଥିଲା ତହିଁରୁ ସମ୍ପୂର୍ଣ୍ଣରୂପେ ସର୍ବସାଧାରଣ ବଞ୍ଚିତ ହେବେ ଏରୂପ ତାହାଙ୍କ ଇଚ୍ଛା ନ ହେବାରୁ ସେ ପ୍ରସ୍ତାବ କଲେ ଯେ ସମ୍ପୂର୍ଣ୍ଣ କର ଧାର୍ଯ୍ୟ ହେଲେ ଯେତେ ଆୟ ହେବ ଉକ୍ତ ସମସ୍ତ ଟଙ୍କା ତାଞ୍ଜୋରଜିଲାର ଶିକ୍ଷା ଉନ୍ନତି କାର୍ଯ୍ୟରେ ବ୍ୟୟ ହେବାର ବିଧାନ ହେବ । ଗବର୍ଣ୍ଣମେଣ୍ଟ ଇଣ୍ଡିଆ ଏଥିରେ କୌଣସି ଆଜ୍ଞା ନ ଦେଇ ଆପଣା ଅଧୀନସ୍ଥ ସମସ୍ତ ଗବର୍ଣ୍ଣର ଓ ପ୍ରଧାନ କମିଶନରଙ୍କୁ ଲେଖିଅଛନ୍ତି କି ଯାହା ଇଲାକାରେ ଏପ୍ରକାର ରୀତି ଥିବ ସେ ତହିଁର ତଦନ୍ତ କରି ରିପୋର୍ଟ ପଠାଇବେ । ଆମ୍ଭେମାନେ ଅନୁମାନ କରୁଁ ଯେ ବଙ୍ଗପ୍ରଦେଶରେ ସଦାବର୍ତ୍ତ ଭୂମି ନିଲାମ ହେବାର ପ୍ରଥା ନାହିଁ ମାତ୍ର ଅନେକ ଗୋପ୍ୟ ବିକ୍ରୀ ହୋଇଅଛି ଅତଏବ ଗବର୍ଣ୍ଣମେଣ୍ଟ ସମସ୍ତ ପ୍ରକାର ବିକ୍ରୟ ନିଷେଧ ଓ ବିକ୍ରୀ ହୋଇଥିବା ଭୂମି ଫେରି ନେବାର ଆଜ୍ଞା କଲେ ବଡ ଉତ୍ତମ ହେବ । ଏହି ସଦାବର୍ତ୍ତ ସମ୍ପର୍କରେ ଗୋଟିଏ ଆଇନ ହେବାର ପ୍ରସ୍ତାବ ଅନେକ ଦିନରୁ ଓଡିଶା ପ୍ରଦେଶରୁ ହୋଇଅଛି ମାତ୍ର ଅବଧି କିଛି ସ୍ଥିର ହୋଇ ନାହିଁ । ବୋଧ ହୁଅଇ ଗବର୍ଣ୍ଣମେଣ୍ଟ ଏଥର ସେପରି ଆଇନ କରିବାର ଆବଶ୍ୟକତା ଅନୁଭବ କରିବେ ।

———

ଯେତେବେଳେ ଲର୍ଡଲିଟନ ଗବର୍ଣ୍ଣରଜେନରଲ ପଦରେ ନିଯୁକ୍ତ ହେଲେ ସେତେବେଳେ

Digitized by srujanika@gmail.com

ଅନେକ ଲୋକଙ୍କର ଏପ୍ରକାର ବୋଧ ଜନ୍ମିଥିଲା କି ଲର୍ଡନର୍ଥବ୍ରୁକ୍ ଆମଦାନୀ ଲୁଗାର ଟାକ୍ସ ଉଠାଇ ନ ଦେବାରୁ ସେକ୍ରେଟେରୀ ଅବଷ୍ଟେଟ୍ ଏହାଙ୍କୁ ନିଯୁକ୍ତ କରି ଏହାଙ୍କଦ୍ୱାରା ମାଞ୍ଚେଷ୍ଟରର ବାଞ୍ଛା ପୂର୍ଣ୍ଣ କରି ନେବାର ଆଶା କରିଅଛନ୍ତି ଓ ଲର୍ଡଲିଟନ ଅବଶ୍ୟ ଉକ୍ତ କାର୍ଯ୍ୟଟି କରିବେ କିନ୍ତୁ କଲିକତାର ବଣିକସଭାର ଅଭିନନ୍ଦନପତ୍ରର ଉତ୍ତରରେ ଲର୍ଡଲିଟନ ସାହେବ ଯାହା କହିଅଛନ୍ତି ତହିଁରୁ ସ୍ପଷ୍ଟରୂପେ ଜଣାଯାଏ ଯେ ଲୋକଙ୍କର ଉପରଲିଖିତ ବୋଧଟି ସମ୍ପୂର୍ଣ୍ଣ ଭ୍ରମଯୁକ୍ତ ଥିଲା ଓ ଲର୍ଡଲିଟନଙ୍କଦ୍ୱାରା ଭାରତବର୍ଷର ଉକ୍ତ ପ୍ରକାର କୌଣସି ଅନିଷ୍ଟ ହେବ ନାହିଁ । ସେ ଅନ୍ୟାନ୍ୟ ବିଷୟ ମଧ୍ୟରେ କହିଅଛନ୍ତି କି "କୌଣସି ପ୍ରକାର ଟାକ୍ସ ଏ ଦେଶରେ ବୃଦ୍ଧି କରି କପାଲୁଗାର ମାସୁଲ ଊଣା କରିବା କିମ୍ବା ଏକାବେଳକେ ରହିତ କରିବା କଦାଚ ସେକ୍ରେଟେରୀ ଅବଷ୍ଟେଟଙ୍କର ମାନସ ନୁହଇ ଓ ସେ ଏପ୍ରକାର ପ୍ରସ୍ତାବ କେବେହେଁ କରି ନାହାନ୍ତି । ଉକ୍ତ ମହାଶୟ ଭାରତବର୍ଷର ହିତ ସକାଶେ ସର୍ବଦା ଯତ୍ନଶୀଳ ଏବଂ ଏହାର ମଙ୍ଗଳ ବାଞ୍ଛା କରିବା ଆପଣାର କର୍ତ୍ତବ୍ୟ ଜ୍ଞାନ କରନ୍ତି; ଆମ୍ଭେ ମଧ୍ୟ ଏହି ଅବସରରେ ସମସ୍ତଙ୍କୁ ଜଣାଉଅଛୁଁ ଯେ କେବଳ ଇଂରାଜ ପ୍ରଜାଙ୍କର କୌଣସି ପ୍ରକାର ଉପକାର ସକାଶେ ଭାରତବର୍ଷର ଲୋକଙ୍କ ଉପରେ ଟାକ୍ସ ବସାଇବାକୁ କୌଣସି ମତେ ଆମ୍ଭର ପ୍ରବୃତ୍ତି ଜନ୍ମିବ ନାହିଁ । ଏ ଦେଶର ସମକାଳ ଦ୍ରବ୍ୟର ଉନ୍ନତି ଦେଖିବାକୁ ଆମ୍ଭେ ମଧ୍ୟ ଆପଣମାନଙ୍କ ପରି ବାଞ୍ଛା ରଖୁଁ" ସେ ଆଉ ଏକସ୍ଥଳରେ କହିଅଛନ୍ତି କି 'ଯଥାର୍ଥ ବୁଝିଲେ ଭାରତବର୍ଷର ଓ ଇଂଲଣ୍ଡର ହିତ ବାସ୍ତବରେ ବିରୁଦ୍ଧ ପ୍ରକାରର ନୁହଇ ଏବଂ ବର୍ତ୍ତମାନର ଆୟ ବ୍ୟୟ ଅବସ୍ଥା ଦୃଷ୍ଟିରେ କୌଣସି ଆୟର ଉପାୟ ଊଣା ହୋଇ ନ ପାରେ' । ଲର୍ଡଲିଟନ ସାହେବଙ୍କର ଏ ସମସ୍ତ ସରଳଭାବର କଥା ବଡ଼ ଉତ୍ସାହଜନକ ଅଟଇ ଓ ଏଥିରୁ ସମ୍ୟକ୍ ରୂପେ ଭରସା ହେଉଅଛି ଯେ ଏହାଙ୍କ ଶାସନକାଳରେ ଭାରତବର୍ଷବାସିମାନେ ସୁଖରେ କାଳଯାପନ କରିବେ ।

---

## ରୋଡସେସ୍ ।

ସନ ୧୮୭୪।୭୫ ମସିହା ବାବଦ ଓଡିଶାର ଜିଲ୍ଲାର ରୋଡସେସ୍ ବାର୍ଷିକବିଜ୍ଞାପନୀ ଓ କମିଶ୍ନରଙ୍କ ମନ୍ତବ୍ୟ କଲିକତା ଗେଜେଟରେ ପ୍ରକାଶିତ ହୋଇଅଛି । ଆମ୍ଭେମାନେ କଲେକ୍ଟର ଓ କମିଶ୍ନର ସାହେବଙ୍କ ରିପୋର୍ଟରୁ ଉଲ୍ଲିଖିତ କଥାମାନ ସର୍ବସାଧାରଣଙ୍କ ଗୋଚରାର୍ଥେ ଏଠାରେ ପ୍ରକାଶ କରୁଅଛୁଁ ।

କଟକ—ଏ ଜିଲାର ମୋଟ ଆୟ ବ୍ୟୟ ଉଲ୍ଲିଖିତ ପ୍ରକାରର ଅଟଇ ଯଥା;—

ଆୟ

| | |
|---|---|
| ଗତବର୍ଷ ବାକି | ଟ ୨୩୦୦୬।୵୮ |
| ରୋଡସେସ୍ ଉସୁଲ | ଟ ୬୭୯୯୭୵୧୦ |
| ଘାଟମାସୁଲ | ଟ ୩୭୩୭।୵ |
| ଗବର୍ଣ୍ଣମେଣ୍ଟ ଦେବାରେ | ଟ ୫୦୦୦ |
| ବାଜେ | ଟ ୯୨୧।୵୧୧ |
| | ଟ ୭୦୬୭୧।୵୫ |

ବ୍ୟୟ

| | |
|---|---|
| ରୋଡସେସ୍ ତହସିଲଖର୍ଚ୍ଚା | ଟ ୪୦୮୯।୵୩ |
| ନୂଆକର୍ମ ନିର୍ମାଣ ହେବା | ଟ ୧୬୨୫୬୳୧୧ |
| ମରାମତି ଖର୍ଚ୍ଚା | ଟ ୨୫୫୬୬୮ |
| କର୍ମ କାବଲ ମକଲୁମା ଖର୍ଚ୍ଚା | ଟ ୪୬୦୭୵୨ |
| | ଟ ୫୧୮୨୧ |
| ତହବିଲ ବାକି | ଟ ୧୫୮୮୪୦।୵୫ |

ଏବର୍ଷ ମଧ୍ୟରେ ଯେଉଁ ନୂଆକର୍ମ ହୋଇଅଛି ଓ ତହିଁରେ ଯେଉଁ ବ୍ୟୟ ପଡିଅଛି ତାହା ତଳେ ଲେଖାଗଲା ଯଥା;—

| | |
|---|---|
| ଜୁଦକାଲୀସଡକ ପ୍ରଥମ ମା୧୫ଇଲ | ଟ ୬୧୩୭୲ |
| ବଡ଼ାଗପୁରଠାରୁ ଜଦପୁର ସଡ଼କ | ଟ ୧୪୯୦୲ |
| ସାହେବପୁରଠାରୁ ମାହାଙ୍ଗାସଡକ | ଟ ୧୨୨୦୲ |
| କେନ୍ଦ୍ରାପଡାଠାରୁ ମାରସାଘାଇଲୁସଡକ | ଟ ୮୦୦୲ |
| ଜୁଦକାଲୀସଡ଼କରେ ଗୋବର୍ଦ୍ଧନକାନ୍ଧରେ ପଥର ଓ କାଠରପୁଲ ନିର୍ମାଣ | ଟ ୩୫୫୩୲ |
| ସାନ ୨ ଗ୍ରାମବାଟମାନ | ଟ ୧୪୧୭୲ |
| ଜଉଳଅଗଞ୍ଜ କଚିଟ୍ | ଟ ୨୯୦୬ |
| ଖେଟବ୍ରାହ୍ମଣୀର ମୁହାଣ ଗଭୀର କରି ଖୋଲାଇବାରେ | ଟ ୪୫୪୲ |

ଉପରଲିଖିତ ହିସାବରେ ଆମ୍ଭେମାନେ ଦେଖୁଁ ଯେ ମହାନଦୀ ଓ କାଠଯୋଡି ନଦୀମାନଙ୍କର ଘାଟମାସୁଲ ଧରାଯାଇ ନାହିଁ । ଏ ଦୁଇ ନଦୀ ଘାଟମାନ ପୂର୍ବପ୍ରାୟ ଇଜାରା ଦିଆ ନ ଯାଇ ମାଜିଷ୍ଟ୍ରେଟ ସାହେବଙ୍କ ଖାସ ତହବିଲରେ ଅଛି ଓ ଏଥିରେ ହାନି କି ଲାଭ ହୋଇଅଛି ତାହା ଜାଣିବାକୁ ସମସ୍ତଙ୍କର ଇଚ୍ଛା କାରଣ ସାଧାରଣ ବିଶ୍ୱାସ ଏହି ଯେ ଇଜାରାଠାରୁ ଖାସ ତହସିଲରେ ଅଧିକ ଲାଭ ନାହିଁ । କଲେକ୍ଟର କିମ୍ବା କମିଶ୍ନର ସାହେବ ଏବିଷୟର କିଛି ଉଲ୍ଲେଖ ଆପଣା ରିପୋର୍ଟରେ କରିଥିଲେ ଭଲ ହୋଇଥାନ୍ତା ।

ଜଉଳଅଗଞ୍ଜ କଚିଟର ଅନେକ ସୁଖ୍ୟାତି କଲେକ୍ଟରସାହେବ ଲେଖି ଅଛନ୍ତି । ପାଠକମାନେ ଜାଣନ୍ତି ଯେ ସଡ଼କ ଓ ନାଳ ଦୁଇପାଶରେ ଗଛ ଲଗାଇବା ସକାଶେ ଏଠାରେ ଗଛ ପ୍ରସ୍ତୁତ ହୁଅଇ । କଲେକ୍ଟରସାହେବ ନାନାସ୍ଥାନରୁ ମୂଲ୍ୟବାନ୍ ଓ ସୁଦୃଶ୍ୟ ଗଛର ମଞ୍ଜିମାନ ଆଣାଇ ଏଠାରେ ତାକୁ ପକାଇ ଗଛ ପ୍ରସ୍ତୁତ କରୁ ଅଛନ୍ତି । ଏବର୍ଷକୁ ଯେଉଁ କଚିଟ୍ର ଆୟୁ କେବଳ ଦୁଇବର୍ଷ ହେଲା ମାତ୍ର ଏଥିମଧ୍ୟରେ ଏହା ଲାଭକର ହୋଇଅଛି । ବର୍ଷରେ ଟ୨୪୬୲ ର ଗଛ ବିକ୍ରୀଦ୍ୱାରା ଆମଦାନୀ ହୋଇଥିଲା ଏପର ଯାଜପୁର ବନ୍ଦର କଲିକା ଜେଲର ଡାକପାନ୍ଥଶାଳ ଇତ୍ୟାଦିରେ ଲଗାଇବା ସକାଶେ ପ୍ରାୟ ୫୫୦ ଗୁଛ ପ୍ରେରିତ ହୋଇଥିଲା । ଏ ବର୍ଷରେ ୪୦୦୦ ଗୁଛ ପ୍ରସ୍ତୁତ ହୋଇ ଅଛି ଓ ସର୍ବସୁଦ୍ଧା ପ୍ରାୟ ୬୦୦୦ ଗୁଛ ଲଗାଇବାର ଉପଯୁକ୍ତ ହୋଇଅଛି । ଏ ସବୁ ବିକ୍ରୟ ହୋଇ ଟଙ୍କା ଆସିଲେ କଚିଟ୍ଟି ଅବଶ୍ୟ ଲାଭକର ହେବ ମାତ୍ର ଏବର୍ଷର ବିକ୍ରୟ ଦେଖି ବଡ଼ ସାହସ ହେଉ ନାହିଁ ।

କଲେକ୍ଟରସାହେବ ଆପଣା ରିପୋର୍ଟରେ ଗ୍ଲାସନସାହେବ କାଉନ୍ସିମାତ୍ରର, ଦାଦାରବକ୍ସ ଓଭରସିଅର ଓ ଗଣେଶପ୍ରସାଦସିଂହ ହେଡ୍‌କ୍ଲାର୍କଙ୍କର ସୁଖ୍ୟାତି ଲେଖି ଅଛନ୍ତି । ମାତ୍ର ଗ୍ଲାସନସାହେବ ମଦ ପିଉଥିବା ହେତୁରୁ କର୍ମରୁ ବାହାରଯାଇ ଅଛନ୍ତି ।

ପୁରୀ—ଏ ଜିଲ୍ଲାର ଆୟ ବ୍ୟୟ ତଳଲିଖିତ ପ୍ରକାରର ଅଟଇ ।

ଆୟ ।

| | |
|---|---|
| ଗତବର୍ଷ ବାକି | ଟ ୧୬୩୨୪ ୵ |
| ରୋଡସେସ ଉସୁଲ | ଟ ୯୬୫୭ ୵୪ |
| ବାଜେ | ଟ ୨୩୯୫୵୨ |
| | ଟ ୨୬୩୨୧ ।୵ |

ବ୍ୟୟ ।

| | |
|---|---|
| ରୋଡ଼ସେସ ତହସିଲଖର୍ଚ୍ଚା | ଟ ୨୧୦୬୫ ୨ |
| ଫେରନ୍ତ | ଟ ୨୧୯ ୵୯ |
| ନୂତନକର୍ମ ନିର୍ମାଣ | ଟ ୬୩୬୩୳୮ |
| ମରାମତି | ଟ ୬୧୧୩।୵୪ |
| | ଟ ୧୪୮୦୨୳୧୧ |
| ତହବିଲବାକି | ଟ ୧୧୫୧୮ ୵୭ |

Split by PDF Splitter

Digitized by srujanika@gmail.com

ତଳଲିଖିତ ନୂତନକର୍ମମାନ ଏ ବର୍ଷ ନିର୍ମାଣ ହୋଇଅଛି ଯଥା ;—

| | |
|---|---|
| ଖୋରଧାଠାରୁ ପିପିଲି ପର୍ଯ୍ୟନ୍ତ ସଡ଼କ ଉତ୍ତମ ଓ ପୁଲବନ୍ଧ କରିବା | ଟ ୩୭୮୧ |
| ବାଲୁଗାଁଠାରୁ ବାଣପୁର ସଡ଼କ | ଟ ୨୧୩ |
| ସତ୍ୟବାଦ ପଥରପୁଲକୁ ଭଲକର ନିର୍ମାଣ କରିବା | ଟ ୩୩୨ |
| ବାଲିଅନ୍ତାଠାରୁ ଭୁବନେଶର ଦେଇ ସରଦେଇପୁରକୁ ସଡ଼କ | ଟ ୧୧୫୩୩୮ |

ଏ ଜିଲାରେ ତହବିଲବାକୀ ବିସ୍ତର ରହି ଯାଇଅଛି ଓ ତହିଁର ହେତୁ ଏହିରୂପ ବ୍ୟକ୍ତ ହୋଇଅଛି ଯେ ରୋଡସେସ୍ କମିଟୀ ଅଧୀନରେ ଉପଯୁକ୍ତ କର୍ମକାରକମାନେ ନ ଥିବାରୁ ସେରୂପ ଘଟିଅଛି । ଭବିଷ୍ୟତରେ ଏମନ୍ତ ହେବ ନାହିଁ । ଏ ଜିଲାର ବିଜ୍ଞାପନୀରୁ ଜଣାଯାଏ ଯେ ସତ୍ୟବାଦ ପୁଲ ଓ ସଡ଼କ ସକାଶେ ବାବୁ ହରେକୃଷ୍ଣ ଦାସ ଟ ୫୦୦୧ ଦାନ କରି ଅଛନ୍ତି ।

ବାଲେଶ୍ୱର—ଏ ଜିଲାର ଆୟ ବ୍ୟୟ ତଲଲିଖିତରୂପ ଅଟଇ ।

ଆୟ

| | |
|---|---|
| ଗତବର୍ଷ ବାକୀ | ଟ ୧୦୦୨ ।୵ ୧ |
| ରୋଡସେସ୍ ଉସୁଲ | ଟ ୧୨୦୮୨୫ ୭ |
| ଘାଟମାସୁଲ | ଟ ୭୭୩ ।୵ ୩ |
| ଗବର୍ଣ୍ଣମେଣ୍ଟଦେବାରେ | ଟ ୭୭୩୭ |
| ବାକେ | ଟ ୧୩୪୪ ୵୵୧୦ |
| | ଟ ୨୧୯୨୯ ୵ ୯ |

ବ୍ୟୟ

| | |
|---|---|
| ରୋଡସେସ୍ ତହସିଲ ଖର୍ଚ୍ଚା | ଟ ୨୭୬୭ ।୵ ୫ |
| ଫେରତ | ଟ ୩୪୦୫୫ ୪ |
| ନୂତନକର୍ମ ନିର୍ମାଣ | ଟ ୧୨୦୭ ୵ ୨ |
| ମରମତି ଖର୍ଚ୍ଚା | ଟ ୧୧୨୭୯ ୵ ୭ |
| କର୍ମବାବତ୍ ମହକୁମାଖର୍ଚ୍ଚା | ଟ ୨୭୮୨ ୵ ୭ |
| | ଟ ୨୧୨୪୧ ୫୵୧୧ |
| ତହବିଲ ବାକୀ | ଟ ୬୮୮ ।୵୧୦ |

ଏଜିଲାରେ କୌଣସି ନୂତନ କର୍ମ ନିର୍ମାଣ ହୋଇ ନାହିଁ । ଯାହା ନୂତନ କର୍ମବୋଲି ଖର୍ଚ୍ଚ ଲେଖା ଯାଇଅଛି ତାହା ଗତ ବର୍ଷର ବାକୀ ଟଙ୍କା ଏବର୍ଷରେ ପରିଶୋଧ ହୋଇଅଛି ।

କମିଶନର ସାହେବ ଏହି ମନ୍ତବ୍ୟ ପ୍ରକାଶ କରିଅଛନ୍ତି କି ସମସ୍ତ ଜିଲାରେ ଅନେକ ଅନେକ କର୍ମ ହେବାର ବାକୀ ଅଛି । କମିଟୀ ଏ କଥା ଜାଣି ସୁଦ୍ଧା ସୁବିଗ୍ନର ପୂର୍ବକ କରବୃଦ୍ଧି କରିବା ସ୍ଥଗିତ କରି ଅଛନ୍ତି । ସମ୍ଭବ ହୁଅଇ ଆଗାମୀ ବର୍ଷରେ ପୂର୍ବକର ଧାର୍ଯ୍ୟ କରିବେ ଓ ତହିଁରେ ଅଧିକ କର୍ମ କରିବାପାଇଁ ଟଙ୍କା ମିଳି ପାରିବ । ସେ ଆହୁରି କହି ଅଛନ୍ତି କି ଏ ଆଇନାନୁସାରେ ଉତ୍ତମରୂପେ କାର୍ଯ୍ୟ ହେଉଅଛି ଓ ସମସ୍ତ ଶ୍ରେଣୀର ଲୋକ ଏହାକୁ ଆପତ୍ତି ବିନା ଗ୍ରହଣ କରୁ ଅଛନ୍ତି । ଏହାଦ୍ୱାରା କେବଳ ବାଟ ଘାଟର ଉନ୍ନତି ହେଉ ଅଛି ଏମନ୍ତ ନୁହେ ମାତ୍ର ଜମିଦାରମାନେ ଆପଣା ଆୟକୁ ସ୍ପଷ୍ଟରୂପେ ଦେଖି ପାରୁଅଛନ୍ତି ଏବଂ ପ୍ରଜାମାନଙ୍କ ହସ୍ତସ୍ଥିତ ଓ ଖଜଣାର ସ୍ୱଦର କାଗଜ ରହିବାରୁ ତାହାଙ୍କର ଉପକାର ହେଉ ଅଛି ଏଥିରେ ପ୍ରଜା ଓ ଜମିଦାରଙ୍କର ସଦ୍ଭାବ ବଢ଼ୁ ଅଛି । ଏଥିକୁ ଆମ୍ଭେମାନେ ଏହି ପ୍ରଶ୍ନ କରୁଁ କି ଯେବେ ଏତେ ସରଳ କମିଶ୍ନର ସାହେବଙ୍କର ହୃଦ୍‌ବୋଧ ହୋଇଅଛି ତେବେ ପଟୁଆରି କାଗଜ ସକାଶେ ଏତେ ବ୍ୟସ୍ତ କାହିଁ କି ? ତହିଁରେ ଆଉ ଅଧିକ କି ଲାଭ ହେବ । ବାସ୍ତବରେ ପଟୁଆରି କାଗଜଦ୍ୱାରା କମିଶ୍ନରସାହେବ ଯାହା ଆଶା କରନ୍ତି ତାହା ପୂର୍ଣ୍ଣ କରିବା ରୋଡସେସ୍ କାଗଜର ଉଦ୍ଦେଶ୍ୟ ଜଣାଯାଏ ।

---

## ସାପ୍ତାହିକ ସଂବାଦ ।

ଅଦ୍ୟ ସକାଳ ଘ ୭ ଟା ସମୟରେ କଟକ କଲେଜରେ ବାର୍ଷିକ ପାରିତୋଷିକ ବିତରଣ ସଭା ହେବାର ଥିଲା । ବୋଧ ହୁଅଇ ସେ କାର୍ଯ୍ୟ ସୁଚାରୁରୂପେ ନିର୍ବାହ ହୋଇଥିବ । ଏ ପତ୍ରେ ଏଥିର ବିବରଣ ଲେଖାଯିବ ।

ଏ ବର୍ଷ ଗ୍ରୀଷ୍ମଋତୁ ଅତି ପ୍ରବଳ ହୋଇଅଛି । ବର୍ଷାସଙ୍ଗରେ ଦେଖା ନାହିଁ ଓ ଜଳାଭାବ କିଞ୍ଚିତ ପ୍ରବଳ ହୋଇଅଛି । ଏପରି ଜଳାଭାବ ବହୁ ନ ଥିଲେ ଲୋକଙ୍କର ଅତ୍ୟନ୍ତ କ୍ଲେଶ ହୋଇଥାନ୍ତା ।

ଆଗାମୀ ସୋମବାର ପ୍ରାତଃକାଳ ଘ ୭ ଟା ସମୟରେ ବାବୁ ଦୀନବନ୍ଧୁ ପଟ୍ଟନାୟକଙ୍କୁ ରାୟ ବାହାଦୁର ପଦ ଦେବା ପାଇଁ କମିଶନରସାହେବ ଆପଣା କଚେରୀରେ ଦରବାର କରିବେ ।

ଗତ ସୋମବାର କାଠଯୋଡ଼ି ନଦୀ ସେପାର ମୁକାମଶ୍ୱରରେ ଗ୍ରୀଷ୍ମକାଳରେ ଅଗ୍ନି ଲାଗି ଅନେକ ଗୁଡ଼ିଏ ଚାଳିଘର ପୋଡ଼ିଯାଇଅଛି ।

ଗଡ଼ଜାତର ଅସିଷ୍ଟାଣ୍ଟ ସୁପ୍ରିଣ୍ଟେଣ୍ଡେଣ୍ଟ ବାବୁ ହରେକୃଷ୍ଣ ଦାସଙ୍କ ବୟୋଧିକ ହେତୁରୁ ଗତ ମାର୍ଚ୍ଚ ଶେଷ ପର୍ଯ୍ୟନ୍ତ କର୍ମ କରିବାକୁ ଗବର୍ଣ୍ଣମେଣ୍ଟ ଅନୁମତି ଦେଇଥିଲେ ମାତ୍ର ତାହାଙ୍କ ପ୍ରାର୍ଥନା ମତେ ଆଉ ଗୋଟିଏ ବର୍ଷ କର୍ମରେ ରଖିବା ପାଇଁ ଶ୍ରୀଯୁକ୍ତ କମିଶନର ସାହେବ ଗବର୍ଣ୍ଣମେଣ୍ଟରେ ଅନୁରୋଧ କରିଅଛନ୍ତି । ବାବୁଙ୍କର ବୟସ ଅଧିକ ହେଲେହେଁ ତାହାଙ୍କ ଶରୀର ଟାଣଅଛି ଓ ଅନାୟାସରେ ଆହୁରି କେତେବର୍ଷ ସରକାରୀକର୍ମ ଉତ୍ତମରୂପେ କରିପାରନ୍ତି ।

ଚଳିତମାସ ତା ୧୭ ରିଖରେ ନୂତନ ଗବର୍ଣ୍ଣର ଜେନରଲଙ୍କର ପ୍ରଥମ ଲେଭି ସଭା ହୋଇଥିଲା । ଏଥର ଏ ସଭା ଗ୍ରୀଷ୍ମକାଳରେ ହୋଇ ଥିବାରୁ ଲୋକେ ନୂଆ ବିଧି ଦେଖି ମନରେ ବଡ଼ ସୁଖ ପାଉ ନ ଥିଲେ ମାତ୍ର ସଭାକୁ ଯାଇ ସମସ୍ତଙ୍କର ମନ ଆନନ୍ଦିତ ହେଲା । ପ୍ରାୟ ୧୩୦୦ ଦେଶୀୟ ବିଦେଶୀୟ ଭଦ୍ରଲୋକ ଉପସ୍ଥିତ ଥିଲେ ଓ ଲାଟସାହେବ ସମସ୍ତଙ୍କୁ ଆପଣା ସଦାଳାପ ଓ ସଦ୍‌ବ୍ୟବହାରରେ ସନ୍ତୁଷ୍ଟ କରି ଅଛନ୍ତି ।

୨୪ ପ୍ରଗନ୍ନାର ଡେପୁଟୀ ମାଜିଷ୍ଟ୍ରେଟ ବାବୁ ଈଶ୍ୱରଚନ୍ଦ୍ର ମିତ୍ର ବଙ୍ଗଳା ବ୍ୟବସ୍ଥାପକ ସଭାର ଜଣେ ସଭ୍ୟ ନିଯୁକ୍ତ ହୋଇଅଛନ୍ତି ।

ଶ୍ରୀଯୁତ ରବାର୍ଟ କେନେଡ ସାହେବ ପ୍ରକାଶ କରି ଅଛନ୍ତି କି ସର୍ପଦଂଶନ ଓ କୁକୁର କାମୁଡ଼ା ରୋଗରେ ଲୁଣ ବଡ଼ ଉପକାରୀ ଅଟଇ । ଲୁଣକୁ ଅଳ୍ପ ପାଣିରେ ବହଳିଆ କରି ତାହାକୁ କାମୁଡ଼ା ଘାରେ ଅନେକ ବେଳଯାଏ ଉତ୍ତମରୂପେ ଘସିବାକୁ ହେବ ଆମ୍ଭେମାନେ ଇଚ୍ଛା କରୁଁ ଯେ ଡାକ୍ତରମାନେ ଏଥିର ପରୀକ୍ଷା କରିବେ ।

ଏଡୁକେସନ ଗେଜେଟରୁ ଅବଗତ ହେଲୁଁ ଯେ ଯୁବରାଜଙ୍କର ତାଞ୍ଜୋର ଗମନର କଥା ଥିଲା କିନ୍ତୁ ଯାଇ ନାହାନ୍ତି । ତାଙ୍କର ଅଭ୍ୟର୍ଥନା ନିମନ୍ତେ ସେଠାରେ ଯେ ୫୦୧୮୮ ଟଙ୍କା ଚାନ୍ଦା ଉଠିଥିଲା ତାହା ସେହି ସ୍ଥାନରେ ଗୋଟିଏ ଚିକିତ୍ସାବିଦ୍ୟାଳୟ ସ୍ଥାପନାର୍ଥ ପ୍ରଦତ୍ତ ହୋଇଅଛି । ସେହି ଟଙ୍କାର ମାସିକ ଯେ ସୁଧ ହେବ ଗବର୍ଣ୍ଣମେଣ୍ଟ ତାହାର ସମପରିମାଣ ଅର୍ଥ ପ୍ରଦାନ କରିବେ । ତାହା ହେଲେ ଉଭୟ ଅର୍ଥରେ ବିଦ୍ୟାଳୟର କାର୍ଯ୍ୟ ଚଳିବ । ତାଞ୍ଜୋରବାସିମାନେ ଅଦ୍ଭୁତ ଟଙ୍କାର ବିଲକ୍ଷଣ ସଦ୍‌ବ୍ୟବହାର କଲେ ।

Split by PDF Splitter
Digitized by srujanika@gmail.com

Split by PDF Splitter

77



କଥିତ ହୁଅଇ ଯେ ସର୍ ଜର୍ଜ ଇଲିୟଟ ଗୋଟା-ଏ ପଥର କୋଇଲା ଖଣିରେ ସାମାନ୍ୟ ଟୋକା ପରି କାବଳା ଆରମ୍ଭ କରି ବର୍ତ୍ତମାନ ଅତୁଲ ଧନ ଓ ଉଚ୍ଚମର୍ଯ୍ୟାଦା ପ୍ରାପ୍ତ ହୋଇଅଛନ୍ତି । ମିସର ଦେଶର ଗୋଟାଏ ରେଲବାଟ କଟିବା ସକାଶେ ସେ ଦୁଇକୋଟୀ ଟଙ୍କା ଗଚ୍ଛିତ କରିଅ-ଛନ୍ତି । ଲକ୍ଷ୍ମୀ ବରଦାୟକ ହେଲେ ଏହିପରି ହୁଅଇ ।

ଯାପାନର ରାଜଧାନୀ ଯେଡୋ ନଗରରେ ଗୋଟିଏ ସମୁଦ୍ର ଯୁଦ୍ଧ ଶିକ୍ଷା, ଇନ୍‌ଫାଣ୍ଟ୍ରି ସ୍କୁଲ ଯୁଦ୍ଧ ଶିକ୍ଷା ଏବଂ ଗୋଟିଏ ଇଞ୍ଜିନିଅରି ଶିକ୍ଷା ନିମିତ୍ତ ସ୍କୁଲ ସ୍ଥାପିତ ହେବ । ଯାପାନର ଲୋକମାନେ ବିଲକ୍ଷଣ ଉନ୍ନତି କରୁଅଛନ୍ତି ।

ମାନ୍ଦ୍ରାଜର ବିଶ୍ୱବିଦ୍ୟାଳୟରେ ଏବର୍ଷ ଏକ-ଜଣ ଏମ, ଏ, ୮ ଜଣ ବି, ଏଲ, ଓ ୬୦ ଜଣ ବି, ଏ, ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଅଛନ୍ତି ।

ବାଳକଙ୍କ ପ୍ରତି ସୂର୍ଯ୍ୟ କିରଣର ବଳାବଳ ପରୀକ୍ଷା ନିମିତ୍ତ ଜଣେ ଡାକ୍ତର ଅନେକ ଶ୍ରମ କରୁଅଛନ୍ତି । ସେ ଏକ୨ ବର୍ଣ୍ଣର ଗୋଟିଏ ଲେ-ଖାଏ ଘର ପ୍ରସ୍ତୁତ କରି ସେହି ବର୍ଣ୍ଣମାନଙ୍କର ଜଳାକବାଟି ତହିଁରେ ଲଗାଇ ବାଳକମାନଙ୍କୁ ତହିଁରେ ରଖି ଦେଖୁଅଛନ୍ତି ଯେ ଗୋଟାଏ ବଡ ଦୁର୍ବଳ ବାଳକ ରକ୍ତବର୍ଣ୍ଣର ଘରେ ଛଅଘଣ୍ଟା ରହିଲା ଉତ୍ତାରୁ ଆନନ୍ଦ ହୋଇ କଥା କହିବାକୁ ଲାଗିଲା ଓ ଆଉ ଜଣେ ବାଳକ ଯେ କିଛି ଖାଉ ନ ଥିଲା ୨୪ ଘଣ୍ଟା ସେହି ବର୍ଣ୍ଣର ଗୋଟାଏ ଘରେ ରହିଲା ଉତ୍ତାରୁ ଖାଇବାକୁ ମାଗିଲା । ନୀଳବର୍ଣ୍ଣ ଘରେ ଗୋଟାଏ ବାଳକ କିଛିକାଳ ରହିଲା ଉତ୍ତାରୁ ବଡଶାନ୍ତ ସ୍ୱଭାବ ହୋଇଗଲା । ସବୁବର୍ଣ୍ଣଠାରୁ ବାଇଗଣି ବର୍ଣ୍ଣ ବାଳକଙ୍କ ପକ୍ଷରେ ବିଶେଷ ଉପକାରୀ ଅଟଇ ।

ଟେଲିଗ୍ରାଫରେ ଲେଖାଅଛି କି ଲର୍ଡନର୍ଥ-ବ୍ରୁକଙ୍କ ଭୂମିସମ୍ପତ୍ତି ୬୨୯୧ ମାଣ ଅଟଇ ଓ ଏଥିରୁ ଟ ୧,୧୦,୪୦୮ ଙ୍କା ଖଜଣା ଆଦାୟ ହୁଅଇ । ଖଜଣା ହାରାହାରି ମାଣ ଟ ୧।୮ ଙ୍କା ପଡିଲା ।

ସର ସାଲାରଜଙ୍ଗ ପରିଶେଷରେ ବିଲାତକୁ ଗଲେ । ଚଳିତମାସ ତା ୮ ରଖରେ ଏସିୟା ନାମକ ଜାହାଜରେ ବମ୍ବେଇଠାରୁ ଯାତ୍ରା କରି ଅଛନ୍ତି ।

ଏକ ସମ୍ବାଦପତ୍ରରେ ଲେଖାଅଛି ଯେ ଫୁଅ-ଲକୁଟାରୁ ପ୍ରସ୍ତୁତହେବା କାଗଜକୁ ତମ୍ବାଖାଣ୍ଡ ପାଣିରେ ବୁଡାଇଲେ ଠିକ ତମ୍ବାଖୁପତ୍ର ପରି ହୋଇଯାଏ ଓ ପିକା ବନାଇଲା ବେଳେ ତା-ହାକୁ ତମ୍ବାଖୁ ସଙ୍ଗରେ ମିଶାଇ ଦିଅନ୍ତି । ଏପରି ଅନେକ କାଗଜ ପିକାରେ ଖର୍ଚ୍ଚ ହୁଅଇ ଓ ଧୂଆଁପତ୍ରଠାରୁ ଏହାର ଗୁଣ ମନ୍ଦ ନ ଥିବାରୁ ଏପରି କୃତ୍ରିମ ପିକାରେ ପିକାଖିଆଳଙ୍କର ଅନିଷ୍ଟ ହୁଅଇ ନାହିଁ ।

ସର ଫ୍ରେଡରିକ ହେନ୍‌ସ ସାହେବ ଭାରତ ବର୍ଷର ସୈନ୍ୟାଧ୍ୟକ୍ଷ ପଦରେ ନିଯୁକ୍ତ ହୋଇ ଆସି କାର୍ଯ୍ୟଭାର ଗ୍ରହଣ କରି ଅଛନ୍ତି ।

ଚଳିତମାସ ତା ୬ ରଖରେ କଲିକତାର ଲୋ-କସଂଖ୍ୟା ହୋଇଥିଲା । ଠିକ ହେସାବ ଅଦ୍ୟାପି ପ୍ରସ୍ତୁତହୋଇ ନାହିଁ ଏକପ୍ରକାର ଜଣାଯାଇଅଛି ଯେ ଏନଗରର ଲୋକସଂଖ୍ୟା ୪,୨୨,୩୦୫ ଜଣ ଅଟଇ ।

ଚଳିତମାସ ତା ୨୪ ରଖରେ ଅମ୍ଭମାନଙ୍କ ଲେଫ୍‌ଟେନେଣ୍ଟ ଗବର୍ଣ୍ଣର ଦାର୍ଜିଲିଂକୁ ଯିବାର ସ୍ଥିର ହୋଇଥିଲା ।

ଅମ୍ଭେମାନେ ଅତ୍ୟନ୍ତ ଦୁଃଖର ସହିତ ଅବ-ଗତ ହେଲୁଁ ଯେ ପାଟିୟାଲାର ମହାରାଜା ଯଲ-ହିସେଜରେ ଚଳିତମାସ ତା ୧୪ ରଖରେ ସଂ-ସାର ଯାତ୍ରା ଶେଷ କଲେ । ମହାରାଜାଙ୍କର ବ-ୟସ ଅଧିକ ହୋଇ ନ ଥିଲା ଓ ଶିକ୍ଷାର ଉନ୍ନତି ବିଷୟରେ ତାଙ୍କର ବିଶେଷ ଯତ୍ନ ଥିଲା । ତାହାଙ୍କ ବଦାନ୍ୟତାର ଯଶ ଭାରତବର୍ଷରେ ଘୋଷିତ ହେଉଅଛି । ତାହାଙ୍କର ପାଞ୍ଚବର୍ଷ ବୟସର ପୁତ୍ର ଗଦିପ୍ରାପ୍ତ ହୋଇଅଛନ୍ତି ଏବଂ ନାବାଳଗି ସମୟ ଗତ ହେବା ପର୍ଯ୍ୟନ୍ତ ରାଜ୍ୟର କାର୍ଯ୍ୟ ନିର୍ବାହ ସକାଶେ ସରକାରଙ୍କ ଆଜ୍ଞାରେ କମିଟି ନିଯୁକ୍ତ ହେବ ।

ଯାପାନ ବାସିମାନେ ବଡ ଉନ୍ନତିକି ଲଭୁଅ-ଛନ୍ତି । ସମ୍ପ୍ରତି ବିଧାନ ହୋଇଅଛି ଯେ ସମ୍ବାଦ-ପତ୍ର ସମ୍ପାଦକମାନେ ତାଙ୍କ ରାଜ୍ୟ ମଧ୍ୟରେ ଯେଉଁଠାକୁ ଇଚ୍ଛା ସେଠାକୁ ଡାକରେ ପତ୍ର ପଠାଇବେ ଓ ତାହାଙ୍କ ଠାରୁ ଡାକମାସୁଲ କିଛି ନିଆଯିବ ନାହିଁ ।

ହିନ୍ଦୁପେଟ୍ରିଅଟ ଶୁଣିଅଛନ୍ତି ଯେ ମଧୁବନୀରେ ଅତ୍ୟନ୍ତ ଅନ୍ନକଷ୍ଟ ହୋଇଅଛି । କେତେଲୋକ ଅନାହାରରେ ମରିଯାଇ ଅଛନ୍ତି ଓ କେତେଲୋକ ଅତି କଷ୍ଟରେ ବଞ୍ଚି ଅଛନ୍ତି ପ୍ରାୟ ୧୦୦୦ ଲୋକ ପ୍ରତିଦିନ ସାହାଯ୍ୟ ଗ୍ରହଣ କରିଅଛନ୍ତି ଓ ଅ-ନୁମାନ ହୁଅଇ ଅଳ୍ପକାଳ ମଧ୍ୟରେ ଏହାଙ୍କ ସଂଖ୍ୟା ୧୦୦୦୦ ହେବ । ଶସ୍ୟ ଅମଦାନୀ ହୋଇ ସୁଲଭ ମୂଲ୍ୟରେ ବିକ୍ରୟ ହେଉଅଛି ମାତ୍ର ଫସଲ ନଷ୍ଟ ହେବାରୁ ପ୍ରଜାମାନଙ୍କ ହାତରେ କୌଡି ନାହିଁ ଯେ ସେମାନେ କିଣି ଖାଇବେ ।

ଗବର୍ଣ୍ଣମେଣ୍ଟ ବଙ୍ଗାଲ ବିଜ୍ଞାପନ ଦେଇଅଛନ୍ତି କି ଗତଜାନୁଆରି ଆରମ୍ଭଠାରୁ ସରକାରୀ ଦେଓ୍ୱାନୀ ମୋକଦ୍ଦମା ସଙ୍ଗରେ ବୋର୍ଡ ରେବନ୍ୟୁଙ୍କର କୌଣସି ଅଧିକାର ରହିବ ନାହିଁ । ଉକ୍ତ ତାରିଖରୁ ଲିଗଲ ରିମେମ୍ବ୍ରାନସର ସାକ୍ଷାତରୂପେ ଗବର୍ଣ୍ଣମେଣ୍ଟ ବଙ୍ଗାଳଙ୍କ ଅଧୀନରେ କର୍ମ କରିବେ ।

---

## NOTICE.

A reward of Rs. 75 is offered by Baboo Boikuntha nath Dey of Balasore for an elementary work on Chemistry in Oriya, on condition that:—

1. The size of the book be no bigger than that of Proffessor Huxley's Science Primer.
2. The subject be treated in an elementary and untechnical way.
3. The manuscripts be submitted to the undersigned for examination on or before 31st December 1876.

*Cuttack,*
*21st April, 1876.* } N. K. Das
*Joint Inspector of schools*
*Orissa.*

### ବିଜ୍ଞାପନ ।

ଖଣ୍ଡେ ସରଳ ରସାୟନିକ ବିଜ୍ଞାନ ଲେଖିବା ନିମନ୍ତେ ଶ୍ରୀଯୁକ୍ତ ବାବୁ ବୈକୁଣ୍ଠନାଥ ଦେ ଟ ୭୫ ଙ୍କା ପାରିତୋଷିକ ପ୍ରଦାନ କରିଅଛନ୍ତି ।

ସର୍ତ୍ତ ।

୧ । ପୁସ୍ତକର ଅବୟବ ଆଚାର୍ଯ୍ୟ ହକ୍‌ସଲି ସାହେବଙ୍କ " ବିଜ୍ଞାନ ଉପକ୍ରମଣିକା " ଠାରୁ ବଡ ହେବ ନାହିଁ ।

୨ । ବିଷୟମାନ ସରଳ ଓ ସୁବୋଧରୂପେ ବ୍ୟାଖ୍ୟା ହେବାର ଆବଶ୍ୟକ ।

୩ । ସନ ୧୮୭୬ ଡିସେମ୍ବର ମାସ ତା ୩୧ ରଖ ତମା ତହିଁ ପୂର୍ବରେ ପୁସ୍ତକ ଆମ୍ଭ ନିକଟରେ ପରୀକ୍ଷାକାରଣ ଦେବାକୁ ହେବ ।

କଟକ
୨୧।୪।୭୬ } N. K. Das
*Joint Inspector of Schools*
*Orissa.*

---

### ମୂଲ୍ୟପ୍ରାପ୍ତି ।

ଶ୍ରୀ ଶ୍ରୀ ରାଜା କଲେ ପାରିକୁଦ କିଲ୍ଲା ଟ ୭ ।/
ବାବୁ ଜନାର୍ଦ୍ଦନ ପଟ୍ଟନାୟକ ନିମାପଡା
ଅଗ୍ରିମ ଟ ୭ ।/
ଶ୍ରୀ ପୁରୁଷୋତ୍ତମ କର ସମ୍ବଲପୁର ,, ଟ ୭ ।/

---

ଏହି ଉତ୍କଳଦୀପିକା ସହରକଟକ ଦର-ଘାବଜାର କଟକ ପ୍ରିଣ୍ଟିଂକମ୍ପାନିର ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା ।

Digitized by srujanika@gmail.com

Split by PDF Splitter

REGISTERED NO. 32



# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା

ଭା ୧୧ଶ | ତା ୬ ରିଖ ମଇ ସନ ୧୮୭୬ ମସିହା । ମୂ । ବୈଶାଖ ବ ୨୬ ନ ସନ ୧୨୮୩ ସାଲ ଶନିବାର | ଅଗ୍ରିମ ବାର୍ଷିକ ମୂଲ୍ୟ ୪୲
ସଂ ୧୯ ସଂଖ୍ୟା | | ବର୍ଷାନ୍ତେ ମୂଲ୍ୟ ଦେଲେ ବର୍ଷକୁ ୫୲
| | ମଫସଲ ପାଇଁ ଡାକମାସୁଲ ୪୲୮/

ବିଲାତରୁ ତାରଡାକଯୋଗେ ସମ୍ବାଦ ଆସିଅଛି ଯେ ଗତମାସ ତା ୨୮ ରିଖରେ ଶ୍ରୀମତୀ ମହାରାଣୀ ଇମ୍ପେରେଟ୍ରିକ୍ସ ପଦ ଗ୍ରହଣ କରିବାର ଘୋଷଣା ପ୍ରଚାରିତ ହେଲା । ଘୋଷଣାପତ୍ରରେ ଲେଖାଅଛି ଯେ ଉକ୍ତ ଦିବସଠାରୁ ସୁଯୋଗାନୁସେ ସକଳ ସମୟ ଓ ସମସ୍ତ କାଗଜ ପତ୍ରରେ ଶ୍ରୀମତୀ ମହାରାଣୀଙ୍କର ଯେଉଁସବୁ ପଦ ଅଛି ତହିଁରେ ଏମ୍ପ୍ରେସ୍ ଅଫ୍ ଇଣ୍ଡିଆ ପଦଟି ଯୋଗ ହେବ । କେବଳ ଇଉନାଇଟେଡ ରାଜତ୍ୱ ମଧ୍ୟରେ ଯେସମସ୍ତ ଅଧିକାର ପତ୍ରାଦି ପ୍ରସ୍ତୁତ ହେବ ତହିଁରେ ଉକ୍ତ ପଦ ବ୍ୟବହାର ହେବ ନାହିଁ । ଲାଟିନଭାଷାରେ ଉକ୍ତ ପଦର ଅନୁବାଦ ହୋଇ ଘୋଷଣାପତ୍ରରେ ଲେଖାଅଛି ମାତ୍ର ଭାରତବର୍ଷ ସକାଶେ ସଂସ୍କୃତ ବା ଉର୍ଦ୍ଦୁ ଅନୁବାଦ ହୋଇଥିଲେ ଭଲ ହୋଇଆନ୍ତା ତାହା ନ ଥିବା ସ୍ଥଳେ ଆମ୍ଭେମାନେ ଅନୁମାନ କରୁଁ ଯେ 'ଇମ୍ପେରେଟ୍ରିକ୍ସ' ପଦ ହି ଯାହା ଏଠାରେ ପୂର୍ବରୁ ବ୍ୟବହାର ହେଉଅଛି ତାହା ସ୍ଥିର ହୋଇ ରହିବ ।

ଶ୍ରୀମତୀ ମହାରାଣୀ ନୂତନ ପଦ ଗ୍ରହଣ କରିବା ଭାରତବର୍ଷର ପରମ ସୌଭାଗ୍ୟ ଅଟଇ ଓ ଆମ୍ଭମାନଙ୍କର ଏହି ପ୍ରାର୍ଥନା ଯେ ସେ ଏହାକୁ ଦୀର୍ଘକାଳ ଭୋଗ କରନ୍ତୁ ।

---

ହିନ୍ଦୁପେଟ୍ରିଅଟରୁ ଅବଗତ ହେଲୁଁ ଯେ କଲିକତା ସଂସ୍କୃତ ବିଦ୍ୟାଳୟର ବାର୍ଷିକ ପାରିତୋଷିକ ଦାନ ସଭାରେ ମାନ୍ୟବର ଲେଫ୍ଟେନେଣ୍ଟ ଗବର୍ଣ୍ଣରସାହେବ ସଭାପତି ହୋଇ ଉକ୍ତ କାର୍ଯ୍ୟ ନିର୍ବାହ କରିଥିଲେ । ମାନ୍ୟବର ମହାଶୟ କଲେଜର ଅଧ୍ୟାପକ ଓ ଛାତ୍ରମାନଙ୍କୁ ସମ୍ବୋଧନ କରି ଏକ ବକ୍ତୃତା କରିଥିଲେ ତହିଁରେ ସଂସ୍କୃତ ଭାଷାର ଗୌରବ ଅତି ସୁନ୍ଦରରୂପେ ବର୍ଣ୍ଣନା କରି କହିଥିଲେ କି କୌଣସି ହିନ୍ଦୁ କି ଯେ ଆପଣା ପୂର୍ବପୁରୁଷଙ୍କର ଲିଖିତ ଭାଷାରେ ବ୍ୟୁତ୍ପତ୍ତି ଲାଭ କରି ନାହିଁ ତାହାର ଶିକ୍ଷା ସମ୍ପୂର୍ଣ୍ଣ ହୋଇଅଛି ଏମନ୍ତ ବୋଲି ଯାଇ ନ ପାରେ । ଭାରତବର୍ଷୀୟ ଛାତ୍ରମାନେ ସଂସ୍କୃତ ଶିକ୍ଷା କରିବାର ତିନୋଟି ହେତୁ ଅଛି ୧ମ—ସଂସ୍କୃତ ଭାଷାକୁ ଉତ୍ତମ ଶିକ୍ଷାର ଗୋଟିଏ ଅଙ୍ଗସ୍ୱରୂପ ଘେନିବାକୁ ହେବ । ୨ୟ—ଫାଷ୍ଟଆର୍ଟ ପରୀକ୍ଷାରେ ଗୋଟିଏ ପ୍ରାଚୀନ ଭାଷାର ପରୀକ୍ଷା ନିତାନ୍ତ ପ୍ରୟୋଜନ ହୋଇଅଛି । ୩ୟ—ନର୍ମାଲସ୍କୁଲ ଅଥବା ଭାଷା ବିଦ୍ୟାଳୟମାନଙ୍କରେ ଯେସମସ୍ତ ଛାତ୍ରମାନେ ଶିକ୍ଷକ ହେବା ଲାଗି ପ୍ରସ୍ତୁତ ହୁଅନ୍ତି ତାହାଙ୍କ ପକ୍ଷରେ ସଂସ୍କୃତ ଭାଷାର ଜ୍ଞାନ ଅତି ଆବଶ୍ୟକ ଅଟଇ । ଅତଏବ ସମସ୍ତଙ୍କୁ ଯତ୍ନପୂର୍ବକ ସଂସ୍କୃତ ଶିକ୍ଷା କରିବା ଉଚିତ ।

---

ପ୍ରେସିଡେନ୍ସି କଲେଜର ସିଭିଲଇଞ୍ଜିନିୟରିଂ ଶ୍ରେଣୀରୁ ଯେଉଁ ଛାତ୍ରମାନେ ପରୀକ୍ଷା ଦେଇ ବାହାରନ୍ତି ସେମାନଙ୍କୁ କାର୍ଯ୍ୟ କରିବାର ଶିକ୍ଷା ଦେବା ସକାଶେ ଗୋଟିଏ କାରଖାନାଘର ସ୍ଥାପନ ନିମିତ୍ତ ବଙ୍ଗଳା ଗବର୍ଣ୍ଣମେଣ୍ଟ ବିଚାର କରୁଥିଲେ ମାତ୍ର ଏଥି ପାଇଁ ବିସ୍ତର ବ୍ୟୟର ଆବଶ୍ୟକ ଥିବାରୁ ତହିଁର ଉପାୟ ଅବଲମ୍ବନ କରିବାରେ ଏତେଦିନ ବିଲମ୍ବ ହୋଇଗଲା । ଏଥକୁ ଦେଖାଗଲା ଯେ କଲିକତା ନଗରରେ କେତେଟା ବୃହତ୍ ଅଟ୍ଟାଳିକାର ଲୁହାର କର୍ମ ନିର୍ମାଣ ନିମନ୍ତେ ବାଣିଜ୍ୟମାସ୍ତ୍ରୀ ବିଭାଗସବୁରେ ଅନେକ ଗୁଡିଏ କ୍ଷୁଦ୍ର କାରଖାନାଘର ସ୍ଥାପିତ ହୋଇଅଛି ଓ ଏଥି ପାଇଁ ସମୟ୨ରେ କେତେଗୁଡିଏ କଳ ମଧ୍ୟ କ୍ରୟ ହୋଇଅଛି । ଏହିସବୁ କାରଖାନା ଘରମାନଙ୍କୁ ଏକତ୍ର କରି ଏକ ସ୍ଥାନରେ କଲିକତାର ହେଷ୍ଟିଂସ୍ ବଜାରରେ ସ୍ଥାପନ କରିବାର ବିଚାର ହୋଇଅଛି ଏବଂ ଏଥିସଙ୍ଗେ ଛାତ୍ରମାନଙ୍କୁ ଶିକ୍ଷା ଦେବା ପାଇଁ ବନ୍ଦୋବସ୍ତ ହୋଇଅଛି । ଶିକ୍ଷା ନିମିତ୍ତ ଅତି ସମସ୍ତ ପ୍ରୟୋଜନୀୟ କଳମାନ କ୍ରୟ ହୋଇଅଛି ଏବଂ ସେସମସ୍ତ କଳ ବସିବାର ଓ ଘର ପ୍ରସ୍ତୁତ କରିବାର କର୍ମମାନ ଲାଗିଅଛି । ଏ କାରଖାନାର ପ୍ରଧାନ ଉଦ୍ଦେଶ୍ୟ କଲେଜରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରଙ୍କୁ ଶିକ୍ଷା ଦେବା ଅଟଇ ମାତ୍ର ଉପଯୁକ୍ତ ଶିଳ୍ପକାରଙ୍କଠାରୁ ଅନ୍ୟାନ୍ୟ ଦେଶୀୟ ଛାତ୍ରମାନେ ମଧ୍ୟ ଏଠାରେ ବଢ଼େଇ ଓ କମାର ପ୍ରଭୃତିର କାର୍ଯ୍ୟ ଶିକ୍ଷା କରି ପାରିବେ । କାରଖାନା ଘରେ ଶିକ୍ଷା ଦେବାର ବନ୍ଦୋବସ୍ତ ସବୁ ସମ୍ପୂର୍ଣ୍ଣ ହେଲା ଉତ୍ତାରୁ କି ନିୟମରେ ଅପର ବ୍ୟକ୍ତିମାନଙ୍କୁ ଶିକ୍ଷା ଦିଆଯିବ ତାହା ଗବର୍ଣ୍ଣ-

Digitized by srujanika@gmail.com

Split by PDF Splitter



ମେଣ୍ଟ ଗଜେଟରେ ପ୍ରକାଶିତ ହେବ । ଦେଶୀୟ ଲୋକଙ୍କ ଶିକ୍ଷାର ଉନ୍ନତି ସକାଶେ ସର୍ ରିଚର୍ଡ ଟେମ୍ପଲଙ୍କର ଏସମସ୍ତ ଅନୁଷ୍ଠାନ ଦେଖି ଅମ୍ଭେମାନେ ତାହାଙ୍କୁ ଧନ୍ୟବାଦ ନ ଦେଇ କ୍ଷାନ୍ତ ରହି ନ ପାରୁଁ ବାସ୍ତବରେ ଏସବୁ ଉପାୟ କରିବାରୁ ଜଣାଯାଉଅଛି ଯେ ସେ ଆପଣା ଅଧୀନସ୍ଥ ପ୍ରଜାଙ୍କ ହିତ ନିମନ୍ତେ ଅତ୍ୟନ୍ତ ଚିନ୍ତାଶୀଳ ଅଟନ୍ତି ।

---

## ଦରବାର ।

ଗତ ସୋମବାର ସକାଳ ୯ଘଣ୍ଟା ସମୟରେ ବାବୁ ଦୀନବନ୍ଧୁ ପଟ୍ଟନାୟକଙ୍କୁ ରାୟବାହାଦୂରପଦ ଦେବା ନିମିତ୍ତ ଦରବାର ହୋଇଥିଲା ଓ ଏଥିର କାର୍ଯ୍ୟ ସୁଚାରୁରୂପେ ନିର୍ବାହ ହୋଇଅଛି । ଦରବାରର ସ୍ଥାନ କମିଶନରସାହେବଙ୍କ କଚେରି ହତାରେ ପ୍ରସ୍ତୁତ ହୋଇଥିଲା ଓ ଘର ପାଖଖଣ୍ଡ ସଉଟି ଟଣା ଯାଇଥିଲା ଓ ତାହା ବିଧିମତ ପତ୍ର ଓ ଫୁଲରେ ସୁସଜ୍ଜିତ ହୋଇଥିଲା । ଏନଗରର ସମସ୍ତ ଉଚ୍ଚକାରି ଇଂରାଜକର୍ମଚାରୀ ଓ ପାଦ୍ରି ଓ ମହାଜନ ପ୍ରଭୃତି ଓ ଦେଶୀୟ ଅଟନ୍ତି ହାକିମ ଜମିଦାର ଓ ପ୍ରଧାନ ଅମଲାମାନେ ଆମନ୍ତ୍ରିତ ହୋଇଥିଲେ ଓ ଅନଗୁଳ ଓ ଖାଜିର ତହସିଲଦାରମାନେ ମଧ୍ୟ ନିମନ୍ତ୍ରିତ ହୋଇ ଆସିଥିଲେ । ଏମାନଙ୍କ ବସିବାର ସ୍ଥାନ ପଙ୍କ୍ତିରୁ ନିର୍ଦ୍ଦିଷ୍ଟ ହୋଇ କମିଶ୍ନରୀ ଓ ସୁପ୍ରିଣ୍ଟେଣ୍ଡି ସିରଦାରମାନେ ସମସ୍ତଙ୍କୁ ଆଦର କରି ଆଣି ବସାଇବାରେ କୌଣସିପ୍ରକାର ଗୋଳମାଳ ହେବା କାହାର ମନୋବ୍ୟଥା ହୋଇ ନାହିଁ । ନିରୂପିତ ସମୟରେ କମିଶ୍ନରସାହେବ ଆପଣା ସହଧର୍ମିଣୀସହିତ ଦରବାର ଘର ସମ୍ମୁଖରେ ଉପସ୍ଥିତ ହୁଅନ୍ତେ ପଲଟନର ସିପାହିମାନେ ସଲାମି ଦେଲେ ବାଦ୍ୟ ବାଜିଲା ଏବଂ କେତେ ଜଣ ପ୍ରଧାନ ସାହେବ ତାହାଙ୍କ ନିକଟକୁ ଉଠିଯାଇ ତାହାଙ୍କୁ ସମ୍ମାନ କରି ଘେନି ଆସିଲେ । ସାହେବଙ୍କର ନୂତନ ଶରଦର୍ ପୋଷାକ ଏବଂ ଲାଲ୍ ଫଉତ ଦେଖି ଦର୍ଶକମାନଙ୍କର ବଡ ଆନନ୍ଦଲାଭ ହୋଇଥିଲା ଓ ତଦ୍ଦ୍ୱାରା ସଭାର ଗୌରବ ଅଧିକ ହେଲା । ସାହେବ ଆସନ ଗ୍ରହଣ କଲାଉତ୍ତାରୁ ବାବୁ ଦୀନବନ୍ଧୁ ପଟ୍ଟନାୟକ ନୂତନ ଖିଲତ ପିନ୍ଧି ସଭାରେ ପ୍ରବେଶ ହେଲେ ଓ ବାବୁ ହରେକୃଷ୍ଣ ଦାସ ଆସିଷ୍ଟାଣ୍ଟ କମିଶ୍ନର ଏହାଙ୍କୁ ସମ୍ମାନ ସହିତ ସାହେବଙ୍କ ସମ୍ମୁଖରେ ଭେଟିଲେ । ଏହାଙ୍କ ସଙ୍ଗେ ଆସିଥିବା ଜମିଦାରମାନେ ଏକପାଖରେ ଛିଡା ହେଲେ । ଜମିଦାରଙ୍କ ଲୁଗାପିନ୍ଧା ଓ ମୁଣ୍ଡରେ ଫୁଲ ଗୁଞ୍ଜିବା ଦେଖି ଦର୍ଶକମଣ୍ଡଳୀର ବଡ କୌତୁକ ଜାତ ହୋଇଥିଲା ଓ ସଭା ଦେଖି ଏମାନଙ୍କର ମଧ୍ୟ ବଡ କୌତୁକ ଜନ୍ମିଥିବ ସନ୍ଦେହ ନାହିଁ । ସାହେବ ସ୍ୱହସ୍ତରେ ମୁକ୍ତାହାର ଓ ଶାଳ ବାବୁ ପଟ୍ଟନାୟକଙ୍କୁ ପିନ୍ଧାଇ ଦେଇ ସନନ୍ଦ ପାଠକଲେ ଓ ତହିଁସଙ୍ଗେ ଗୋଟିଏ ବକ୍ତୃତାଦ୍ୱାରା ପଟ୍ଟନାୟକଙ୍କର ମହତ୍ତ୍ୱକାର୍ଯ୍ୟ ସବୁର ପରିଚୟ ସଭାସ୍ଥ ବ୍ୟକ୍ତିମାନଙ୍କୁ ଦେଲେ । ଓଡିଆଭାଷାରେ ତହିଁର ଅନୁବାଦ ମଧ୍ୟ ପଠିତ ହେଲା । ଏହା ସରିଲା ଉତ୍ତାରୁ ପଟ୍ଟନାୟକଙ୍କୁ ସାହେବ ଆପଣା ନିକଟରେ ବସାଇ ପାନ ଓ ଅତର ଦେଇ ତାହାଙ୍କ ସହିତ ମଧୁରାଳାପ କଲେ ଓ ତହିଁଉତ୍ତାରୁ ଦେଶୀୟ ସଭ୍ୟମାନଙ୍କୁ ଗୋଟି୨ କରି ଆପଣା ନିକଟକୁ ଡାକି ସ୍ୱହସ୍ତରେ ସମସ୍ତଙ୍କୁ ପାନ ବାଣ୍ଟିଦେଇ ସାହେବ ସଭାଭଙ୍ଗ କଲେ । ଦରବାରର ନାମ ଶୁଣି ମାତ୍ର କେବଳ ଚୁପଚାପ ବସି କେତେଗୁଡିଏ ଅଙ୍ଗଭଙ୍ଗି ଦେଖିବାକୁ ହୁଅଇ ମାତ୍ର ପଲଟନର ବାଦ୍ୟକାରମାନେ ଉପସ୍ଥିତ ଥିବାରୁ ଇଂରାଜୀ ବାଦ୍ୟଦ୍ୱାରା ଏକାଳରେ ସମସ୍ତଙ୍କ ଚିତ୍ତ ପ୍ରଫୁଲ୍ଲ କରୁଥିଲେ ଏବଂ ଉଚିତ ସମୟରେ ସଭା ଶେଷ ହେଲାରୁ ଅଧିକକାଳ ବସିବାଦ୍ୱାରା କଷ୍ଟ ପାଇବାକୁ ହୋଇ ନ ଥିଲା । ଫଳତଃ ଏ ଦରବାରଟି ଯଥାଯୋଗ୍ୟ ସୁନ୍ଦରରୂପେ ସମ୍ପୂର୍ଣ୍ଣ ହେଲା ।

ବାବୁ ଦୀନବନ୍ଧୁ ପଟ୍ଟନାୟକ ଯନ୍ନିମିତ୍ତ ରାୟବାହାଦୂରପଦ ପାଇଲେ ତାହା କମିଶ୍ନରସାହେବଙ୍କ ବକ୍ତୃତାରେ ବାହୁଲ୍ୟରୂପେ ବର୍ଣ୍ଣିତ ଅଛି ଓ ଅମ୍ଭେମାନେ ଆଗମିରେ ତାହା ପ୍ରକାଶ କରିବୁଁ ସୁତରାଂ ଅମ୍ଭମାନଙ୍କର ଅଧିକ କହିବାର ନାହିଁ । କେବଳ ଏତିକି କହିପାରୁଁ ଯେ ସେ ଏମର୍ଯ୍ୟାଦାର ଯୋଗ୍ୟପାତ୍ର ଅଟନ୍ତି ।

---

## ଗୋଟିଏ ସାମାଜିକ ଉନ୍ନତି ।

ଅନେକ ଲୋକଙ୍କର ଏପ୍ରକାର ବିଶ୍ୱାସ ଅଛି ଯେ ଅଦ୍ୟାପି ଉତ୍କଳରଅବସ୍ଥା ଏମନ୍ତ ହୋଇନାହିଁ ଯେ ଏଠାରେ କୌଣସି ସାମାଜିକ ପରିବର୍ତ୍ତନର ଚେଷ୍ଟା କଲେ ତହିଁରେ କୃତକାର୍ଯ୍ୟତା ଲାଭ ହେବ । ମାତ୍ର ଗତସପ୍ତାହରେ ଯେଉଁ ଘଟନାଟି ଅମ୍ଭେମାନେ ପ୍ରତ୍ୟକ୍ଷ କଲୁଁ ତହିଁରେ ଅମ୍ଭମାନଙ୍କର ଦୃଢବୋଧ ହେଲା ଯେ ଉକ୍ତ ବିଶ୍ୱାସ ଭ୍ରମାତ୍ମକ ଅଟଇ । ଏଠା ଭଦ୍ରଶ୍ରେଣୀର ଲୋକଙ୍କର ଅବସ୍ଥା ପୂର୍ବଠାରୁ ଅନେକ ଉନ୍ନତ ନ ହେଲେହେଁ ଏପର୍ଯ୍ୟନ୍ତ ହୋଇଅଛି ଯେ ତହିଁରେ ସମାଜ ସଂସ୍କାରକମାନେ ହିତାନୁଷ୍ଠାନର ଯତ୍ନ କଲେ ତାହାଙ୍କର ଶ୍ରମ ବ୍ୟର୍ଥ ହେବ ନାହିଁ । ଘଟନାଟି ପ୍ରକୃତରେ ସାମାନ୍ୟ ହେଲେହେଁ ଏହିତ ନିଷ୍ପନ୍ନ ହେବାପାଇଁ ଯୁଗକରୁ ଅଧିକ କାଳ ଲାଗିଅଛି ଓ ଏହେବେଳେ ଯେଉଁପ୍ରକାରରେ ତାହା ସମ୍ପୂର୍ଣ୍ଣ ହେଲା ତହିଁରୁ ସ୍ପଷ୍ଟ ଜଣାଯାଉଅଛି ଯେ ଏଠାରେ ଐକ୍ୟତା ଅଙ୍କୁରିତ ହେଲାଣି । କେବଳ ସୁଦକ୍ଷ କୃଷକର ଅଭାବରୁ ତାହା ବର୍ଦ୍ଧିତ ହୋଇ ପାରୁନାହିଁ । ଘଟନାଟି ଏହି ଯେ ଓଡିଶା ଓ ବଙ୍ଗଳାର କାୟସ୍ଥ ଅଥବା କରଣମାନେ ପ୍ରକୃତରେ ହିନ୍ଦୁଜାତି ମଧ୍ୟରେ ଏକଶ୍ରେଣୀରଲୋକ ହେଲେହେଁ ଅତି ଦୀର୍ଘକାଳ ଏକତ୍ରରେ ବାସ କରି ପରସ୍ପରରେ ଆହାର ବ୍ୟବହାର ବିଷୟରେ ଅନେକ ଅନ୍ତର ରଖୁଥିଲେ । ବହୁକାଳ ପୂର୍ବେ କେହି କାହାର ଘରେ ଘୃତପକ୍ୱ ପୁରୀ ଓ ମିଷ୍ଟାନ୍ନ ଭୋଜନ କରିବାକୁ ଜାତି ଯିବାଭୟରେ ମନେ କରୁଥିଲେ । କେତେକାଳ ଉତ୍ତାରୁ ପୁରୀ ଓ ମିଷ୍ଟାନ୍ନ ଇତ୍ୟାଦି ଭୋଜନ କରିବାର ନିୟମ ପ୍ରଚଳିତ ହେଲା ମାତ୍ର ଉତ୍କଳବ୍ରାହ୍ମଣ ପାକ କରିଥିବା ଲବଣ ଯୁକ୍ତ ବ୍ୟଞ୍ଜନ ପୁରୀ ସଙ୍ଗରେ ଖାଇବାକୁ କରଣମାନେ ଭାରି ଆପତ୍ତି କରିବାରୁ ତାହା ଅଦ୍ୟାପି ପ୍ରଚଳିତ ହୋଇ ନ ଥିଲା । ସେସବୁ ବ୍ୟଞ୍ଜନ ଯେ ଅନ୍ନପରି ଅଶୁଦ୍ଧ ନୁହଇ ଓ ତାହା ଅନାୟାସରେ କାୟସ୍ଥ ଓ କରଣଙ୍କ ମଧ୍ୟରେ ଚଳିପାରେ ଏଥିରେ କୌଣସି ଶାସ୍ତ୍ରସଙ୍ଗତ ଆପତ୍ତି ନ ଥିଲା ମାତ୍ର ଦେଶାଗତ ସଞ୍ଚିତ ପ୍ରବଳ କୁସଂସ୍କାରର ବଶବର୍ତ୍ତୀ ହୋଇ ବଙ୍ଗାଳିଙ୍କର ଅନେକ ଯତ୍ନରେ ସୁଦ୍ଧା ଏଦେଶୀୟ କରଣମାନେ ସମ୍ମତ ହୋଇ ନ ଥିଲେ । ଗତ ସପ୍ତାହରେ ବାବୁ ଜଗନ୍ମୋହନ ରାୟଙ୍କର ବାର୍ଷିକ ମାତୃକ୍ରିୟା ଉପସ୍ଥିତ ହେବାରୁ ସେ ପ୍ରଥମେ ଆପଣା ସ୍ୱଦେଶୀ କାୟସ୍ଥମାନଙ୍କୁ ଭୋଜନ ଦେଇ ତହିଁଉତ୍ତାରୁ ଉତ୍କଳୀୟ କରଣମାନଙ୍କୁ ଆମନ୍ତ୍ରଣ କରିବା ପୂର୍ବ ପୁରୀ ସଙ୍ଗରେ ବ୍ୟଞ୍ଜନ ଚଳାଇବାର ଚେଷ୍ଟା କଲେ । ଏହି ସକାଶେ ସେ ବାବୁ ହରେକୃଷ୍ଣ ଦାସଙ୍କ ବସାଠାରେ ଏନଗରର କେତେକ ସମ୍ଭ୍ରାନ୍ତ କରଣମାନଙ୍କର ସଭା କରାଇବାରୁ ସଭାରେ ଶାସ୍ତ୍ରମତ ତର୍କବିତର୍କ ହୋଇ ଧାର୍ଯ୍ୟ ହେଲା ଯେ କାୟସ୍ଥ ଓ କରଣଙ୍କର ପରସ୍ପର ଆମନ୍ତ୍ରଣରେ ବ୍ରାହ୍ମଣଦ୍ୱାରା ପାକ ହୋଇଥିବା ଲବଣଯୁକ୍ତ ବ୍ୟଞ୍ଜନ

Digitized by srujanika@gmail.com